# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୧/୨୦୨୩ (୧୬ ପୃଷ୍ଠା) Bhubaneswar, Monday, December 11/2023 Page 16 ₹ 7.00

୫୦ଶ ଭାଗ ୧୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 18 ମୂଲ୍ୟ₹୭/-



DSPL-452

ODISHA INDIA'S BEST KEPT SECRET. | ଆମ ଓଡ଼ିଶା ନବୀନ ଓଡ଼ିଶା | ABTP HIGH PERFORMANCE SPORTS SCIENCE CENTRE



## ଭାରତର ସର୍ବବୃହତ
# କ୍ରୀଡ଼ା ବିଜ୍ଞାନ କେନ୍ଦ୍ର

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା ଶୁଭ ଉଦ୍‌ଘାଟନ

**୧୧ ଡିସେମ୍ବର ୨୦୨୩**

କଳିଙ୍ଗ ଷ୍ଟାଡ଼ିୟମ୍, ଭୁବନେଶ୍ୱର

"କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ
ଭବିଷ୍ୟତ ପାଇଁ ବଡ଼ ଶକ୍ତି"

### ବିଶେଷ ବୈଶିଷ୍ଟ୍ୟଯୁକ୍ତ ଲାବ୍

- ମାଇଣ୍ଡ ଲ୍ୟାବ
- ରିହାବିଲିଟେସନ ଲ୍ୟାବ
- ରିକୋଭରୀ ଲ୍ୟାବ
- ଗେଟ୍ ଲ୍ୟାବ
- ଫଙ୍କସ୍ନାଲ ଲ୍ୟାବ
- ପୋଷ୍ଟୁରାଲ ଲ୍ୟାବ
- ବାୟୋମେକାନିକ୍ସ ଲ୍ୟାବ
- ଫିଜିଓଲୋଜି ଲ୍ୟାବ
- ପାରା-ଆଥଲେଟ୍ ପର୍ଫମାନ୍ସ ଲ୍ୟାବ

### ବିଶ୍ୱସ୍ତରୀୟ ଉପକରଣ










OIPR-29001/13/0105/2324

**"କ୍ରୀଡ଼ା ଦୃଶ୍ୟପଟର ରୂପାନ୍ତରଣ, କ୍ରୀଡ଼ାବିତଙ୍କ ସଶକ୍ତିକରଣ"**

**ଶ୍ରୀଲଙ୍କା ଅନ୍ଧାରରେ**
ଶ୍ରୀଲଙ୍କାର ଏକ ବିଦ୍ୟୁତ୍ ସରବରାହ ମୁଖ୍ୟ ଲାଇନ ସିଷ୍ଟମ୍ ଫେଲ୍ ହେବାରୁ ଶନିବାର ସନ୍ଧ୍ୟାଠାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯାଇଥିଲା। ଫଳରେ ବହୁ ଘଣ୍ଟା ପର୍ଯ୍ୟନ୍ତ ଦେଶବ୍ୟାପୀ ଅନ୍ଧକାର ହୋଇଯାଇଥିଲା। ବିଦ୍ୟୁତ୍ ଯୋଗାଣକୁ ପର୍ଯ୍ୟାୟକ୍ରମେ ସମ୍ପୂର୍ଣ୍ଣ ପୁନଃସ୍ଥାପନ କରିବାକୁ ଦୀର୍ଘ ସମୟ ଲାଗିଯାଇଥିଲା ବୋଲି ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।



**ସଂକ୍ଷେପରେ**

## ଆମେରିକାରେ ବାତ୍ୟା: ୬ ମୃତ

**ନାଶଭିଲେ,୧୦।୧୨:** ଆମେରିକାର ଟେନିସି ରାଜ୍ୟରେ ଶନିବାର ଭୟାବହ ବାତ୍ୟା ଓ ଭୀଷଣ ଖରାପ ପାଗ ଯୋଗୁ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୨୩ ଜଣ ଆହତ ହୋଇଛନ୍ତି। କେନ୍ଦ୍ରୀୟ ଟେନିସିରେ ବର୍ଷା ପବନରେ ବହୁ ଘର ଓ ଦୋକାନ ଭାଙ୍ଗିଯାଇଛି। ନାଶଭିଲେ ଉତ୍ତରରେ ଥିବା ମୋଣ୍ଟଗୋମେରି କାଉଣ୍ଟିରେ ଜଣେ ଶିଶୁ ସମେତ ୩ ଜଣ ପ୍ରାଣ ହରାଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆମ ଲୋକମାନଙ୍କ ପାଇଁ ଏହା ଏକ ଦୁଃଖଦ ଦିନ ବୋଲି ମୋଣ୍ଟଗୋମେରି କାଉଣ୍ଟି ମେୟର ୱେସ୍ ଗୋଲ୍ଡେନ୍ କହିଛନ୍ତି। କାଉଣ୍ଟି ଉତ୍ତର ଭାଗରେ ବ୍ୟାପକ କ୍ଷୟକ୍ଷତି ହୋଇଛି।

## ରାଜପୁତ୍ ନେତା ହତ୍ୟା ମାମଲା: ୩ ଗିରଫ

**ନୂଆଦିଲ୍ଲୀ,୧୦।୧୨:** ଶ୍ରୀ ରାଷ୍ଟ୍ରୀୟ ରାଜପୁତ୍ କରନି ସେନା ମୁଖ୍ୟ ସୁଖଦେବ ସିଂ ଗୋଗେମେଦି ହତ୍ୟା ମାମଲାରେ ସମ୍ପୃକ୍ତ ୨ ଶୁଟରଙ୍କ ସମେତ ୩ ଜଣଙ୍କୁ ଚଣ୍ଡିଗଡ଼ରୁ ଗିରଫ କରାଯାଇଛି। ହତ୍ୟାକାରୀଙ୍କୁ ଧରିବା ଲାଗି ରାଜସ୍ଥାନ ପୋଲିସ ଏବଂ ଦିଲ୍ଲୀ ପୋଲିସର କ୍ରାଇମ୍ ବ୍ରାଞ୍ଚ ପକ୍ଷରୁ ମିଳିତ ଅଭିଯାନ ଜାରି ରହିଥିଲା। ରାଜସ୍ଥାନର ଜୟପୁରସ୍ଥିତ ବାସଭବନରେ ଗତ ୫ ତାରିଖରେ ସୁଖଦେବଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ୨ ହତ୍ୟାକାରୀ ଜୟପୁରର ରୋହିତ ରାଠୋର ଏବଂ ହରିୟାଣା ମହେନ୍ଦ୍ରଗଡ଼ ଅଞ୍ଚଳର ନୀତିନ ଫୌଜିଙ୍କୁ ପୋଲିସ ଚିହ୍ନଟ କରିଥିଲା ଓ ସେମାନଙ୍କ ସମ୍ପର୍କରେ ସୂଚନା ଦେଲେ ୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଥିଲା।

## ମାଲ୍‌ବାହୀ ଟ୍ରେନ୍ ଲାଇନଚ୍ୟୁତ

**ମୁମ୍ବାଇ,୧୦।୧୨:** ମହାରାଷ୍ଟ୍ରର କସରା ରେଳଷ୍ଟେଶନ ନିକଟରେ ରବିବାର ଏକ ମାଲ୍‌ବାହୀ ଟ୍ରେନ୍‌ର ଦୁଇଟି କୋଚ୍ ଲାଇନଚ୍ୟୁତ ହୋଇଛି। ଫଳରେ ଉକ୍ତ ଲାଇନରେ ୮ଟି ଏକ୍ସପ୍ରେସ୍ ଟ୍ରେନ୍‌ର ଚଳାଚଳ ପ୍ରଭାବିତ ହୋଇଛି। ସେଥିରୁ ୪ଟି ଟ୍ରେନ୍‌ର ଦିଗ ପରିବର୍ତ୍ତନ କରାଯାଇଥିବା ସେଣ୍ଟ୍ରାଲ ରେଲୱେ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ମୁମ୍ବାଇ ସହରାଞ୍ଚଳ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇନାହିଁ।

## କାର୍‌ରେ ନିଆଁ ଲାଗି ୮ ଦଗ୍ଧ

**ବରେଲି(ୟୁପି),୧୦।୧୨(ପି.ଟି.):** ଉତ୍ତରପ୍ରଦେଶର ବରେଲି ଜିଲାରେ ଶନିବାର ରାତିରେ ଏକ ଏସ୍‌ୟୁଭିରେ ନିଆଁ ଲାଗି ଜଣେ ଶିଶୁଙ୍କ ସମେତ ୮ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଏସ୍‌ୟୁଭିର ଟାୟାର ପଙ୍କଚର ହେବାରୁ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ। ଫଳରେ ଏହା ଡିଭାଇଡରକୁ ଅତିକ୍ରମ କରି ରାସ୍ତାର ଅନ୍ୟ ପାର୍ଶ୍ୱକୁ ଚାଲିଯିବାରୁ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ଏହି ଦୁର୍ଘଟଣା ଫଳରେ ଏସ୍‌ୟୁଭିରେ ନିଆଁ ଲାଗିଯାଇଥିଲା। ବରେଲି-ନୈନିତାଲ ରାସ୍ତାର ଭୋଜିପୁରା ଅନ୍ତର୍ଗତ ଡୁଭାଉରା ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତକମାନେ ବରେଲିରେ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଏସ୍‌ୟୁଭିରେ ଯାଉଥିଲେ।



ନୂଆଦିଲ୍ଲୀର ଗାନ୍ଧୀ ଦର୍ଶନଠାରେ ରବିବାର ଦଳିତ ସମ୍ମାନ ସମାରୋହ ଏବଂ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଗାନ୍ଧୀ ସ୍ମୃତି ଓ ଦର୍ଶନ ସମିତି ଉପାଧ୍ୟକ୍ଷ ବିଜୟ ଗୋୟଲ, ଦିଲ୍ଲୀ ଭାଜପା ସଭାପତି ବୀରେନ୍ଦ୍ର ସଚଦେବା ଏବଂ ଭାଜପା ବିଧାୟକ ରାମବୀର ସିଂ ବିଧୁରୀ ଯୋଗଦେଇଛନ୍ତି।

## ଆକାଶ ଆନନ୍ଦ ମାୟାବତୀଙ୍କ ଉତ୍ତରାଧିକାରୀ

**ଲକ୍ଷ୍ନୌ,୧୦।୧୨(ପି.ଟି.)**



ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ରବିବାର ତାଙ୍କ ପୁତୁରା ଆକାଶ ଆନନ୍ଦଙ୍କୁ ନିଜ ଉତ୍ତରାଧିକାରୀ ଘୋଷଣା କରିଛନ୍ତି। ବିଏସ୍‌ପି ଶାହାଜାହାନପୁର ଜିଲା ସଭାପତି ଉଦୟବୀର ସିଂ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡକୁ ଛାଡ଼ିଲେ ଅନ୍ୟ ସବୁ ରାଜ୍ୟରେ ବିଏସ୍‌ପି ସଂଗଠନ ଦୁର୍ବଳ ଥିବାରୁ ଏହାକୁ ମଜଭୁତ କରିବା ଦାୟିତ୍ୱ ଆକାଶଙ୍କୁ ଦିଆଯାଇଛି। ଲକ୍ଷ୍ନୌରେ ବିଏସ୍‌ପିର ଏକ ବୈଠକରେ ମାୟାବତୀ ତାଙ୍କ ରାଜନୈତିକ ଉତ୍ତରାଧିକାରୀଙ୍କ ନାମ ଘୋଷଣା କରିଥିବାବେଳେ ଉକ୍ତ ବୈଠକରେ ସାରା ଦେଶରୁ ଦଳୀୟ ନେତାମାନେ ଉପସ୍ଥିତ ଥିଲେ। ଆମେ ଜଣେ ଯୁବନେତା ପାଇଲୁ ବୋଲି ବିଏସ୍‌ପି ବିଧାନ ପରିଷଦ ସଦସ୍ୟ ଭୀମରାଓ ଆମ୍ବେଡ଼କର କହିଛନ୍ତି। ଏବେ ଆକାଶ ଦଳର ଜାତୀୟ କୋଅର୍ଡିନେଟର ଅଛନ୍ତି।

୨୦୧୭ରେ ୨୨ ବର୍ଷ ବୟସରେ ରାଜନୀତିରେ ପ୍ରବେଶ କରିଥିବା ଆକାଶ ଲଣ୍ଡନରୁ ଏମ୍‌ବିଏରେ ସ୍ନାତକ କରିଛନ୍ତି। ୨୦୧୯ରେ ସେ ୟୁପିର ଆଗ୍ରାଠାରେ ପ୍ରଥମ ରାଲିକୁ ଉଦ୍‌ବୋଧନ ଦେଇଥିଲେ। ନିକଟରେ ଆକାଶ ୧୪ ଦିନିଆ 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସଂକଳ୍ପ ଯାତ୍ରା ଆରମ୍ଭ କରିଥିଲେ, ଯାହା ରାଜସ୍ଥାନ ନିର୍ବାଚନ ଏବଂ ଆସନ୍ତାବର୍ଷ ହେବାକୁ ଥିବା ଲୋକ ସଭା ନିର୍ବାଚନ ପୂର୍ବରୁ ବିଏସ୍‌ପିର ରଣନୀତିର ଭିନ୍ନ ସ୍ଥିତି ସମ୍ପର୍କରେ ସଙ୍କେତ ଦେଇଥିଲା।

# କପ୍୨୮: ମତଭେଦ ବଢ଼ୁଛି

**ଦୁବାଇ,୧୦।୧୨**




ଜାତିସଂଘ ଜଳବାୟୁ ଆଲୋଚନା (କପ୍୨୮) ଶେଷ ହେବାକୁ ଆଉ ୨ ଦିନ ବାକି ଥିବାବେଳେ ଜଳବାୟୁ ପରିବର୍ତ୍ତନର ମୁକାବିଲା ଦିଗରେ ଦେଶଗୁଡ଼ିକ ଆପଣାଇବାକୁ ଥିବା ଉଦ୍ୟମକୁ ମାର୍ଗଦର୍ଶନ ଦେବା ଏବଂ ସାମୂହିକ ପ୍ରଗତିର ଅନୁଧ୍ୟାନ ଲାଗି ଚିଠା ଚୁକ୍ତିନାମା ରବିବାର ପ୍ରକାଶ ପାଇଛି। ତେବେ ଯାହା ଆଶା କରାଯାଉଥିଲା, ତାହା ଉକ୍ତ ବୁଝାମଣାରେ ଦେଖିବାକୁ ମିଳିନାହିଁ। ନେଗୋସିଏଟରମାନଙ୍କ ମଧ୍ୟରେ ମତଭେଦ ବଢ଼ୁଥିବା ଦେଖାଯାଇଛି। ଉତ୍ତାପର ବିପର୍ଯ୍ୟୟ ସ୍ତରରୁ ପୃଥିବୀକୁ ରକ୍ଷା କରିବା ଏବଂ ଭୀଷଣ ପାଗର ଭୟାବହତା କମାଇବା ଲାଗି ସହାୟତା ପାଇଁ ବୁଝାମଣାରେ ସହମତି ଆଣିବାକୁ ନେଗୋସିଏଟରମାନେ ସେମାନଙ୍କ ବିକଳ୍ପକୁ ସଙ୍କୁଚିତ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଅନ୍ୟପକ୍ଷରେ ସେମାନେ ଭଲ ଅଗ୍ରଗତି କରୁଥିବା କପ୍୨୮ର ଅଧ୍ୟକ୍ଷ ସୁଲ୍‌ତାନ ଅଲ୍-ଜବେର ରବିବାର ଅପରାହ୍ନରେ ଗଣମାଧ୍ୟମକୁ କହିଛନ୍ତି।

୨୦୧୫ର ପ୍ୟାରିସ୍ ଚୁକ୍ତିନାମାରେ ଅନୁକୂଳନ ବିଶ୍ୱ ଲକ୍ଷ୍ୟ(ଜିଜିଏ) ଧାରଣାକୁ ସାମିଲ କରାଯାଇଥିଲା। (୧୮୫୦ରୁ ୧୯୦୦) ପ୍ରାକ୍ ଶିଳ୍ପ ଯୁଗ ତୁଳନାରେ ବୈଶ୍ୱିକ ଉତ୍ତାପ ବୃଦ୍ଧିକୁ ୧.୫ ପ୍ରତିଶତ ମଧ୍ୟରେ ସୀମିତ ରଖିବା ଲାଗି ଏଥିରେ ଲକ୍ଷ୍ୟ ରଖାଯାଇଥିଲା। ଏହା ଉପରେ ଏକ କାର୍ଯ୍ୟକାରୀ ଫ୍ରେମ୍‌ୱାର୍କ ସ୍ଥାପନ ଲାଗି କପ୍୨୮ରେ ବୁଝାମଣା ଚାଲିଛି। ଚିଠା ଚୁକ୍ତିନାମା ଅନୁଯାୟୀ ଅନୁକୂଳନ ପାଇଁ ଆବଶ୍ୟକ ଅର୍ଥ ପର୍ଯ୍ୟାପ୍ତ ନୁହେଁ। ଉପଲବ୍ଧ ଅର୍ଥ ଏବଂ ବାସ୍ତବରେ ଆବଶ୍ୟକ ଆର୍ଥିକ ସହାୟତା ମଧ୍ୟରେ ପାର୍ଥକ୍ୟ ବଢ଼ିଚାଲିଛି। ଗତ ମାସରେ ପ୍ରକାଶିତ ଜାତିସଂଘ ରିପୋର୍ଟ ଅନୁଯାୟୀ ଜଳବାୟୁ ମୁକାବିଲା ପାଇଁ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ବାର୍ଷିକ ୨୧୫ରୁ ୩୮୭ ବିଲିୟନ ଡଲାର ଆବଶ୍ୟକ କରନ୍ତି। ତେବେ ସେମାନେ ଏପର୍ଯ୍ୟନ୍ତ ମାତ୍ର ୨୧ ବିଲିୟନ ଡଲାର ପାଇଛନ୍ତି। ଫଳରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଅଧିକ ପ୍ରଭାବିତ ହେଉଥିବା ଗରିବ ଏବଂ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଆର୍ଥିକ ସଙ୍କଟ ଯୋଗୁ ନିରାଶ ହୋଇଛନ୍ତି। ଏବେ ଜୀବାଶ୍ମ ଇନ୍ଧନ ଫେଜ୍ ଆଉଟ୍‌କୁ ନେଇ ଆଲୋଚନାରେ ଅଗ୍ରଗତି ହୋଇପାରୁ ନାହିଁ। ତୈଳ ଓ ଗ୍ୟାସ୍ ଉତ୍ପାଦନକାରୀ ରାଷ୍ଟ୍ରଗୁଡ଼ିକ ବିଶ୍ୱ ଜଳବାୟୁ ଏଜେଣ୍ଡାକୁ ପ୍ରଭାବିତ କରିବା ଲାଗି ଉଦ୍ୟମ କରିଆସିଛନ୍ତି। ବର୍ତ୍ତମାନର କପ୍୨୮ର ଅଧ୍ୟକ୍ଷଙ୍କ କହିବା ଅନୁଯାୟୀ ଜୀବାଶ୍ମ ଇନ୍ଧନ ଫେଜ୍‌ଆଉଟ୍ ଦାବି ପଛରେ କୌଣସି ବିଜ୍ଞାନସମ୍ମତ କାରଣ ନାହିଁ। ଶୀର୍ଷ ଜଳବାୟୁ ସମିଟ୍‌ରେ ଏଭଳି ସ୍ତରର ଉଦାସୀ ମତକୁ ନେଇ ବିସ୍ମିତ ହେବାର କିଛି ନାହିଁ। କାରଣ ଜଳବାୟୁ ସମ୍ମିଳନୀକୁ ଏକ ତୈଳ ବ୍ୟବସାୟ ଭେନ୍ୟୁ ଭାବେ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି।

## ୧୯ରେ ଇଣ୍ଡିଆ ବ୍ଲକ୍ ବୈଠକ ଦିଲ୍ଲୀରେ

**ନୂଆଦିଲ୍ଲୀ,୧୦।୧୨(ପି.ଟି.)**


ଜୟରାମ ରମେଶ

ବିରୋଧୀ ଇଣ୍ଡିଆ ବ୍ଲକ୍‌ର ପରବର୍ତ୍ତୀ ବୈଠକ ଆସନ୍ତା ୧୯ ତାରିଖରେ ନୂଆଦିଲ୍ଲୀରେ ବସିବାକୁ ଯାଉଛି। ବୈଠକରେ ଆଲୋଚନା ହେବାକୁ ଥିବା ମୁଖ୍ୟ ପ୍ରସଙ୍ଗ ମଧ୍ୟରେ ରହିଛି ଲୋକ ସଭା ନିର୍ବାଚନ ପାଇଁ ଆସନ ବୁଝାମଣା ଏବଂ ମିଳିତ ରାଲି। ଇଣ୍ଡିଆ ମେଣ୍ଟ ନେତାମାନେ ୧୯ ତାରିଖ ଅପରାହ୍ନ ୩ଟାରେ ଏକାଠି ହେବେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ରବିବାର ଏକ୍ସ'ରେ ପୋଷ୍ଟ କରିଛନ୍ତି। ଆଗାମୀ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟକ୍କର ଦେବା ଲାଗି ବିରୋଧୀ ଦଳଗୁଡ଼ିକ 'ମୁଁ ନୁହେଁ ଆମେ' ଏକତା ସୂତ୍ରକୁ ନେଇ ଆଗେଇବାକୁ ଲକ୍ଷ୍ୟ ରଖିଛନ୍ତି। ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ କଂଗ୍ରେସର ଶୋଚନୀୟ ପ୍ରଦର୍ଶନ ପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଇଣ୍ଡିଆ ନେତାମାନଙ୍କ ବୈଠକ ଡାକିଥିଲେ। ତେବେ ବିଭିନ୍ନ କାରଣ ଦର୍ଶାଇ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପ୍ରମୁଖ ଯୋଗଦେଇପାରିବେ ନାହିଁ ବୋଲି କହିବା ପରେ ବୈଠକକୁ ସ୍ଥଗିତ ରଖାଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ ମୁକାବିଲା କରିବାକୁ ହେଲେ ଏକ ବିକଳ୍ପ ସକାରାତ୍ମକ ଏଜେଣ୍ଡା ନେଇ ବିରୋଧୀ ଦଳଗୁଡ଼ିକୁ ଆଗେଇବାକୁ ହେବ ବୋଲି ଜୟରାମ କହିଛନ୍ତି।

## ୨୦୨୫ ଅକ୍ଟୋବରରୁ ଏସି ଟ୍ରକ୍ କ୍ୟାବିନ୍ ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୧୦।୧୨(ପି.ଟି.)**

୨୦୨୫ ଅକ୍ଟୋବର ୧ ଏବଂ ଏହା ପରେ ଯେଉଁସବୁ ନୂଆ ଟ୍ରକ୍ ନିର୍ମାଣ ହେବ ସେଥିରେ ଡ୍ରାଇଭରଙ୍କ ପାଇଁ ଉଦ୍ଦିଷ୍ଟ କ୍ୟାବିନ୍‌କୁ ବାତାନୁକୂଳିତ (ଏସି) କରାଯିବା ବାଧ୍ୟତାମୂଳକ ହେବ। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ଗେଜେଟ୍ ବିଜ୍ଞପ୍ତିରେ ଟ୍ରକ୍ କ୍ୟାବିନ୍ ଏସି କରାଯିବାକୁ ବାଧ୍ୟତାମୂଳକ କରାଯାଇଛି। ଏୟାର କଣ୍ଡିଶନିଂ ସିଷ୍ଟମ ସଂଯୋଗ ହୋଇଥିବା କ୍ୟାବିନଗୁଡ଼ିକୁ ଆଇଏସ୍ ୧୪୬୧୮:୨୦୨୨ ଅନୁଯାୟୀ ପରୀକ୍ଷା କରାଯିବ। ଏସି ଟ୍ରକ୍ କ୍ୟାବିନ୍‌କୁ ବାଧ୍ୟତାମୂଳକ କରିବା ପାଇଁ ଚିଠା ବିଜ୍ଞପ୍ତି ଅନୁମୋଦନ ହୋଇଥିବା ଗତ ଜୁଲାଇରେ ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ କହିଥିଲେ। ଟ୍ରକ୍ ଡ୍ରାଇଭରମାନେ ପରିବହନ ସେକ୍ଟରରେ ଏକ ବଡ଼ ଭୂମିକା ନିଭାଉଛନ୍ତି, ଯାହାକି ଦେଶର ଅନ୍ୟତମ ସବୁଠୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ତେଣୁ ସେମାନଙ୍କ କାର୍ଯ୍ୟ ଓ ମାନସିକ ସ୍ଥିତିକୁ ନେଇ ରହିଥିବା ସମସ୍ୟାର ସମାଧାନ ହେବା ଜରୁରୀ ବୋଲି ଗଡକରୀ କହିଥିଲେ।

## ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ବେଳେ ଉପସ୍ଥିତ ହେଲେନି ବିଜେତା


ନର୍ଗିସ୍ ମହମ୍ମଦି

**ଓସ୍‌ଲୋ,୧୦।୧୨**

ନରୱେର ଓସ୍‌ଲୋ ସହରରେ ରବିବାର ଚଳିତ ବର୍ଷର ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ତେବେ ପୁରସ୍କାର ବିଜେତା ନର୍ଗିସ୍ ମହମ୍ମଦି ଜେଲରେ ଥିବାରୁ ସେ ଉତ୍ସବରେ ଉପସ୍ଥିତ ହୋଇପାରି ନାହାନ୍ତି। ତାଙ୍କ ପ୍ରତିନିଧି ଭାବେ ପିଲାମାନେ ନୋବେଲ ଶାନ୍ତି ପୁରସ୍କାର ଗ୍ରହଣ କରିଛନ୍ତି। ଇରାନ ମହିଳାମାନଙ୍କ ପାଇଁ ହିଜାବ ବାଧ୍ୟତାମୂଳକକୁ ନର୍ଗିସ୍ ଦୃଢ଼ ବିରୋଧ କରିଥାନ୍ତି। ସେ ଗିରଫ ହୋଇ ଅନେକ ଥର ଦୋଷୀସାବ୍ୟସ୍ତ ହେବା ସହ ମୃତ୍ୟୁ ଦଣ୍ଡାଦେଶ ପାଇଛନ୍ତି। ୨୦୧୧ରୁ ନର୍ଗିସ୍ ତେହରାନ୍‌ର ଏଭିନ୍ ଜେଲରେ ରହିଛନ୍ତି। ଇରାନ ମହିଳାମାନଙ୍କ ପ୍ରତି ଅତ୍ୟାଚାର ବିରୋଧରେ ସଂଗ୍ରାମ ପାଇଁ ତାଙ୍କୁ ଗତ ଅକ୍ଟୋବରରେ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା।

# ପ୍ରତିବର୍ଷ ୪ କୋଟି ମହିଳା ପୀଡ଼ିତ

**ନୂଆଦିଲ୍ଲୀ,୧୦।୧୨**

### ସନ୍ତାନ ଜନ୍ମ ପରବର୍ତ୍ତୀ ଦୀର୍ଘ ସ୍ୱାସ୍ଥ୍ୟ ସମସ୍ୟା

ପ୍ରତିବର୍ଷ ସନ୍ତାନ ପ୍ରସବ ପରେ ଅନ୍ୟୂନ ୪ କୋଟି ମହିଳା ବିଭିନ୍ନ ଦୀର୍ଘମିଆଦୀ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବା ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ଲାନ୍‌ସେଟ୍ ଗ୍ଲୋବାଲ ହେଲ୍‌ଥ ପତ୍ରିକାରେ ଉକ୍ତ ଅଧ୍ୟୟନ ପ୍ରକାଶ ପାଇଛି। ସନ୍ତାନ ଜନ୍ମ ପରେ ୩୫ ପ୍ରତିଶତ ମହିଳା ସହବାସ ସମୟରେ ଯନ୍ତ୍ରଣା ଅନୁଭବ କରୁଥିବାବେଳେ ୩୨ ପ୍ରତିଶତ ପିଠି ଯନ୍ତ୍ରଣା ଅନୁଭବ କରିଥାନ୍ତି। ପ୍ରସବ ପରବର୍ତ୍ତୀ ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ ରହିଛି ଅନିଚ୍ଛାକୃତ ପରିସ୍ରା ହୋଇଯିବା, ଚିନ୍ତା, ଅବସାଦ ଏବଂ ଯୌନାଙ୍ଗରେ ଯନ୍ତ୍ରଣା। ୮ରୁ ୩୧ ପ୍ରତିଶତ ମହିଳାଙ୍କ କ୍ଷେତ୍ରରେ ଅନିଚ୍ଛାକୃତ ପରିସ୍ରା ହେଉଥିବାବେଳେ, ୯ରୁ ୨୪ ପ୍ରତିଶତଙ୍କ କ୍ଷେତ୍ରରେ ଚିନ୍ତାଗ୍ରସ୍ତତା, ୧୧ରୁ ୧୭ ପ୍ରତିଶତଙ୍କ କ୍ଷେତ୍ରରେ ଅବସାଦ ଏବଂ ୧୧ ପ୍ରତିଶତ ଯୌନାଙ୍ଗରେ ଯନ୍ତ୍ରଣା ଅନୁଭବ କରିଥାନ୍ତି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଗବେଷକଙ୍କ ସମେତ ଅନ୍ତର୍ଜାତୀୟ ଗବେଷକମାନଙ୍କର ଏକ ଟିମ୍ ଅଧ୍ୟୟନରୁ ଜାଣିବାକୁ ପାଇଛି।

ସନ୍ତାନ ଜନ୍ମର କିଛି ମାସ ପର୍ଯ୍ୟନ୍ତ, ଏପରିକି କେତେକ କ୍ଷେତ୍ରରେ କେତେବର୍ଷ ପର୍ଯ୍ୟନ୍ତ ମହିଳାଙ୍କୁ ଏଭଳି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହିସବୁ ସାଧାରଣ ସମସ୍ୟାକୁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ବଡ଼ ସ୍ୱୀକୃତି ମିଳିବା ଆବଶ୍ୟକ ବୋଲି ଗବେଷକମାନେ ଆହ୍ୱାନ ଦେଇଛନ୍ତି। ସମ୍ପୂର୍ଣ୍ଣ ଗର୍ଭଧାରଣ ସମୟ ଏବଂ ସନ୍ତାନ ଜନ୍ମ ସମୟରେ ଉପଯୁକ୍ତ ଯତ୍ନ ନିଆଯିବା ଏହିସବୁ ସମସ୍ୟା ଦୂର କରିବାରେ ଗୁରୁତ୍ୱପୂର୍ଣ୍ଣ ପ୍ରତିଷେଧକ ହୋଇପାରିବ ବୋଲି ସେମାନେ କହିଛନ୍ତି। ବିଶେଷ କରି ଅଧିକାଂଶ ନିମ୍ନ ଆୟକାରୀ ଏବଂ ମଧ୍ୟମ ଆୟକାରୀ ଦେଶରେ ସ୍ଥିତି ଆହୁରି ଖରାପ, ଯେଉଁଠାରେ ମାତୃ ମୃତ୍ୟୁ ହାର ଅଧିକ। ଅଧ୍ୟୟନରେ ଅନୁଶୀଳନ କରାଯାଇଥିବା ୩୨ଟି ପ୍ରମୁଖ ସ୍ଥିତି ମଧ୍ୟରୁ ୪୦ ପ୍ରତିଶତ କ୍ଷେତ୍ରରେ ପ୍ରଭାବୀ ଚିକିତ୍ସା ପାଇଁ ନିକଟରେ କୌଣସି ଉଚ୍ଚମାନର ଗାଇଡ୍‌ଲାଇନ ବାହାରି ନ ଥିବା ଗବେଷକ ଜାଣିବାକୁ ପାଇଛନ୍ତି। ନିମ୍ନ ତଥା ମଧ୍ୟମ ଆୟକାରୀ ଦେଶରେ ଉଚ୍ଚମାନର ଗାଇଡ୍‌ଲାଇନ ଆଦୌ ନାହିଁ। ସନ୍ତାନ ଜନ୍ମ ପରେ ମହିଳାମାନେ ସେମାନଙ୍କ ଦୈନନ୍ଦିନ ଜୀବନରେ ଦୀର୍ଘଦିନ ଧରି ଉଭୟ ଆବେଗିକ ଏବଂ ଶାରୀରିକ ଯନ୍ତ୍ରଣା ଅନୁଭବ କରିଥାନ୍ତି, ଯାହାକି ଏପର୍ଯ୍ୟନ୍ତ ସ୍ୱୀକୃତି ପାଇନାହିଁ ଏବଂ ଠିକ୍ ଭାବେ ଲୋକଲୋଚନକୁ ଅଣାଯାଇ ନାହିଁ ବୋଲି ଡବ୍ଲ୍ୟୁଏଚ୍‌ଓର ସେକ୍ସୁଆଲ୍ ଆଣ୍ଡ ରିପ୍ରଡକ୍ଟିଭ୍ ହେଲ୍‌ଥ ଆଣ୍ଡ ରିସର୍ଚ୍ଚର ନିର୍ଦ୍ଦେଶକ ଡ. ପାସ୍କେଲ୍ ଆଲୋଟି କହିଛନ୍ତି।





୬୫ତମ ବିଶ୍ୱ ମାନବାଧିକାର ଦିବସ ଉପଲକ୍ଷେ ରବିବାର ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ, ଆଇଏଚ୍ଆର୍ଇ, ଭାନ୍ ମୁହିଲ ଓ ସିଏଚ୍ଏଫ୍ଏଚ୍ଆର୍ ପକ୍ଷରୁ ସ୍ୱାଧୀନତା ସମାନତା ଓ ନ୍ୟାୟ ପାଇଁ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ ରାସ୍ତାରେ ଆୟୋଜିତ ମାନବଶୃଙ୍ଖଳ। (ଫଟୋ-ମନୋରଞ୍ଜନ)

# ମଦ ନା ମହାଦେବ

## ଧୀରଜ ସାହୁଙ୍କ ବେହିସାବ ଟଙ୍କାର ଉତ୍ସକୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ,୧୦।୧୨
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଝାଡ଼ଖଣ୍ଡର ରାଜ୍ୟ ସଭା ସାଂସଦ ଧୀରଜ ପ୍ରସାଦ ସାହୁଙ୍କ ସମ୍ପର୍କୀୟମାନଙ୍କ ମାଲିକାନାରେ ଥିବା ମଦଭାଟିଗୁଡ଼ିକରୁ ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବାହାରିସାରିଲାଣି। ୨୦୧୮ ମେ'ରେ ଧୀରଜ ଉଚ୍ଚ ସଦନ ପାଇଁ କଂଗ୍ରେସରୁ ପୁନଃ ପ୍ରତିଦ୍ୱନ୍ଦ୍ୱିତା ବେଳେ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠରେ ତାଙ୍କ ପାଖରେ ମୋଟ ୩୪.୮୩ କୋଟି ଟଙ୍କାର ସମ୍ପତ୍ତି ଥିବା ଦର୍ଶାଇଥିଲେ। ସେଥିରୁ ୨.୦୪ କୋଟି ଟଙ୍କାର ବିଭିନ୍ନ ଅସ୍ଥାବର ସମ୍ପତ୍ତି ରହିଥିଲା। ଅସ୍ଥାବର ସମ୍ପତ୍ତି ଭିତରେ ଆସୁଥିବା ନଗଦ ଟଙ୍କାର ପରିମାଣ ମାତ୍ର ୨୭ ଲକ୍ଷ ବୋଲି ସେ ଉକ୍ତ ଆଫିଡେଭିଟ୍‌ରେ ଉଲ୍ଲେଖ କରିଥିଲେ। ଡିସେମ୍ବର ୬ରୁ ଓଡ଼ିଶାର ବଲାଙ୍ଗୀର ସୁଦପଡ଼ା ମଦଭାଟି ସମେତ ୮ଟି ସ୍ଥାନ, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ଆୟକର (ଆଇଟି) ବିଭାଗ ପକ୍ଷରୁ ଚାଲିଥିବା ଚଢ଼ାଉ ବେଳେ ଗଣି ହେଉ ନ ଥିବା ବସ୍ତା ବସ୍ତା ଟଙ୍କାକୁ ଦେଖି ଲୋକଙ୍କ ଆଖି ଖୋସି ହୋଇଗଲାଣି। ତେଣୁ ଧୀରଜ ସାଢ଼େ ୪ ବର୍ଷ ଭିତରେ ଏମିତି କେଉଁ 'ମହାଦେବ'ଙ୍କୁ ଖୁସି କରିଦେଲେ ଯେ ତାଙ୍କ ପାଖକୁ ଏତେ ଟଙ୍କା ଚାଲିଆସିଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଲାଣି।

ନଭେମ୍ବର ୭ ଓ ୧୭ରେ କଂଗ୍ରେସ ଶାସିତ ଛତିଶଗଡ଼ ବିଧାସଭାର ୯୦ ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସରଗରମ ପ୍ରଚାର ଚାଲିଥିବାବେଳେ ନଭେମ୍ବର ୩ରେ ଭୋଟ ପରିଣାମକୁ ପ୍ରଭାବିତ କରିବା ଭଳି ଏକ ଖବର ଆସିଥିଲା। ନିଜକୁ ମହାଦେବ ବେଟିଂ ଆପ୍‌ର ମାଲିକ ବୋଲାଉଥିବା ଶୁଭମ୍ ସୋନି ଏକ ଭିଡିଓ ଜାରି କରିଥିଲେ। ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ଉକ୍ତ ଭିଡିଓରେ ଶୁଭମ୍ କହିଥିଲେ, ସେ ମହାଦେବ ଆପ୍ ଚଳାଇବା ପାଇଁ ଅନୁମତି ପ୍ରଦାନ ସକାଶେ ଲୋକଙ୍କ ନିବେଶ ଅର୍ଥରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କୁ ୫୦୮ କୋଟି ଟଙ୍କା ଲାଞ୍ଚ ଦେଇଛନ୍ତି। ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ନେତାମାନେ ଏହାକୁ ପ୍ରସଙ୍ଗ କରି କ୍ଷମତାସୀନ କଂଗ୍ରେସକୁ ଟାର୍ଗେଟ କରିଥିଲେ। ଏହାକୁ ଛତିଶଗଡ଼ରେ ବଘେଲ ସରକାର ଧରାଶାୟୀ ହେବାର ଅନ୍ୟତମ ମୁଖ୍ୟ କାରଣ ବୋଲି କୁହାଯାଉଛି। ଏପରି ସମୟରେ ଧୀରଜଙ୍କ ସମ୍ପର୍କୀୟଙ୍କ ମଦଭାଟି, ଘର, ଅଫିସ ଆଦିରୁ ବହୁ କୋଟି ଟଙ୍କା ଜବତ ହେବା କେବଳ ଓଡ଼ିଶା ନୁହେଁ, ବରଂ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ତେଣୁ ଏହା ମଦ ବିକ୍ରିରୁ ନା ମହାଦେବ ଆପ୍ ଜରିଆରେ ମିଳିଥିବା ଟଙ୍କା ବୋଲି ପ୍ରଶ୍ନ ହେଉଛି। ଭାଜପା ନେତାମାନେ ୬୪ ବର୍ଷୀୟ ଧୀରଜଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ସ୍ଥାନୀୟ ନେତାଙ୍କଠାରୁ ନେଇ କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର ଓ ମୀନାକ୍ଷୀ ଲେଖିଙ୍କ ପର୍ଯ୍ୟନ୍ତ ନେତାମାନେ ଏହି ବିପୁଳ ଟଙ୍କାର ଉତ୍ସ କ'ଣ ବୋଲି ପ୍ରଶ୍ନ କରିଛନ୍ତି। ଝାଡ଼ଖଣ୍ଡ ଭାଜପା ଏମ୍‌ପି ବିଦ୍ୟୁତ୍ ବରଣ ମହତୋ ଏବଂ ପୂର୍ବତନ ମନ୍ତ୍ରୀ ସି.ପି. ସିଂଙ୍କ ମତରେ ଛତିଶଗଡ଼ରେ କଂଗ୍ରେସ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରିଲେ ଝୁଲା ପରିସ୍ଥିତିରେ ନିଅଣ୍ଟ ପଡ଼ିବାକୁ ଥିବା ବିଧାୟକମାନଙ୍କୁ କିଣିବା (ଘୋଡ଼ାବେପାର) ପାଇଁ ଧୀରଜ ଏହି ନଗଦ ଟଙ୍କା ବିଭିନ୍ନ ସ୍ଥାନରେ ଲୁଚାଇ ରଖିଥିଲେ। ଅନେକ ଗାଡ଼ିରେ ଟଙ୍କା ବୁହାହୋଇ ଓଡ଼ିଶାକୁ ଅଣାଯାଇଥିଲା। ସେହିପରି ଆସନ୍ତା ବର୍ଷ ଶେଷ ଆଡ଼କୁ ଝାଡ଼ଖଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ବିଧାନସଭା ନିର୍ବାଚନରେ ମଧ୍ୟ କଂଗ୍ରେସ ଧୀରଜଙ୍କ ନଗଦ ଟଙ୍କାକୁ ଖର୍ଚ୍ଚ କରିଥାଆନ୍ତା ବୋଲି ☞ପୃଷ୍ଠା-୨



ଧୀରଜ ପ୍ରସାଦ ସାହୁ

## ଘଉଡ଼ାଇବାକୁ ଯାଇଥିଲେ | ରେଞ୍ଜରଙ୍କୁ ଦଳିଦେଲା ହାତୀ

ଭବାନୀପାଟଣା,୧୦।୧୨
(ଉତ୍ତମ କୁମାର ଦାଶ)

ହାତୀ ଘଉଡ଼ାଇବାକୁ ଯାଇଥିଲେ, ହେଲେ ଆକ୍ରମଣରେ ରେଞ୍ଜରଙ୍କ ଜୀବନ ଚାଲିଗଲା। ଏଭଳି ଘଟଣା ରବିବାର କଳାହାଣ୍ଡି ଜିଲା ନର୍ଲା ରେଞ୍ଜ ଅଞ୍ଚଳରେ ଘଟିଛି। ମୃତକ ହେଲେ ଏମ୍. ରାମପୁରର ପ୍ରଶାନ୍ତ କୁମାର ପାଲୋ (୫୮)। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ରାତିରେ ନର୍ଲା ରେଞ୍ଜ ତୁଳାପଡା ନିକଟସ୍ଥ ଆମପଡାଠାରେ ଥିବା କାନ୍ଦୁଲ କପା ଚାଷ ଜମିରେ ଏକ ୨୨ଟିକିଆ ହାତୀ ପଲ ଉପଦ୍ରବ କରୁଥିବା ଖବର ରେଞ୍ଜର ପାଲୋ ପାଇଥିଲେ। ରବିବାର ସକାଳେ ବନବିଭାଗ ଟିମ୍ ଓ ଏଲିଫ୍ୟାଣ୍ଟ ସ୍କ୍ୱାଡ ଟିମ୍ ସହ ହାତୀ ଘଉଡାଇବା ପାଇଁ ସେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ଦୁର୍ଭାଗ୍ୟ ବଶତଃ ସେ ଏକ ହାତୀ ହାବୁଡରେ ପଡ଼ିଯାଇଥିଲେ। ହାତୀ ରେଞ୍ଜର ପାଲୋଙ୍କୁ ଘଟଣାସ୍ଥଳରେ ଦଳିଦେଇଥିଲା। ଏହାପରେ ସାଥିରେ ଯାଇଥିବା ବିଭାଗୀୟ କର୍ମଚାରୀ ଓ ଏଲିଫାଣ୍ଟ ସ୍କ୍ୱାଡ ଟିମ୍ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବିଭାଗୀୟ ଏସିଏଫ୍ ପ୍ରଭୁଦତ୍ତ ମିଶ୍ର, ନର୍ଲା ବିଡିଓ ଜଗଜୀବନ ଚୌଧୁରୀ, ତହସିଲଦାର ବିଶ୍ୱରଞ୍ଜନ କହଁର, ଆଇଆଇସି ଗଙ୍ଗାଧର ମେହେର ପ୍ରମୁଖ ଉପସ୍ଥିତ ରହି ଶୋକ ପ୍ରକାଶ କରିଥିଲେ। ଏମ୍. ରାମପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲା। ରେଞ୍ଜରଙ୍କ ସ୍ତ୍ରୀ ଓ ଗୋଟିଏ ପୁଅ ଅଛନ୍ତି। ଗତବର୍ଷ ନର୍ଲା ରେଞ୍ଜରେ ହାତୀ ଆକ୍ରମଣରେ ସ୍ଥାନୀୟ ଫରେଷ୍ଟର ଭବାନୀଶଙ୍କର ନାଏକ ଗୁରୁତର ହୋଇଥିଲେ। ପ୍ରକାଶ ଯେ, ଗତ ୭ ମାସ ମଧ୍ୟରେ ☞ପୃଷ୍ଠା-୨

**୭ ମାସରେ ଗଲାଣି ୫ ଜୀବନ**

## ଆଜି ଆସିବ '୩୭୦' ରାୟ

**କେନ୍ଦ୍ର ପଦକ୍ଷେପର ବୈଧତା ଉପରେ ସାମ୍ବିଧାନିକ ପୀଠ ଜଣାଇବେ ନିଷ୍ପତ୍ତି**

ନୂଆଦିଲ୍ଲୀ/ଶ୍ରୀନଗର,୧୦।୧୨

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଉଚ୍ଛେଦ କରିବା ନିଷ୍ପତ୍ତି ଯଥାର୍ଥ ଥିଲା କି ନାହିଁ? ଏହା ଉପରେ ସୁପ୍ରିମକୋର୍ଟ ସୋମବାର ବହୁପ୍ରତୀକ୍ଷିତ ରାୟ ଶୁଣାଇବେ। ଏଥିପାଇଁ ଆଇନଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ଶ୍ରୀନଗର ଓ ଜମ୍ମୁ ସମେତ କେନ୍ଦ୍ରଶାସିତ ଅଞ୍ଚଳର ବିଭିନ୍ନ ସ୍ଥାନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ୩୭୦କୁ ହଟାଇବାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ୨୩ଟି ଆବେଦନ ଦାଖଲ ହୋଇଥିଲା। ୩୭୦ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସଂଯୋଗ ବା ଷଡ଼ଯନ୍ତ୍ର**

## ବିଷ୍ଣୁଦେଓ ସାଏ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

### ଅରୁଣ ସାଓ, ବିଜୟ ଶର୍ମା ଉପମୁଖ୍ୟମନ୍ତ୍ରୀ



ବିଷ୍ଣୁଦେଓ ସାଏ



ବିଜୟ ଶର୍ମା



ଅରୁଣ ସାଓ

ରାୟପୁର,୧୦।୧୨

ଆଦିବାସୀ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଷ୍ଣୁଦେଓ ସାଏ ଛତିଶଗଡ଼ର ନୂଆ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ରବିବାର ଅପରାହ୍ନରେ ଭାଜପା ବିଧାୟକ ଦଳ ବୈଠକ ବସି ତାଙ୍କୁ ନେତା ନିର୍ବାଚିତ କରାଯାଇଛି। ଛତିଶଗଡ଼ରେ ମୁଖ୍ୟମନ୍ତ୍ରୀ କିଏ ହେବେ ତାକୁ ନେଇ ସପ୍ତାହେ ହେଲା ଲାଗିରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଛତିଶଗଡ଼ ଜନସଂଖ୍ୟାର ୩୨ ପ୍ରତିଶତ ଆଦିବାସୀ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ଆଦିବାସୀ ନେତାଙ୍କୁ ମୁଖ୍ୟମନ୍ତ୍ରୀ ଚୟନ କରାଯାଇଛି। ରାଜ୍ୟର ଆଦିବାସୀ ଅଞ୍ଚଳଗୁଡ଼ିକରେ ଭାଜପାର ଅଭୂତପୂର୍ବ ପ୍ରଦର୍ଶନ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଏଥର ନିର୍ବାଚନରେ ସୁରଗୁଜା ଅଞ୍ଚଳର ସମସ୍ତ ୧୪ ଆସନ ଏବଂ ବସ୍ତରର ୧୨ ଆସନରୁ ୮ଟି ଭାଜପା ନିୟନ୍ତ୍ରଣକୁ ଯାଇଛି।

ମୁଖ୍ୟମନ୍ତ୍ରୀ ଭାବେ ବିଷ୍ଣୁଦେଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମସ୍ତ ଗ୍ୟାରେଣ୍ଟିକୁ ପୂରଣ କରିବାକୁ ଉଦ୍ୟମ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଦଳର ବରିଷ୍ଠ ନେତା ଅରୁଣ ସାଓ ଏବଂ ବିଜୟ ଶର୍ମାଙ୍କୁ ଉପମୁଖ୍ୟମନ୍ତ୍ରୀ କରିବା ପାଇଁ ନିଷ୍ପତ୍ତି ହୋଇଛି। ଉଭୟ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିଲେ। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କୁ ବାଚସ୍ପତି କରିବା ଲାଗି ଦଳ ନିଷ୍ପତ୍ତି ନେଇଛି। ୫୯ ବର୍ଷୀୟ ବିଷ୍ଣୁଦେଓ ରାଷ୍ଟ୍ରୀୟ ☞ପୃଷ୍ଠା-୨

## ସନ୍ଧ୍ୟାରେ ଢଳେଇ, ରାତିରେ ଭୁଶୁଡ଼ିଲା

**ସାଳନ୍ଦୀ କେନାଲ ଯୋଜନାରେ ନିର୍ମାଣାଧୀନ ପିଲର**

ନୀଳଗିରି,୧୦।୧୨(ପ୍ରଶାନ୍ତ ବିଶ୍ୱାଳ)

ସନ୍ଧ୍ୟାରେ ଢ଼ଳେଇ ପଡ଼ିଲା, ରାତି ନ ପାହୁଣ୍ଟୁ ଭୁଶୁଡ଼ିପଡ଼ିଲା। ନିମ୍ନମାନର କାର୍ଯ୍ୟ ଲାଗି ସାଳନ୍ଦୀ କେନାଲ ଯୋଜନାରେ ନିର୍ମାଣାଧୀନ ପୋଲ ପିଲରର ଏଭଳି ଅବସ୍ଥା। ସୌଭାଗ୍ୟବଶତଃ ଏଠାରେ କାର୍ଯ୍ୟରତ ଏକାଧିକ ଶ୍ରମିକ ରକ୍ଷା ପାଇଯାଇଛନ୍ତି।

ବାଲେଶ୍ୱର ଜିଲା ନୀଳଗିରି ଦେଇ ଯାଉଥିବା ସାଳନ୍ଦୀ କେନାଲ ଯୋଜନାରେ ସନ୍ତରାଗଡ଼ିଆର ଅସ୍ତିଆ ଗ୍ରାମ ନିକଟ ଏହି କେନାଲରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ପୋଲର ୬ଟି ପିଲର ନିର୍ମାଣ ଚାଲିଥିବା ବେଳେ ୬ ନମ୍ବର ପିଲର ଲାଗି ଶନିବାର ସନ୍ଧ୍ୟାରେ ଢଳେଇ ପଡ଼ିଥିଲା। ରାତିରେ ତାହା ଭୁଶୁଡ଼ି ପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ନିମ୍ନମାନର କାମ ହେଉଥିବା ସ୍ଥାନୀୟ ସରପଞ୍ଚ ପୁରୁଷୋତ୍ତମ ସେଠୀ ଅଭିଯୋଗ କରିଛନ୍ତି। ରବିବାର ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ବିଧାୟକ ସୁକାନ୍ତ କୁମାର ନାୟକ ଘଟଣାସ୍ଥଳ ପରିଦର୍ଶନ କରିବା ସହ କାମ ଆରମ୍ଭରୁ ଏଭଳି ଅବସ୍ଥା ☞ପୃଷ୍ଠା-୨



ବିଧାୟକ ସୁକାନ୍ତ କୁମାର ନାୟକ ଓ ସରପଞ୍ଚ ପୁରୁଷୋତ୍ତମ ସେଠୀ ଭୁଶୁଡ଼ି ପଡ଼ିଥିବା ପିଲରକୁ ଦେଖୁଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢିଙ୍କିଶାଳେ
ଢେଙ୍କାନାଳ ଚିନ୍ତା।**

ସ୍ଥାନ ଦେଖି କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯିବା ହିଁ ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ଏ ପରିସ୍ଥିତିରେ ଅସ୍ଥାନ ଓ ଅସମୟରେ ଅପ୍ରାସଙ୍ଗିକ ବିଷୟ ଆଲୋଚନା କରାଯିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଢଗ ମେଲୁଛି ନାକ ଫୁଲୁଛି
ନାକରେ ବେଣୀ ହଲାଉଛି।**

ଥଟ୍ଟା ପରିହାସ ବେଳେ ବା ଛିଗୁଲେଇ କରି କଥା କହିବା ବେଳେ ବିଭିନ୍ନ ପ୍ରକାର ଅଙ୍ଗଭଙ୍ଗୀ ଦେଖାଇଥାନ୍ତି। ସାଧାରଣତଃ ଗାଁ ଗଣ୍ଡାରେ ରହୁଥିବା ମହିଳାମାନେ ଅନ୍ୟକୁ ଆକ୍ଷେପ କଲାବେଳେ ମୁହଁ ଛିଞ୍ଚାଡି ହୋଇ କଥା କହିଥାନ୍ତି। ଏପରିସ୍ଥଳେ ତାଙ୍କ ମୁହଁର ଆକୃତି ବଦଳିଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଦାଦନ ନେଲା ସାନଭାଇ ଜୀବନ

**ବଡ଼ ଗୁରୁତର**

ରାୟଗଡ଼ା,୧୦।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ପିଛା ଛାଡୁନି ଦାଦନ ଦୁଃଖ। କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ମକାପଦର ଗ୍ରାମର ୨ ଭାଇ ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ଯାଇଥିବାବେଳେ ଜ୍ୱରରେ ପୀଡ଼ିତ ହୋଇଥିଲେ। ସେଠାରେ ଚିକିତ୍ସା ସୁବିଧା ନ ପାଇ ରୋଗାକ୍ରାନ୍ତ ଅବସ୍ଥାରେ ଲୁଚିକରି ଶନିବାର ରାତି ପ୍ରାୟ ୧୨ଟାରେ ରାୟଗଡ଼ା ଆସି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏହାର ୧୫ ମିନିଟ୍ ପରେ ଚିକିତ୍ସାଧୀନ ଅବସ୍ଥାରେ ନାବାଳକ ସାନଭାଇର ମୃତ୍ୟୁ ହୋଇଥିବାବେଳେ ବଡ଼ଭାଇ ଗୁରୁତର ଅବସ୍ଥାରେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ଗତ ୪ ମାସ ତଳେ ମକାପଦର ଗ୍ରାମର ୨ ଭାଇ ମହେଶ୍ୱର ମାଝି (୨୦) ଏବଂ ନାବାଳକ ରଙ୍ଗାଧର ମାଝି (୧୭) ପଡ଼ୋଶୀ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲା ପାଲମନପେଟାସ୍ଥିତ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିକୁ କାମ କରିବାକୁ ଯାଇଥିଲେ। ସେଠାରେ କାମ କରିବା ସମୟରେ ନଭେମ୍ବରରେ ରଙ୍ଗାଧରଙ୍କୁ ଜ୍ୱର ହୋଇଥିଲା। ସମ୍ପୃକ୍ତ ଫ୍ୟାକ୍ଟ୍ରି ମାଲିକ ତାଙ୍କୁ ଚିକିତ୍ସା ସୁବିଧା ଯୋଗାଇବା ପରିବର୍ତ୍ତେ କାମ କରାଇଥିଲେ। ଏହାର କିଛିଦିନ ପରେ ବଡ଼ଭାଇ ମହେଶ୍ୱର ମଧ୍ୟ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଜ୍ୱରରେ ୨ ଭାଇ କାମ କରିବା ସହ ଖାଇବାକୁ ମଧ୍ୟ ଠିକ୍ ଭାବରେ ନ ମିଳିବାରୁ ଉଭୟ ଶାରୀରିକ ଭାବେ ଦୁର୍ବଳ ହୋଇପଡ଼ିଥିଲେ। ଶେଷରେ ବାଧହୋଇ ୨ ଭାଇ ଶନିବାର ଲୁଚି ବିଶାଖାପାଟଣା ଆସି ଟ୍ରେନ୍‌ରେ ରାୟଗଡ଼ାରେ ପହଞ୍ଚିଥିଲେ। ସାନଭାଇ ରଙ୍ଗାଧରଙ୍କ ଅବସ୍ଥା ଗୁରୁତର ହେବାରୁ ୨ ଭାଇ ଶନିବାର ରାତିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରଙ୍ଗାଧରଙ୍କ ମୃତ୍ୟୁ ହୋଇଥିଲା। ବଡ଼ଭାଇ ମହେଶ୍ୱର ଗୁରୁତର ଅବସ୍ଥାରେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଅନେକ ଲୋକ କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଉଥିବାବେଳେ ଶ୍ରମ ବିଭାଗ ନିକଟରେ କୌଣସି ସୂଚନା ରହୁନାହିଁ। ଏପରିକି ଜଣେ ନାବାଳକ ବାହାର ରାଜ୍ୟକୁ ଯାଇ ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ ମଧ୍ୟ ବିଭାଗ ନିକଟରେ କୌଣସି ସୂଚନା ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଯଜ୍ଞିନ୍ ସାହୁଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ଅବସ୍ଥାରେ ମହେଶ୍ୱର ମାଝି।

# ନିଖୋଜ ୨ ଶିଶୁଙ୍କ ମୃତଦେହ ଜବତ

ଭାପୁର,୧୦।୧୨
(ରାଜକୁମାର ପ୍ରଧାନ)

ଶନିବାର ମଧ୍ୟାହ୍ନରୁ ନିଖୋଜ ଥିବା ୨ ଶିଶୁଙ୍କ ମୃତଦେହ ରବିବାର ଏକ କୂଅରୁ ମିଳିଛି। ଏହି ଘଟଣା ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ବିମ୍ଦୋଳ ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି। ପରିବାର ଲୋକେ ଏହା ହତ୍ୟାକାଣ୍ଡ ବୋଲି କହୁଥିବା ବେଳେ ସଦର ଥାନା ପୋଲିସ ନଂ. ୭୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ବିମ୍ଦୋଳ ଗ୍ରାମର କମ୍ପାନୀ ପଧାନଙ୍କ ୨ ଶିଶୁପୁତ୍ର ସଞ୍ଜିତ ପଧାନ (୫) ଓ ରଞ୍ଜିତ ପଧାନ (୪) ଶନିବାର ଅପରାହ୍ନରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ସନ୍ଧାନ ନ ପାଇବାରୁ ଫାଣ୍ଡିରେ ଅଭିଯୋଗ କରିଥିଲେ। ସନ୍ଧ୍ୟାରେ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଘର ନିକଟ କୂଅ, ପୋଖରୀରେ ଖୋଜାଖୋଜି କରିଥିଲେ ହେଁ କିଛି ସୁଫଳ ମିଳି ନ ଥିଲା। ତେବେ ରବିବାର ସକାଳେ ଘରଠାରୁ କିଛି ଦୂର ବିଲରେ ଥିବା ଏକ କୂଅ ଭିତରେ ୨ ଶିଶୁପୁତ୍ରଙ୍କ ମୃତଦେହ ଭାସୁଥିବା ଜଣାପଡ଼ିଥିଲା। ଖବରପାଇ ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ସେଠୀ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛନ୍ତି।

# ମାଟ୍ରିକ ନମୁନା ପ୍ରଶ୍ନପତ୍ରରେ ତ୍ରୁଟି

ଭୁବନେଶ୍ୱର, ୧୦।୧୨(ଅସମାପିକା ସାହୁ)

ଆସନ୍ତା ବର୍ଷ ହେବାକୁ ଥିବା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ପ୍ରଶ୍ନପତ୍ର ନମୁନାରେ ତ୍ରୁଟି ରହିଥିବା ଅଭିଯୋଗ ହୋଇଛି। ପ୍ରଶ୍ନପତ୍ର ନମୁନାରେ ଥିବା ବିଷୟ ଚଳିତ ବର୍ଷର ପାଠ୍ୟକ୍ରମରେ ନାହିଁ। ଫେବୃୟାରୀ ୨୦ରୁ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ଏପରି ତ୍ରୁଟି ଉଭୟ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଛାତ୍ରୀଛାତ୍ରମାନେ କାହାକୁ ପଢ଼ିବେ, ନିଜ ପାଠ୍ୟକ୍ରମକୁ ନା ପ୍ରଶ୍ନପତ୍ର ନମୁନାକୁ, ତାହା ବୁଝି ପାରୁନାହାନ୍ତି। ସୂଚନା ମୁତାବକ, କିଛିଦିନ ପୂର୍ବେ ମାଧ୍ୟମିକ ଶିକ୍ଷା ପରିଷଦ କର୍ତ୍ତୃପକ୍ଷ ୨୦୨୪ ମାଟ୍ରିକ ବୋର୍ଡ ପରୀକ୍ଷା ପାଇଁ ୭୧ ପୃଷ୍ଠା ବିଶିଷ୍ଟ ପ୍ରଶ୍ନପତ୍ର ନମୁନା ସମସ୍ତ ବିଦ୍ୟାଳୟକୁ ପଠାଇବା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏଥିରେ କିଛି ପ୍ରଶ୍ନ ଚଳିତ ବର୍ଷର ପାଠ୍ୟକ୍ରମରେ ନ ଥିବା ଜଣାପଡିଥିଲା। ଇଂଲିଶ ବିଭାଗର ପ୍ରଶ୍ନ ନଂ. ୧, ୪, ୫, ୬, ୭, ୨୦, ୨୧ ଏବଂ ୨୨ ଚଳିତ ବର୍ଷ ଇଂଲିଶ ପାଠ୍ୟକ୍ରମରେ ନାହିଁ। ଉକ୍ତ ଆଠଟି ପ୍ରଶ୍ନପତ୍ର କିଛିବର୍ଷ ପୂର୍ବରୁ ପାଠ୍ୟକ୍ରମରେ ଥିଲା। କିନ୍ତୁ ଏବେ ସେ ବିଷୟ ଆଉ ପଢ଼ାଯାଉନାହିଁ। କିଏ ଏ ପ୍ରଶ୍ନପତ୍ର କରିଥିଲେ କାହିଁକି ଏଭଳି ତ୍ରୁଟି ହେଲା, କିଏ ଏଥିପାଇଁ ଦାୟୀ, କିଏ ଏଭଳି ପିଲାଙ୍କ ଭବିଷ୍ୟତ ସହ ଖେଳିବାକୁ ସାହସ କଲା, ଏ ନେଇ ତୁରନ୍ତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ କିମ୍ବା ବୋର୍ଡ ତରଫରୁ ସ୍ପଷ୍ଟୀକରଣ ଦେବାକୁ ମାଧ୍ୟମିକ ଶିକ୍ଷକ ସଂଘ ନେତା ପ୍ରଦୀପ୍ତ କୁମାର ପ୍ରଧାନ, ଅମରେନ୍ଦ୍ର ସ୍ୱାଇଁ ପ୍ରମୁଖ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ କହିଛନ୍ତି।

# ବାର୍ହା ଫାଶରେ ପଡ଼ି ୨ ନାବାଳକ ମୃତ

ଉଲୁଣ୍ଡା/ସୋନପୁର, ୧୦।୧୨
(ଉରୁକ୍ରମ ପାଣିଆ/ ମୃତ୍ୟୁଞ୍ଜୟ ଶତପଥୀ)

ବାର୍ହା ଶିକାର ପାଇଁ ଶିକାରୀ ଫାଶ ବସାଇଥିଲେ। ଏହି ବିଦ୍ୟୁତ୍ ଫାଶ ସଂସ୍ପର୍ଶରେ ଆସି ୨ ସମ୍ପର୍କୀୟ ନାବାଳକ ଭାଇଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ଏଥିରେ ଜଣେ ମୃତକଙ୍କ ବାପା ଗୁରୁତର ହୋଇଛନ୍ତି। ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ହାତିଲିମୁଣ୍ଡା ଗାଁରେ ଶନିବାର ରାତିରେ ଏହି ଅଭାବନୀୟ ଘଟଣା ଘଟିଯାଇଛି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ନାବାଳକଦ୍ୱୟ ହେଲେ ସିଂହପାଲି ଗ୍ରାମର ଜିତ୍ ଡୁଙ୍ଗ୍‌ଡୁଙ୍ଗ(୧୪) ଓ ତାଙ୍କ ସମ୍ପର୍କୀୟ ଭାଇ ରମେଶ ବୋଡ(୧୪)। ସେହିପରି ଜିତ୍‌ଙ୍କ ବାପା ନବୀନ ଡୁଙ୍ଗ୍‌ଡୁଙ୍ଗ(୪୨) ମଧ୍ୟ ଗୁରୁତର ହୋଇଛନ୍ତି। ତାଙ୍କ ହାତରେ କ୍ଷତ ସୃଷ୍ଟି ହୋଇଛି। ସେ ଏବେ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଉଲୁଣ୍ଡା ପୋଲିସ ଏକ ମାମଲା(୧୮୫/୨୩)ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।



ଗୁରୁତର ଆହତ ନବୀନ ଡୁଙ୍ଗଡୁଙ୍ଗ ଉଲୁଣ୍ଡା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ, ଶନିବାର ଜିତ୍ ଓ ରମେଶ ଛେଳି ଚରାଇବା ପାଇଁ ଗାଁ ନିକଟସ୍ଥ ହାତିଲିମୁଣ୍ଡା ଜଙ୍ଗଲକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ପରେ ଗୋଟିଏ ଛେଳି ଫେରି ନ ଥିବା ଜିତ୍ ତାଙ୍କ ବାପା ନବୀନଙ୍କୁ ଜଣାଇଥିଲେ। ପରେ ନବୀନ, ଜିତ୍ ଓ ରମେଶ ଛେଳି ଖୋଜିବାକୁ ଜଙ୍ଗଲକୁ ଯାଇଥିଲେ। ତେବେ ହାତିଲିମୁଣ୍ଡା ଜଙ୍ଗଲରେ କେହି ବାର୍ହା ଶିକାର ପାଇଁ ବାଇଣ୍ଡିଂ ତାରରେ ବିଦ୍ୟୁତ୍ ସଂଯୋଗ କରି ଫାଶ ବସାଇଥିଲେ। ଅନ୍ଧାରରେ ସେହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜିତ୍ ଓ ରମେଶ ଛିଟିକି ପଡ଼ିଥିଲେ। ନବୀନ ଚେତାଶୂନ୍ୟ ହୋଇପଡ଼ିଥିଲେ। କିଛି ସମୟ ପରେ ନବୀନଙ୍କ ଚେତା ଫେରିବା ପରେ ଜିତ୍ ଓ ରମେଶ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଥିବା ଦେଖିଥିଲେ। ତାଙ୍କଠାରୁ ଖବର ପାଇ ଗ୍ରାମର କେତେକ ଲୋକ ସେମାନଙ୍କୁ ଉଦ୍ଧାର କରି ରାତି ପ୍ରାୟ ୧ଟାରେ ଉଲୁଣ୍ଡା ଡାକ୍ତରଖାନା ଆଣିଥିଲେ। ତେବେ ସେଠାରେ ଡାକ୍ତର ଜିତ୍ ଓ ରମେଶଙ୍କୁ ମୃତ ଘୋଷଣା କରିଥିଲେ। ନବୀନଙ୍କ ଚିକିତ୍ସା ଜାରି ରହିଛି। ଉଲୁଣ୍ଡା ପୋଲିସ ବ୍ୟବଚ୍ଛେଦ କରି ମୃତଦେହ ରବିବାର ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣା ନେଇ ଅଧିକ ତଦନ୍ତ ଜାରି ରହିଥିବା ଉଲୁଣ୍ଡା ଆଇଆଇସି ପଞ୍ଚାନନ ନାୟକ ସୂଚନା ଦେଇଛନ୍ତି। ଉଲୁଣ୍ଡା ବନାଞ୍ଚଳରେ ବାର୍ହା ଶିକାର ପାଇଁ ଶିକାରୀମାନେ ବିଦ୍ୟୁତ୍ ତାରରେ ଫାଶ ବସାଉଛନ୍ତି। ଏହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପୂର୍ବରୁ ମଣିଷ, ହାତୀ ଓ କଲରାପତରିଆ ବାଘଙ୍କ ଜୀବନ ଯାଇଛି। ତେବେ ଜିଲା ପ୍ରଶାସନ ଓ ବନ ବିଭାଗ ଲୋକଙ୍କୁ ସଚେତନ କରିବା ଦିଗରେ ବିଶେଷ ଉଦ୍ୟମ କରୁ ନ ଥିବାରୁ ଏଭଳି ଦୁଃଖଦ ଘଟଣା ବାରମ୍ବାର ଘଟିଚାଲିଛି।

# ଏଟିଏମ୍ କାଟି ୧୫ ଲକ୍ଷ ଲୁଟିନେଲେ

ତାଲଚେର,୧୦।୧୨(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଲଚେର ଥାନା ବହ୍ଲର ଛକ ନିକଟରେ ଥିବା ଏକ ଏଟିଏମ୍‌ରୁ ଶନିବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ କଟର ମେଶିନ ସହାଯ୍ୟରେ ଟଙ୍କା ଚାମ୍ବରକୁ କାଟି ଏଟିଏମ୍‌ରେ ଥିବା ୧୫ ଲକ୍ଷ ୪୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ବ୍ୟାଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଦୁର୍ବୃତ୍ତମାନେ ଏକ ଧଳା ରଙ୍ଗର କାର୍‌ରେ ଆସି ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ସଂକ୍ରାନ୍ତରେ ନଂ. ୧୦୦୮/୨୩ରେ ଏକ ମାମଲା ରୁଜୁ ହୋଇଛି।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ମଦ ନା ମହାଦେବ...

ଭାଜପା ନେତାମାନେ ଅଭିଯୋଗ ଆଣିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଆଇଟି ପକ୍ଷରୁ ଜବତ ଟଙ୍କାକୁ ନେଇ ଶୁକ୍ରବାର ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଉଲ୍ଲେଖ କରିଥିଲେ। ଲୋକଙ୍କଠାରୁ ଲୁଟାଯାଇଥିବା ପ୍ରତ୍ୟେକଟି ଟଙ୍କା ଫେରାଇବାକୁ ପଡ଼ିବ ବୋଲି ସେ ନିଜ ପୋଷ୍ଟରେ ଉଲ୍ଲେଖ କରିଥିଲେ। ତେଣୁ ଏହା ମହାଦେବ ଆପ୍ ଜରିଆରେ ଛତିଶଗଡ଼ ଜନତାଙ୍କୁ ଲୁଟାଯାଇଥିବା ଅର୍ଥ ନା ପଶ୍ଚିମ ଓଡ଼ିଶାରେ ମଦ ବିକ୍ରିରୁ ମିଳିଥିବା ଟଙ୍କା ବୋଲି ପ୍ରଶ୍ନ ଉଠିଛି। ଭାଜପା ନେତାମାନଙ୍କ ମତରେ ଖୋଳତାଡ଼ ଜାରି ରହିଲେ ଆହୁରି ବାହାରିବ। ଜବତ ଟଙ୍କାର ପରିମାଣ ୫୦୦ କୋଟିକୁ ଟପିଯିବ। ଭାରତରେ ଅଦ୍ୟାବଧି କୌଣସି ଏଜେନ୍ସି ପକ୍ଷରୁ ଜଣେ ବ୍ୟକ୍ତି ବା ଗ୍ରୁପ୍‌ଠାରୁ ଏତେ ପରିମାଣରେ ଟଙ୍କା ଜବତ ହୋଇ ନ ଥିଲା। ତେଣୁ ଛତିଶଗଡ଼ରେ ମହାଦେବ ବେଟିଂ ଆପ୍ ଦୁର୍ନୀତିର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମେତ ଦେଶର ପ୍ରିମିୟର ଇନ୍‌ଭେଷ୍ଟିଗେଟିଂ ଏଜେନ୍ସି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଧୀରଜଙ୍କ ମାମଲାର ତଦନ୍ତ କରାଗଲେ ସବୁ ସତ ପଦାକୁ ଆସିବ ବୋଲି ଲୋକେ କହୁଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ଧୀରଜଙ୍କ ବ୍ୟବସାୟ ସହ ଦଳର କିଛି ସମ୍ପର୍କ ନାହିଁ। ତାଙ୍କଠାରୁ ମିଳିଥିବା ବିପୁଳ ନଗଦ ଟଙ୍କାର ଉତ୍ସ ସେ ହିଁ ବତାଇପାରିବେ।

## ଆଜି ଆସିବ '୩୭୦' ...

ବିଚାର ବେଳେ ସରକାରଙ୍କ ପକ୍ଷରୁ ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣି, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା, ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ, ରାକେଶ ଦ୍ୱିବେଦୀ, ଭି. ଗିରି ଯୁକ୍ତି ବାଢ଼ିଥିଲେ। ଅନ୍ୟପକ୍ଷେ ବରିଷ୍ଠ ଆଇନଜୀବୀ କପିଲ ସିବଲ, ଗୋପାଳ ସୁବ୍ରମଣ୍ୟମ, ରାଜୀବ ଧୱନ, ଜାଫର ଶାହ ଓ ଦୁଷ୍ୟନ୍ତ ଦାଭେ ଆବେଦନକାରୀମାନଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ। ୧୬ ଦିନର ମାରାଥନ ଶୁଣାଣି ପରେ ଶୀର୍ଷ ଅଦାଲତ ଗତ ସେପ୍ଟେମ୍ବର ୫ରେ ରାୟ ସଂରକ୍ଷିତ ରଖିଥିଲେ। ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟାନୁସାରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ସୋମବାର ଏହି ରାୟ ପ୍ରକାଶ କରିବେ। ପୀଠର ଅନ୍ୟ ବିଚାରପତିମାନେ ହେଲେ ଜଷ୍ଟିସ୍ ସଞ୍ଜୟ କିଷାନ କୌଲ, ରାଜୀବ ଖାନ୍ନା, ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତ। ଅନ୍ୟପକ୍ଷେ ରାୟର ଅବ୍ୟବହିତ ପୂର୍ବରୁ ଗୁପ୍‌କାର ମେଣ୍ଟର ଦଳଗୁଡ଼ିକ ଜମ୍ମୁ-କଶ୍ମୀରକୁ ସୁପ୍ରିମକୋର୍ଟ କେନ୍ଦ୍ରର ପଦକ୍ଷେପକୁ ଖାରଜ କରି ସେମାନଙ୍କ ସପକ୍ଷରେ ନିଷ୍ପତ୍ତି ନେଇପାରନ୍ତି ବୋଲି ଆଶା ବାନ୍ଧିଛନ୍ତି। ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍ଦୁଲ୍ଲାଙ୍କ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଏବଂ ମେହବୁବା ମୁଫ୍‌ତିଙ୍କ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ୩୭୦ ଉଚ୍ଛେଦକୁ ବେଆଇନ ଦର୍ଶାଇଆସିଥିବାରୁ ଶୀର୍ଷ ଅଦାଲତଙ୍କ ସୋମବାର ରାୟ ଉପରେ ଦେଶବାସୀଙ୍କ ନଜର ରହିଛି।

## ରେଞ୍ଜରଙ୍କୁ ଦଳିଦେଲା ...

ଜିଲାରେ ହାତୀ ଆକ୍ରମଣରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଗତ ମେ'ରେ ହାତୀ ଆକ୍ରମଣରେ ଲାଞ୍ଜିଗଡ ବସନ୍ତପଡାର ବାଙ୍ଗରା ମାଝି(୫୭)ଙ୍କ ମୃତ୍ୟୁ ଘଟିଥିଲା। ଜୁନ୍ ୧୭ତାରିଖରେ ଜୁନାଗଡ ବ୍ଲକ ଝାରବନ୍ଧ ଗ୍ରାମର ଗଜିନ୍ଦ୍ର ଜାନି (୫୫) ମୃତ୍ୟୁ ଘଟିଥିବାବେଳେ ଉକ୍ତ ମାସ ଶେଷରେ ଥୁଆମୂଳ ରାମପୁର ବ୍ଲକ କାଣିଗୁମା ପଞ୍ଚାୟତ ଟେଭାମହୁଲ ଗ୍ରାମର ୱାର୍ଡମେମ୍ବର ପଞ୍ଚୁ ମାଝି (୫୦) ଓ ଜୁଲାଇରେ ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତ ବେରେନପିଣ୍ଡା ଗ୍ରାମର ରାଇ ମାଝି (୫୫)ଙ୍କ ମୃତ୍ୟୁ ହୋଇଥିଲା। ଜିଲାର ନର୍ଲା, ବିଶ୍ୱନାଥପୁର, ଲାଞ୍ଜିଗଡ, ଏମ୍. ରାମପୁର, ସିକେରକୁପା ଆଦି ଅଞ୍ଚଳକୁ ହାତୀ କରିଡର କୁହାଯାଉଥିବାବେଳେ ପ୍ରତିବର୍ଷ ହାତୀ ଆକ୍ରମଣରେ ଅନେକଙ୍କ ଜୀବନ ଯାଉଥିବାବେଳେ ଅନେକ ଗୁରୁତର ହେଉଛନ୍ତି। ସେହିପରି ହାତୀପଲ ବିଭିନ୍ନ ସମୟରେ ଗାଁରେ ପଶି ଘର ଦ୍ୱାର ଭାଙ୍ଗିଦେବା ସହ ଚାଷ ଜମି ଉଜାଡି ଦେଉଛନ୍ତି।



ପ୍ରଶାନ୍ତ କୁମାର ପାଲୋ

## ବିଷ୍ଣୁଦେଓ ସାଏ ...

ସ୍ୱୟଂସେବକ ସଂଘ ନୀତି ଆଦର୍ଶରେ ଅନୁପ୍ରାଣିତ। ତାଙ୍କର ରାଜନୈତିକ ଯାତ୍ରା ଜଣେ ସରପଞ୍ଚରୁ ଆରମ୍ଭ ହୋଇଥିଲା। ସେ ୧୯୯୦ରୁ ୧୯୯୮ ପର୍ଯ୍ୟନ୍ତ ବିଧାୟକ ଥିଲେ ଏବଂ ୧୯୯୯ରେ ରାୟଗଡ଼ରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ସେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କର ଘନିଷ୍ଠ ଭାବେ ଜଣାଶୁଣା। ସେ ୪ ଥର ଏମ୍‌ପି ରହିବା ସହ ୨୦୨୦ରୁ ୨୦୨୨ ଛତିଶଗଡ଼ ଭାଜପା ସଭାପତି ରହିଥିଲେ। ସାଂଗଠନିକ ଦକ୍ଷତା ଏବଂ ନିର୍ବିବାଦୀୟ ଭାବମୂର୍ତ୍ତି ପାଇଁ ବିଷ୍ଣୁଦେଓ ଜଣାଶୁଣା। ପୂର୍ବରୁ ସେ ଭାଜପା ଜାତୀୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଥିଲେ ଏବଂ ୨୦୧୪ରେ ମୋଦି ସରକାର କ୍ଷମତାକୁ ଆସିବା ପରେ ତାଙ୍କୁ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ କରାଯାଇଥିଲା। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଘୋଷଣା ହେବାର ବହୁ ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏନେଇ ଏକ ବଡ଼ ସଙ୍କେତ ଦେଇଥିଲେ। ଆମେ ତାଙ୍କୁ (ବିଷ୍ଣୁଦେଓ ସାଏଙ୍କୁ) ଜଣେ ବଡ଼ ଲୋକ କରିଦେବୁ ବୋଲି ଶାହା ଏକ ନିର୍ବାଚନୀ ରାଲିରେ କହିଥିଲେ।

## ସନ୍ଧ୍ୟାରେ ଢଳେଇ,...

ହୋଇଥିବା ବେଳେ ପୋଲର ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ ବୈତରଣୀ ନଦୀର ବନ୍ୟା ନିୟନ୍ତ୍ରଣ ଓ ନୀଳଗିରି, ଔପଦା, ଖଇରା ଭଳି ପାହାଡିଆ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲୁରହିଛି। କେନ୍ଦୁଝରରୁ ନୀଳଗିରିକୁ ସଂଯୋଗ କରୁଥିବା ଏହି କେନାଲ ନିର୍ମାଣ ଦାୟିତ୍ୱ ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ନେଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରଙ୍କ କେନ୍ଦ୍ରରେ ବୃହସ୍ପତି ଅବସ୍ଥାନ କରି ଗଜକେଶରୀ ଯୋଗ ସୃଷ୍ଟି କରୁଥିବାରୁ ଅଭିଳଷିତ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ। ସପ୍ତମସ୍ଥ ଶୁକ୍ର ବ୍ୟବସାୟିକ ସ୍ଥିତି, କ୍ରୀଡ଼ା, ଚଳଚ୍ଚିତ୍ର ଓ ଯାତ୍ରାରେ ସଫଳତା ପ୍ରଦାନ କରିବେ। ଶନିଙ୍କ ପ୍ରଭାବରେ ଭୁଲ୍ ନିଷ୍ପତ୍ତି ନେଇ ଅନୁତାପ କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ବୃଷ** ବୁଧଙ୍କ ସୁପ୍ରଭାବରୁ ବନ୍ଧୁଙ୍କ ଅର୍ଥ ସାହାଯ୍ୟ ଓ ବାଚନିକ ପ୍ରତିଶ୍ରୁତି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବ। ଅନ୍ୟମାନଙ୍କ ଭୁଲ୍ ସକାଶେ ଦାୟୀ ହେବାକୁ ପଡିପାରେ। ପରିବାରର ଅଭାବ ପୂରଣ ଦିଗରେ ସହକର୍ମୀଙ୍କୁ ଅନୁରୋଧ କରିପାରନ୍ତି। ଆଶା କରିଥିବା ଦିଗରୁ ମୂଲ୍ୟବାନ ଜିନିଷ ପ୍ରାପ୍ତି ହେବ। ସାମାନ୍ୟ ଭୁଲରୁ କାମ ବିଶୃଙ୍ଖଳିତ ହୋଇପାରେ।

**ମିଥୁନ** ବୃହସ୍ପତିଙ୍କ ଦୃଷ୍ଟିରେ ରାଶ୍ୟାଧିପତି କାମ ହାସଲ ସକାଶେ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପ୍ରଦାନ କରିବେ। ଏପରିକି ପାଖ ପଡ଼ୋଶୀ ସହଯୋଗର ହାତ ବଢ଼ାଇ ପାରନ୍ତି। ପୁରାତନ ରୋଗର ପୀଡ଼ା କ୍ରମଶଃ ହ୍ରାସ ପାଇପାରେ। ବନ୍ଧୁଙ୍କ ସହାୟତାରେ ବକେୟା ଟଙ୍କା ପାଇବାର ଆଶା ଉଜ୍ଜ୍ୱଳତର ହେବ।

**କର୍କଟ** କୌଣସି କାମ କରିସାରିବା ପରେ ଭଲମନ୍ଦର ବିଚାର କରି ଅସ୍ଥିର ରହିପାରନ୍ତି। ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ଅନ୍ୟମାନଙ୍କ ସହ ଯୋଗାଯୋଗ କରିବାକୁ ପଡ଼ିପାରେ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରି ବିଫଳ ହେବେ। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ସିଂହ** କଥାବାର୍ତ୍ତାରେ ସଂଯମତା ଓ ଶାଳୀନତା ଅଭାବରୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅର୍ଥ ସମ୍ପର୍କିତ ଝମେଲାରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ। ପାରିବାରିକ ସ୍ତରରେ ନକାରାତ୍ମକ ଚିନ୍ତାଧାରା ଯୋଗୁ ଚିନ୍ତିତ ରହିପାରନ୍ତି। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟସ୍ୱଜନ ଦୂରେଇ ଯିବାର ଆଶଙ୍କା ଉପୁଜିବ।

**କନ୍ୟା** ଧନସ୍ଥାନସ୍ଥ ଶୁକ୍ର ହେତୁ ମନକୁ ପାଇଲା ଭଳି କଥା କହି କାମ ହାସଲ କରିପାରିବେ। କୌଣସି ବ୍ୟକ୍ତି ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର ଯୋଜନା କରିପାରନ୍ତି। ଆଲୋଚନା କିମ୍ବା ସଭାସମିତିରେ ପାଣ୍ଡିତ୍ୟର ପରିପ୍ରକାଶ ଯୋଗୁ ସୁସମ୍ପର୍କ ସ୍ଥାପିତ ହେବ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**ତୁଳା** ଗତକାଲିର ଅସମ୍ପୂର୍ଣ୍ଣ ଘର କାମ ସାଙ୍ଗକୁ ଆଜିର ଅଫିସ୍ କାମର ଜଞ୍ଜାଳ ବଳିଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ଲକ୍ଷ୍ୟ ହାସଲ କରିବେ। ଅନ୍ୟର ଅସୁବିଧା ଦୂର କରିବା ପାଇଁ ନିଜକୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ପ୍ରକାଶନ, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ବିଛା** ଆଜି କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ଦ୍ୱିତୀୟସ୍ଥ ବୁଧଙ୍କ ହେତୁ ବ୍ୟବହାରରେ କଠୋରତା ପରିହାର କରିବା ଭଲ। କାମ ସୁବିଧାରେ ନ ହେବା କାରଣରୁ ମାନସିକ ବ୍ୟଥା ଅନୁଭବ କରିବେ। ମାଲି ମକଦ୍ଦମା, ପ୍ରତିଯୋଗିତା କ୍ଷେତ୍ରରେ କୃତକାର୍ଯ୍ୟ ହେବେ।

**ଧନୁ** କାମରେ ତତ୍ପରତା ନ ଦେଖାଇଲେ ନିଜ ଲୋକଙ୍କଠାରୁ ଆସ୍ଥା ହରାଇ ବସିବେ। ଖର୍ଚ୍ଚ ପରିମାଣ ବୃଦ୍ଧିପାଇବା ହେତୁ ମନ ଆନମନା ହୋଇପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ, କିନ୍ତୁ ଏଥିପାଇଁ ବହୁତ ଝିନ୍‌ଝଟ୍ ହେବାକୁ ପଡ଼ିବ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ନାହିଁ। ଏଣେ ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ। ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଏବଂ ଆପଣଙ୍କ କାମ ହୋଇଯିବ। ଅଫିସିଆଲି କାମରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**କୁମ୍ଭ** ଶାରୀରିକ ସୁସ୍ଥତାଜନିତ ମାନସିକ ଅସୁସ୍ଥି ଲାଭ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ବ୍ୟବସାୟ କିମ୍ବା ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ପିଠି ଥାପୁଡ଼େଇ କାମ ହାସଲ କରୁଥିଲେ ମଧ୍ୟ ଆଜି ତାହା କାମକୁ ଆସିବ ନାହିଁ। ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ, ଏଣୁ ସତର୍କତା ଅବଲମ୍ବନ କରିବା ଭଲ। ଅନ୍ୟର କଥାକୁ ସତ ମନେକରି ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ବୁଝାମଣା ଅଭାବରୁ ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ।

ଆଜି ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ସୋମବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଶ୍ରୀଜୀଉଙ୍କର ଶ୍ରାଦ୍ଧବେଶ, ଦେବ ଦୀପାବଳି ଆରମ୍ଭ, ଶ୍ରୀମନ୍ଦିରରେ ଅଦିତି ଓ କଶ୍ୟପଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଡିସେମ୍ବର ୧୧ ତାରିଖ, ୟୁନିସେଫ୍ ଦିବସ, ଅନ୍ତର୍ଜାତୀୟ ପର୍ବତ ଦିବସ, ରାଶି ନକ୍ଷତ୍ର- ବିଶାଖା/ବିଛା, ଦିବା ଘ.୧୨।୧୨ ମି. ଗତେ, ଅନୁରାଧା ନକ୍ଷତ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୧୪ ଗତେ, ଘ.୦୭।୩୫ ମଧ୍ୟେ, ଘ.୦୯।୦୭ ଗତେ, ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୩୫ ଗତେ,ଘ.୦୮।୫୭ ମଧ୍ୟେ ରାହୁ କାଳ।

# ୧୭୬ ବ୍ୟାଗରେ ୩୦୫ କୋଟି

## ଟଙ୍କା ଗଣିବାକୁ ଆୟକର ବିଭାଗକୁ ୫ ଦିନ ଲାଗିଲା

**ବଲାଙ୍ଗୀର, ୧୦।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀର ଜିଲାର ମଦଭାଟି, ମଦ ବ୍ୟବସାୟୀଙ୍କ ଅଫିସ ଓ ବାସଭବନରେ ଚଢ଼ାଉ ବେଳେ ଆୟକର (ଆଇଟି) ବିଭାଗ ପକ୍ଷରୁ ଜବତ ବିପୁଳ ଅର୍ଥ ମଧ୍ୟରୁ କେବଳ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ମୁଖ୍ୟ ଶାଖାରେ ୫ ଦିନ ଧରି ଗଣତି କରାଯାଇଥିବା ଟଙ୍କା ୩୦୫ କୋଟି ବୋଲି ଜଣାପଡ଼ିଛି। ଏସ୍‌ବିଆଇ କ୍ଷେତ୍ରୀୟ ବ୍ୟବସାୟିକ ପରିଚାଳକ ଭଗତ ବେହେରା ରବିବାର ରାତି ପ୍ରାୟ ସାଢ଼େ ୯ଟାରେ ବ୍ୟାଙ୍କ ଭିତରୁ ବାହାରିଥିଲେ। ଗଣତି ପରେ କେତେ ଟଙ୍କା ମିଳିଲା ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କୁ ପ୍ରଶ୍ନ କରିଥିଲେ। ତେବେ ସେ କିଛି ନ କହି ଚାଲିଯାଇଥିଲେ। ମ୍ୟାନେଜର ବେହେରାଙ୍କୁ ସୁରକ୍ଷା କର୍ମୀମାନେ ସେଠାରୁ ନେଇଯାଇଥିଲେ। ଇତିମଧ୍ୟରେ ସେ ଫୋନ୍ ଯୋଗେ କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜବତ ୧୭୬ ବ୍ୟାଗରୁ ୩୦୫ କୋଟି ଟଙ୍କା ବାହାରିଥିବା ବିଷୟ କହିଥିବା ଜଣାପଡ଼ିଛି। ବେହେରା ଓ ମୁଖ୍ୟ ପରିଚାଳକ ସତ୍ୟନାରାୟଣ ମାଝିଙ୍କ ତତ୍ତ୍ୱାବଧାନରେ ୫୦ଟି ମେଶିନ୍‌ରେ ଚାଲିଥିବା ଗଣତି କାର୍ଯ୍ୟରେ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଥିଲେ। ଏପରି କି ଅନେକ ଗଣତି ମେଶିନ୍ ଅକାମୀ ହୋଇଯାଇଥିଲା। ଗଣତି ବେଳେ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ, ୪ ସବ୍‌ଇନ୍ସପେକ୍ଟର, ଜଣେ ଇନ୍ସପେକ୍ଟର ଓ ଜଣେ ଡିଏସ୍‌ପି ଦାୟିତ୍ୱରେ ରହିଥିଲେ। ସିଆଇଏସ୍‌ଏଫ୍‌ର ପ୍ରାୟ ୨୦ ସୁରକ୍ଷା କର୍ମୀ ମଧ୍ୟ ବ୍ୟାଙ୍କ, ଭାଟି ଓ ଅନ୍ୟ ସ୍ଥାନଗୁଡ଼ିକରେ ମୁତୟନ ହୋଇଥିଲେ। ସୁଦପଡ଼ା ମଦଭାଟି, କ୍ଲବ୍‌ପଡ଼ା ଅଫିସ, ଭାଟି ମ୍ୟାନେଜର ରାଜେଶ ସାହୁ ଓ ବଣ୍ଟି ସାହୁଙ୍କ ଭଡ଼ାଘର, ଟିଟିଲାଗଡ଼ ମଦ ବ୍ୟବସାୟୀ ଦୀପକ ସାହୁ ଓ ସଞ୍ଜୟ ସାହୁଙ୍କ ବାସଭବନ, ଟିଟିଲାଗଡ଼ରେ ଥିବା ମଦଭାଟି ଉପରେ ଆୟକର ବିଭାଗ କଡ଼ା ନଜର ରଖିଛି। ସେଠାରେ ସୁରକ୍ଷା କର୍ମୀ ଓ ଆଇଟି ବିଭାଗ ଅଧିକାରୀ ପଇଁତରା ମାରୁଛନ୍ତି।

# କଇଁଛ ସୁରକ୍ଷା ପାଇଁ ୬୬ ପାଟ୍ରୋଲିଂ କ୍ୟାମ୍ପ

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ

**ଭୁବନେଶ୍ୱର, ୧୦।୧୨ (ଅସମାପିକା ସାହୁ)**

ଓଡ଼ିଶାର ସାମୁଦ୍ରିକ ତଟ ଗହୀରମଥା ବନ୍ୟପ୍ରାଣୀ ଅଭୟାରଣ୍ୟ, ଭିତରକନିକା ଅଭୟାରଣ୍ୟ, ଦେବୀ ନଦୀ ମୁହାଣ, ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟ, ଋଷିକୂଲ୍ୟା ବନ୍ୟପ୍ରାଣୀ ଅଭୟାରଣ୍ୟ ନଦୀତଟକୁ ପ୍ରତି ବର୍ଷ ଲକ୍ଷାଧିକ ସଂଖ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡା ଦେବାକୁ ଆସିଥାନ୍ତି। କଇଁଛ ଓ ଅଣ୍ଡାକୁ ସୁରକ୍ଷା ଦେବା ପାଇଁ ପ୍ରତିବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଚଳିତବର୍ଷ ମଧ୍ୟ ଏ ଦିଗରେ ଆବଶ୍ୟକ ସହଯୋଗ ଦିଆଯାଉଛି ଓ ଏହା ଜାରି ରହିବ ବୋଲି ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣକୁ ନେଇ ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି। ପ୍ରଧାନ ବନ ସଂରକ୍ଷକ(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦଙ୍କ ତତ୍ତ୍ୱାବଧାନରେ ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ପ୍ରଥମେ ୨୦୨୨ ନଭେମ୍ବର ବୈଠକରେ ହୋଇଥିବା ନିଷ୍ପତ୍ତିର କାର୍ଯ୍ୟାନୁଷ୍ଠାନ ଏବଂ ୨୦୨୨-୨୩ ବର୍ଷରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଗତ ନଭେମ୍ବର ପହିଲାରୁ ଅଲିଭ୍ ରିଡ୍‌ଲେ କଇଁଛର ସୁରକ୍ଷା ଓ ସଂରକ୍ଷଣ ପାଇଁ ଋତୁଭିତ୍ତିକ କାର୍ଯ୍ୟ ଆରମ୍ଭ ହୋଇସାରିଛି ଏବଂ କେନ୍ଦ୍ରୀୟ ମନିଟରିଂ ୟୁନିଟ୍ ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟରେ କାର୍ଯ୍ୟ କରୁଛି। ଗତବର୍ଷ ପରି ଚଳିତବର୍ଷ ମଧ୍ୟ ୬୬ଟି ପାଟ୍ରୋଲିଂ କ୍ୟାମ୍ପ(୬୧ଟି ଅନ୍ ସୋର୍ ଓ ୫ଟି ଅଫ୍ ସୋର୍) ଭିଏଚ୍‌ଏଫ୍, ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ସୁବିଧା ସହିତ କାର୍ଯ୍ୟ କରିବ ବୋଲି ପିସିସିଏଫ୍ ସୂଚନା ଦେଇଛନ୍ତି।

ଧରିତ୍ରୀ DHARITRI Oriya daily

**ଆବଶ୍ୟକ କରୁଛି**

**ପ୍ଲମ୍ବର**

ପ୍ରାର୍ଥୀ ପ୍ଲମ୍ବିଂରେ ଆଇ.ଟି.ଆଇ. କିମ୍ବା ଡିପ୍ଲୋମା ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତି କମ୍‌ରେ ୨ ବର୍ଷରୁ ଅଧିକ ଅଭିଜ୍ଞତା ଥିବ ଓ ତାଙ୍କ ବୟସ ୪୦ ବର୍ଷରୁ କମ୍ ହୋଇଥିବା ବାଞ୍ଛନୀୟ । ସେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଫିଟ୍ ଥିବା ଆବଶ୍ୟକ ।

ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଇମେଲ୍ ଠିକଣାରେ ଦରଖାସ୍ତ ପଠାଇବେ
recruitment@dharitri.com

ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ ।






“ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆଗେ ତାଙ୍କର ଅଦ୍ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। –ଶ୍ରୀମା



# ସଂଯୋଗ ବା ଷଡ଼ଯନ୍ତ୍ର

ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା) ବିଜୟ ହାସଲ କରିବା ପରେ ବିରୋଧୀ ଶିବିରରେ ନୈରାଶ୍ୟ ଖେଳିଯାଇଛି। ତଥାପି ବିରୋଧୀଙ୍କୁ ଆହୁରି ଚାପରେ ରଖିବା ପାଇଁ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଲାଗି ପଡ଼ିଛନ୍ତି। ଏବେ ପାର୍ଲାମେଣ୍ଟରୁ ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ରଙ୍କୁ ବହିଷ୍କାର କରାଯିବା ଘଟଣା ଆଲୋଚନାକୁ ନିଆଯାଇପାରେ। ମହୁଆଙ୍କ ଗତ ୨୦୧୯ ଠାରୁ ଆଜି ପର୍ଯ୍ୟନ୍ତ ସଂସଦରେ କାର୍ଯ୍ୟକଳାପ ଦେଖିଲେ ସ୍ପଷ୍ଟ ବିରୋଧୀ ଆଭିମୁଖ୍ୟ ବୁଝାପଡ଼େ। ବିଶେଷକରି ଗୌତମ ଆଦାନୀଙ୍କର ଅନେକ ତଥ୍ୟ ପ୍ରକାଶ ହେବା ପରେ ସେହି ବିଷୟକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ମହୁଆ ତାଙ୍କର ପାର୍ଲାମେଣ୍ଟାରୀ ଜୀବନକୁ ଦେଶବାସୀଙ୍କ ସାମ୍ନାରେ ଉପସ୍ଥାପିତ କରିଆସୁଥିଲେ। ଆଦାନୀଙ୍କର ଭାଜପା ନେତୃତ୍ୱ ସହିତ ଘନିଷ୍ଠତା ସମ୍ପର୍କରେ ସମସ୍ତେ ଜାଣନ୍ତି। ଏଭଳି ସ୍ଥିତିରେ ମହୁଆଙ୍କ ଆକ୍ରମଣକୁ ବ୍ୟକ୍ତିଗତ ଭାବେ କ୍ଷମତାସୀନ ନେତାମାନେ ନିଜଆଡ଼କୁ ଟାଣିନେଲା ଭଳି ମନେହେଉଛି। ପ୍ରତିଶୋଧ ଭାବେ ମହୁଆଙ୍କୁ ପାର୍ଲାମେଣ୍ଟରୁ ବହିଷ୍କାର କରାଗଲା ବୋଲି ଯାହା କେତେକ ମହଲରେ ମତ ପ୍ରକାଶ ପାଉଛି, ତାହା ସମ୍ପୂର୍ଣ୍ଣ ଭାବେ ଅବିଶ୍ୱସନୀୟ ନୁହେଁ ବୋଲି ଏବେ ବୁଝାପଡୁଛି। ପ୍ରଶ୍ନ ପଚାରିବା ପାଇଁ ଅର୍ଥ ସ୍ୱୀକାର ମହୁଆ କରିଛନ୍ତି ବୋଲି ଯାହା କୁହାଯାଉଛି ତାହା, ସମ୍ଭବତଃ, ଯେକୌଣସି ସାଂସଦଙ୍କ ବିରୋଧରେ ଅଣାଯାଇ ପାରିବ। ଏଭଳି ଅଭିଯୋଗ ଜଣେ ଲୋକପ୍ରତିନିଧିଙ୍କୁ ଗୃହରୁ ବହିଷ୍କୃତ ହେବାଭଳି ସ୍ଥିତିରେ ପହଞ୍ଚାଇବା ଉଚିତ ନୁହେଁ। ଏଠାରେ ମନେରଖିବାକୁ ହେବ ଯେ ମହୁଆ ଅନେକ ଲକ୍ଷ ଲୋକଙ୍କ ପ୍ରତିନିଧି। ତାଙ୍କ ନିର୍ବାଚନମଣ୍ଡଳୀରେ ଥିବା ଭୋଟର ତାଙ୍କ ସମ୍ପର୍କରେ ନିଷ୍ପତ୍ତି ନେବାର ଯୋଗ୍ୟତା ରଖିଛନ୍ତି। ଆଉ କେତୋଟି ମାସ ପରେ ଲୋକ ସଭା ନିର୍ବାଚନ ହେବ। ସେହି ଅଗ୍ନି ପରୀକ୍ଷା ଦେବା ପାଇଁ ମହୁଆ ବାଧ୍ୟ ହୋଇଥାନ୍ତେ। କିନ୍ତୁ ବ୍ୟତିବ୍ୟସ୍ତ ହୋଇ ଏହିଭଳି ପଦକ୍ଷେପ ପାର୍ଲାମେଣ୍ଟର ସଦାଚାର କମିଟି ପକ୍ଷରୁ ନିଆଯାଇଥାଇପାରେ ବୋଲି ମତ ପ୍ରକାଶ ପାଉଛି। ସୋସିଆଲ ମିଡିଆକୁ ଦେଖିଲେ କମିଟିର କେତେକ ସଦସ୍ୟ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ମହୁଆଙ୍କ ବିରୋଧରେ ଭୋଟ ଦେବା ପାଇଁ ବିଭିନ୍ନ କେନ୍ଦ୍ର ମନ୍ତ୍ରୀଙ୍କଠାରୁ ଧମକ ପାଉଥିଲେ। ଏହା ଯଦି ସତ ହୋଇଥାଏ, ତେବେ ସମସ୍ୟାଟି ମହୁଆଙ୍କ ବହିଷ୍କାରରେ ଶେଷ ହେଲା ନାହିଁ। ଅପରପକ୍ଷରେ ଏହା ଯେଉଁ ନିଆଁ ଲଗାଇଛି ତାହା ଭବିଷ୍ୟତରେ ସଂସଦୀୟ ଗଣତନ୍ତ୍ରକୁ କ୍ଷତି ପହଞ୍ଚାଇପାରେ। ବିରୋଧୀଙ୍କ ମତ ଶୁଣିବା ପାଇଁ ସରକାର ସବୁବେଳେ ପ୍ରସ୍ତୁତ ରହିବା ଉଚିତ। ପ୍ରତ୍ୟେକ ସମାଲୋଚନାକୁ ଅସହିଷ୍ଣୁତା ମାଧ୍ୟମରେ ଜବାବ ଦିଆଗଲେ ସ୍ଥିତି ଅଗଣତାନ୍ତ୍ରିକ ହୋଇଯିବ।

‘ପ୍ରଶ୍ନ ପଚାରିବା ପାଇଁ ଅର୍ଥ ନେବା’ ଘଟଣାରେ ମହୁଆଙ୍କ ଭୂମିକା ରହିଥିବା କହି ପାର୍ଲାମେଣ୍ଟର ସଦାଚାର କମିଟି ରିପୋର୍ଟ ଦେବା ପରେ ତାଙ୍କୁ ସଂସଦରୁ ବିଦା କରାଯାଇଛି। ଏହି ଘଟଣାରେ ମହୁଆଙ୍କୁ ତାଙ୍କ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇ ନାହିଁ। ବିଚାର ବ୍ୟବସ୍ଥାରେ ଅଭିଯୁକ୍ତଙ୍କୁ ଓକିଲଙ୍କ ଜରିଆରେ ପକ୍ଷ ରଖିବାର ସୁଯୋଗ ରହିଥାଏ। ମହୁଆ ନିର୍ବାଚିତ ପ୍ରତିନିଧି ହୋଇଥିବାରୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ତାଙ୍କୁ ଅନୁରୂପ ସୁଯୋଗ ମିଳିବା କଥା। ସବୁଠାରୁ କୌତୂହଳର ବିଷୟ ହେଉଛି ଯେ, ଶିଳ୍ପପତି ଦର୍ଶନ ହିରାନନ୍ଦାନିଙ୍କୁ ସଦାଚାର କମିଟି ପକ୍ଷରୁ ଆଦୌ ପ୍ରଶ୍ନ ମଧ୍ୟ ପଚରାଯାଇ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ବିବାଦୀୟ ଶିଳ୍ପପତି ଗୌତମ ଆଦାନୀଙ୍କ ବିଷୟରେ ପାର୍ଲାମେଣ୍ଟରେ ପ୍ରଶ୍ନ ପଚାରିବା ଲାଗି ମହୁଆଙ୍କୁ ହିରାନନ୍ଦାନି ଅର୍ଥ ଦେଇଥିବା କହିବା ପରେ ଭାରତୀୟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଥିଲା। ଏମିତି ଦେଖିଲେ କେନ୍ଦ୍ର ସରକାରଙ୍କ ନୀତିକୁ ମହୁଆ ତଥ୍ୟ ପ୍ରମାଣ ଦେଇ ବିରୋଧ କରି ଆସୁଥିଲେ। ତେଣୁ ତାଙ୍କ ସ୍ୱରକୁ ଚପାଇ ଦେବା ଲାଗି ଶାସକଙ୍କ ପକ୍ଷରୁ ଚିନ୍ତା କରାଯାଉଥିଲା ଭଳି ମନେହୁଏ। ସଂଯୋଗବଶତଃ ହେଉ ବା ଷଡ଼ଯନ୍ତ୍ରରେ ଫସି ମହୁଆ ଗାତରେ ପଡ଼ିଯିବାରୁ ତାଙ୍କୁ ବହିଷ୍କାର କରିବା ସହଜ ହୋଇଗଲା।

ଏମିତି ଦେଖିଲେ କେନ୍ଦ୍ର ସରକାରଙ୍କ ନୀତିକୁ ମହୁଆ ତଥ୍ୟ ପ୍ରମାଣ ଦେଇ ବିରୋଧ କରି ଆସୁଥିଲେ। ତେଣୁ ତାଙ୍କ ସ୍ୱରକୁ ଚପାଇ ଦେବା ଲାଗି ଶାସକଙ୍କ ପକ୍ଷରୁ ଚିନ୍ତା କରାଯାଉଥିଲା ଭଳି ମନେହୁଏ। ସଂଯୋଗବଶତଃ ହେଉ ବା ଷଡ଼ଯନ୍ତ୍ରରେ ଫସି ମହୁଆ ଗାତରେ ପଡ଼ିଯିବାରୁ ତାଙ୍କୁ ବହିଷ୍କାର କରିବା ସହଜ ହୋଇଗଲା।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | 6 | | | | 1 | | |
| | | | | | 2 | | 9 | |
| | 5 | | | | | 6 | | 2 |
| 5 | 7 | | 1 | 9 | | | | |
| | 1 | | | 2 | 5 | 4 | | |
| 3 | | | | | 4 | | | |
| | | | | | | | 8 | |
| 6 | 3 | | | 7 | | | | |
| | | | 9 | 4 | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 9 | 4 | 1 | 8 | 2 | 5 | 7 |
| 1 | 7 | 5 | 6 | 9 | 2 | 4 | 3 | 8 |
| 2 | 4 | 8 | 3 | 7 | 5 | 9 | 6 | 1 |
| 8 | 2 | 4 | 1 | 6 | 3 | 5 | 7 | 9 |
| 9 | 6 | 3 | 7 | 5 | 4 | 8 | 1 | 2 |
| 5 | 1 | 7 | 8 | 2 | 9 | 3 | 4 | 6 |
| 3 | 8 | 6 | 2 | 4 | 7 | 1 | 9 | 5 |
| 7 | 9 | 2 | 5 | 3 | 1 | 6 | 8 | 4 |
| 4 | 5 | 1 | 9 | 8 | 6 | 7 | 2 | 3 |

ଗତକାଲିର ଉତ୍ତର

# ଚାଷ କାହିଁକି କରିବା



ଡି ଶୁଭମ୍

ଓଡ଼ିଶା ଏବେ ଅଭିବୃଦ୍ଧିର ଧାରାରେ ଯାଉଥିବା ବେଳେ କୃଷିର କଥାକୁ ଯଦି ଆମେ ଟିକେ ନିରିଖେଇ ଦେଖିବା, ଏହା ସ୍ପଷ୍ଟ ଭାବରେ ବାରିହୋଇ ପଡ଼ିବ ଯେ କୃଷିକୁ ନେଇ ଲୋକଙ୍କର ପରିଭାଷା ବଦଳିଛି। ସମୟ ଥିଲା ଆମେ ଚାଷକୁ ନେଇ ଜିଉଁଥିଲେ। ଚାଷକୁ ନେଇ ବଞ୍ଚିବାର ସ୍ୱପ୍ନ ଦେଖୁଥିଲେ। କିନ୍ତୁ ଶିଳ୍ପଭିତ୍ତିକ ସଭ୍ୟତା ଯେବେ ଚରମ ସୀମା ଆଡ଼କୁ ଗତି କଲା କୃଷି କ୍ଷେତ୍ରରେ ଆସିଲା ବିରାଟ ପରିବର୍ତ୍ତନ। ତଥାପି ଚାଷକୁ ନେଇ ସଂଜ୍ଞା ଏବେ ବଦଳିଛି। ତବେ କଥା ହେଉଛି ଆମେ ଚାଷ କାହିଁକି କରିବା ? ସମାଜରେ କୃଷିର ଆବଶ୍ୟକତା କ'ଣ ? ଚାଷ ବିନା କ'ଣ ଆମେ ବଞ୍ଚିପାରିବାନି ?

ଓଡ଼ିଶାର ମୋଟ ଜନସଂଖ୍ୟାର ୭୬ ପ୍ରତିଶତ ଏବେ କୃଷି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପାଖାପାଖି ୮୭,୪୬,୦୦୦ ହେକ୍ଟର ଜମିରେ ଚାଷ କାର୍ଯ୍ୟ ହେଉଛି। ଓଡ଼ିଶା କୃଷିର ଏକ ବଡ଼ ହବ୍ କହିଲେ ଅତ୍ୟୁକ୍ତି ହେବ ନାହିଁ। ଆମ ରାଜ୍ୟର ଚାଷୀ ଧାନ ସହ ତୈଳବୀଜ, ଅର୍ଥକରୀ ଓ ଡାଲି ଜାତୀୟ ଫସଲ ମଧ୍ୟ ଉତ୍ପାଦନ କରି ଏକ ବଡ଼ ଭୂମିକା ନିଭାଉଛନ୍ତି। ଜଳବାୟୁର ଅନିଶ୍ଚିତତା ଓ ଅଦିନିଆ ବର୍ଷାକୁ ପାଥେୟକରି ଓଡ଼ିଶା ୨୦୨୨–୨୩ ମସିହାରେ ୧୩.୬୦୬ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରିଛି। ଏଇ ତିନିବର୍ଷ ତଳକୁ ଯଦି ଆମେ ଫେରିଯିବା ଯେବେ କରୋନା ଦେଶକୁ ଗ୍ରାସ କରିଥିଲା ସେବେ ଖାଦ୍ୟର ମହତ୍ତ୍ୱକୁ ଆମେ ଉପଲବ୍ଧି କରିପାରିଥିଲେ। ତାଲାବନ୍ଦ ହୋଇ ଘରେ ବସିବା ବେଳେ ଆମେ ସଂକଟକୁ ପାଖରୁ ଅନୁଭବ କରିଥିଲେ। ଏମିତି ଦୁଇବର୍ଷରୁ ଅଧିକ ସମୟ ଯେବେ ଲୋକ ବାହାରକୁ ଚାକିରି କରିବାକୁ ନ ଯାଇ ଘରର ଚାରି କାନ୍ଥ ଭିତରେ ବନ୍ଦ ହୋଇ ରହିଲେ ସେବେ ନିଜ ଗାଁ ମାଟି କଥା ମନରେ ଆସିଲା। ପ୍ରକୃତରେ କ୍ଷେତରେ ଚାଷ କରିବା ଆଉ ମଞ୍ଚ ଉପରେ ଚାଷୀ ବିଷୟରେ କହି ବାହାବା ନେବା ଭିତରେ ଢେର ଫରକ। ଆମେ କାଦୁଅ କ୍ଷେତରେ ଗୋଡ଼ ପଶେଇବାକୁ ଚାହୁଁନାହୁଁ କିନ୍ତୁ ଚାଷୀ ବିଷୟରେ ଅନେକ କଥା କହି ପ୍ରଶଂସା ସାଉଁଟୁଛୁ। ଏହାଦ୍ୱାରା କ'ଣ ପ୍ରକୃତ କ୍ଷେତ୍ରରେ ଚାଷୀର ସମସ୍ୟାକୁ ଜାଣିହେବ ? ନିଜେ ତୃଣମୂଳ ସ୍ତରରୁ ଚାଷୀଙ୍କ ସହ ମିଶିଲେ ହିଁ ସେମାନଙ୍କ ମୌଳିକ ସମସ୍ୟାର ସମାଧାନ କରିହେବ। ଚାଷୀ କେବେ ସହାନୁଭୂତି ଲୋଡେନି କି କାହାର ସାହାଯ୍ୟକୁ ଅପେକ୍ଷା କରେନି।

ଫନୀ ହେଉ କି କରୋନା– ଅନେକ ସମୟରେ ଏହା ଚାଷୀଙ୍କ ପାଇଁ ବାଧକ ହୋଇଥିଲେ ହିଁ ପୁଣି ଥରେ ଚାଷୀ ମୁଣ୍ଡ ଟେକି ଉଠିଛି। ଏ ତ ପାରିବାପଣିଆର ସଂଜ୍ଞାକୁ ବୁଝାଏ। ଚାଷୀ ପାଖରେ ଯାଇ ଦି ପଦ ସହାନୁଭୂତିର ପଦ କହିଦେଇଆସିଲେ ତା'ର ପେଟ ପୂରେ ନାହିଁ। ବରଂ ପ୍ରକୃତ ପକ୍ଷରେ ଚାଷୀ ସହ ଯୋଡ଼ିହୋଇ ତାଙ୍କର ସମସ୍ୟା ଉପରେ



ଗୁରୁତ୍ୱ ଦେଇ କାମ କଲେ ହିଁ ଚାଷୀଟି ଖୁସି ହୁଏ। ସେ ତ ପଲଉ ବିରିୟାନୀକୁ ଲୋଭ କରେନି। ପଖାଳ ଶାଗରେ ସେ ମନଭରି ଶାନ୍ତି ଅନୁଭବ କରେ। ସେ ଚଷାଘର ପୁଅ। ଚାଷୀକୁ ଲୋକେ ମଜୁରିଆ କହନ୍ତି। ସେ ହିଁ ରାଷ୍ଟ୍ର ଗଠନର ମଙ୍ଗ ଧରେ। କିନ୍ତୁ ସମୟ ଆସି ଏପରି ସ୍ଥାନରେ ଉପନୀତ ଯେ ଆଉ କୃଷି ବୋଲି ଶବ୍ଦ ପିଲାଙ୍କୁ ପଚାରିଲେ ବି ଏହାର ସଂଜ୍ଞା କହିପାରିବେନି। କାରଣ ସବୁ ତ ଏବେ ପାଠପଢ଼ା ପରେ ଚାକିରି ନିଶାରେ ଘୂରିବୁଲିଲେ। ଆଉ ଶେଷରେ କିଛି ନ ହେଲେ ବାହାର ରାଜ୍ୟରେ ଦାଦନ ଖଟିବା ଥୟ। ଏଇଟା ତ ନିରାଟ ସତ କଥା। ଆପଣ ଦେଖିଥିବେ ସେ ସମୟରେ ଚାଷୀ କେବେ ବସିନି। ଚାଷୀ ଚାଷର କଥା କହିବାକୁ କେବେ ବନ୍ଦ କରିନି। କର୍ମମୟ ଜୀବନରେ ନା ଥକାପଣକୁ ଚାଷୀ କେବେ ଅନୁଭବ କରିନି। କାରଣ ସେ ମାଟିର ସନ୍ତାନ। ମାଟି ପାଇଁ କାମ କରିବାକୁ ସଂକଳ୍ପ ନେଇ ଚାଷୀ ଦେଶର ଅର୍ଥନୀତିକୁ ବିକାଶ ଆଡ଼କୁ ନିଏ। ସାରଥି ସାଜି ସେ ରାଜ୍ୟ ତଥା ଦେଶର ପ୍ରଗତିରେ ମୁଖ୍ୟ ଭୂମିକା ନିଭାଏ।

ଚାକିରିର ନିଶାରେ ଏବେ ସମସ୍ତେ ମତୁଆଲା। ସେଥିପାଇଁ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି। ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ୍ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷକରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। ଏବେ ବି ଯୁବଗୋଷ୍ଠୀ ଜୈବିକ ଉପାୟରେ ଚାଷ କରି ଅନେକ ଟଙ୍କା ରୋଜଗାର କରୁଛନ୍ତି। ହାଇଡ୍ରୋପନିକ୍ସ, ସମନ୍ୱିତ ଚାଷ ପଦ୍ଧତି, ଜୈବିକ ଚାଷ ପରି ବିଭିନ୍ନ ପ୍ରଣାଳୀକୁ ଆପଣେଇ ଆଜିର ଯୁଗରେ ବେଶ୍ ନାଁ ଅର୍ଜନ କରିପାରିଛନ୍ତି।

ସାଧାରଣତଃ ଆମେ ମାଟିରେ ଗଛ ବଢୁଥିବା ଦେଖିଛେ, କିନ୍ତୁ ହାଇଡ୍ରୋପୋନିକ୍ସ ସେ ସବୁରୁ ଟିକିଏ ଭିନ୍ନ। କୃଷି କ୍ଷେତ୍ରରେ ଏହା ଏକ ଆଧୁନିକୀକରଣ ପଦ୍ଧତି। ବିନା ମୃତ୍ତିକା ସାହାଯ୍ୟରେ ଗଛକୁ ବଢ଼ାଇବା ପଦ୍ଧତିକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଶୁଣିବାକୁ ଟିକେ ଆଶ୍ଚର୍ଯ୍ୟ ଲାଗୁଥିଲେ ହିଁ ସତ। ଏହି ପ୍ରଣାଳୀରେ କେବଳ ପାଣିରେ ଗଛ ବଢ଼ିପାରିବ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢ଼ାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ। ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ ହୋଇପାରିବ। ସ୍ୱଳ୍ପ ସ୍ଥାନ ଏବଂ ଖୁବ କମ୍ ସମୟରେ ଅଧିକ ଫସଲ ଅମଳ କରାଯାଇପାରିବ। ଏହାଦ୍ୱାରା ଜୈବିକ ଫସଲ ଉତ୍ପାଦନ ହେବ। ପରିବାରର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ, ଯାହାକି ସମସ୍ତ ପନିପରିବାର ଚାହିଦା ପୂରଣ କରିପାରିବ।

ଏହାରି ଭିତରେ ଆସେ ସମନ୍ୱିତ ଚାଷର କଥା। ଏହା ହେଉଛି ଏକ ପ୍ରକାରର ମିଶ୍ରିତ ଚାଷ। ଏହି ପଦ୍ଧତିରେ ସମସ୍ତ ପ୍ରକାର ଚାଷର ମିଶ୍ରଣରେ ଏକ ସନ୍ତୁଳିତ ପରିବେଶ ସୃଷ୍ଟି କରାଯାଇପାରିବ। ସମନ୍ୱିତ ଚାଷର ମୌଳିକ ତଥ୍ୟ ହେଉଛି ଏକ ସୀମିତ ଜାଗାରେ ସମସ୍ତ ପ୍ରକାର ଚାଷ, ଯେଉଁଭଳି ଗୋଟିଏ ଚାଷର ଅତିରିକ୍ତ ଉପାଦାନ ଅନ୍ୟ ଏକ ଚାଷର ମୁଖ୍ୟ ଉତ୍ପାଦନ ଭାବରେ ବ୍ୟବହାର କରାଯାଇ ପାରିବ। ବିଭିନ୍ନ ପ୍ରକାର ଫସଲ ଉତ୍ପାଦନ ସହିତ ନିୟମିତ ଭାବରେ ରୋଜଗାର ପ୍ରଦାନ ଓ ଅର୍ଥ ଉପାର୍ଜନ କରିହେବ। ସମନ୍ୱିତ ଚାଷ ପଦ୍ଧତି ଦ୍ୱାରା କ୍ଷୁଦ୍ର ବା ମଧ୍ୟମ ଧରଣର ଚାଷୀଙ୍କ ରୋଜଗାର ବୃଦ୍ଧି ପାଇଥାଏ। ଅଳ୍ପ ବିନିଯୋଗରେ ପ୍ରତିବର୍ଷ ଲାଭ ବଢ଼ିଥାଏ। ଏହା ସହିତ ପରିବେଶ ସୁରକ୍ଷା ମଧ୍ୟ ହୋଇଥାଏ। ଏସବୁ କେତେକ ଉଦାହରଣ ମାତ୍ର। ଜଣେ ଯୁବ ଉଦ୍ୟୋଗୀ କୃଷିକୁ ନେଇ ଅନେକ ଆଗକୁ ଯାଇପାରିବ, ଏଥିରେ ସନ୍ଦେହ ନାହିଁ।

ଆମେ ଚାଷ କରିବି ଟଙ୍କା ରୋଜଗାର କରିପାରିବା। ଚାଷ ଆମକୁ ଉଦ୍ୟୋଗୀ ବନାଇପାରେ। ଏ ଉଦ୍ୟୋଗ ଆମକୁ ରୋଜଗାର ଦେବା ସହ ଅନ୍ୟମାନଙ୍କୁ କର୍ମସଂସ୍ଥାନ ଯୋଗାଇପାରେ। ତେବେ ଏଥିପାଇଁ ଇଚ୍ଛାଶକ୍ତିର ଗୁରୁତ୍ୱ ଅନେକ। ଜଣେ ଯଦି ସ୍ୱଇଚ୍ଛାରେ ଏସବୁ କରିବାକୁ ଆଗ୍ରହ କରିବ, ତେବେ ଏଥିରୁ ସୁଫଳ ମିଳିବାଟା ଥୟ। ଏଥିରେ ଦ୍ୱିମତ ନାହିଁ। ସୁତରାଂ ଆଉ ଅନାଦର ନୁହେଁ ବରଂ ଏହାକୁ ସୁଦୂରପ୍ରସାରୀ କରିବା ଦିଗରେ କାର୍ଯ୍ୟକରିବା।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର,**
**ମୋ:୯୪୩୮୪୬୭୦୭୯**

# ମେଧାବୀ ଆତ୍ମହତ୍ୟା ବଢୁଛି



ହରିହର ତ୍ରିପାଠୀ

ରାଜସ୍ଥାନର କୋଟା ସହରରେ ନିଟ୍ ଓ ଆଇଆଇଟି ଲାଗି ପ୍ରସ୍ତୁତ ହେଉଥିବା ପିଲାଙ୍କ ଆତ୍ମହତ୍ୟା ବଢ଼ିବା ଘଟଣା ଦେଶରେ ଚହଳ ସୃଷ୍ଟି କରିଛି। କୋଟାକୁ ନିଟ୍, ଆଇଆଇଟି ପ୍ରସ୍ତୁତିର କାରଖାନା କୁହାଯାଏ। ଏଠାରେ ଥିବା କୋଚିଂ ଅନୁଷ୍ଠାନରେ ପଢ଼ି ପିଲାଏ ପ୍ରତିଯୋଗିତାମୂଳକ ପ୍ରବେଶିକା ପରୀକ୍ଷାରେ ଯେମିତି ଉତ୍ତୀର୍ଣ୍ଣ ହେଉଛନ୍ତି ଅନୁରୂପ ଭାବେ ଏଠାରେ ଛାତ୍ରୀଛାତ୍ରମାନେ ବିଭିନ୍ନ କାରଣରୁ ଆତ୍ମହତ୍ୟା ବି କରୁଛନ୍ତି। ଦେଶର ସମୁଦାୟ ୨୩ଟି ଆଇଆଇଟିରେ ଛାତ୍ରୀଛାତ୍ରମାନଙ୍କ ଭିତରେ ମଧ୍ୟ ଆତ୍ମହତ୍ୟା ପ୍ରବଣତା ବଢୁଛି। କିଛିଦିନ ତଳେ ଦୁଇଥର ନିଟ୍ ପ୍ରବେଶିକା ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ ଚେନ୍ନାଇର ଏସ୍.ଜଗଦୀସରନ ନାମକ ପିଲାଟିଏ ଆତ୍ମହତ୍ୟା କରିଦେଇଥିଲେ। ଏହାର ଦୁଇଦିନ ପରେ ତାଙ୍କ ବାପା ପି. ସେଲଭାଶେଖର ମଧ୍ୟ ଆତ୍ମହତ୍ୟା କରିଥିଲେ। ନିଟ୍‌ରେ ଅକୃତକାର୍ଯ୍ୟ ହେବାରୁ ପୁଅ ଏଭଳି ପଦକ୍ଷେପ ନେଇଥିବା ବେଳେ ବାପା ନିଟ୍ ପରୀକ୍ଷା ପଦ୍ଧତିକୁ ଦୋଷାରୋପ କରି ଜୀବନ ହାରିଛନ୍ତି।

ପ୍ରଶ୍ନ ଉଠୁଛି ଏଭଳି ହେଉଛି କାହିଁକି? ଆଇଆଇଟି ଅନୁଷ୍ଠାନ କ'ଣ ଭଗବାନ୍? ଏମିତି ପ୍ରଶ୍ନଟିଏ ପଚାରିଛନ୍ତି ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ। କୋଟାରେ ମେଧାବୀ ଛାତ୍ରୀଛାତ୍ରମାନଙ୍କ ଆତ୍ମହତ୍ୟା ପରିପ୍ରେକ୍ଷୀରେ ସେ ଏକଥା କହିଛନ୍ତି। ପିତାମାତାମାନଙ୍କ ଭିତରେ ନିଜର ପିଲାମାନଙ୍କୁ ନେଇ ଯେଉଁ ଅତିରିକ୍ତ ଉଚ୍ଚାକାଂକ୍ଷା ଭାବନା ରହୁଛି, ତାହା ଆମର ପିଲାମାନଙ୍କୁ ନିଜର କ୍ୟାରିଅରକୁ ନେଇ ଅତିମାତ୍ରାରେ ସମ୍ବେଦନଶୀଳ କରି ପକାଉଛି। ଏହା ଖୁବ୍ ବିପଜ୍ଜନକ। ପିଲାମାନେ ନିଟ୍ କିମ୍ବା ଆଇଆଇଟି ଲାଗି ପ୍ରସ୍ତୁତି ଦଶମ ଶ୍ରେଣୀରୁ ଆରମ୍ଭ କରୁଛନ୍ତି। ଏ ଦିଗରେ ଦେଶର କିଛି ନାମୀ କୋଚିଂ ଅନୁଷ୍ଠାନ ପିଲାମାନଙ୍କୁ ପ୍ରୋତ୍ସାହନ ଦେଉଛନ୍ତି। ସେମାନେ ନିଜ ନିଜର କୋଚିଂ ଅନୁଷ୍ଠାନରେ ଡମି ସ୍କୁଲ ଚଳାଉଛନ୍ତି। ପିଲାମାନଙ୍କ ନାଁ ଗୋଟେ ସ୍କୁଲରେ ଗଢୁଛି, ପାଠପଢ଼ା କୋଚିଂ ଅନୁଷ୍ଠାନର ଏହି ଡମି ସ୍କୁଲରେ ହେଉଛି। ଏହା ଦ୍ୱାରା ପିଲାମାନଙ୍କ ଉପରେ ପଢ଼ାର ପ୍ରବଳ ଚାପ ପଡୁଛି। ଗୋଟିଏ ପଟେ ଦଶମ ଏବଂ ଦ୍ୱାଦଶ ବୋର୍ଡ଼ ପରୀକ୍ଷାରେ ଭଲ କରିବା ଏବଂ ଅନ୍ୟ ପଟେ ନିଟ୍ ବା ଆଇଆଇଟି ପ୍ରବେଶିକା ଲାଗି ପ୍ରସ୍ତୁତି କରିବା। ଏଭଳି ପାଠପଢ଼ାର ଚାପ ଲାଗି ଅନେକ ପିଲା ଜୀବନ ହାରିଦେବାକୁ ବି ପଛାଉ ନାହାନ୍ତି। ସୂଚନାଯୋଗ୍ୟ, କୋଟାରେ ଚଳିତବର୍ଷ ପ୍ରାଣ ହରାଇଥିବା ୨୨ଜଣ ପିଲାଙ୍କ ଭିତରୁ ୧୪ ଜଣ ଏକ ନିର୍ଦ୍ଦିଷ୍ଟ କୋଚିଂ ଅନୁଷ୍ଠାନର ; ଯେଉଁ ଅନୁଷ୍ଠାନ କି ନିଟ୍ ବା ଆଇଆଇଟି ପ୍ରସ୍ତୁତି ଲାଗି ହାଇସ୍କୁଲସ୍ତରର ପିଲାମାନଙ୍କୁ ନେଇ ଡମି ସ୍କୁଲ ଚଳାଇ ଆସୁଛି।

ଆମର ଅଭିଭାବକମାନେ ନିଜର ପିଲାମାନଙ୍କ ଭବିଷ୍ୟତକୁ ନେଇ ଡ୍ରଗ ଆଡିକ୍ଟ ବା ନିଶାଡ଼ିଙ୍କ ଭଳି କାହିଁକି ହେଉଛନ୍ତି। ଗୋଟେ ପିଲା ଭିତରେ ଲୁଚି ରହିଥିବା ପ୍ରତିଭାକୁ ଦେଖିବା ଲାଗି କାହାରି ନିକଟରେ ଆଖିଥିବା ଭଳି ଲାଗୁନି । ସବୁ ପିଲା ଡାକ୍ତର, ଇଞ୍ଜିନିୟର ହେବେ, ଆଇଟି ବା ସେହିଭଳି ପାଠ ପଢ଼ି ବିଦେଶ ଯିବେ, ମାସିକ ୨ ଲକ୍ଷ ଉପରେ ରୋଜଗାର କରିବେ ; ଏମିତି ଏକ ଇଚ୍ଛା ଆମର ମା'ବାପାମାନଙ୍କୁ ଅନ୍ଧ କରିଦେଇଛି। ଏହାର ପ୍ରଭାବରେ ପିଲାଟିଏ ଏବେ ତା'ର ଚାରିପାଖକୁ ଦେଖିବା ବି ବନ୍ଦ କରିଦେଲାଣି।

ଆଜିର ସମୟରେ ନିଟ୍, ଆଇଆଇଟି ବା ସେହିଭଳି ଏଣ୍ଟ୍ରାନ୍ସ ଲାଗି ପ୍ରସ୍ତୁତି କରୁଥିବା ପିଲାଏ ସକାଳର ସୂର୍ଯ୍ୟଙ୍କୁ ଦେଖିବା ବନ୍ଦ କରିଦେଇଛନ୍ତି, ତାଙ୍କ ଚାରିପାଖରେ ଥିବା ପ୍ରକୃତିକୁ ଚିହ୍ନି ପାରୁନାହାନ୍ତି।



ଏମିତିକି ସେମାନଙ୍କ ଝରକା ପାଖରେ କେବେଠାରୁ କୁନି ଚଢ଼େଇଟିଏ ଆସି ସବୁଦିନ ବସୁଛି ତାକୁ ବି ସବୁଦିନ ଦେଖି ସେ ତାର ଉପସ୍ଥିତିକୁ ଅନୁଭବ କରି ପାରୁନାହାନ୍ତି। ସେମାନଙ୍କୁ ଗୋଟିଏ କଥା ଶିଖାଯାଉଛି ୪ ବର୍ଷ ପରିଶ୍ରମ କର ଜୀବନଯାକ ସୁଖି ପାଇବ! ଏମିତି ଏକ ଆଦର୍ଶର ପଛରେ ଦୌଡ଼ିବାକୁ ଆରମ୍ଭ କରିଥିବା ପିଲାମାନେ ଆମର ଦଶମ ପାସ୍ କରିବା ବେଳକୁ ନିଜର ହୃଦୟଟି ହରାଇ ଦେଉଛନ୍ତି। ସେମାନଙ୍କ ନିକଟରେ ଆବେଗ କିଛି ରହୁନି। ପିଲାଟି ଦିନରୁ କେବଳ ମା'ବାପା ବା ଗୋଟିଏ ଭାଇ କି ଭଉଣୀ ପାଖେ ବଢ଼ିଥିବା ଆଜିର ପିଲାଏ ସେଇ ତିନିଜଣଙ୍କ ସହ ବି ସଂପର୍କ ରକ୍ଷା କରି ପାରୁ ନାହାନ୍ତି। ସେମାନଙ୍କ ଆଖି ସାମ୍ନାରେ କେବଳ ଅଧ୍ୟାପକଙ୍କ ନୋଟ୍, ଇଣ୍ଟିଗ୍ରେଶନ, ଡେରିଭେଶନ, ଫରମୁଲା ଓ ମକ୍‌ଟେଷ୍ଟ!

ଏହା ଉପରେ ପୁଣି କୋଚିଂ ଅନୁଷ୍ଠାନମାନଙ୍କ ଚାପ ମଧ୍ୟ ପ୍ରବଳ ହେଉଛି। ଜୀବନ ଯେ କେବଳ ନିଟ୍ ବା ଆଇଆଇଟି କ୍ୱାଲିଫାଏ କରିବା ନୁହେଁ, ସେକଥା କେହି ବି ବୁଝିବାକୁ ନାରାଜ। ଆମ ପିଲାମାନେ ବହି ପଢ଼ିବା ଛାଡ଼ି ଦେଇଛନ୍ତି । ନିଜର ପାଠପଢ଼ା ଟେକ୍ସଟ ବହି ବି ପଢୁନାହାନ୍ତି। କୋଚିଂର ନୋଟ୍ ସେମାନଙ୍କ ଲାଗି ଯଥେଷ୍ଟ। ଏହା ସେମାନଙ୍କୁ ବାଧ୍ୟତାମୂଳକ କରାଯାଉଛି। କିଛି ହଷ୍ଟେଲରେ ପିଲାମାନେ ଏଣ୍ଟ୍ରାନ୍ସ ପ୍ରସ୍ତୁତି ବ୍ୟତୀତ ଅନ୍ୟ ବହି ବା ପତ୍ରପତ୍ରିକା ପାଖରେ ରଖିବାର ନିୟମ ବି ନାହିଁ।

‘ପିଲାର ଅନ୍ତର୍ନିହିତ ପ୍ରତିଭାର ବିକାଶ ଦ୍ୱାରା ହିଁ ସେ ଜଣେ ଶ୍ରେଷ୍ଠ ମଣିଷ ହୋଇ ପାରିବ’ ଏଇ ସାଧାରଣ ଜ୍ଞାନ ଯେ ଆମର ଶିକ୍ଷିତ ମା'ବାପାଙ୍କ ପାଖରେ ନାହିଁ ବା ସେମାନଙ୍କୁ ଶିଖାଇବାକୁ ପଡ଼ିବ ତାହା ଆଦୌ ନୁହେଁ । ସମସ୍ତେ ସବୁକଥା ଜାଣନ୍ତି । ମାତ୍ର ମଦ ପିଇଦେଲେ, ନିଶା ଖାଇଦେଲେ ମଣିଷ ଯେମିତି ସବୁ ଭୁଲିଯାଏ ଆମର ଅଭିଭାବକମାନଙ୍କ ଦଶା ଠିକ୍ ସେଇଭଳି। ଜୀବନରେ ନିଜେ ନିଟ୍ ବା ଆଇଆଇଟି ପାଇ ପାରିନଥିବା, ଭଲ ଅନୁଷ୍ଠାନରେ ପାଠ ପଢ଼ିପାରିନଥିବାର ଅବସୋସ ସେମାନଙ୍କୁ ଅନ୍ଧ କରିଦେଉଛି। ପଡ଼ୋଶୀ, ବନ୍ଧୁବର୍ଗଙ୍କ ସହ ପ୍ରତିଯୋଗିତା ମନୋଭାବ ସେମାନଙ୍କୁ ନିଜର ପିଲାର ମନ ଭିତରକୁ ଉଙ୍କି ମାରି ଚାହିଁବାକୁ ଦେଉନି। ଏହା ସହିତ କୋଚିଂ ଅନୁଷ୍ଠାନମାନଙ୍କର ମନି ମେକିଂ ମେଶିନ୍‌ର ଯୋଜନା ଆମର ପିଲାମାନଙ୍କୁ ଚାପଗ୍ରସ୍ତ କରିବାକୁ ଯଥେଷ୍ଟ ଉପାଦାନ ଯୋଗାଡ଼ କରିଦେଉଛି।

ଥରେ ଆମେ ମା'ବାପା ଅଭିଭାବକମାନେ ଆସନ୍ତୁ ନିଜକୁ ଦେଖିବା। ଆମେ ଆମର ମା'ବାପାଙ୍କ ଲାଗି କ'ଣ କରିଛେ ? ଆଜି ଆମେ ଯେଉଁଭଳି ଭାବେ ଶିକ୍ଷିତ ହୋଇ ଚାକିରି ବାକିରି ବା ବ୍ୟବସାୟ କରିଛେ, ତାହାଫଳରେ ଗାଁ ଛାଡ଼ି ସହରଟିରେ ବସା ବାନ୍ଧିଛେ, ଯେଉଁଠି ସଂପର୍କ କହିଲେ ୨/୪ଜଣ ଲୋକ କେବଳ। ଆମର ପରିଧି ଭିତରେ ଆମ ନିଜର ମା'ବାପା ବି ସ୍ଥାନ ପାଇବା କାଠିକର ପାଠ ହେଉଛି । ତେବେ ଆମେ ଆମର ପିଲାମାନଙ୍କୁ ଯେଉଁଭଳି ମେଶିନ୍‌ରେ ପରିଣତ କରୁଛୁ, ସେମାନଙ୍କ ଭବିଷ୍ୟତ ଜୀବନ କ'ଣ ହେବ? ଏକଥା ସତ୍ୟ ସେମାନଙ୍କ ଦରମା ବାର୍ଷିକ ଆଠ ଅଙ୍କ ବି ଛୁଇଁଯାଇପାରେ, ମାତ୍ର ସେମାନେ କ'ଣ ମଣିଷ ହୋଇ କି ଥିବେ ? ସେଇ ଆଠଅଙ୍କର ଅର୍ଥକୁ ଉପଭୋଗ କରିବାକୁ ସେମାନଙ୍କ ପାଖେ ମନ, ଆବେଗ ଓ ସଂପର୍କ ଥିବ ତ ? ବିଚାର କରିବା ଆସନ୍ତୁ !

**ବଡ଼ବେତରା, କୁଦାନଗରୀ, କେନ୍ଦ୍ରାପଡ଼ା**
**ମୋ: ୯୪୩୯୯୦୩୨୨୦**

## ଏଇ ଭାରତରେ

କଥାରେ ଅଛି ଯାହାକୁ ରଖିବେ ଅନନ୍ତ କି କରିପାରେ ବଳବନ୍ତ। ଏହାକୁ ପ୍ରତିପାଦନ କରୁଥିବା ଏକ ଭିଡିଓ ଗତ ଦୁଇଦିନ ହେଲା ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡିଓ ଅନୁସାରେ ଜଣେ ବ୍ୟକ୍ତି ରେଳ ଟ୍ରାକ୍ ମଝିରେ ଶୋଇଛନ୍ତି ଏବଂ ଟ୍ରେନ୍ ତାଙ୍କ ଉପରେ ଚାଲିଯାଉଛି। ସେଠାରେ ଉପସ୍ଥିତ ଲୋକମାନେ ଭାବୁଛନ୍ତି ବ୍ୟକ୍ତି ଜଣକ ଜୀବିତ ନ ଥିବେ। ହେଲେ ଆଶ୍ଚର୍ଯ୍ୟଜନକ ଭାବେ ସେ ଉଠି ଛିଡ଼ା ହେଉଛନ୍ତି ଓ ତାଙ୍କର କୌଣସି କ୍ଷତି ହୋଇନାହିଁ। ପରେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନିଆଯାଉଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ରେଳ ସଂଘ ପକ୍ଷରୁ ଆନ୍ଦୋଳନ ସମୟରେ ବିହାରର ରାଜଧାନୀ ପାଟନାରେ ଏହି ଘଟଣା ଘଟିଛି। ସଂଘ କର୍ମକର୍ତ୍ତାମାନେ ରେଳ ଟ୍ରାକ୍ ଅବରୋଧ କରିଥିବାବେଳେ ଟ୍ରେନ୍‌ର ଆଗମନ ପାଇଁ ସଙ୍କେତ ମିଳିଥିଲା। ସମସ୍ତେ ଟ୍ରାକ୍ ଛାଡ଼ି ଦୂରକୁ ଚାଲିଯାଇଥିବା ବେଳେ ବ୍ୟକ୍ତି ଜଣକ ଜିଦ୍‌କରି ଟ୍ରାକ୍ ନ ଛାଡ଼ି ଶୋଇଯାଇଥିଲେ। ଚାହୁଁ ଚାହୁଁ ଟ୍ରେନ୍ ତାଙ୍କ ଉପର ଦେଇ ଚାଲିଯାଇଥିଲା। କିଛି ଲୋକ ଏହି ଘଟଣାର ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ। ଟ୍ରେନ୍ ନମ୍ବର ୮୨୩୫୫ ପାଟନା ଛତ୍ରପତି ଶିବାଜୀ ଟର୍ମିନସ ଏକ୍ସପ୍ରେସ୍ ହଠାତ୍ ଅପ୍ ମେନ୍ ଲାଇନକୁ ଆସିଥିଲାବେଳେ ରେଲଓ୍ୱେକୁ କୁହାଯାଇଥିଲା କମିଟି ସଦସ୍ୟମାନେ ଏହାକୁ ବିରୋଧ କରିବେ। ଏହା ସତ୍ତ୍ୱେ ଟ୍ରେନ୍ ଆସିଥିଲା। ଭିଡିଓ ଦେଖିବା ପରେ ସମସ୍ତେ ଏପରି ଅବହେଳା ପାଇଁ ଷ୍ଟେଶନ ମାଷ୍ଟରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ଡିସେମ୍ବର ୧୯୭୪

- ‘ହିନ୍ଦୁସ୍ଥାନ ଟାଇମ୍ସ’ ସମ୍ବାଦପତ୍ରର ୱାଶିଂଟନ ପ୍ରତିନିଧି କୃଷ୍ଣ ଭାଟିଆଙ୍କ ୫୦ ବର୍ଷ ବୟସରେ ପରଲୋକ।
- କେନ୍ଦ୍ର ବେସାମରିକ ବିମାନ ଚଳାଚଳ ଓ ପର୍ଯ୍ୟଟନ ମନ୍ତ୍ରୀ ରାଜବାହାଦୁର ସାନ୍ତାକ୍ରୁଜ ବିମାନଘାଟିରେ ବିମାନ ଗମନାଗମନ ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ଏକ ଉଚ୍ଚକ୍ଷମତାସମ୍ପନ୍ନ ରାଡାର କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ସବୁକିଛି ଲୋକଦେଖାଣିଆ

ମହାଶୟ,

ମଦ ବ୍ୟବସାୟୀଙ୍କଠାରୁ ନଗଦ ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହେବା ଅବକାରୀ ବିଭାଗର ପାରଗପଣିଆ ନୁହେଁ, ବରଂ ମଦ ବ୍ୟବସାୟୀଙ୍କ ମାସିକ କାରବାରକୁ ଯାଞ୍ଚ କରିବାରେ ଅବକାରୀ ବିଭାଗର ବିଫଳତାକୁ ଦର୍ଶାଉଛି। ମଦ ବ୍ୟବସାୟୀମାନେ ସରକାରଙ୍କଠାରୁ ପ୍ରତ୍ୟେକ ମାସରେ କେତେ ମଦ କିଣୁଛନ୍ତି ଓ କେତେ ବିକ୍ରି କରୁଛନ୍ତି ତା'ର ମାସିକିଆ ରିଟର୍ନ ଦେଇ ସେଇ ଅନୁପାତରେ ଯଦି କର ଦାଖଲ କରୁଥାଆନ୍ତେ, ତେବେ ସେମାନେ ଚୋରା କାରବାର କରିବାର ସୁଯୋଗ ପାଇପାରନ୍ତେ ନାହିଁ। ରାଜ୍ୟ ସରକାରଙ୍କ ଅବକାରୀ ବିଭାଗର ଅଧିକାରୀମାନେ ମଦ ବ୍ୟବସାୟୀଙ୍କ ଉପରେ ଚଢ଼ାଉ କରିବା ସହିତ ସମସ୍ତ ସରକାରୀ କ୍ଷମତାପ୍ରାପ୍ତ ଗଞ୍ଜେଇ, ଭାଙ୍ଗ ଓ ଅଫିମ ବ୍ୟବସାୟୀଙ୍କ ଧାର୍ଯ୍ୟ କ୍ଷମତା ପରିମାଣଠାରୁ ଅଧିକ ବିକ୍ରି ହେଉଥିବା ନଜର ଆସୁଛି, ଯାହାର ହିସାବ ସରକାରୀ ସ୍ତରରେ ଆସୁ ନ ଥିବା ଚିନ୍ତାର ବିଷୟ ପାଲଟିଛି। ସେମାନଙ୍କ ହିସାବ ଖାତାକୁ ଯାଞ୍ଚ କରିବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ନିଶା ଚୋରା କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ଶିଥିଳତା ଓ ଅବହେଳା ଇତ୍ୟାଦି ସରକାରଙ୍କ ‘ନିଶା ନିବାରଣ ସ୍ଲୋଗାନ’ ଏକ ଲୋକଦେଖାଣିଆ ପ୍ରଚାର ପ୍ରସାର ବୋଲି ମନେହୁଏ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

## ଚିରନ୍ତନୀ

ଧବଳ ହରିତ କୃଷ୍ଣ ବହୁ ବର୍ଣ୍ଣ ଚର୍ମ ବେଶବାସ
ବୌଦ୍ଧ ହିନ୍ଦୁ ମୁସଲମାନ ଶିଖ ବା ଖ୍ରୀଷ୍ଟାନ
ସଂଗ୍ରାମ ମାଗଇ ନମ୍ର ବିଦଳିତ ଧୂଳିତଳ ଘାସ
ଶତେକ ଶତାବ୍ଦୀ ପରେ ରଚେ ଅଭିଯାନ।

–(ଶତାବ୍ଦୀ–ସୈନିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)










**କାଁ ଭାଁ ଖୋଲୁଛି ଦଳୀୟ କାର୍ଯ୍ୟାଳୟ:** (୧) ଭଦ୍ରକ ୧୬ ନଂ. ଜାତୀୟ ରାଜପଥ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ବିଜେଡି କାର୍ଯ୍ୟାଳୟ। (୨) ଅସ୍ତଲସ୍ଥିତ ଭାଜପା କାର୍ଯ୍ୟାଳୟ। (୩) ଶାଳନ୍ଦୀ ବାଇପାସ୍ ଗୋଶାଳା ଛକ ନିକଟରେ ଥିବା କଂଗ୍ରେସ କାର୍ଯ୍ୟାଳୟ। (ଫଟୋ: ସନାତନ ରାଉତ)

# ପ୍ରଫୁଲ୍ଲଙ୍କ ଜନ୍ମ ଉତ୍ସବ ସ୍ଥାନ ପରିବର୍ତ୍ତନକୁ ନେଇ ଚର୍ଚ୍ଚା

ଯାଜପୁର/ରସୁଲପୁର, ୧୦।୧୨ (ହର୍ଷବର୍ଦ୍ଧନ ବେହେରା/ରଞ୍ଜିତ ରାଉତ)

ଯାଜପୁର ଜିଲାର କୋରେଇ ନିର୍ବାଚନମଣ୍ଡଳୀ ଉପରେ ଏବେ ବହୁ ଅଭିଜ୍ଞ ଏବଂ ଯୁବ ନେତାଙ୍କ ନଜର ପଡ଼ିଛି। ୨୦୨୪ ସାଧାରଣ ନିର୍ବାଚନରେ କିଏ ପ୍ରାର୍ଥୀ ହେବେ ତାହାକୁ ନେଇ ଛକବଜାର ଓ ଚା'ଖଟିରେ ଚର୍ଚ୍ଚା। ୨୦୦୦ ମସିହା ପରେ ଏହି ନିର୍ବାଚନମଣ୍ଡଳୀରେ ଜଣେ ନେତା ଲଗାତର ଭାବେ ଟିକ୍କି ପାରିନାହାନ୍ତି। ତେଣୁ ଆସନ୍ତା ସାଧାରଣ ନିର୍ବାଚନରେ ଜଣେ ଦକ୍ଷ ନେତାଙ୍କୁ କୋରେଇବାସୀ ଚାହୁଁଥିବା ଚର୍ଚ୍ଚା ହେଉଛି। ଏହାର ସୁଯୋଗରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ କୋରେଇ ଆଡକୁ ପୁଣି ଢଳୁଥିବା ମନେହେଉଛି। ଦୀର୍ଘଦିନ ଧରି ସୁକିନ୍ଦା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ପ୍ରଫୁଲ୍ଲ ନିଜ ଜନ୍ମଦିନ ପାଳନ କରି ଆସୁଥିଲେ। ଏଥର ନିର୍ବାଚନ ବର୍ଷରେ ନିଜ ଜନ୍ମଦିନକୁ ସେ ମଙ୍ଗଳବାର କୋରେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବ୍ୟାସନଗରସ୍ଥିତ ବାସଭବନରେ ମହାସମାରୋହରେ ପାଳନ କରିଛନ୍ତି। ଗତ ପ୍ରାୟ ୬ ମାସ ହେବ ପ୍ରଫୁଲ୍ଲ କୋରେଇ ଅଞ୍ଚଳ ବୁଲାବୁଲି କରୁଥିବା ଦେଖିବାକୁ ମିଳୁଛି। ଏହିକ୍ରମରେ ୮୪ ବର୍ଷରେ ପଦାର୍ପଣ କରିଥିବା ପ୍ରଫୁଲ୍ଲ କୋରେଇରେ ପ୍ରାର୍ଥୀ ହେବା ପାଇଁ ଯୋଜନା କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ ଶାସକ ବିଜେଡି ପକ୍ଷରୁ ଯାଜପୁର ଜିଲା ରାଜନୀତିରେ ଏକ ବଡ଼ଧରଣର ପରିବର୍ତ୍ତନ ଘଟାଇବାକୁ ଭିତିରି ଆଲୋଚନା ହେଉଥିବା ଏବଂ ଏଥିରେ ପ୍ରଫୁଲ୍ଲ ଘଡ଼େଇଙ୍କର ପ୍ରମୁଖ ଭୂମିକା ରହିଥିବା

## ଭସ୍ମ ହେଉଛି କୋରେଇ ରାଜନୀତି


ପ୍ରଫୁଲ୍ଲ ଘଡ଼େଇ

ଚର୍ଚ୍ଚା ହେଉଛି। ଜିଲାର ବରିଷ୍ଠ ଓ ଅଭିଜ୍ଞ ନେତା ଭାବରେ ପ୍ରଫୁଲ୍ଲଙ୍କ ରାଜନୈତିକ ଜ୍ଞାନକୁ ଦଳ ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛି। ଏଭଳି ଆଲୋଚନା ଜନ୍ମଦିନ ଉତ୍ସବର ସ୍ଥାନ ପରିବର୍ତ୍ତନରୁ ସୃଷ୍ଟି ହୋଇଛି।

ପ୍ରଫୁଲ୍ଲ କୋରେଇ ଅଞ୍ଚଳରୁ ୧୯୬୭ ଏବଂ ୧୯୭୧ରେ ୨ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେତେବେଳେ ଏହି ଅଞ୍ଚଳ ପଶ୍ଚିମ ଯାଜପୁର ଭାବେ ପରିଚିତ ଥିଲା। ୧୯୭୪ରେ କୋରେଇ ସ୍ୱତନ୍ତ୍ର ନିର୍ବାଚନମଣ୍ଡଳୀ ହୋଇଥିଲା। ସେହିବର୍ଷ ପ୍ରଫୁଲ୍ଲ ଅନ୍ୟତମ ବିଶିଷ୍ଟ ରାଜନେତା ଅଶୋକ ଦାସଙ୍କଠାରୁ ପରାଜୟ ବରଣ କରିଥିଲେ। ସେବେଠାରୁ ସେ କୋରେଇ ଛାଡ଼ି ସୁକିନ୍ଦା ରାଜନୀତିରେ ସକ୍ରିୟ ହୋଇ ରହିଆସୁଛନ୍ତି। କୋରେଇ ନିର୍ବାଚନମଣ୍ଡଳୀରୁ ଅଶୋକ ଦାସ ସର୍ବାଧିକ ୫ଥର ନିର୍ବାଚିତ ହୋଇ ରେକର୍ଡ ସୃଷ୍ଟି କରିଥିବାବେଳେ ୩୫ବର୍ଷ ବ୍ୟବଧାନରେ ଅର୍ଥାତ ୨୦୦୯ରେ ପ୍ରଫୁଲ୍ଲଙ୍କ ପୁଅ ପ୍ରୀତିରଞ୍ଜନ ଘଡ଼େଇ ଏହି ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହି ବିଧାନସଭା କ୍ଷେତ୍ରରେ ବିଜେଡି ତା'ର ପତିଆରା ଜାରି ରଖିଥିଲେ ମଧ୍ୟ ପ୍ରତ୍ୟେକ ନିର୍ବାଚନରେ ପ୍ରାର୍ଥୀ ବଦଳାଇ ଆସୁଛି। ୨୦୧୪ ସାଧାରଣ ନିର୍ବାଚନରେ ଆକାଶ ଦାସନାୟକ, ୨୦୧୯ରେ ଅଶୋକ କୁମାର ବଳଙ୍କୁ ପ୍ରାର୍ଥୀ କରିଥିଲା ବିଜେଡି। ଏଥିରୁ ସ୍ପଷ୍ଟ ହେଉଛି ଯେ, ୨୦୦୯ରୁ ଏଯାଏ ୧୫ବର୍ଷ ମଧ୍ୟରେ ଜଣେ ହେଲେ ନେତା ସେଠାରେ ପୁନର୍ବାର ଲଢ଼ିବାର ସୁଯୋଗ ପାଇନାହାନ୍ତି। ଏଥର ବି ନେତା ବଦଳ ପର୍ବ ଜାରି ରହିବ ବୋଲି କୁହାଯାଉଛି। ଏଭଳିସ୍ଥଳେ ପୂର୍ବତନ ବିଧାୟକ ତଥା 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସନାୟକ 'ସବୁଜ କୋରେଇ' ନାମରେ ଅଭିଯାନ ଆରମ୍ଭ କରି ପୁଣି ଦଳୀୟ ଟିକେଟ୍ ପାଇବାକୁ ଲକ୍ଷ୍ୟ ରଖିଛନ୍ତି। ଅନ୍ୟପକ୍ଷରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଯାଜପୁର ଛାଡ଼ି ବାପା ଅଶୋକ ଦାସଙ୍କ ଗଡ଼କୁ ଫେରିବାକୁ ମନ ବଳାଉଥିବା ଚର୍ଚ୍ଚା ହେଉଛି। ତେଣେ ପ୍ରଫୁଲ୍ଲ ଘଡ଼େଇ ତାଙ୍କର ରାଜନୀତିର ଅନ୍ତୁଡିଶାଳକୁ ଫେରିବାକୁ ଲକ୍ଷ୍ୟ ରଖି ଜନ୍ମଦିନ ଉତ୍ସବର ସ୍ଥାନ ପରିବର୍ତ୍ତନ କରିଥିବା କୁହାଯାଉଛି। ଏହାଛଡ଼ା ଜନ୍ମଦିନ ଉତ୍ସବକୁ ସୁକିନ୍ଦା ଅପେକ୍ଷା କୋରେଇରୁ ଅଧିକ ନେତା, କର୍ମୀଙ୍କ ସୁଅ ଛୁଟିଥିବାରୁ ଏକ ଭିନ୍ନ ବାର୍ତ୍ତା ମିଳୁଛି। ଏସବୁ ସତ୍ତ୍ୱେ ଦଳରେ ମହିଳା କାର୍ଡ ଖେଳାଗଲେ ଅଙ୍କ ବଦଳିପାରେ। ଏହି ସମ୍ଭାବନାକୁ ଦେଖି କୋରେଇର କେତେଜଣ ନେତ୍ରୀ (ବ୍ୟାସନଗର ପୌରପରିଷଦ ଅଞ୍ଚଳରୁ) ଦଳୀୟ ଟିକେଟ ହାତେଇବାକୁ ଉପର ମହଲ ସହ ଯୋଗାଯୋଗରେ ଥିବା ଆଲୋଚନା ହେଉଛି।

# ଗରିବଙ୍କ ଟଙ୍କା ଲୁଣ୍ଠନକାରୀଙ୍କୁ ଜେଲ ପଠାଯିବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୦।୧୨(ସୁନିତ୍ ମିଶ୍ର)

ମଦ ସାମ୍ରାଜ୍ୟ ଉପରେ ଆୟକର (ଆଇଟି) ଚଢ଼ାଉ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟାର୍ଗେଟ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଧର୍ମେନ୍ଦ୍ର କହିଛନ୍ତି, ଯେଉଁମାନେ ଗରିବଙ୍କ ଟଙ୍କାକୁ ଲୁଟିଛନ୍ତି, ସେମାନଙ୍କୁ ଜେଲ ପଠାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାହାକୁ ଛାଡ଼ିବେ ନାହିଁ। ବର୍ତ୍ତମାନ ଓଡ଼ିଶାରେ ୮୦% ଲୋକ ମୋଦିଙ୍କୁ ୩ୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଛନ୍ତି। ମୋଦିଙ୍କ ଶାସନ ବ୍ୟବସ୍ଥାକୁ ଲୋକମାନେ ପସନ୍ଦ କରୁଛନ୍ତି। ଓଡ଼ିଶା ସମେତ ଦେଶର ଜନସାଧାରଣ ମୋଦିଙ୍କ ଗ୍ୟାରେଣ୍ଟି ଉପରେ ଭରସା କରୁଛନ୍ତି। ଯେଉଁମାନେ ଜବତ ହୋଇଥିବା ଅର୍ଥ କାରବାରରେ ସଂଶ୍ଲିଷ୍ଟ , ସେମାନେ ଯେତେ ପ୍ରଭାବଶାଳୀ ହେଲେ ମଧ୍ୟ କେନ୍ଦ୍ର ସରକାର କାହାକୁ ବି ଛାଡ଼ିବେ ନାହିଁ। ଗରିବ ଓଡ଼ିଶାବାସୀଙ୍କ ଟଙ୍କାକୁ ଯିଏ ଲୁଟିଛି ତାକୁ ଜେଲ ପଠାଯିବ। ଏହି ଘଟଣାରେ ଯେଉଁ କଂଗ୍ରେସ ଏମ୍‌ପିଙ୍କ ନାଁ ଆସୁଛି, ତାଙ୍କ ପରିବାର ଲଗାତର ଭାବେ ଓଡ଼ିଶାରେ ବ୍ୟବସାୟ କରି ଆସୁଥିଲା। ଯେଉଁମାନେ ଉତ୍ତରଦାୟୀ, ସେମାନେ ଉତ୍ତର ଦେବାକୁ ବାଧ୍ୟ ହେବେ। ଏହା ଲୋକଙ୍କ ଅପେକ୍ଷାରେ ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# 'ଏନ୍‌ସିଆର୍‌ବି ରିପୋର୍ଟ ଓଡ଼ିଶା ମୁଣ୍ଡ ତଳକୁ କରିଦେଇଛି'

ଭୁବନେଶ୍ୱର,୧୦।୧୨(ସୁନିତ୍ ମିଶ୍ର)

ରାଜ୍ୟରେ ଦୁର୍ନୀତିଗ୍ରସ୍ତ ଓ ଭ୍ରଷ୍ଟାଚାରୀ ଶାସନ ବ୍ୟବସ୍ଥା ଯୋଗୁ ସମଗ୍ର ଭାରତରେ ମହିଳା ନିର୍ଯାତନା ଓ ଆପରାଧିକ ମାମଲାରେ ଓଡ଼ିଶା ବର୍ତ୍ତମାନ ନିନ୍ଦିତ। ମହିଳାମାନଙ୍କ ଉପରେ ଅତ୍ୟାଚାର ନେଇ ପ୍ରକାଶିତ ଏନ୍‌ସିଆରବି ରିପୋର୍ଟ ଓଡ଼ିଶା ମୁଣ୍ଡ ତଳକୁ କରିଦେଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ମହିଳା ମୋର୍ଚ୍ଚାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

## ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ



ହୋଇଛି। ଏଥିରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶାରେ ବିଜେଡିର ଅନେକ ମନ୍ତ୍ରୀ, ବିଧାୟକ ଓ ନେତାଙ୍କ ନାଁରେ କେଳେଙ୍କାରୀ ଅଭିଯୋଗ ଆସିଛି। ଏହି ଦଳର ମହିଳାମାନେ ନିଜ ନେତାଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ସଦ୍ୟତମ ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ ଦେଶରେ ମହିଳା ଅପରାଧରେ ଓଡ଼ିଶା ଆଗରେ ରହିଛି। ସ୍ଥାନୀୟ ସରକାର ପଦଚ୍ୟୁତ ହେଲେ ହିଁ ମମତା ମେହେର, ପରୀକୁ ଠିକ୍ ନ୍ୟାୟ ମିଳିପାରିବ। ସେହିପରି ସ୍ୱାସ୍ଥ୍ୟକ୍ଷେତ୍ରରେ ଓଡ଼ିଶାର ନବଜାତ ଶିଶୁ ଓ ମହିଳାମାନେ ସବୁଠୁ ଖରାପ ସ୍ଥିତିରେ ଅଛନ୍ତି। ଏହା ବିରୋଧରେ ସାରା ରାଜ୍ୟରେ ବ୍ୟାପକ ଆନ୍ଦୋଳନ କରିବା ପାଇଁ ରାଜ୍ୟ ମହିଳା ମୋର୍ଚ୍ଚା ସଂକଳ୍ପ ନେଇଛି। କେନ୍ଦ୍ର ସରକାର ସବୁବେଳେ ନାରୀ ସଶକ୍ତୀକରଣକୁ ପ୍ରାଧାନ୍ୟ ଦେଇ ଆସିଛନ୍ତି। ବର୍ତ୍ତମାନ ଓଡ଼ିଶାରେ କୋଟିଏରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କ ଜନଧନ ଆକାଉଣ୍ଟ ଖୋଲାଯାଇଛି। ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ରାଜ୍ୟରେ ୭୭ ଲକ୍ଷ ଶୌଚାଳୟ ନିର୍ମାଣ ହୋଇଛି। ପିଏମ୍ ଆବାସରେ ୩୨ ଲକ୍ଷ ଘର ଦିଆଯାଇଛି। ଉଜ୍ଜଳା ଯୋଜନାରେ ୫୩ ଲକ୍ଷ ମହିଳା ହିତାଧିକାରୀଙ୍କୁ ମାଗଣା ଗ୍ୟାସ୍ ଦିଆଯାଇଛି। ୫୬ ଲକ୍ଷ ପରିବାରକୁ ଜଳ ଜୀବନ ମିଶନରେ ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ପହଞ୍ଚାଯାଉଛି। ସେହିପରି ମୁଦ୍ରା ଲୋନ୍, ଏସ୍‌ଏଚ୍‌ଜି ସମୂହଙ୍କୁ ବ୍ୟାଙ୍କ୍ ମାଧ୍ୟମରେ କମ୍ ସୁଧରେ ଋଣ ଉପଲବ୍ଧ କରାଯାଇଛି। ରାଜ୍ୟରେ ଦଳକୁ ଆହୁରି ମଜଭୁତ କରିବାକୁ ହେଲେ ବୁଥ୍‌ସ୍ତରରେ ମହିଳା ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ସହ ଘରେ ଘରେ ମୋଦି ସରକାରଙ୍କ କଲ୍ୟାଣକାରୀ ଯୋଜନାକୁ ପହଞ୍ଚାଇବାର ଗୁରୁଦାୟିତ୍ୱ ମହିଳା ମୋର୍ଚ୍ଚାକୁ ନେବା ପାଇଁ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# କର୍ମୀଙ୍କୁ ଉତ୍ସାହିତ କରିବାକୁ ଉଦ୍ୟମ କରିଛନ୍ତି ଧର୍ମେନ୍ଦ୍ର: ବିଜେଡି

ଭୁବନେଶ୍ୱର,୧୦।୧୨(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ମହିଳା ମୋର୍ଚ୍ଚାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏନ୍‌ସିଆର୍‌ବି ରିପୋର୍ଟ ଆଧାରରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଧର୍ମେନ୍ଦ୍ରଙ୍କ ମନ୍ତବ୍ୟର ଜବାବ ଦେଇ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ଗଣମାଧ୍ୟମକୁ କହିଛନ୍ତି, ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ, ପୌର ନିର୍ବାଚନ ଓ ଉପ ନିର୍ବାଚନରେ ବାରମ୍ବାର ହାରି ହତୋତ୍ସାହିତ ହୋଇଯାଇଥିବା ନିଜ ଦଳର କର୍ମୀଙ୍କୁ ଉତ୍ସାହିତ କରିବାକୁ କେନ୍ଦ୍ରମନ୍ତ୍ରୀ ଉଦ୍ୟମ କରୁଛନ୍ତି। ଏନ୍‌ସିଆର୍‌ବି ତଥ୍ୟ ସମସ୍ତଙ୍କ ପାଇଁ ଉପଲବ୍ଧ ଅଛି। ତେଣୁ ଅଭିଭାଷଣ ରଖିବା ପୂର୍ବରୁ ସମସ୍ତ ତଥ୍ୟ ଉପରେ ନଜର ପକାଇଥିଲେ ଭଲ ହୋଇଥାନ୍ତା। ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ ଦେଶରେ ମହିଳାମାନଙ୍କ ବିରୋଧରେ ସବୁଠାରୁ ବେଶି ଅପରାଧ ଉତ୍ତରପ୍ରଦେଶରେ ଘଟୁଛି। ଏହା ପଛକୁ ରାଜସ୍ଥାନ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଭଳି ରାଜ୍ୟ ରହିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ କହିବା ଅନୁସାରେ, ଭାଜପା ଶାସିତ ରାଜ୍ୟ ସରକାରଗୁଡ଼ିକ ତା'ହେଲେ ଅପାରଗ। ଓଡ଼ିଶା ସରକାରଙ୍କ ଉପରେ ଅଯଥାରେ ଅଙ୍ଗୁଳି ଉଠାଇବା ଆଗରୁ ପ୍ରଥମେ ଭାଜପା ଶାସିତ ରାଜ୍ୟଗୁଡ଼ିକର ସ୍ଥିତି ଉପରେ ନଜର ପକାଇଥିଲେ ଭଲ ହୋଇଥାନ୍ତା। ନିଜ କର୍ମୀଙ୍କୁ ଉତ୍ସାହିତ କରିବା କିଛି ଭୁଲ୍ କଥା ନୁହେଁ, ହେଲେ ଏଥିପାଇଁ ଅର୍ଦ୍ଧସତ୍ୟ କହି ଓଡ଼ିଶାକୁ ଅପମାନିତ କରିବା ଠିକ୍ ନୁହେଁ ବୋଲି ଲେନିନ୍ କହିଛନ୍ତି।

## ରାଜ୍ୟ ଖବର

# ମତ୍ସ୍ୟଜୀବୀ ନାହାନ୍ତି, ଋଣ ଉଠିଛି

ପାରାଦୀପ,୧୦।୧୨(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ଓ କୁଜଙ୍ଗରେ ରାଜ୍ୟ ସରକାରଙ୍କ ସହକାରୀ ମତ୍ସ୍ୟ ଅଧିକାରୀ(ସାମୁଦ୍ରିକ)ଙ୍କ କାର୍ଯ୍ୟାଳୟ ରହିଛି। ଏହି ଦୁଇଟି କାର୍ଯ୍ୟାଳୟ ମାଧ୍ୟମରେ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ପାରମ୍ପରିକ ମତ୍ସ୍ୟଜୀବୀମାନେ ସରକାରୀ ସହାୟତାରେ ଡଙ୍ଗା, ଜାଲ, ଇଞ୍ଜିନ ପାଇପାରୁଛନ୍ତି। ଏନେଇ ପ୍ରତିବର୍ଷ ଶତାଧିକ ମତ୍ସ୍ୟଜୀବୀ କୋଟିଏରୁ ଅଧିକ ଟଙ୍କାର ଋଣ ନେଉଛନ୍ତି ଏବଂ ସରକାରୀ ସବସିଡି (ରିହାତି) ପାଉଥିବା କାଗଜପତ୍ରରେ ଦର୍ଶାଯାଇଛି। ତେବେ ସୂଚନା ଅଧିକାର ଆଇନ ଜରିଆରେ ମିଳିଥିବା ତଥ୍ୟ ଅନୁସାରେ ଏହି ଋଣ ପ୍ରଦାନରେ ଚଞ୍ଚକତା ହୋଇଥିବା ଆଶଙ୍କା କରାଯାଉଛି। ଅନେକ ମିଥ୍ୟା ମତ୍ସ୍ୟଜୀବୀଙ୍କ ନାମରେ ଋଣ ଉଠିଥିବା ଅଭିଯୋଗ ହୋଇଛି।

ଅପରପକ୍ଷେ କୁଜଙ୍ଗ ଅଞ୍ଚଳର ପାରମ୍ପରିକ ମତ୍ସ୍ୟଜୀବୀମାନେ ଡଙ୍ଗା ଓ ଜାଲ ଋଣ ପାଇଁ ବାରମ୍ବାର ଆବେଦନ କରିବା ପରେ ମଧ୍ୟ ସେମାନଙ୍କୁ ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି। ଗତ ଅକ୍ଟୋବରରେ ଶତାଧିକ ମତ୍ସ୍ୟଜୀବୀ କୁଜଙ୍ଗ ମତ୍ସ୍ୟବିଭାଗ ଅଫିସ ଆଗରେ ୨ ଦିନ ଧରି ଆନ୍ଦୋଳନ କରିଥିଲେ। କୁଜଙ୍ଗ ବିଶ୍ୱାଳୀ ଗ୍ରାମର ମତ୍ସ୍ୟଜୀବୀ ରଞ୍ଜନ ଦାସ, କୈବର୍ତ୍ତ ସଙ୍ଗଠନ ସଭାପତି ମଥୁରାନନ୍ଦ ତରାଇ, ଯୋଗେନ୍ଦ୍ର ସାମଲ, ସୁବାସ ତରାଇଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଲୋକ ଏନେଇ ନଭେମ୍ବରରେ ରାଷ୍ଟ୍ରପତିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ୯୯ ମୌଜାର ୩୦ ହଜାରରୁ ଅଧିକ ମତ୍ସ୍ୟଜୀବୀଙ୍କୁ ୫୭ କିତା ନଦୀ, ନାଳ, ଯୋର, ସଇରାତ, ଧାରରେ ମାଛ ଧରିବା ପାଇଁ ସରକାର ସ୍ୱୀକୃତି ଦେଇଛନ୍ତି। ସମ୍ପୃକ୍ତ ମତ୍ସ୍ୟଜୀବୀମାନେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ାଠାରୁ କୁଜଙ୍ଗ ସନ୍ତରା ପର୍ଯ୍ୟନ୍ତ ନଦୀରେ ମାଛ ଧରିବେ। ଏଥିପାଇଁ ପ୍ରତିବର୍ଷ ସରକାରଙ୍କୁ ସେମାନେ ଖଜଣା ଦେଉଛନ୍ତି। କିନ୍ତୁ ଗତ କିଛିବର୍ଷ ହେଲା ସରକାରୀ ଅଧିକାରୀମାନେ ଅଣପାରମ୍ପରିକ ଲୋକଙ୍କୁ ମତ୍ସ୍ୟଜୀବୀ ଦର୍ଶାଇ ନଦୀରେ ମାଛ ଧରିବା ପାଇଁ ସ୍ୱୀକୃତି ଦେଉଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ମଧ୍ୟ ଉକ୍ତ ଅଣପାରମ୍ପରିକ ମତ୍ସ୍ୟଜୀବୀଙ୍କୁ ଋଣ ଦିଆଯାଉଛି। ଏ ନେଇ ଡଙ୍ଗା,

## ଡଙ୍ଗା, ଜାଲ, ଇଞ୍ଜିନ ଯୋଜନାରେ ଚଞ୍ଚକତା

ଜାଲ ସମ୍ପର୍କରେ ସୂଚନା ମଗାଯାଇଥିଲା। ଗତ ନଭେମ୍ବର ୧୬ରେ ଦୁଇଟି ବିଭାଗ ପକ୍ଷରୁ ଏ ସମ୍ପର୍କରେ ତଥ୍ୟ (ଚିଠି ନମ୍ବର ୩୩୦୪) ମିଳିଛି। ଏଥିରେ ଉଲ୍ଲେଖ ରହିଛି, ମତ୍ସ୍ୟଜୀବୀଙ୍କ ଜୀବିକା ନିର୍ବାହ ନିମନ୍ତେ ୨୦୨୧-୨୨ ଆର୍ଥିକ ବର୍ଷରେ ୫୨ ଲକ୍ଷ ୬୦ ହଜାର ଟଙ୍କା (୫୨,୬୦,୦୦୦)ସହାୟତା ଦିଆଯାଇଛି। ସେଥିରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (ପିଏମ୍‌ଏମ୍‌ଏସ୍‌ୱାଇ) ବାବଦରେ ୨୬ ଲକ୍ଷ ୩୦ ହଜାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୨୬ ଲକ୍ଷ ୩୦ ହଜାର ଟଙ୍କା ମତ୍ସ୍ୟଜୀବୀଙ୍କୁ ଦିଆଯାଇଛି। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ୮୪ ଲକ୍ଷ ୩୨ ହଜାର ଟଙ୍କା ଋଣ ଦିଆଯାଇଛି। ସେଥିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମାନ ୪୨ ଲକ୍ଷ ୧୬ ହଜାର ଟଙ୍କା ଲେଖାଏ ଦିଆଯାଇଛି। ରପ୍ତାନି ଦକ୍ଷତା ଥିବା ମତ୍ସ୍ୟ ବୋଟ୍‌ର ନବୀକରଣ ବାବଦରେ ୨୦୨୧ରୁ ୨୦୨୩ ବର୍ଷ ମଧ୍ୟରେ ୧ କୋଟି ୨୦ଲକ୍ଷ ୮୪ ହଜାର ୬୭୨ ଟଙ୍କା ପ୍ରଦାନ କରାଯାଇଛି। ସେଥିରେ ରାଜ୍ୟ ପାଣ୍ଠି ୫୪ ଲକ୍ଷ ୭୧ ହଜାର୧୨୪ ଟଙ୍କା ରହିଛି। ନୂଆ ବୋଟ୍ ଇଞ୍ଜିନ ଓ ଜାଲ ବାବଦରେ ୨୦୨୧-୨୨ରୁ ୨୦୨୨-୨୩ ବର୍ଷରେ ରାଜ୍ୟ ସରକାରଙ୍କ ପାଣ୍ଠିରୁ ୨ କୋଟି ୪୭ ଲକ୍ଷ ୫୭ ହଜାର ୧୨୯ ଟଙ୍କା ଋଣ ଦିଆଯାଇଛି। ଏହି ସମସ୍ତ ଯୋଜନାର ଅର୍ଥ ମାତ୍ର ଦୁଇଟି ସପ୍ଲାୟର୍ସ ମାଧ୍ୟମରେ ଦିଆଯାଇଛି। ତାହା ହେଲା ମା'ବୋଟ ବିଲ୍ଡିଂ ୟାର୍ଡ ଚୌମୁହାଣି ପାରାଦୀପ ଏବଂ ଏମ୍‌ଏସ ବିଶ୍ୱାସ ମେରାଇନ ବଡି ବିଲ୍ଡର ଅଠରବାଙ୍କୀ ପାରାଦୀପ। ଏଥିରେ ଯେଉଁ ୧୭୮ ଜଣ ଡଙ୍ଗା, ଜାଲ, ଇଞ୍ଜିନ ନେଇଥିବା ମତ୍ସ୍ୟଜୀବୀଙ୍କ ନାମ ଦର୍ଶାଯାଇଛି ସେଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ବିଶ୍ୱାଳୀ ଗ୍ରାମର ଅନୁସୂଚିତ ଜାତିର ବାପିନା କୁମାର ରାଉତ ଓ କୈଳାସ ରାଉତ ୨୦୨୩-୨୪ ବର୍ଷରେ ୪ ଲକ୍ଷ ୪୫ ହଜାର ଟଙ୍କା ଲେଖାଏ ଋଣ ନେଇଛନ୍ତି। ସେଥିରେ ସରକାରୀ ସବ୍‌ସିଡି ବାବଦରେ ଜଣଙ୍କ ପିଛା ୨ ଲକ୍ଷ ୬୭ ହଜାର ଟଙ୍କା ଦିଆଯାଇଛି। କିନ୍ତୁ ଏପରି ନାମ ଓ ସଂଜ୍ଞା ଥିବା ଲୋକ ଆମ ଗାଁରେ ନାହାନ୍ତି ବୋଲି ବିଶ୍ୱାଳୀ ଗ୍ରାମର ମତ୍ସ୍ୟଜୀବୀ ରଞ୍ଜନ ମାଝୀ ଓ ବସନ୍ତ ନାୟକ କୁହନ୍ତି। ସେହିପରି ବିଶ୍ୱାଳୀ ଗ୍ରାମର ବଂଶୀଧର ପଣ୍ଡା, ଶଙ୍କର ପଣ୍ଡା, ରବୀନ୍ଦ୍ର ପଣ୍ଡା, ମଣିଚରଣ ପଣ୍ଡାଙ୍କ ନାମରେ ଋଣ ଓ ସବ୍‌ସିଡି ଦିଆଯାଇଛି। କିନ୍ତୁ ସେପରି ବ୍ୟକ୍ତି ଗ୍ରାମରେ ନାହାଁନ୍ତି ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଯେଉଁ କେତେଜଣଙ୍କ ନାମ ଓ ଋଣ ଠିକ୍ ଅଛି, ସେମାନଙ୍କ ମଧ୍ୟରୁ କାହାକୁ ଜାଲ ମିଳିଛି ତ କାହାକୁ ଡଙ୍ଗା। ଏପରି ତ୍ରୁଟି ସମ୍ପର୍କରେ କୁଜଙ୍ଗ ମତ୍ସ୍ୟବିଭାଗ ଜନସୂଚନା ଅଧିକାରୀ ଜ୍ୟୋତିପ୍ରକାଶ ଆଚାର୍ଯ୍ୟ କୁହନ୍ତି, ଋଣ ଠିକ୍ ବ୍ୟକ୍ତିଙ୍କୁ ଦିଆଯାଇଛି। ତେବେ କମ୍ପ୍ୟୁଟରରେ ନାଁ ଓ ଗାଁ ଠିକଣା ଭୁଲ ହୋଇଥାଇପାରେ। ଏ ସମ୍ପର୍କରେ ସହକାରୀ ମତ୍ସ୍ୟ ଅଧିକାରୀ ତୁଷାରକାନ୍ତ ମହାପାତ୍ର କିଛି ଉତ୍ତର ଦେଇ ନ ଥିଲେ। କଟକସ୍ଥିତ ବିଭାଗୀୟ ସହକାରୀ ନିର୍ଦ୍ଦେଶକ ରବି ନାରାୟଣ ପଟ୍ଟନାୟକଙ୍କୁ ପଚାରିବାରେ ତାଙ୍କ ପାଖରେ ଏ ସମ୍ବନ୍ଧୀୟ କୌଣସି ଅଭିଯୋଗ ହୋଇ ନ ଥିବା କହିଛନ୍ତି। ତେବେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଚର୍ଚ୍ଚା ହେଉଛି।

# ଆଜି ସବୁ ସବ୍‌ଡିଭିଜନ ଆଗରେ ପ୍ରତିବାଦ କରିବ ଭାଜପା

ଭୁବନେଶ୍ୱର, ୧୦।୧୨(ବ୍ୟୁରୋ)

ବିଜେଡି ସରକାରରେ ମଦର ଭୂ-ସ୍ୱର୍ଗ ପାଲଟିଛି ଓଡ଼ିଶା। ରାଜ୍ୟ ସରକାରଙ୍କ ଅନୁକମ୍ପାରେ 'ସାହୁ ବ୍ରଦର୍ସ ଆଣ୍ଡ କୋ' ଠୁଳ କରିଛି ୫୦୦ କୋଟିର କଳା ଟଙ୍କା। ବିଜେଡିର ଭ୍ରଷ୍ଟ ଶାସନରେ ଓଡ଼ିଶା ଏବେ ନିନ୍ଦିତ ହୋଇଛି। ଯେଉଁଭଳି ଭାବେ ଓଡ଼ିଶାରେ ବିଜେଡି ସରକାରର ପ୍ରୋତ୍ସାହନରେ କଂଗ୍ରେସ ଏମ୍‌ପିଙ୍କ ଦ୍ୱାରା ଚାଲିଥିବା ମଦ ବ୍ୟବସାୟ ଉପରେ ଆୟକର ବିଭାଗ ଚଢ଼ାଉ କରି ବିପୁଳ ପରିମାଣର ନଗଦ ଟଙ୍କା ଜବତ କରିଛି ତାହା ସାରା ରାଜ୍ୟକୁ ବିଚଳିତ କରିଛି। ବିଜେଡି ସରକାରର ବିନା ପ୍ରୋତ୍ସାହନରେ କ'ଣ କେହି ୫ ଶହ କୋଟିର କଳାଟଙ୍କା ନିର୍ଭୟରେ ଜମା ରଖିପାରିବ କି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରଶ୍ନ କରିଛନ୍ତି। ରବିବାର ମନମୋହନ କହିଛନ୍ତି ଯେ, ଏହା ପଛରେ ବିଜେଡି ସରକାରର ଅଭୟ ସୁରକ୍ଷା ରହିଆସିଛି। 'ସାହୁ ବ୍ରଦର୍ସ ଆଣ୍ଡ କୋ'ଙ୍କ ସମେତ ମଦ ମାଫିଆମାନଙ୍କ ଯେଉଁଭଳି ଭାବେ ଓଡ଼ିଶାରେ କଳାଟଙ୍କା ବେପାର ବଢ଼ିଛି ତା'ପଛରେ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଅବକାରୀ ନୀତି ଦାୟୀ। ରାଜ୍ୟ ସରକାର ଅବକାରୀ ନୀତିରେ ଦୁର୍ନୀତି କରି ମଦ ମାଫିଆଙ୍କୁ ଅଯାଚିତ ଲାଭ ଦେଉଛନ୍ତି ଓ ସେହି ଟଙ୍କାରେ ବିଜେଡି ନିର୍ବାଚନ ଲଢୁଛି। କେବଳ ସେତିକି ନୁହେଁ ମଦ ମାଫିଆଙ୍କ ସ୍ୱାର୍ଥରେ ରାଜ୍ୟରେ ଦେଶୀ, ବିଦେଶୀ ମଦର ବନ୍ୟା ସୃଷ୍ଟି କରି ଓଡ଼ିଆଙ୍କୁ ସରକାର ଲୁଟୁଛନ୍ତି। ଏହା ବିରୋଧରେ ସୋମବାର ରାଜ୍ୟର ସବୁ ସବ୍‌ଡିଭିଜନ ସମ୍ମୁଖରେ ଭାଜପା ପକ୍ଷରୁ ବିଜେଡି ସରକାରର ଏହି ମଦ ଦୁର୍ନୀତି ଓ ଗଚ୍ଛିତ ବିପୁଳ କଳାଟଙ୍କା ବିରୋଧରେ ପ୍ରତିବାଦ ଆନ୍ଦୋଳନ କରାଯିବ ବୋଲି ମନମୋହନ ଏକ୍ସରେ ଉଲ୍ଲେଖ କରିଛନ୍ତି।

## ମହିଳାଙ୍କ ଆତ୍ମହତ୍ୟା

ରୂପସା, ୧୦।୧୨ (ବାଞ୍ଛାନିଧି ଦେ)

ବସ୍ତା ଥାନା ଅଧୀନ ବାହାର୍ଦ୍ଧା ଗ୍ରାମର କାଳିଚରଣ ସେଠୀଙ୍କ ସ୍ତ୍ରୀ ସୁକାନ୍ତି ପାରିବାରିକ କଳହରୁ ସେ ବେକରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ତାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୫୯/୨୩) ରୁଜୁ ହୋଇ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସେ ପୂର୍ବରୁ ୱାର୍ଡସଭ୍ୟା ଥିଲେ।

## ମହୁମାଛି ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

କେନ୍ଦୁଝର, ୧୦।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

ମହୁମାଛି ଆକ୍ରମଣରେ ଗୁରୁତର ହୋଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହରିଚନ୍ଦନପୁର ବ୍ଲକ ସାନକମଣ୍ଡରା ଗ୍ରାମର ଭିକାରୀ ଜୁଆଙ୍ଗ। ସେ ଶନିବାର ଘର ନିକଟ ବଡକାଇଁଝରକୁ ଗାଧୋଇବାକୁ ଯାଇଥିଲେ। ପାଖରେ ଥିବା ଏକ ଗଛରେ ବସା ବାନ୍ଧିଥିବା ମହୁଫେଣା ଉପରେ ଶୁଖିଲା ଡାଳ ପଡ଼ିବାରୁ ମହୁମାଛି ତାଙ୍କୁ ଆକ୍ରମଣ କରିଥିଲା।

# ସରିଲା ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷା

ପାଣିକୋଇଲି, ୧୦।୧୨ (ବିକାଶ ମଲ୍ଲିକ)

ଚଳିତ ମାସ ୩ ତାରିଖରେ କୋରେଇ ଶିକ୍ଷାମଣ୍ଡଳ ଅଧୀନ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ୮ମ ଶ୍ରେଣୀ ପିଲାଙ୍କ ନିମନ୍ତେ ହେଉଥିବା ଏନ୍‌ଏମ୍‌ଏମ୍‌ଏସ୍(ନ୍ୟାଶନାଲ ମିନ୍ସ କମ୍ ମେରିଟ ସ୍କୋଲାରଶିପ୍ ସ୍କିମ୍) ପରୀକ୍ଷାରେ ପ୍ରଶ୍ନପତ୍ର ବିଭ୍ରାଟକୁ ନେଇ ତୁମୁଳକାଣ୍ଡ ଉପୁଜିଥିବା ବେଳେ ରବିବାର ଉକ୍ତ ପରୀକ୍ଷା ସୁରୁଖୁରୁରେ ସମାପନ ହୋଇଛି। ଜିଲାର ୨୯୭ ଜଣ ପରୀକ୍ଷାର୍ଥୀ ଏଠାରେ ପରୀକ୍ଷାଦେବାକୁ ଥିବାବେଳେ ସେଦିନ ୨୮୩ ଜଣ ପରୀକ୍ଷା ଦେଇଥିଲେ ଓ ବାକି ୧୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ରବିବାର ପରୀକ୍ଷାରେ ପୁଣି ଦୁଇ ଜଣ ଅନୁପସ୍ଥିତ ଥିବା ବେଳେ ୨୮୧ ଜଣ ପରୀକ୍ଷାର୍ଥୀ ବାକିଥିବା ଦ୍ୱିତୀୟ ସିଟିଂ ପରୀକ୍ଷା ଦେଇଛନ୍ତି। ପରୀକ୍ଷାରେ ପର୍ଯ୍ୟବେକ୍ଷକ ଭାବେ ଜ୍ୟୋତିର୍ମୟୀ ମିଶ୍ର ଯୋଗ ଦେଇଥିବା ବେଳେ ସୁପର ଅବଜର୍ଭର ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷା ନିବେଦିତା ଗୁରୁ, ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ଅତିରିକ୍ତ ନିର୍ଦ୍ଦେଶକ ଏସ୍‌ଇଆରଟିର ମନୋରଞ୍ଜନ ମହାପାତ୍ର, ଜିଲା ବିଜ୍ଞାନ ସୁପରଭାଇଜର ବିଷ୍ଣୁଚରଣ ପଣ୍ଡା, କୋରେଇ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ ଓ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



**ପ୍ରଶ୍ନପତ୍ର ତ୍ରୁଟି ଯୋଗୁ ବାତିଲ ହୋଇଥିଲା ପରୀକ୍ଷା**

# ବାଜି ମାରିନେଲେ ବେସରକାରୀ ବିଦ୍ୟାଳୟ

### ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷା

ଚଣ୍ଡିଖୋଲ, ୧୦।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ଶିକ୍ଷା ମଣ୍ଡଳସ୍ତରୀୟ ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ଏହା ମଧ୍ୟରେ ପ୍ରକାଶ ପାଇଛି। ଏଥିରେ ୭ ଜଣ ଛାତ୍ରୀଛାତ୍ର ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବ୍ଲକ ଶିକ୍ଷା ଅଧିକାରୀ ଘୋଷଣା କରିଛନ୍ତି। ଏହି ୭ ଜଣଙ୍କ ମଧ୍ୟରେ ଜଣେ ବି ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ନାହାନ୍ତି। ସମସ୍ତ ୭ ଜଣ ବିଭିନ୍ନ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ରହିଛନ୍ତି। ସେମାନେ ହେଲେ ବାଲିଚନ୍ଦ୍ରପୁର ସରସ୍ୱତୀ ଶିଶୁ ମନ୍ଦିରର ୨ଜଣ ରାଜଲକ୍ଷ୍ମୀ ମହାନ୍ତି ଓ ଏପି ତପସ୍ୟା ସାମଲ, ବରପଦା ସରସ୍ୱତୀ ଶିଶୁମନ୍ଦିରର ପ୍ରତୀକ୍ଷା ରାୟ, ଲଲିତେଶ ପରିଡ଼ା ଓ ଇତିଶ୍ରୀ ମହାପାତ୍ର ୩ ଜଣ। ଛତିଆ ସରସ୍ୱତୀ ଶିଶୁ ମନ୍ଦିରର ଦିବ୍ୟାଶୀ ଦାଶ ଓ ଧାନମଣ୍ଡଳ ସରସ୍ୱତୀ ଶିଶୁ ମନ୍ଦିରର ସୌରଭ ସେନାପତି। ତେବେ ସରକାରୀ ବିଦ୍ୟାଳୟକୁ ବିଭିନ୍ନ ଯୋଜନାରେ ସହାୟତା ମିଳୁଥିଲେ ମଧ୍ୟ ଜଣେ ବି ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେବା ନେଇ ପ୍ରଶ୍ନ ଉଠିଛି। ସରକାରୀ ବିଦ୍ୟାଳୟର ପାଠପଢ଼ାର ଉନ୍ନତି ନ ହେବା ଏଥିରୁ ପ୍ରମାଣ ମିଳେ ବୋଲି ବହୁ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ସବିତା ସାହୁଙ୍କୁ ପଚାରିବାରୁ ସେ ବାହାରେ ଅଛନ୍ତି, ଅଫିସକୁ ଗଲେ ଦେଖିକି କହିପାରିବେ ବୋଲି କହିଛନ୍ତି।

## ସାପ କାମୁଡ଼ାରେ ଶିଶୁକନ୍ୟା ମୃତ

ଜଳେଶ୍ୱର, ୧୦।୧୨ (ରବିନାରାୟଣ ପାତ୍ର)

ଜଳେଶ୍ୱର ବ୍ଲକ ଅଧୀନ ବର୍ଦ୍ଧନା ପଞ୍ଚାୟତ ଷୋଳକଣ୍ଡା ଗ୍ରାମର କାହ୍ନୁଚରଣ ଜେନାଙ୍କ ୧୦ବର୍ଷର ଝିଅ ଶ୍ରଦ୍ଧାଞ୍ଜଳିଙ୍କ ସାପ କାମୁଡାରେ ମୃତ୍ୟୁ ହୋଇଛି। ଶ୍ରଦ୍ଧାଞ୍ଜଳି ଘରପାଖ ଧାନବିଲକୁ ଯାଇଥିବା ବେଳେ ଏକ ବିଷଧର ସାପ କାମୁଡିବା ପରେ ରକ୍ତସ୍ରାବ ହୋଇଥିଲା। ସଙ୍ଗେ ସଙ୍ଗେ ଜିକେ ଭଞ୍ଜର ହସ୍‌ପିଟାଲକୁ ନିଆଯାଇଥିଲା ବେଳେ ସେଠାରେ ସାମାନ୍ୟ ଚିକିତ୍ସା କରି ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଏକ ବେସରକାରୀ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଶ୍ରଦ୍ଧାଞ୍ଜଳିଙ୍କ ମୃତ୍ୟୁ ହୋଇଥିଲା।

## ବ୍ୟାସଭୂମି ଅନାଥାଶ୍ରମକୁ ରୋଟାରି କ୍ଲବ୍ ପକ୍ଷରୁ ସହାୟତା

ଯାଜପୁର ରୋଡ୍, ୧୦।୧୨ (ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସସରୋବର ନିକଟ ବ୍ୟାସଭୂମି ଅନାଥାଶ୍ରମକୁ କଳିଙ୍ଗନଗର ରୋଟାରି କ୍ଲବ ପକ୍ଷରୁ ରାସନ ଏବଂ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। କ୍ଲବ ସଭାପତି ରୋଟାରିଆନ ପ୍ରଶାନ୍ତ ପରିଡ଼ାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଅନୁଷ୍ଠାନର ୨୧ ଜଣ ଅନ୍ତେବାସୀଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିଲା। ପରେ କ୍ଲବ ପକ୍ଷରୁ ସମସ୍ତ କର୍ମକର୍ତ୍ତା ଅନ୍ତେବାସୀଙ୍କ ସହିତ ଭାବ ବିନିମୟ କରିଥିଲେ। ଏହାପରେ ଅନ୍ତେବାସୀମାନଙ୍କ ନିମନ୍ତେ ୩ ମାସର ରାସନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବ ପକ୍ଷରୁ ରୋଟାରିଆନ ପ୍ରଶାନ୍ତ ପରିଡା, ମନୋଜ କୁମାର ବାରିକ, ସୁଦୀପ କୁମାର ମିଶ୍ର, ଅକ୍ଷୟ କୁମାର ପତି, ଶିବାନନ୍ଦ ନାୟକ, ଦିନେଶ ସାହୁ, ରାମଚନ୍ଦ୍ର ସେନାପତି ଓ ବିଜୟ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

## ଭିବଗିୟର୍ କ୍ଲାସେସ ପକ୍ଷରୁ ରକ୍ତଦାନ ଶିବିର

ଯାଜପୁର ସଦର, ୧୦।୧୨ (ସମର ବିଜୟ ଶରଣ)

ଯାଜପୁର ସହର ଉପକଣ୍ଠ କଲେଜ ଛକଠାରେ ଥିବା ଭିବଗିୟର୍ କ୍ଲାସେସ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପରିସରରେ ଆୟୋଜିତ ଏହି ଶିବିରକୁ ଅନୁଷ୍ଠାନର ଡାଇରେକ୍ଟର ଅପରାଜେୟ ପଣ୍ଡା ଉଦ୍‌ଘାଟନ କରି ଶିକ୍ଷା ସହ ସାମାଜିକ ଦାୟିତ୍ୱବୋଧ ପାଳନର ଆବଶ୍ୟକତା ରହିଛି ବୋଲି କହିଥିଲେ। ଶିବିରରେ ମୋଟ୍ ୪୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଅବସରରେ ସବୁଜ ପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ ସମସ୍ତ ରକ୍ତଦାତାଙ୍କୁ ଆମ୍ବ ଚାରା ବଣ୍ଟନ କରାଯାଇଥିଲା। ଯାଜପୁର ରକ୍ତଭଣ୍ଡାର ପକ୍ଷରୁ ସୁଜିତ ମନୋହର ସ୍ୱାଇଁ, ମହେଶ୍ୱର ବେହେରା, ଅବିନାଶ ଦାଶ, ଅଜୟ କୁମାର ଜେନା, ନବୀନ ଚାନ୍ଦ ସେଠୀ ଓ ସନ୍ତୋଷ କୁମାର ବିଶ୍ୱାଳ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଶିକ୍ଷାନୁଷ୍ଠାନ ପକ୍ଷରୁ ଶ୍ରୀକାନ୍ତ ଆଚାର୍ଯ୍ୟ, ଚିତ୍ତରଞ୍ଜନ ନାୟକ, ପ୍ରିୟଙ୍କା ସାହାଣୀ, ରଶ୍ମିରଞ୍ଜନ ମହାନ୍ତି ଓ ଅଜିତ କୁମାର ସ୍ୱାଇଁଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ଜଣେ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# ଜାରକା ଇନରହୁଇଲ୍ କ୍ଲବ୍‌ର ପ୍ରତିଷ୍ଠା ଦିବସ



ଇନରହୁଇଲ କ୍ଲବ ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ଧର୍ମଶାଳା, ୧୦।୧୨ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ଇନରହୁଇଲ କ୍ଲବ୍‌ର ୧୦ମ ପ୍ରତିଷ୍ଠା ଦିବସ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପୂର୍ବତନ ସଭାପତି ଶକୁନ୍ତଳା ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାରୋହରେ କ୍ଲବ୍ ସଭାପତି ଶୁଭଲକ୍ଷ୍ମୀ କର ସଭାପତିତ୍ୱ କରିଥିଲେ। ଅତିଥିଭାବେ ରୋଟାରି କ୍ଲବ୍ ସଭାପତି ଇଂ. ବିପିନ୍ କିଶୋର ଷଡ଼ଙ୍ଗୀ ଓ ସମ୍ପାଦକ ଜୟଗୁରୁ ପାତ୍ର ଯୋଗଦେଇ ଇନରହୁଇଲ୍ କ୍ଲବର ବହୁମୁଖୀ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଏଥିସହିତ ଜାରକା ଇନରହୁଇଲ କ୍ଲବ୍ ତା'ର କାର୍ଯ୍ୟଧାରା ପାଇଁ ସାରା ରାଜ୍ୟରେ ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଭାବେ ପରିଗଣିତ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। କ୍ଲବ୍ ସମ୍ପାଦକ ବିଶ୍ୱମିତ୍ରା ସାହୁ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସାଧୀକାରୀ ଡା. ବିଜୟ କୁମାର ଶତପଥୀ, ଧର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଜୟନ୍ତ କୁମାର ସାହୁ, ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ରୋଟାରି କ୍ଲବ୍ ପ୍ରତିଷ୍ଠାତା ସଭାପତି ପ୍ରଦୀପ୍ତ କୁମାର ବରାଳ, ଇନରହୁଇଲ୍ କ୍ଲବ ପୂର୍ବତନ ସଭାପତି ମିନତି ସାହୁ ଓ ମାଧୁରୀ ଶତପଥୀଙ୍କ ସମେତ ଉଭୟ କ୍ଲବ୍‌ର କର୍ମକର୍ତ୍ତା ଏବଂ ସଦସ୍ୟମାନେ ଯୋଗ ଦେଇଥିଲେ। ଶେଷରେ କ୍ଲବ୍ ସଦସ୍ୟମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମାଙ୍କଡ଼, ଷଣ୍ଢଙ୍କ ଉତ୍ପାତ

### ଚାଷୀ ହଇରାଣ, ଶୁଣୁନି ବନ ବିଭାଗ

ଭୋଗରାଇ, ୧୦।୧୨ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳରେ ଦିନକୁ ଦିନ ବଢିଚାଲିଛି ମାଙ୍କଡ଼ ଓ ଷଣ୍ଢଙ୍କ ଉତ୍ପାତ। ବାଡ଼ି ବଗିଚାରେ ପଶି ଚାଷୀଙ୍କ ଫସଲ ଖାଇ ନଷ୍ଟ କରିଦେଉଛନ୍ତି। ରକ୍ଷାବାସ କରୁନାହାନ୍ତି। ବନ ବିଭାଗକୁ ଜଣାଇଲେ ମଧ୍ୟ କିଛି ଲାଭ ହେଉନି। କ'ଣ କରିବେ ସେହି ଚିନ୍ତାରେ ଚାଷୀମାନେ ମୁଣ୍ଡରେ ହାତ ଦେଲେଣି। ସମୁଦ୍ରକୂଳ ଅଞ୍ଚଳ ପ୍ରତ୍ୟେକ ଗ୍ରାମରେ ଏବେ ମାଙ୍କଡ଼ପଲ ଗଛରେ ରହୁଛନ୍ତି। ଖାଦ୍ୟାଭାବ ଯୋଗୁ ମାଙ୍କଡ଼ ଲୋକଙ୍କ ଘରେ ଓ ଦୋକାନରେ ପଶିଯାଉଛନ୍ତି। ଘଉଡାଇଲେ ଦାନ୍ତ ଖିଁ ଖିଁ କରି କାମୁଡି ଗୋଡାଉଛନ୍ତି। ରାସ୍ତାରେ ବାଇକ ଆରୋହୀଙ୍କୁ ଦେଖିଲେ ଉପରକୁ ଡେଉଁଛନ୍ତି। ଏହାସହ ଭୋଗରାଇ ବ୍ଲକର ପ୍ରତ୍ୟେକ ଗ୍ରାମରେ ୫ରୁ ୧୦ ଷଣ୍ଢ ବିଚରଣ କରି ବନ୍ଧ ବାଡ଼ ଭାଙ୍ଗି ଫସଲ ଖାଇବା ସହ ଦଳି ଚକଟି ନଷ୍ଟ କରିଦେଉଛନ୍ତି। ମାଙ୍କଡ଼ ଓ ଷଣ୍ଢଙ୍କ ଉତ୍ପାତର ପ୍ରତିକାର ପାଇଁ ପ୍ରାକ୍ତନ ମନ୍ତ୍ରୀ ତଥା ଭୋଗରାଇ ବିଧାୟକ ବିଧାନସଭାରେ ବାରମ୍ବାର ପ୍ରଶ୍ନ ଉତ୍ଥାପନ କରିଥିବା ବେଳେ କୌଣସି ସୁଫଳ ମିଳିନି।

# କଟକ କ୍ରିକେଟ ଟିମ୍ ସେମିରେ

### ସର୍ବଭାରତୀୟ ସତ୍ୟସାଇ କ୍ରିକେଟ

ବ୍ରହ୍ମବରଦା, ୧୦।୧୨ (ଯଯାତି କେଶରୀ ବେହେରା)

ଯାଜପୁର ବ୍ଲକ ଖାଲପଡ଼ା ପଞ୍ଚାୟତ କାକୁଡିକୁଦ ସତ୍ୟସାଇ ଖେଳ ପଡ଼ିଆରେ ଚାଲିଥିବା ୪୦ତମ ସର୍ବଭାରତୀୟ ସତ୍ୟସାଇ କ୍ରିକେଟ ପ୍ରତିଯୋଗିତାର ରବିବାର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଇନ୍ଦୁପୁର କ୍ରିକେଟ କ୍ଲବ (କୋନ୍ଦ୍ରପଡ଼ା)କୁ ହରାଇ ୟୁନିୟନ ସ୍ପୋର୍ଟିଂ କ୍ଲବ (କଟକ) ସେମି ଫାଇନାଲରେ ପ୍ରବେଶ କରିଛି।

ଇନ୍ଦୁପୁର କ୍ରିକେଟ କ୍ଲବ୍ ଟସ୍ ଜିଣି ୟୁନିୟନ ସ୍ପୋର୍ଟିଂକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ୟୁନିୟନ ସ୍ପୋର୍ଟିଂ କ୍ଲବ୍ ନିର୍ଦ୍ଧାରିତ ୨୫ ଓଭର ଖେଳି ୯ ଉଇକେଟ ବିନିମୟରେ ୨୬୮ରନ ସଂଗ୍ରହ କରିଥିଲା। ଦଳ ତରଫରୁ ରୁଷି ମେହେର ସର୍ବାଧିକ ୧୧ ଛକା ଓ ୮ ଚୌକା ମାରି ୧୦୬ରନ ସଂଗ୍ରହ କରିଥିଲେ। ଇନ୍ଦୁପୁର କ୍ରିକେଟ କ୍ଲବ୍‌ର ବୋଲର ରିତିକ୍ ଓ ଶିବସୁନ୍ଦର ୨ ଲେଖାଏ ଉଇକେଟ ନେଇଥିଲେ। ୨୬୮ରନ ପିଛା କରି ଇନ୍ଦୁପୁର କ୍ରିକେଟ କ୍ଲବ୍ ସମସ୍ତ ଉଇକେଟ ହରାଇ ୧୬୯ରନ କରି ପରାଜୟ ବରଣ କରିଥିଲା। ଦଳତରଫରୁ ଗୌରବ ଚୌଧୁରୀ ସର୍ବାଧିକ ୩୬ରନ ସଂଗ୍ରହ କରିଥିବାବେଳେ ୟୁନିୟନ ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ବୋଲର ବିଶ୍ୱଜିତ, ମହାପ୍ରସାଦ ଓ ଆଶିଷ ୨ ଲେଖାଏ ଉଇକେଟ ନଇଥିଲେ। ରୁଷି ମେହେର ମ୍ୟାନ-ଅଫ୍‌ଦି-ମ୍ୟାଚ ଘୋଷିତ ହୋଇଥିଲେ। ଖେଳକୁ ସ୍ୱପ୍ନସରିତ କର ଓ ଶରତ ଜେନା ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ପ୍ରିୟନାଥ ରାଉତ, ଅରୁଣ ପତି ଓ ଶ୍ରଦ୍ଧାସୁମନ ସାହୁ, ସ୍କୋରର ଭାବେ ରବିନାରାୟଣ ସେଠୀ ଏବଂ ଚିନ୍ମୟ ଦଳାଇ କାର୍ଯ୍ୟ ତୁଲାଇଥିଲେ। ହେମନ୍ତ ସାହୁ, ଉତ୍କଳ ଜେନା, ମାଧବାନନ୍ଦ ଜେନା ଓ ବଳରାମ ସାହୁଙ୍କ ସମେତ ସତ୍ୟସାଇ କ୍ରିକେଟ ଟିମର ସମସ୍ତ କର୍ମକର୍ତ୍ତା ଖେଳ ପରିଚାଳନାରେ ସହଯୋଗ କରିଥିଲେ। ସୋମବାର ଜାମସେଦପୁର ଟାଟା ସହିତ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ମଧ୍ୟରେ ଖେଳ ଅନୁଷ୍ଠିତ ହେବ।


ଅତିଥି ଜଣେ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରୁଛନ୍ତି।

# ବ୍ଲକସ୍ତରୀୟ ଶିଶୁମେଳା, ସମ୍ବର୍ଦ୍ଧନା ଉତ୍ସବ



ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି।

ସିଂହପୁର, ୧୦।୧୨ (ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ହଳଦିଡ଼ିହ ପଞ୍ଚାୟତ ଫଳପୁର ଅଦ୍ୱୈତ ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁମେଳା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ମୁଖ୍ୟବକ୍ତା ରାଜ୍ୟ ଓଷ୍ଟା ସମ୍ପାଦକ ରଞ୍ଜନ କୁମାର ଦାସ, ସମ୍ମାନିତ ଅତିଥି ଜିଲା ପରିଷଦସଭ୍ୟ ନନ୍ଦକିଶୋର ସାମଲ, ଓଷ୍ଟା ଯୁଗ୍ମ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ଜିଲା ସମ୍ପାଦକ ଅମୂଲ୍ୟ କୁମାର ଦାସ, ଜିଲା ପରିଷଦ ସଭ୍ୟ ଖଗେଶ୍ୱର ମହାନ୍ତି, ସରପଞ୍ଚ ଅନୁପମା ନାୟକ, ସମିତିସଭ୍ୟ କ୍ଷୀରୋଦ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ଶିଶୁମେଳା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ଲକ୍ ଓଷ୍ଟା ସମ୍ପାଦକ ଭରତ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ର ସ୍ୱାଗତ ସଂଗୀତ ଗାନ କରିଥିଲେ। ମେଳାରେ ୩୮ ବିଦ୍ୟାଳୟର ୩୪୮ଜଣ ଛାତ୍ରୀଛାତ୍ର ୧୦ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ଗ୍ରାନ୍ଥାଗାରିକ ସଂଘ ସଭାପତି ସୁଶାନ୍ତ କୁମାର ନାୟକ, ଅଶୋକ ଧଳ, ଖରସ୍ରୋତା ଓ ବରୁଣେଶ୍ୱର ମହାବିଦ୍ୟାଳୟ ଅଧ୍ୟାପିକାଅଧ୍ୟପମାନେ ଯୋଗ ଦେଇ ମୂଲ୍ୟାୟନ କରିଥିଲେ। ସଂଘର ମୀନକେତନ ପୁହାଣ, ସନ୍ତୋଷ କୁମାର ମିଶ୍ର, ସର୍ବେଶ୍ୱର ରାଉତ, ରଶ୍ମିରଞ୍ଜନ ବେହେରା ଓ ସରୋଜ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ନାୟକ ଓ ଓଷ୍ଟାର ପ୍ରାକ୍ତନ ସମ୍ପାଦକ ପ୍ରଦୀପ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସାମଲ ଧନ୍ୟବାଦ ଦେଇଥିଲେ।

# କେଜିଆଇର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଯାଜପୁରରୋଡ୍, ୧୦।୧୨ (ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ କଳିଙ୍ଗ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସ (କେଜିଆଇ)ର ୧୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ତଥା ସତ୍ୟାନନ୍ଦ ଦାସ ମେମୋରିଆଲ କେଜିଆଇ ପ୍ରିମିୟର ଲିଗ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ନଟପଡ଼ାସ୍ଥିତ ଓଁକାରନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ମଶାଲ ଶୋଭାଯାତ୍ରାରେ କେଏନ୍‌ପି, କେଏଚ୍‌ଏସ୍‌ଏସ୍ ଓ ଏସ୍‌ଏକ୍ସଆଇଏସ୍‌ର ପ୍ରାୟ ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଆସ ଆମେ ଚାଲିବା, ନିଜ ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ନାରା ଦେଇ ପଦଯାତ୍ରା କରିଥିଲେ। ଶୋଭାଯାତ୍ରା ଓଁକାରନାଥ ମନ୍ଦିରରୁ ଆରମ୍ଭ ହୋଇ ନଟପଡ଼ା, ଛୋଟରାୟପୁର ଛକ, ଭିକିପୁର ଦେଇ ତରାପୁରସ୍ଥିତ କଳିଙ୍ଗନଗର ପଲିଟେକନିକ କ୍ୟାମ୍ପସରେ ପହଞ୍ଚିଥିଲା। ସେଠାରେ ବିନୋଦ ବିହାରୀ ଦାସ ପ୍ରଦୀପ ପ୍ରଜ୍ୱଳନ କରି ବାର୍ଷିକ କ୍ରୀଡ଼ାର ଉଦ୍‌ଘାଟନ କରିଥିଲେ। ଉତ୍ସବରେ ବିଭିନ୍ନ ପ୍ରକାରର କ୍ରୀଡ଼ା ପ୍ରତିଯୋଗିତା ସହ କଳିଙ୍ଗ ଉଚ୍ଚ ମାଧ୍ୟମିକ ସ୍କୁଲର ଆଲୁମିନ ମିଟ୍ ଅନୁଷ୍ଠିତ ହୋଇଥିଲା। କେଏଚ୍‌ଏସ୍‌ଏସ୍‌ର ସମସ୍ତ ବ୍ୟାଚ୍ ଛାତ୍ରୀଛାତ୍ର ଯୋଗଦେଇ କେଜିଆଇର ସଦସ୍ୟଙ୍କ ସହ କ୍ରିକେଟ ମ୍ୟାଚ୍ ଖେଳିଥିଲେ। ଏହି ମ୍ୟାଚରେ କେଜିଆଇ ଏକାଦଶ ବିଜୟ ଲାଭ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ କେଜିଆଇ ଏକାଦଶ ଓ ଜିଲା ପ୍ରଶାସନ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଜିଲା ପ୍ରଶାସନ ୧୦ ଓଭରରେ ୯୪ରନ କରିଥିବାବେଳେ କେଜିଆଇ ଏକାଦଶ ୫.୫ ଓଭରରେ ୧୦୦ରନ କରି ବିଜୟ ଲାଭ କରିଥିଲା।

ଉତ୍ସବରେ କେଜିଆଇର ମୁଖ୍ୟ ପ୍ରଶାସନିକ ଅଧିକାରୀ ବିଜୟ ପ୍ରସାଦ ନାୟକ, ଡିସିଏଫ୍‌ଓ କ୍ରିଷେନ୍ଦୁ ଘୋଷ, ଷ୍ଟେଟ ହେଡ୍ ବିକ୍ରମ କେଶରୀ ପରିଡ଼ା, ଏମ୍‌ଏସ୍‌ଏମ୍ ମୁଖ୍ୟ ଶ୍ରୀଧର ଘଡ଼ାଇ, କେଏନ୍‌ପିର ଅଧ୍ୟକ୍ଷ ବିଷ୍ଣୁ ଚରଣ ଦାସ, ଏସ୍‌ଏକ୍ସଆଇଏସ୍‌ର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କ୍ରୀଡ଼ା ପ୍ରଶିକ୍ଷକ ସତ୍ୟବ୍ରତ ମହାରଣା, ରାଜେନ୍ଦ୍ର କୁମାର ଦାସ, ସୁଭାଶିଷ ଜେନା, ବିଶ୍ୱବନ୍ଦିତା ଖୁଣ୍ଟିଆ, ଚିରସ୍ମିତା ଦାସ, ଗୌରାଙ୍ଗ ଭଞ୍ଜ, କାଶୀନାଥ ପୃଷ୍ଟି, ଜ୍ୟୋତି ପ୍ରକାଶ ନାୟକ, ସାଦେକା ଖାତୁନ, କାଜଲପ୍ରିୟା ପାଣି, ମୋନାଲିସା ମହାପାତ୍ର, ଟିନା ଗୁରୁ, କଳ୍ପନା ପଣ୍ଡା, ରାଜଶ୍ରୀ ସାହୁ, କୋଣାର୍କ ପାତ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଛତ୍ରୀଛାତ୍ର ଯୋଗଦେଇ ସହଯୋଗ କରିଥିଲେ।



ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ପଦଯାତ୍ରାରେ ଯାଉଛନ୍ତି।

# ୧୭ କୋଟିର ଅଳକା ଖନନ ଯୋଜନା ଦିଗହରା

- ସରକାରୀ ଅର୍ଥ ବରବାଦ ଅଭିଯୋଗ
- ଗତ ବର୍ଷାରେ କୃତ୍ରିମ ବନ୍ଧର ଅଧିକାଂଶ ଧୋଇଗଲା
- ବାର୍ଷିକ ୬୦୦ ଟନ୍ ମାଛ ଉତ୍ପାଦନ ଲକ୍ଷ୍ୟ ମଉଳିଲା

ଜଗତ୍‌ସିଂହପୁର ଅଫିସ, ୧୦।୧୨

ଅତୀତରେ ଅଳକା ନଦୀ ସୁନାବ୍ୟା, ସୁଗଭୀର ଥିଲା। ଏଥିରେ ଜାହାଜ ଯାତାୟାତ କରିପାରୁଥିଲା। ତେଣୁ ତତ୍କାଳୀନ ହରିହରପୁର ତଥା ବର୍ତ୍ତମାନର ଜଗତ୍‌ସିଂହପୁରରେ ଇଂରେଜମାନେ ବ୍ୟବସାୟ କେନ୍ଦ୍ର ଅର୍ଥାତ୍ ବାଣିଜ୍ୟ କୋଠି କରିବାକୁ ସକ୍ଷମ ହୋଇଥିଲେ। ସମୟ ଚକ୍ରରେ ଅଳକା ତା'ର ସ୍ଥିତି ହଜାଇ ବସିଛି। ମୃତପ୍ରାୟ ଏହି ନଦୀ ଖନନ ପାଇଁ ସରକାରୀସ୍ତରରେ ଆନ୍ତରିକତା ପ୍ରକାଶ ପାଇଥିଲା। ୧୭ କୋଟି ଟଙ୍କାର ଯୋଜନା ପ୍ରସ୍ତୁତ ହୋଇଥିଲା। ବୋରିକିନା ନିକଟ ଅଶିଲୋଠାରୁ ବୀରବରପାଟଣା ପର୍ଯ୍ୟନ୍ତ ୫୨.୩୯ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ମୃତ ନଦୀକୁ ୩ଟି ପର୍ଯ୍ୟାୟରେ ଭାଗ ଭାଗ କରି କାମ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ପର୍ଯ୍ୟାୟକ୍ରମେ ଟିଏସି (ଟେକ୍ନିକାଲ ଆଡଭାଇଜରୀ କମିଟି), ପ୍ରଶାସନିକ ଅନୁମୋଦନ ପରେ ଟେଣ୍ଡର ହୋଇଥିଲା। ଏହା ଜିଲାବାସୀଙ୍କ ମନରେ ନୂଆ ଆଶା ସଞ୍ଚାର କରିଥିଲା। କାରଣ ଅଳକା ଖନନ ସଫଳ ହେଲେ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ଜଳ ନିଷ୍କାସନ ସମସ୍ୟା ଦୂର ହୋଇପାରିବ। ଏହାର ପୁନରୁଦ୍ଧାର ପରେ ୫ ବର୍ଷ ପୂର୍ବରୁ ରାଜ୍ୟ ସରକାର ଚିନ୍ତା କରିଥିବା ଯୋଜନା ସଫଳ ହେବ ଅର୍ଥାତ୍ ସେଥିରେ ମତ୍ସ୍ୟଚାଷ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ମିଳିପାରିବ ବୋଲି ଲୋକେ ଆଶା କରିଥିଲେ। କିନ୍ତୁ ବାସ୍ତବ କ୍ଷେତ୍ରରେ ଅଳକା ଖନନ ଦିଗହରା ହୋଇଥିବା ଅଭିଯୋଗ ହେଉଛି।


ଜେସିବି ଜରିଆରେ ଅଳକା ନଦୀ ଖନନ କାର୍ଯ୍ୟ ଚାଲିଛି।

ଏ ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କ କହିବା କଥା ହେଲା, କେବଳ ନାଁକୁ ମାତ୍ର ଅଳକା ଖନନ କରାଯାଉଛି। ଏ ପର୍ଯ୍ୟନ୍ତ ଅଳକା ଖନନ କାମ ସରି ନ ଥିବା ବେଳେ ଯାହା କାମ ହୋଇଛି ତାହା ବାସ୍ତବ ଲକ୍ଷ୍ୟ ପୂରଣ କରିପାରୁନି। ଅନେକ ସ୍ଥାନରେ ଜମି ମାପ ଠିକ୍ ଭାବେ କରାଯାଇ ନାହିଁ। ଯେଉଁଠି ପ୍ରଭାବଶାଳୀ ଲୋକଙ୍କ ଜମି ଅଛି, ସେମାନଙ୍କ ମଧ୍ୟରୁ ଅନେକଙ୍କ କଥାରେ ନଦୀର ଦିଗ ବଦଳାଯିବା ସହ ସଙ୍କୁଚିତ କରାଯାଇଛି। ସବୁଠୁ ବଡ କଥା ହେଲା ଅଳକା ଖନନ ସଂକ୍ରାନ୍ତରେ ଯୋଜନା ପ୍ରସ୍ତୁତ ହୋଇଥିବା ବେଳେ ନଦୀବନ୍ଧ ନିର୍ମାଣ ପ୍ରସଙ୍ଗକୁ ବାଦ ଦିଆଯାଇଛି। ଏହାଦ୍ୱାରା ଠିକାଦାର ମେଶିନ୍ ଦ୍ୱାରା ନଦୀ ଗର୍ଭରୁ ଖୋଳାଯାଉଥିବା ମାଟି, ବାଲିକୁ ଏହା ପାର୍ଶ୍ୱରେ ମନଇଚ୍ଛା ପକାଇ ଦେଉଛନ୍ତି। ଯଦିଓ ଅଧିକାଂଶ ସ୍ଥାନରେ ଏହା ଏକପ୍ରକାର ବନ୍ଧ ସୃଷ୍ଟି କରିଛି, କିନ୍ତୁ ତାହା ନୀଚା ଏବଂ ବାଲି, ପଙ୍କରେ ଭରା ଥିବାରୁ ଦୁର୍ବଳ ସ୍ଥିତିରେ ରହିଛି। ଫଳରେ ଗତ ବର୍ଷାରେ କୃତ୍ରିମ ବନ୍ଧର ଅଧିକାଂଶ ସ୍ଥାନରେ ଘାଇ ସୃଷ୍ଟି ହେବା ସହ ଓସାରିଆ ହୋଇ ଯାଇଥିଲା। କେବଳ ଏତିକି ନୁହେଁ, ପ୍ରାୟ ସ୍ଥାନରେ ମାଟି, ବାଲି ଆଦି ଧୋଇ ପୁଣି ଅଳକା ଗର୍ଭକୁ ଚାଲିଯାଇଛି। ଆଉ କିଛି ବର୍ଷ ଭିତରେ ଏହି କୃତ୍ରିମ ବନ୍ଧ ଲୋପ ପାଇ ଅଳକା ନଦୀ ଯଥା ପୂର୍ବଂ ତଥା ପର ସ୍ଥିତିକୁ ଚାଲିଯିବା ନେଇ ଆଶଙ୍କା କରାଯାଉଛି। ଯୋଜନା ଦିଗହରା ଯୋଗୁ ସରକାରୀ ଅର୍ଥ ବରବାଦ ହେବା ସହ ଠିକାଦାର ଓ ଯନ୍ତ୍ରୀ ଉପକୃତ ହେଉଛନ୍ତି ବୋଲି ଜଗତ୍‌ସିଂହପୁର ଅଞ୍ଚଳର ନିଲୁ ମିତ୍ର, ସରୋଜ ନାୟକ, ଅନ୍ତର୍ଯାମୀ ବିଶ୍ୱାଳ ପ୍ରମୁଖ କ୍ଷୋଭର ସହ କହିଛନ୍ତି।

ଏ ସମ୍ପର୍କରେ ଆଉ କିଛି ଲୋକଙ୍କ କହିବା କଥା ହେଲା, ଅଳକା ଉପରେ ଜମି ମାଫିଆଙ୍କ ଲୋଲୁପଦୃଷ୍ଟି କାରଣରୁ ତା'ର ସ୍ୱରୂପ ବଦଳିଯାଇଥିଲା। ଅନେକ ଏହି ଜମିକୁ ଅସାଧୁ ରାଜସ୍ୱ କର୍ମଚାରୀଙ୍କ ସହଯୋଗରେ ନିଜ ନାଁରେ କରି ନେଇଥିଲେ। ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ୨୦୧୬ରେ ଚିନ୍ତା କରିଥିଲେ। ଜଳ ନିଷ୍କାସନ ସହ ବିଶେଷକରି ମୃତ ନଦୀଗର୍ଭରେ ମତ୍ସ୍ୟଚାଷ ପାଇଁ ଏହି ବର୍ଷ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଡିପିଆର୍ (ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ କରାଯାଇଥିଲା। ୨୦୧୮ ଫେବୃୟାରୀରେ କେନ୍ଦ୍ରୀୟ ଅନ୍ତସ୍ଥଳୀୟ ମତ୍ସ୍ୟ ଗବେଷଣା ସଂସ୍ଥା (ସିଆଇଏଫ୍ଆର୍ଆଇ) ପକ୍ଷରୁ ଏକ ଟିମ୍ ୪ ଦିନିଆ ଜଗତ୍‌ସିଂହପୁର ଗସ୍ତ କରି ଅନୁଧ୍ୟାନ କରିବା ସହ ଅନୁକୂଳ ମତ ଦେଇଥିଲେ। ସେତେବେଳେ ମୃତ ଅଳକାର ବିରିଡ଼ି, ଜଗତ୍‌ସିଂହପୁର ଓ ନାଉଗାଁ ବ୍ଲକ ଅଞ୍ଚଳରେ ସର୍ବେକ୍ଷଣ କରାଯାଇଥିଲା। ଯୋଜନା କାର୍ଯ୍ୟକାରୀ ହେଲେ ଜିଲାର ପାଖାପାଖି ୧୫୦ ହେକ୍ଟର ନଦୀଶଯ୍ୟାରେ ମୀନ ଖେଳିବ ବୋଲି କୁହାଯାଇଥିଲା। ଏଠାରୁ ବାର୍ଷିକ ୬୦୦ ଟନ୍ ମାଛ ଉତ୍ପାଦନ ହୋଇପାରିବ, ଯାହାର ଆନୁମାନିକ ମୂଲ୍ୟ ୭ କୋଟିରୁ ଅଧିକ ଟଙ୍କା ହେବା ଆଶା କରାଯାଉଛି। ଶତାଧିକ ବେକାର ଯୁବକ ଆତ୍ମ ନିର୍ଭରଶୀଳ ହୋଇପାରିବେ। ସ୍ୱୟଂ ସହାୟକ ଗୋଷ୍ଠୀ, ପିଏସ୍‌ସିଏସ୍ ଓ ଉଦ୍ୟୋଗୀମାନେ ଉପକୃତ ହୋଇପାରିବେ। ଜିଲା ପାଇଁ ଆବଶ୍ୟକ ମାଛ ପରିମାଣ କମିଯିବ। ଆଗକୁ ସରକାର ଅଧିକ ପରିମାଣ ଜମି ହାତକୁ ନେଇ ଜିଲା ବିକାଶରେ ସହାୟକ ହେବେ ବୋଲି କୁହାଯାଇଥିଲା। କିନ୍ତୁ ଯୋଜନା ଅଧାରେ ଅଟକି ଯାଇଛି। ଦେଖାଯାଉ ସରକାର ଆଗାମୀ ଦିନରେ ଆଉ କି ପଦକ୍ଷେପ ନେଉଛନ୍ତି।

# ବିକଶିତ ଭାରତ ସଙ୍କଳ୍ପ ଯାତ୍ରା ଉଦ୍‌ଯାପିତ


ବିକଶିତ ଭାରତ ସଙ୍କଳ୍ପ ରଥ ସମ୍ମୁଖରେ ୨ ଜଣ ଛାତ୍ରୀ ନୃତ୍ୟ ପରିବେଷଣ କରୁଛନ୍ତି।

କୁଜଙ୍ଗ, ୧୦।୧୨ (ମନୋଜ ପ୍ରଧାନ)

ଏରସମା ବ୍ଲକରେ ଚାଲିଥିବା କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ସଙ୍କଳ୍ପ ଯାତ୍ରା ରବିବାର କୁଜଙ୍ଗ ଥାନା ଅନ୍ତର୍ଗତ ବାମଦେଇପୁର ପଞ୍ଚାୟତରେ ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ଉତ୍ସବରେ ଦେଢ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବାମଦେଇପୁର ପଞ୍ଚାୟତର ବିଦ୍ୟାଳୟ ଛାତ୍ରୀମାନେ ଉନ୍ନତିମୂଳକ ଓ ଭ୍ରଷ୍ଟାଚାର ବିରୋଧୀ ନାଟକ ପରିବେଷଣ କରିଥିଲେ। ଏଥିରେ ବାମଦେଇପୁର ସରପଞ୍ଚ ବୈଜୟନ୍ତିବାଳା ମହାନ୍ତି, ସମିତି ସଭ୍ୟ ବିକ୍ରମ ମହାପାତ୍ର, ଭାଜପା ନେତ୍ରୀ ରାଜଲକ୍ଷ୍ମୀ ପଟ୍ଟନାୟକ, ଏରସମା-ବାଲିକୁଦା ନିର୍ବାଚନ ମଣ୍ଡଳୀ ଭାଜପା ସଂଯୋଜକ କ୍ଷୀରୋଦ ପରିଡ଼ା, ଜିଲା ଉପସଭାପତି ନିର୍ଲିପ୍ତ ଜେନା, ସରପଞ୍ଚ ପ୍ରତିନିଧି ହରୀହର ଲିଙ୍ଗରାଜ ମହାନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ସାନ୍ତନୁ ସାହୁ, ୱାର୍ଡ ସଭ୍ୟା ନିରୁପମା ନାୟକ ଓ ଅଙ୍ଗନୱାଡି କର୍ମୀ ଜ୍ୟୋସ୍ନା ମହାନ୍ତି ପ୍ରମୁଖ ଯୋଗଦେଇ ବିକଶିତ ଭାରତ ସଙ୍କଳ୍ପ ରଥକୁ ସ୍ୱାଗତ କରିବା ସହ ୨୦୪୭ ସୁଦ୍ଧା ଭାରତକୁ ଏକ ବୈଭବଶାଳୀ ବିକଷିତ ରାଷ୍ଟ୍ରରେ ପରିଣତ କରିବାକୁ ଶପଥ ନେଇଥିଲେ। ସେହିପରି କୁଜଙ୍ଗ ବ୍ଲକରେ ଏହି ସଙ୍କଳ୍ପ ଯାତ୍ରା ରବିବାର ପାଟପୁର ପଞ୍ଚାୟତଠାରେ ଆରମ୍ଭ ହୋଇଛି। ଏହି ଅବସରରେ ବିଜୁ ପଟ୍ଟନାୟକ ସ୍ୱାଧୀନତା ସଂଗ୍ରାମୀ ପାଇକ ଆଖଡା ପକ୍ଷରୁ ବିକଶିତ ଭାରତ ରଥକୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯାଇ ପଞ୍ଚାୟତ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ, ଏବିଡିଓ ପ୍ରଶାନ୍ତ କୁମାର ଜେନା, ସମିତି ସଭ୍ୟ ଜ୍ୟୋତି ପ୍ରକାଶ ପାଣି ପ୍ରମୁଖ ଉପସ୍ଥିତ ରହି ରଥକୁ ସ୍ୱାଗତ କରିଥିଲେ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ନିଯୁକ୍ତି ମେଳା

ରାଜନଗର, ୧୦।୧୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ପରିସରରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନର ରାଜନଗର ବିପିଏମ୍ ରଶ୍ମୀ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ ବିଡିଓ ନିଶାନ ମିଶ୍ର, ତହସିଲଦାର ଅଜୟ କୁମାର ମହାନ୍ତି, ଜିଲା ନିୟୋଜନ କର୍ମଚାରୀ ବିଜୟ କୁମାର ପତି, ଜିତେନ୍ଦ୍ର କୁମାର ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ମେଳାରେ ୧୮ ବର୍ଷରୁ ୩୫ ବର୍ଷ ବୟସର ୩୨୧ ଯୁବତୀଯୁବକ ଅଂଶଗ୍ରହଣ କରି ନାମ ପଞ୍ଜୀକରଣ କରିଥିଲେ। ଏଥିରେ ୧୦ରୁ ଊର୍ଦ୍ଧ୍ୱ ସରକାରୀ ଏବଂ ବେସରକାରୀ ତାଲିମ ପ୍ରାଧିକରଣ ସଂସ୍ଥା ଉପସ୍ଥିତ ରହି ଯୁବତୀଯୁବକମାନଙ୍କୁ ତାଲିମ ପ୍ରଦାନ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ଏହି କମ୍ପାନୀଗୁଡିକ ମଧ୍ୟରେ ସାହି ଏକ୍ସପୋର୍ଟ, ବିଜୁ ଦକ୍ଷତା ବିକାଶ ସଂସ୍ଥା, ସ୍କିଲ କନେକ୍ଟ, ସିପେଟ, ସରକାରୀ ଆଇଆଇଟି ପଟ୍ଟାମୁଣ୍ଡାଇ, ୱାଜିର ସ୍କିଲ୍‌ସ, ଲାଲସନ ଆଣ୍ଡ ଟ୍ୟୁବ୍ର ପ୍ରଭୃତି ସଂସ୍ଥା ଯୋଗଦେଇ ଯୁବତୀଯୁବକମାନଙ୍କୁ ଚୟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତର ଏମ୍‌ବିକେ, ସିଆର୍‌ପିମାନେ ଅଂଶଗ୍ରହଣ କରିଥିଲେ। ମେଳାକୁ ଓଡ଼ିଶା ମିଶନର ରାଜନଗର ବ୍ଲକ ସଂଯୋଜକ ନିହାର ରଞ୍ଜନ ବିଶ୍ୱାଳ, ଅଜିତ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

### ଭୀମଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର

ପଟ୍ଟାମୁଣ୍ଡାଇ, ୧୦।୧୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲଠାରେ ଭୀମଭୋଇ ଭିନ୍ନକ୍ଷମ ଚିହ୍ନଟ ଓ ସହାୟକ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ସବ୍‌ଡିଭିଜନ ସାମାଜିକ ସୁରକ୍ଷା ଅଧିକାରିଣୀ ରୁପାଲି ପ୍ରିୟଦର୍ଶନୀ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁ, ଜଗତ୍‌ସିଂହପୁର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଉଦାର ସୁନ୍ଦର ସ୍ୱାଇଁ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଭିନ୍ନକ୍ଷମ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅମ୍ବିକା ପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ଓ କ୍ଷଣପ୍ରଭା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମାନସ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ। ଏହି ଶିବିରରେ ବିଭିନ୍ନ ବିଭାଗରେ ୨୨୫ ଜଣ ନାମ ପଞ୍ଜୀକରଣ କରାଯାଇଥିଲା। ଶିବିରକୁ ପ୍ରିୟରଞ୍ଜନ ସାମଲ, ମାମିନି ପଣ୍ଡା, ତପସ୍ୱିନୀ ଦାଶ, ଅଲେଖ ସେଠୀ ଓ ରଞ୍ଜନ ପଣ୍ଡା ପରିଚାଳନା କରିଥିଲେ।


ପାରାଦୀପ ଚଉମୁହାଣି ପାଖ ମହାନଦୀ ତଟ କ୍ଷୟ ରୋକିବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ପଥର ସ୍ତର କାମ ଚାଲିଛି।

### ଅଗ୍ନିକାଣ୍ଡରେ ଦୋକାନ ଜଳିଗଲା

ମାର୍ଶାଘାଇ, ୧୦।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବଜାର ନିକଟସ୍ଥ ଲକ୍ ଛକରେ ଥିବା ଏକ କମ୍ପ୍ୟୁଟର ଦୋକାନରେ ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଦୋକାନରେ ଥିବା ସମସ୍ତ ଜିନିଷ ପତ୍ର ଜଳିଯାଇଛି। ଦୋକାନରେ ନିଆଁ ଲାଗିଥିବା ଦେଖି ଦୋକାନ ମାଲିକ ପ୍ରଦୀପ ବସନ୍ତିଆ ମାର୍ଶାଘାଇ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଓଆଇସି ସଞ୍ଜୟ କୁମାର ସେଠୀଙ୍କ ନେତୃତ୍ୱରେ କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା। ବିଦ୍ୟୁତ୍ ଶର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗିଥିବା ସୂଚନା ମିଳିଛି।

# ଯୁବ ଓଡ଼ିଶା ନବୀନ ଓଡ଼ିଶା, ଭୋଟର ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ପଟ୍ଟାମୁଣ୍ଡାଇ, ୧୦।୧୨ (କଳ୍ପତରୁ ନାୟକ)

ରାଜ୍ୟ ସରକାରଙ୍କ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ସମନ୍ୱିତ ଯୁବ ବିକାଶ ଓ ଭୋଟର ସଚେତନତା କାର୍ଯ୍ୟକ୍ରମ ବଡ଼ପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଅଧ୍ୟକ୍ଷ ପ୍ରଫେସର ଶ୍ରୀକାନ୍ତ ଦାସଙ୍କ ପୌରୋହିତ୍ୟ ଓ ପ୍ରାଧ୍ୟାପକ ଅମରେନ୍ଦ୍ର ପତିଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ସମସ୍ତ ପ୍ରାଚୁର୍ଯ୍ୟରେ ଭରପୁର ଓଡ଼ିଶାର ଯୁବଶକ୍ତି ପ୍ରକୃତ ଶକ୍ତି ହୋଇଥିବାରୁ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ନୂଆ ଓଡ଼ିଶା ଗଠନ ସମ୍ଭବ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ସମାଜସେବା ନୋଡାଲ ଅଫିସର ପ୍ରାଧ୍ୟାପକ ମନ୍ମଥ ପାତ୍ର, ମୁଖ୍ୟବକ୍ତା ଭାବେ ଯୋଗ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ନୂତନ ସଶକ୍ତ ଓଡ଼ିଶା ଗଠନର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି କହିଥିଲେ। ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଉତ୍ସବରେ ସାଂସ୍କୃତିକ କମିଟି ନୋଡାଲ ଅଫିସର ପ୍ରାଧ୍ୟାପକ ସନ୍ତୋଷ ଜେନା, କ୍ରୀଡା କମିଟିର ନୋଡାଲ ଅଫିସର ପ୍ରାଧ୍ୟାପକ ଇମଦାଦ ଅଲ୍ଲୀ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଯୁବଶକ୍ତିର ପ୍ରତିଭା ବିକାଶ କ୍ଷେତ୍ରରେ ରହିଥିବା ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ବଡ଼ମୋହନପୁର ସରପଞ୍ଚଙ୍କ ପ୍ରତିନିଧି ରାମଚନ୍ଦ୍ର ରାଉତ ଓ ସାନଜରିଆ ସମବାୟ ସମିତି ସଭାପତି ନିକୁଞ୍ଜ ଦାଶ ପ୍ରମୁଖ ବ୍ୟକ୍ତି ଯୋଗ ଦେଇଥିଲେ। ଏଥିରେ ସଂସ୍କୃତି, କ୍ରୀଡା, ସାମାଜିକ ସେବା ଦାୟିତ୍ୱରେ ଥିବା ପ୍ରାଧ୍ୟାପକ, ଅଧ୍ୟାପକମାନେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପାରମ୍ପରିକ ନୃତ୍ୟ, ଫ୍ୟାସନ ସୋ ସମେତ ବିଭିନ୍ନ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା। କ୍ରୀଡା ପ୍ରଶିକ୍ଷକ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ସ୍କାଉଟ, ଗାଇଡ୍ କ୍ୟାମ୍ପୋରି ଉଦ୍‌ଯାପିତ

ତିର୍ତ୍ତୋଲ, ୧୦।୧୨ (ଗୌରାଙ୍ଗ ଚରଣ ସ୍ୱାଇଁ)


ସ୍କାଉଟ୍ ଓ ଗାଇଡ କ୍ୟାମ୍ପୋରୀରେ ସାମିଲ ହୋଇଥିବା ଛାତ୍ର ଓ ଅନ୍ୟମାନେ।

ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ସରକାରୀ ହାଇସ୍କୁଲ ପ୍ରାଙ୍ଗଣରେ ଚାଲିଥିବା ସପ୍ତବିଂଶତମ ଜଗତ୍‌ସିଂହପୁର ଜିଲାସ୍ତରୀୟ ଭାରତ ସ୍କାଉଟ୍ ଓ ଗାଇଡ କ୍ୟାମ୍ପୋରି ରବିବାର ଉଦଯାପିତ ହୋଇଯାଇଛି। ୩ ଦିନ ବ୍ୟାପି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ୮ ବ୍ଲକ ଓ ୨ ମ୍ୟୁନିସିପାଲିଟିରୁ ଭାରତ ସ୍କାଉଟ ଓ ଗାଇଡ ଅନ୍ତର୍ଭୁକ୍ତ ୪୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି କ୍ୟାମ୍ପୋରୀରେ ଜଗତ୍‌ସିଂହପୁର ଜିଲା ଶିକ୍ଷାଧିକାରୀ ତଥା ଭାରତ ସ୍କାଉଟ ଓ ଗାଇଡର ଜିଲା ମୁଖ୍ୟ କମିଶନର ନିରଞ୍ଜନ ବେହେରା, ଏଡିଇଓ ପରେଶ ଚନ୍ଦ୍ର ପାତ୍ର, ବିରିଡି ବ୍ଲକ ବିଇଓ ସୌଦାମିନୀ ମହାପାତ୍ର, ଅନ୍ୟତମ ଏଡିଇଓ ରାଜଶ୍ରୀ ସାହୁ, ଜିଲା ସ୍କାଉଟ କମିଶନର, ସୁଭାଷ ଚନ୍ଦ୍ର ରାଉତ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ବିଦ୍ୟାଧର ପ୍ରଧାନ, ବାଇଧର ତ୍ରିପାଠୀ, ବାଲିକୁଦା ବ୍ଲକ ଶିକ୍ଷାଧିକାରୀ ବାଇଧର ତ୍ରିପାଠୀ, ନାଉଗାଁ ବ୍ଲକ ଶିକ୍ଷାଧିକାରୀ ମନୋରମା ରାଉତ, ପରିଦର୍ଶକ ଜୀବନ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ସମ୍ପର୍କରେ କହିବା ସହ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ଓ ମାର୍ଜିତ ହେବା ଲାଗି ପରାମର୍ଶ ଦେଇଥିଲେ। ମଣିଜଙ୍ଗା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଆଲୋକ କୁମାର ମହାପାତ୍ର, ସନ୍ଧ୍ୟା ଦାସ, ବିଦ୍ୟୁଲତା ସ୍ୱାଇଁ, ସବିତା ମାଣିକ, ଅଞ୍ଜଳି ରାୟ, ଯୋଗମାୟା ବର୍ଦ୍ଧନ, ବିଜୟ ଲକ୍ଷ୍ମୀ ସ୍ୱାଇଁ, ସୁବାସିନୀ ବେହେରା, ରୋଜାଲିନ ସେଠୀ, ରଞ୍ଜନା ଦାସ, ସ୍ୱର୍ଣ୍ଣଲତା ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମାନବାଧିକାର ଉଲ୍ଲଂଘନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ

କୁଜଙ୍ଗ, ୧୦।୧୨ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ସମଗୋଳସ୍ଥିତ ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟରେ ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ରବିବାର ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏଥିରେ କୁଜଙ୍ଗ ଅତିରିକ୍ତ ଜିଲା ଓ ଦୌରାଜଜ ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ପାର୍ଥସାରଥି ପଟ୍ଟନାୟକ ଅଧ୍ୟକ୍ଷତା କରି ମାନବାଧିକାରର ମହତ୍ତ୍ୱ ଓ ତା'ର ଉଲ୍ଲଂଘନ ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ମୁଖୀନ ହେବାକୁ ପଡ଼ିବ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜେଏମ୍‌ଏଫସି ବିଶ୍ୱଭୂଷଣ ନାୟକ, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରତାପ କୁମାର ମହାପାତ୍ର ଓ ବାର୍ ଆସୋସିଏଶନ୍ ସଭାପତି ସତ୍ୟାନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ତାଲୁକ ଆଇନ ସେବା କମିଟି ରିଟେନ୍‌ର ପବିତ୍ର ମୋହନ ନାୟକ ଏହାକୁ ପରିଚାଳନା କରିଥିବାବେଳେ କର୍ମଚାରୀ ପ୍ରଦୀପ କୁମାର ମୁଦୁଲି ଓ ଧନେଶ୍ୱର ମଲ୍ଲ ସହଯୋଗ କରିଥିଲେ ।




# ସମାଜ ପରିବର୍ତ୍ତନରେ ଭଲ ମଣିଷଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଜଗତ୍‌ସିଂହପୁର, ୧୦।୧୨
(ପ୍ରମୋଦ କୁମାର ନାୟକ)

ଯୁଗେ ଯୁଗେ ସମାଜ ପରିବର୍ତ୍ତନରେ ଭଲ ମଣିଷଙ୍କ ଗୁରୁ ଭୂମିକା ରହିଛି। ସମ୍ପ୍ରତି ସମାଜରେ ଭଲ ମଣିଷମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଉ ଏହି ଭଲ ମଣିଷ ହେବା ପାଇଁ ସତ୍‌ସଙ୍ଗ ଜରୁରୀ। ସତ୍‌ସଙ୍ଗୀମାନେ ସମାଜକୁ ନୂଆ ଦିଶା ଦେଖାଇ ପାରିବେ। ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ସମାଜରେ ଭଲ ମଣିଷ ହେବା ପାଇଁ ବାର୍ତ୍ତା ଦେଉଥିଲେ। ଏହାକୁ ପାଥେୟ କରି ନୀତି, ଆଦର୍ଶ ଓ ଶୃଙ୍ଖଳାର ସହ ଜୀବନ ଦର୍ଶନକୁ ହୃଦୟଙ୍ଗମ କରିପାରିଲେ ଜୀବନର ବାସ୍ତବ ଲକ୍ଷ୍ୟ ଚରିତାର୍ଥ ହୋଇପାରିବ। ରବିବାର ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜନ୍ମୋତ୍ସବ ଏବଂ ଶ୍ରୀ ଶ୍ରୀ ବଡ଼ଦାଙ୍କ ଜଗତ୍‌ସିଂହପୁର ଶୁଭାଗମନର ୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଅନୁଷ୍ଠିତ ମହୋତ୍ସବରେ ଏହା କୁହାଯାଇଛି।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ କମିଟି ସଭାପତି ଋତ୍ୱିକ୍ ଅଭୟ କୁମାର ପରିଡ଼ା ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ସହପ୍ରତି ଋତ୍ୱିକ ପ୍ରଫେସର କେଦାରନାଥ ମହାନ୍ତି ଯୋଗଦେଇ ଧର୍ମର ମାନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ କଳିଙ୍ଗ ରଥ ଯୋଗଦେଇ ପ୍ରତ୍ୟେକ ଲୋକର ସୁଖ-ଦୁଃଖରେ ସମଭାଗୀ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ସହପ୍ରତି ଋତ୍ୱିକ ବଂଶୀଧର ସ୍ୱାଇଁ, ସହପ୍ରତି ଋତ୍ୱିକ ଡ. ଶରଦ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ ଓ ହୃଷୀକେଶ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଠାକୁରଙ୍କ ବାଣୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରତ୍ୟୁଷରୁ ଉଷା କୀର୍ତ୍ତନ, ବେଦ ମାଙ୍ଗଳିକ ସଦଗ୍ରନ୍ଥ ପାଠ କରାଯାଇଥିଲା। ଏଥିସହ ଜଗତ୍‌ସିଂହପୁର ସତ୍‌ସଙ୍ଗ ବିହାରରୁ ଏକ ବର୍ଣ୍ଣାଢ୍ୟ ନଗର କୀର୍ତ୍ତନ ଶୋଭାଯାତ୍ରା ସହର ପରିକ୍ରମା କରି ଷ୍ଟାଡ଼ିୟମ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଅପରାହ୍ନରେ ମାତୃ ସମ୍ମିଳନୀ, ସନ୍ଧ୍ୟାରେ ସତ୍‌ସଙ୍ଗ ଭଜନ କୀର୍ତ୍ତନ ଆଦି ମହା ସମାରୋହରେ ପାଳିତ ହୋଇଯାଇଛି।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୧୦।୧୨ (ଗିରିଧାରୀ ପରିଛା)

ଗଜପତି ଜିଲା ଗୋଷାଣି ବ୍ଲକ ବଡଗୋଷାଣି ପଞ୍ଚାୟତ ଅନ୍ତର୍ଗତ ଜଙ୍ଗଲପାଡୁ ଗ୍ରାମରେ ରବିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସନ୍ତୋଷ ସାମଲ(୩୭)ଙ୍କ ମୃତ୍ୟୁ ଘଟିଛି। ସନ୍ତୋଷ ସକାଳେ ବିଲକୁ ଯିବା ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର, ଏସ୍ଆଇ ବଳରାମ ବେହେରା ଏବଂ ପୋଲିସ ଦଳ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ଯୁବକଙ୍କ ଆକ୍ରମଣରେ ବୃଦ୍ଧା ଗୁରୁତର

ଆସିକା,୧୦।୧୨ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଥାନା ଅନ୍ତର୍ଗତ ମାମୁଡିହ ଗ୍ରାମରେ ରବିବାର ଅପରାହ୍ନରେ ଜଣେ ଯୁବକଙ୍କ ଆକ୍ରମଣରେ କୁନ୍ତଳା ନାୟକ (୮୫) ଗୁରୁତର ଆହତ ହୋଇଛନ୍ତି । ଯୁବକଜଣଙ୍କ ପଥରରେ ବୃଦ୍ଧାଙ୍କ ମୁଣ୍ଡ, ଆଖି, କାନ୍ଧକୁ ଆଘାତ ଦେଇଥିଲେ। ଗୁରୁତର ଅବସ୍ଥାରେ ବୃଦ୍ଧାଙ୍କୁ ଗ୍ରାମବାସୀ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ଦିଆଯାଇଛି । ବୃଦ୍ଧାଙ୍କ ବଡ ପୁଅ ସାଇବ ନାୟକ ଆସିକା ଥାନାରେ ଅଭିଯୋଗ କରିଛନ୍ତି । ବୃଦ୍ଧା ଜଣକ ଶୋଇଥିଲା ବେଳେ ଯୁବକ ଜଣକ ଘରେ ପଶି ଅଶଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ବୃଦ୍ଧା ଏହାର ପ୍ରତିବାଦ କରିବାରୁ ଯୁବକ ଜଣଙ୍କ ଘର ବାହାରେ ପଡିଥିବା ଏକ ପଥର ଆଣି ତାଙ୍କ ମୁଣ୍ଡକୁ ଛେଚିଦେଇଥିଲେ। ପୋଲିସ ଅଭିଯୁକ୍ତ ଯୁବକଙ୍କୁ କାବୁ କରି ଥାନାକୁ ଆଣିଥିବା ଜଣାପଡିଛି ।

### ୨ ବାଇକ୍ ମୁହାଁମୁହିଁ, ଜଣେ ମୃତ

ଛତ୍ରପୁର ,୧୦।୧୨ (ସନ୍ତୋଷ ପାଢ଼ୀ)

ଚମାଖଣ୍ଡି ଥାନା ଅନ୍ତର୍ଗତ ମାଣ୍ଡିଆପଲ୍ଲୀ ଛକଠାରେ ଶନିବାର ୧୬ ନମ୍ବର ଜାତୀୟ ରାଜପଥରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଥିଲା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ମୃତକ ହେଲେ ନରେନ୍ଦ୍ରପୁର ଗ୍ରାମର ଶିବାନନ୍ଦ ନାୟକ(୨୮)। ଶିବାନନ୍ଦ ନିଜର ମୋଟରସାଇକେଲରେ ଛତ୍ରପୁରରୁ ଗ୍ରାମକୁ ଯାଉଥିଲା ବେଳେ ବ୍ରହ୍ମପୁରରୁ ଜନୈକ ଯୁବକ ବାଇକ ଯୋଗେ ଆସୁଥିଲେ। ଏହି ସମୟରେ ଦୁଇ ବାଇକ ମଧ୍ୟରେ ଧକ୍କା ହୋଇଥିଲା। ଆହତ ଯୁବକଙ୍କ ପରିଚୟ ମିଳିନାହିଁ। ଜଗନ୍ନାଥପୁର ବିଟ ହାଉସ ଅଧିକାରୀ ଏଏସଆଇ ଅରୁଣ କୁମାର ରାଉତ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲ ନେଇଥିଲେ। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

### ଓଷ୍ଟା ତରଫରୁ ମେଧାବୃତ୍ତି ପରୀକ୍ଷା

ଚାନ୍ଦିପୁଟ,୧୦।୧୨(କେ.ପ୍ରମୋଦ କୁମାର ଦୋରା)

ଚାନ୍ଦିପୁଟସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲା ସ୍ତରୀୟ ମେଧାବୃତ୍ତି ପରୀକ୍ଷା ବିଦ୍ୟାର୍ଥୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ସର୍ବମୋଟ ୧୧୪ ବିଦ୍ୟାର୍ଥୀ ଯୋଗ ଦେବାକୁ ଥିବାବେଳେ ୧୦୯ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ଲାଲବାହାଦୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବୁରାଦା ଗୌରୀଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିବା ବେଳେ ଗଜପତି ଜିଲା ଓଷ୍ଟା ସମ୍ପାଦକ ପ୍ରଫୁଲ୍ଲ କୁମାର ମହାନ୍ତି ନିରୀକ୍ଷକ ଭାବେ ଯୋଗ ଦେଇଥିଲେ। ଏହି ପରୀକ୍ଷା ଶିବିରକୁ ମୋହନା ବ୍ଲକ ଓଷ୍ଟା ସମ୍ପାଦକ ସୌମ୍ୟରଞ୍ଜନ ଦାଶ ପରିଚାଳନା କରିଥିଲେ।

### ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକ

ରାଇକିଆ,୧୦।୧୨(ପ୍ରଦୀପ ବେହେରା)

ରାଇକିଆର ଅବସରପ୍ରାପ୍ତ ସେନା କର୍ମଚାରୀ କବିଚନ୍ଦ୍ର ନାୟକ(୯୧)ଙ୍କ ରବିବାର ପରଲୋକ ଘଟିଛି। ସେ ଭାରତୀୟ ସେନାରେ ସୁବେଦାର ମେଜର ଭାବେ କାର୍ଯ୍ୟ କରି ୧୯୮୧ରେ ଅବସର ଗ୍ରହଣ କରିଥିଲେ। ଜଣେ ସାମାଜିକ କର୍ମୀ ଭାବେ ସେ ରାଇକିଆ ଅଞ୍ଚଳରେ ଖ୍ୟାତି ଅର୍ଜନ କରିଥିବା ବେଳେ ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ, ସମ୍ପାଦକ ଏବଂ ବାପ୍ଟିଷ୍ଟ ମଣ୍ଡଳୀର ସଭାପତି ଭାବେ ମଧ୍ୟ ପୂର୍ବରୁ ଦାୟିତ୍ୱ ତୁଲାଇଛନ୍ତି।

# ଡାକ୍ତର ନାହାନ୍ତି, ରୋଗୀ ସେବା ବିପର୍ଯ୍ୟସ୍ତ

ବୁଗୁଡ଼ା,୧୦।୧୨(କାଳି ଚରଣ ଦାଶ)

ସରକାର ସ୍ୱାସ୍ଥ୍ୟ ସେବାକୁ ପ୍ରାଥମିକତା ଦେଉଥିବା କହୁଥିବା ବେଳେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ବୁଗୁଡ଼ା ବ୍ଲକରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ବୁଗୁଡ଼ାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ କରଚୁଲି, ବାଲିପଦର ଓ ଏ. କରଡ଼ାବାଡ଼ିଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନଥିବାରୁ ଗର୍ଭବତୀ ଶିଶୁ ଓ ମହିଳାଙ୍କଠାରୁ ଆରମ୍ଭ କରି ସାଧାରଣ ରୋଗୀ ଚିକିତ୍ସା ସୁବିଧା ପାଇ ପାରୁନଥିବା ଅଭିଯୋଗ ହେଉଛି। ବୁଗୁଡ଼ା ଡାକ୍ତରଖାନାର ପୁରୁଣା କୋଠା ଭଙ୍ଗାଯାଇ ୧ କୋଟି ୮୬ ଲକ୍ଷ ଟଙ୍କା ବ୍ୟୟରେ ନୂତନ କୋଠା ନିର୍ମାଣ ହୋଇ ଉଦଘାଟନ ସରିଲାଣି। ହେଲେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ସାଙ୍ଗକୁ ଯନ୍ତ୍ରାଂଶ ନଥିବା ବେଳେ ନୂଆ ଖଟ ଓ ଆସବାବପତ୍ର ନାହିଁ। ନୂଆ କୋଠାର କେବଳ ଗୋଟିଏ ଚେମ୍ବରରେ ଜଣେ ଡାକ୍ତର ବସୁଥିବା ବେଳେ ଅନ୍ୟ ରୁମ ଗୁଡିକ ଖାଲି ପଡିଛି। ଏଠି ଜଣେ ମେଡିକାଲ ଅଫିସର ସାଙ୍ଗକୁ ଜଣେ



ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା।

ଲେଖାଏ ଭେଷଜ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ, ସର୍ଜରୀ ବିଶେଷଜ୍ଞ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ସମେତ ୩ ଜଣ ଆସିଷ୍ଟାଣ୍ଟ ସର୍ଜନ ଓ ଏଲଟିଆର ଏମଓ ସ୍କିମରେ ୫ ଜଣ ଏମ୍‌ବିବିଏସ ଡାକ୍ତର ପଦବୀ ପାଇଁ ମଞ୍ଜୁରୀ ମିଳିଛି। ହେଲେ ଜଣେ ମାତ୍ର ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସୁଭାଶିଷ ପାଣିଗ୍ରାହୀ ହିଁ ଅଛନ୍ତି। ଗୋଟିଏ ଆସିଷ୍ଟାଣ୍ଟ ସର୍ଜନ ଓ ସମସ୍ତ ୫ଟି ଏମବିବିଏସ ଡାକ୍ତର ପଦବୀ ଖାଲି ପଡିଛି। ସେହିପରି ୨ ଜଣ ଫାର୍ମାସିଷ୍ଟଙ୍କ ମଧ୍ୟରୁ ଜଣଙ୍କୁ ଡେପୁଟେସନରେ ଚିକିଟି ପଠାଇ ଦିଆଯାଇଥିବାରୁ ଔଷଧ ବଣ୍ଟନ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି। ୩ ଜଣ ଲେବରେଟରି ସ୍ଥାନରେ ଜଣେ ମାତ୍ର ଅଛନ୍ତି। ମ୍ୟାଲେରିଆ ଟେକିନିସିଆନ ନଥିବାରୁ ମାଲେରିଆ ଟେଷ୍ଟ ପାଇଁ ଆସୁଥିବା ରୋଗୀଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ମେଡିକାଲରେ ଏକ୍ସରେ ମେସିନ ନାହିଁ। ସେହିପରି ଅଲଟ୍ରାସାଉଣ୍ଡ ମେସିନ ନଥିବାରୁ ଗର୍ଭବତୀଙ୍କୁ ପୋଲସରା କିମ୍ବା ଆସ୍କା ମେଡିକାଲକୁ ଯିବାକୁ ପଡୁଛି। ବୁଗୁଡ଼ା ମେଡିକାଲରେ ୬ ଜଣ ଝାଡୁଦାରଙ୍କ ସ୍ଥାନରେ ମାତ୍ର ଜଣେ ଥିବା ବେଳେ ୪ ଟି ଆଟେନଡେଣ୍ଟ ପଦବୀ ଖାଲି ପଡିଛି। ବୁଗୁଡ଼ା ସିଏଚସି ଅଧୀନରେ ଥିବା ମାଣିତରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଟ୍ରଷ୍ଟ ପରିଚାଳନା କରୁଥିବା ବେଳେ ବାଲିପଦର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କୌଣସି ଡାକ୍ତର ନାହାନ୍ତି। କେବଳ ଜଣେ ଫାର୍ମାସିଷ୍ଟ ଓ ଜଣେ ନର୍ସଙ୍କ ଭରସାରେ ଚାଲିଛି ସ୍ୱାସ୍ଥ୍ୟ ସେବା। ବୁଗୁଡ଼ା ସମେତ କରଚୁଲି, ବାଲିପଦର ଓ ଏ. କରଡ଼ାବାଡ଼ିରେ ଏଲଏଚଭି କେହି ନଥିବା ଏବଂ ଗୋଲାମୁଣ୍ଡଳା, କରଚୁଲି ଓ କାନସୁକା ଠାରେ ମହିଳା ସ୍ୱାସ୍ଥ୍ୟ କର୍ମୀ ନଥିବାରୁ ଟୀକା ଦାନ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି। ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରଶାସନିକ କୋଠା ମଧ୍ୟ ପୁରୁଣା ହୋଇ ପାଣି ଗଳୁଛି ଏବଂ ଏଠାରେ ଆବଶ୍ଯକ ଜାଗା ନଥିବାରୁ ଫାଇଲପତ୍ର ପରିଚାଳନା କରିବା ଅସୁବିଧା ହେଉଛି। ଏଣୁ ଆବଶ୍ୟକ କୋଠା ନିର୍ମାଣ ସହ ସମସ୍ତ ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ କରିବାକୁ ଦାବି ହେଉଛି।

# ବିଜ୍ଞାନ ବିଭାଗ ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ରାମଗିରି,୧୦।୧୨(ବୃନ୍ଦାବନ ଗୌଡ଼)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମପଞ୍ଚାୟତସ୍ଥିତ ସରକାରୀ (ଏସ୍ଏସ୍‌ଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜ୍ଞାନ ବିଭାଗ ତରଫରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଚାରିଦିନ ଧରି କ୍ରୀଡା ପ୍ରତିଯୋଗିତା, ସଫେଇ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଅଫିସର ତଥା ବିଜ୍ଞାନ ବିଭାଗ ଭାରପ୍ରାପ୍ତ ଅଧ୍ୟକ୍ଷ ଭି. ଗିରିବାବୁଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆର.ଉଦୟଗିରି ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ମୁଖ୍ୟବକ୍ତା ଭାବେ ଗଜପତି ଏଡିଏମ (ରେଭିନ୍ୟୁ) ବୀରେନ୍ଦ୍ର କୁମାର ଦାସ, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ତାପସ କୁମାର ରଇତ, ରାମଗିରି ଥାନା ଭାରପ୍ରାପ୍ତ ଅଧିକାରୀ ଲୋକନାଥ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଘୁନାଥ ବଡମୁଣ୍ଡି, ଜିଲାପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି, ରାମଗିରି ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ ରାଜେନ୍ଦ୍ର କୁମାର ମାଝୀ, ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକୁ ଇଂରାଜୀ ଅଧ୍ୟାପକ ଅଞ୍ଜିତ କୁମାର ପରିଛା ଓ ପ୍ରଦୀପ୍ତ କୁମାର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ଘୁମୁସର ଲେଖିକା ସଂସଦର ବାର୍ଷିକୋତ୍ସବ

ଭଞ୍ଜନଗର,୧୦।୧୨(ବାବୁଲା ପ୍ରଧାନ)

ଘୁମୁସର ଲେଖିକା ସଂସଦର ତୃତୀୟ ବାର୍ଷିକୋତ୍ସବ ରବିବାର ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଧୁନିକ ସାହିତ୍ୟ ଓ ନାରୀ ଉପରେ ଏକ ଆଲୋଚନାଚକ୍ର ହୋଇଥିଲା । ଆୟୋଜିତ ଉତ୍ସବରେ ସଂସଦର ସଭାନେତ୍ରୀ ରୀତାରାଣୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଭଞ୍ଜନଗର ଉପ ଜିଲାପାଳ ଅନିଲ କୁମାର ସେଠୀ ଉଦ୍‌ଘାଟକ ଭାବେ ଯୋଗଦେଇ ସଂସଦ ପକ୍ଷରୁ ହୋଇଥିବା ବାର୍ଷିକ ବିଶେଷାଙ୍କ 'ସ୍ୱପ୍ନିଳ ସୃଜନୀ' ପତ୍ରିକାକୁ ଉନ୍ମୋଚିତ କରିଥିଲେ । ଭୁବନେଶ୍ୱର ସ୍ଥିତ ବୀର କଳିଙ୍ଗ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଭଞ୍ଜନଗର ଥାନା ଅଧିକାରୀ ଭଗବାନ ପୂଜାରୀ ସ୍ୱତନ୍ତ୍ର ଅତିଥି,ମୁଖ୍ୟବକ୍ତା ଡ଼.ସୁଷମା ମିଶ୍ର,ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷା ଡ଼.ଉଷା ପାଢ଼ୀ, ଇ.ମାହେଶ୍ୱରୀ ଦୋରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୈବୟତ୍ରୀ ସୁଜତା ଷଡ଼ଙ୍ଗୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସଙ୍ଗଠନ ସମ୍ପାଦିକା ପ୍ରଭାତି ମଞ୍ଜରୀ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦିକା ଡ.ନଳିନୀ ପ୍ରଭା ଦାସ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଶିକ୍ଷୟତ୍ରୀ ରେଣୁପ୍ରଭା ଦାସ, ସୁନିତା ଆଚାରୀ ସମେତ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୈବୟତ୍ରୀ ଶୁଭସ୍ମିତା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ଲିଚୁ, କାଜୁ ଚାଷ ନଷ୍ଟ ଆଶଙ୍କା, ଚିନ୍ତାରେ ଚାଷୀ

ଖଜୁରିପଡ଼ା,୧୦।୧୨(ବିଦୁର ବେହେରା)

କୃଷି କଲେ ଉନ୍ନତ ସକଳ ଉନ୍ନତର ନାରା ଦେଇ ସରକାର ଚାଷୀମାନଙ୍କୁ ଚାଷ କାର୍ଯ୍ୟ ପ୍ରତି ଆକୃଷ୍ଟ କରିବା, ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ତାଲିମ ପ୍ରଦାନ କରୁଛନ୍ତି। ଏବଂ ଚାଷ କାର୍ଯ୍ୟ ପାଇଁ ସରକାର ଯୋଗାଇ ଦେଉଥିବା ସହାୟତା ଏବଂ ସହଯୋଗ ସମ୍ବନ୍ଧରେ ଆଲୋଚନା କରି ଚାଷୀକୁ ଚାଷ କାର୍ଯ୍ୟ କରିବା ପାଇଁ ପ୍ରଲୋଭିତ କରୁଛନ୍ତି। ସରକାରୀ ଅଧିକାରୀମାନଙ୍କ କହିବା ଅନୁଯାୟୀ ଚାଷୀମାନେ ଚାଷ କରୁଛନ୍ତି। କିନ୍ତୁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇ ପ୍ରତିଶ୍ରୁତି ଭୁଲି ଯାଉଛନ୍ତି। ଫଳରେ ଚାଷୀ ସରକାରୀ ସହାୟତାକୁ ଚାହିଁ ହତାଶ ହେଉଛନ୍ତି। ଏଭଳି ଅଭିଯୋଗ ହୋଇଛି ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଦୃତି ପଡା ପଞ୍ଚାୟତର ଜମୁଝୋରି ଏବଂ କୁକୁରୁ କୁମ୍ପା ଗାଁରୁ । ଏହି ଗାଁର ଚାଷୀମାନେ ହେଲେ ବଶିଷ୍ଠ ଜାନି ଏବଂ ଶରଣ ସେନ ମଲ୍ଲିକ। ଏମାନଙ୍କ କହିବା ଅନୁଯାୟୀ କାଜୁ ଚାଷ ଏବଂ ଲିଚୁ ଚାଷ କରିବା ପାଇଁ ବିଭାଗୀୟ ଅଧିକାରୀମାନେ ଏମାନଙ୍କୁ ପ୍ରଲୋଭିତ କରିଥିଲେ। ତାଙ୍କ କହିବା ଅନୁଯାୟୀ ୨


ଲିଚୁ ଚାଷ ଏବଂ କାଜୁ ଚାଷ କରାଯାଇଛି।

ହେକ୍ଟର ଯାଗାରେ ଲିଚୁ ଚାଷ ଏବଂ କାଜୁ ଚାଷ କରିବା ପାଇଁ ଚାରା ଯୋଗାଇ ଦେଲେ। ଚାଷୀମାନେ ଚାଷ ମଧ୍ୟ କରିଛନ୍ତି। କିନ୍ତୁ ଚାରି ପାଖରେ ତାର ଜାଲି ବାଡ଼ କରିବା ପାଇଁ ସହଯୋଗ କରିଲେ ନାହିଁ। ତାର ଜାଲି ବାଡ଼ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନେହୁରା ହେଲେ ସୁଧା କେହି ଶୁଣୁ ନ ଥିବାରୁ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି। ଏବେ ବିଲ ମାଳରୁ ଧାନ ଅମଳ ହେବା ପରେ ଗୋରୁ ଗାଈ ପଶି ଲିଚୁ କାଜୁ ଗଛ ଖାଇ ଦେବେ ବୋଲି ଚାଷୀ ଚିନ୍ତାରେ। ଏପଟେ 'ଗଛ ଚଢ଼େଇ

### ତାର ଜାଲି ନ ପାଇ ହତାଶ

ଦେଇ ମୂଳ କାଟିବା' ନୀତି ଆପଣେଇ ସରକାରୀ ନୀତି ନିୟମ ଚାଷୀ ଆଗରେ ବଖାନୁଛନ୍ତି ।ଏ ନେଇ ଜିଲା ଉପ ନିର୍ଦ୍ଦେଶକ କୃଷି ଉଦ୍ୟାନ ବିଭାଗ ଅଧିକାରୀ ରମାକାନ୍ତ ଗିରିଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଯେ ଚାଷୀ ମାନେ ନିଜ ଟଙ୍କାରେ ଜାଲି ବାଡ଼ କିଣି ବାଡ଼ କରିବେ ତାପରେ ଟଙ୍କା ପୈଠ କରାଯିବ ବୋଲି ନିୟମ ରହିଛି ବୋଲି କହିଛନ୍ତି।

### ଘୁମୁସର ଜିଲା ଦାବିରେ ସଚେତନତା ରଥ ଶୁଭାରମ୍ଭ

ଭଞ୍ଜନଗର, ୧୦।୧୨(ବାବୁଲା ପ୍ରଧାନ)

ଘୁମୁସର ଜିଲା ଦାବିରେ 'ଘୁମୁସର ବାହିନୀ' ପକ୍ଷରୁ ଏକ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଉକ୍ତ ରଥ ବ୍ୟାଙ୍କ ଛକରୁ ବାହାରି ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ନଚିକେତା ପ୍ରଧାନ, ମାଧବ ନାୟକ, ଅରକ୍ଷିତ ପରିଚ୍ଛା, ଶିବୁ ଜେନା, ମନୋଜ ଗୌଡ଼, ନିଲୁ ବିଷୋୟୀ, ଉଦୟନାଥ ପଣ୍ଡା, ପୁରୁଷୋତ୍ତମ ମହାପାତ୍ର, ଶିବ ଶଙ୍କର ପ୍ରଧାନ, ଜ୍ୟୋତିସ୍ୱାମୀ ସାହୁ ଉପସ୍ଥିତ ଥିଲେ। ଏହି ରଥ ଚକରା ବିଷୋୟୀ ଛକ, ମାଆ ସୋରା ଦେବୀମନ୍ଦିର, ମୁଜାଗଡ, ଗୁଣ୍ଡୁରୀବାଡ଼ି, ନିଧିଆପଲ୍ଲୀ, ଦଦରାଲୁଣ୍ଡା, ଦୁର୍ଗାପ୍ରସାଦ, ଜୟମଙ୍ଗଳ, ବ୍ରାହ୍ମଣପଦର, ଝାଲିଆଗୋଛା, ଗାଲେରୀ, ଢୋଲପିଟା, ଡୁରୁମୁ, ସୋରିଷମୂଳି, ଗୁଜୁରାଳି, ବାରୁଡା, ବିଲିପଡା, ବାଲିଆପଟା, ଖଇରପୁଟି, ସୁତାଙ୍ଗି, ବିରିପଦର, ଯୋଡ଼ାବନ୍ଧ, ବୁଦ୍ଧୁଲି ଗ୍ରାମରେ ଅତିକ୍ରମ କରି ଘୁମୁସର ଜିଲା ଆବଶ୍ୟକତା ପ୍ରସଙ୍ଗରେ ସଚେତନତା କରିଥିଲା। ଆଗାମୀ ଦିନରେ ଉପଖଣ୍ଡକୁ ସମ୍ପୂର୍ଣ୍ଣ ବନ୍ଦ କରି ଦାବି ଉପସ୍ଥାପନା କରିବା ନେଇ ଯୋଜନା ରହିଥିବା ସଦସ୍ୟ ମାଧବ ନାୟକ ପ୍ରକାଶ କରିଛନ୍ତି।

# ଭଞ୍ଜନଗର ବ୍ଲକ ମାଧ୍ୟମିକ ପ୍ରଧାନ ଶିକ୍ଷକଙ୍କ ବୈଠକ



ଅତିଥିମାନେ ବାର୍ଷିକ ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି ।

ଭଞ୍ଜନଗର,୧୦।୧୨(ବାବୁଲା ପ୍ରଧାନ)

ନିକଟସ୍ଥ ବଦାଙ୍ଗୀ ପଞ୍ଚାୟତ ହାଇସ୍କୁଲରେ ଶନିବାର ଭଞ୍ଜନଗର ବ୍ଲକ ମାଧ୍ୟମିକ ପ୍ରଧାନ ଶିକ୍ଷକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଞ୍ଜନଗର ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରାଜ କହଁର, ବଡକୋଦଣ୍ଡା ପ୍ରଧାନ ଶିକ୍ଷକ ସନ୍ତୋଷ ଜେନା, ବାହାଡ଼ାପଦର ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଲକ୍ଷ୍ମୀନାରାୟଣ ପାତ୍ର ଯୋଗଦେଇ ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଯୁବି ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଉମାକାନ୍ତ ନାହାକ ସ୍ୱାଗତ ଭାଷଣ ଦେଇଥିବାବେଳେ ଗାଲେରୀ ହାଇସ୍କୁଲର ଆଦିତ୍ୟ ଶତପଥି ଏହାର କାର୍ଯ୍ୟକାରିତାରେ ପିଲାଙ୍କ ପ୍ରଭାବ ଉପରେ କହିଥିଲେ । କୁଲାଡ଼ ହାଇସ୍କୁଲ ପ୍ରଧାନଶିକ୍ଷକ କୁମୁଦଚନ୍ଦ୍ର ବାଉତ୍ୟା ଗତ ବୈଠକର ବିବରଣୀ ପାଠ କରିଥିଲେ । ସମ୍ବଲ ପ୍ରଧାନଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କ୍ଲବ, ହାଉସ, ପରୀକ୍ଷା ସମ୍ପର୍କୀୟ ବିଷୟ ସହ ଶତ ପ୍ରତିଶତ ରେଜଲ୍ଟ ଉପରେ ବୁଝାଇଥିଲେ । ଏହି ଅବସରରେ ବିଦାୟୀ ପ୍ରଧାନଶିକ୍ଷକ ଦେବେନ୍ଦ୍ରନାଥ ସେଠୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପ୍ରଧାନଶିକ୍ଷକ ଲକ୍ଷ୍ମୀ ନାରାୟଣ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ବିଇଓ ଏସ. ଧନଞ୍ଜୟ ବୈଠକରେ ସଭାପତିତ୍ୱ କରିଥିଲେ।

# ଜେଲ୍ ପ୍ରତିଷ୍ଠା ଦିବସ ପାଳିତ

ପାରଳାଖେମୁଣ୍ଡି, ୧୦।୧୨ (ଗିରିଧାରୀ ପରିଛା)

ସ୍ଥାନୀୟ ସବ୍ ଜେଲ ପରିସରରେ ଜେଲ ସୁପରିଟେଣ୍ଡେଣ୍ଟ ହନୁ ସେଠୀଙ୍କ ତତ୍ତ୍ୱାବଧାନରେ ଜେଲ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜିତେନ୍ଦ୍ର ନାଥ ପଟ୍ଟନାୟକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ବିଚିତ୍ରାନନ୍ଦ ବେବର୍ତ୍ତା ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଡାକ୍ତର ଡି. ସତ୍ୟନାରାୟଣ ଗୁପ୍ତା, ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ନାଗରିକ ପ୍ରଫୁଲ୍ଲ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ତନୁଜା ଶତପଥୀ ଏବଂ ଅନ୍ୟତମ ଅତିଥି ଭାବେ ଅଶ୍ୱିନୀ କୁମାର ଦାଶ, ଗୀତାଞ୍ଜଳି ବେହେରା, ଏସ. ନାଗାରାଜୁ ଯୋଗ ଦେଇଥିଲେ। ନିଜକୁ ସମର୍ପଣ ଭାବ ରଖି ତ୍ୟାଗ, ନିଷ୍ଠା, ସହଯୋଗ ରକ୍ଷାକରି ସଦାସର୍ବଦା ସକରାତ୍ମକ କାର୍ଯ୍ୟ କରିବା ଗଠନ ମୂଳକ ପଦକ୍ଷେପ ଆଣିଥାଏ ବୋଲି ଉପସ୍ଥିତ ବକ୍ତା ମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ତର୍କ, ଚିତ୍ର, ପ୍ରବନ୍ଧ, କଣ୍ଠ ସଙ୍ଗୀତ, ଏକକ ଅଭିନୟ, ଝୋଟି, ହୁଳହୁଳି, ଇଣ୍ଡୋର୍, ଆଉଟ ଡୋର ପ୍ରତିଯୋଗିତା ହୋଇଥିଲା। କୃତୀ ଖେଳାଳିଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସହ ଜେଲ ସୁପରିଟେଣ୍ଡେଣ୍ଟ ପ୍ରଭାତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପେପର ବିତରକ ସୁକାନ୍ତଙ୍କ ଗୋଡ଼ର ହେଲା ଅସ୍ତ୍ରୋପଚାର

ଗଞ୍ଜାମ,୧୦।୧୨(ବିଦ୍ୟାଧର ସାହୁ)

- ୯ ବର୍ଷ ଧରି ବାଣ୍ଟୁଥିଲେ ଧରିତ୍ରୀ
- ସହାୟତାକୁ ଅପେକ୍ଷା

ଦୀର୍ଘ ୯ ବର୍ଷରୁ ଊର୍ଦ୍ଧ୍ୱ ଧରିତ୍ରୀ ପେପର ବଣ୍ଟନ କରିଆସୁଥିବା ଗଞ୍ଜାମ ସହର ଓଡ଼ିଆ ଡାମଣା ସାହିର ଖବର କାଗଜ ବିତରକ ସୁକାନ୍ତ ବେହେରା ବାମ ଗୋଡ଼ ଆଣ୍ଠୁ ସମସ୍ୟା ଯୋଗୁ ଚାଲିବାକୁ ଅସମର୍ଥ ହୋଇ ପଡ଼ିଛନ୍ତି। ତେଣୁ ପ୍ରାୟ ଏକ ସପ୍ତାହ ହେଲା ସେ ଖବର କାଗଜ ବିତରଣ କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ସେ ଗଞ୍ଜାମ ସହରାଞ୍ଚଳ ସମେତ ସ୍ଥାନୀୟ ପାଲିବନ୍ଧ ପଞ୍ଚାୟତରେ ବିଭିନ୍ନ ଖବର କାଗଜ ବିତରଣ କରି ଆସୁଥିଲେ। ହେଲେ କିଛି ଦିନ ହେଲା ତାଙ୍କର ଆଣ୍ଠୁ ସମସ୍ୟା ଯୋଗୁ ସେ ଶଯ୍ୟାଶାୟୀ ହୋଇଛନ୍ତି। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ଗୋଡ଼ ଅପେରସନ କରିବାକୁ ପରାମର୍ଶ ଦେଇଥିଲେ। ଶନିବାର ତାଙ୍କର ବାମ ଗୋଡ଼ ଆଣ୍ଠୁର ଅସ୍ତ୍ରପ୍ରଚାର ହୋଇଛି। ସୁକାନ୍ତ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ଚିକିତ୍ସାରେ ସବୁ ଅର୍ଥ ଖର୍ଚ୍ଚ ହୋଇଯାଇଛି। ସୁକାନ୍ତଙ୍କ ପରିବାର କହିଲେ ସ୍ତ୍ରୀ ଓ ଗୋଟିଏ ମାତ୍ର ପୁଅ। ବର୍ତ୍ତମାନ ତାଙ୍କର ରୋଜଗାର ବନ୍ଦ ହୋଇଯାଇଥିବାରୁ ଆର୍ଥିକ ଅବସ୍ଥା ଦେଇ ଗତି କରୁଛନ୍ତି। ତାଙ୍କର ଏପରି ଅବସ୍ଥା ଯୋଗୁ ତାଙ୍କର ଏକ ମାତ୍ର ପୁତ୍ର ଯିଏକି ବର୍ତ୍ତମାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ


ବିତରକ ସୁକାନ୍ତ ବେହେରା

ସ୍ନାତକୋତ୍ତରରେ ଅଧ୍ୟୟନ କରୁଛନ୍ତି। କିନ୍ତୁ ଘରେ ଆର୍ଥୀକ ପରିସ୍ଥିତି ଠିକ୍ ନଥିବାରୁ ସୁକାନ୍ତଙ୍କ ପୁଅ ପାଠ ଛାଡ଼ିଦେବେ ବୋଲି କହିଛନ୍ତି। ତାଙ୍କର ଏପରି ଅବସ୍ଥା ପାଇଁ କୌଣସି ସହୃଦୟ ବ୍ୟକ୍ତି ଆର୍ଥିକ ସହଯୋଗରେ ହାତ ବଢ଼ାଇବା ପାଇଁ ସେ ଅନୁରୋଧ କରିଛନ୍ତି। ଆକାଉଣ୍ଟ ନମ୍ବର ୩୪୫୩୭୧୬୭୫୩୭ ଆଇଏଫଏସସି କୋର୍ଡ ଏସବିଆଇଏନ୦୦୦୩୮୧୬ ରେ ସହାୟତା ପ୍ରଦାନ କରିବା ପାଇଁ ସେ ଅନୁରୋଧ କରିଛନ୍ତି।

### ସିଆରପିଏଫ ୧୨୭ ବାଟାଲିୟନ ତରଫରୁ ଜନସମ୍ପର୍କ ଶିବିର

ବାଲିଗୁଡା,୧୦।୧୨ (ସଞ୍ଜୟ କୁମାର ପାଣିଗ୍ରାହୀ)

ଭାରତ ସରକାର, ଗୃହ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମାନବିକ ନାଗରିକ ଆର୍ଥିକ ସହାୟତା ଯୋଜନା ଅଧୀନରେ ବାଲିଗୁଡା ସ୍ଥିତ ସିଆରପିଏଫ ଜି ୧୨୭ ବାଟାଲିୟନ ଦ୍ୱାରା ଏକ ଜନସମ୍ପର୍କ ଶିବିର ବେଲଘର ପଞ୍ଚାୟତରେ ଆୟୋଜିତ ହୋଇଯାଇଛି ।ବେଲଘର ନିକଟସ୍ଥ ସରଦପୁର, ମେଣ୍ଡାବାରୁ, ବେଲାସାରଦା, କରଜାଣ୍ଡି, ଜାଜୋଙ୍ଗୀ ଏବଂ ଝିରିପାଣି ଗାଁର ୫୦୦ରୁ ଅଧିକ ଗରିବ ପରିବାର ଲୋକମାନଙ୍କୁ ମାଗଣା ଔଷଧ ଓ କମଳ ବଣ୍ଟନ କରାଯାଇଥିବାରୁ ଉପକୃତ ହୋଇପାରିଛନ୍ତି। ଏହି ସମୟରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ସିଆର୍‌ପିଏଫ ୧୨୭ ବାଟାଲିୟନ କମାଡେଣ୍ଟ, ବେଲଘର ବନବିଭାଗ ରେଞ୍ଜର, ବେଲଘର, ଥାନା ଅଧିକାରୀ, ଝିରିପାଣି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଝିରିପାଣି ସରପଞ୍ଚଙ୍କ ସମେତ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଦୁର୍ଗମ ଅଞ୍ଚଳ ଖଞ୍ଜାମେରାରେ ବସୁଧା ଯୋଜନା ଫେଲ୍

ଆର୍.ଉଦୟଗିରି,୧୦।୧୨ (ମନୋଜ କୁମାର ପାଢୀ)

ଦୁର୍ଗମ ଅଞ୍ଚଳରେ ଫେଲ୍ ମାରିଛି ରାଜ୍ୟ ସରକାରଙ୍କ ବସୁଧା ଯୋଜନା। ବର୍ଷ ବର୍ଷ ଧରି ବିଶୁଦ୍ଧ ପାନୀୟ ଜଳ ପାଇବା ଆଶାରେ ଚାତକ ପରି ଚାହିଁ ବସିଥିଲେ ପାହାଡିଆ ଦୁର୍ଗମ ଅଞ୍ଚଳ ଆଦିବାସୀ। ଶେଷରେ ଗାଁ ମୁଣ୍ଡରେ ବସୁଧା ଯୋଜନାର ପାଣିଟାଙ୍କି ଶୁଭାରମ୍ଭ ହୋଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସମସ୍ତଙ୍କ ମନରେ ଖୁସିର ଲହରି ଖେଳିଥିଲା। କିନ୍ତୁ ନିର୍ମାଣ କାର୍ଯ୍ୟ ସରି ପାଇପ ସଂଯୋଗ ହେଲା ପରେ ପାଣି ଟ୍ୟାପ ଲଗାହେଲା। ତାହା ବି ତରବରିଆ ଭାବରେ ସଂଯୋଗ ହେଲା। ହେଲେ ତାହା ଆରମ୍ଭ ହେବା ଦିନଠାରୁ ହିଁ ବନ୍ଦ ପଡିଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ନଳକୂପ ଅଛି ସତ ମାତ୍ର ତାହା କାମ ଦେଉନାହିଁ। ଦୀର୍ଘ ସମୟ ପରେ ସେଥିରୁ ଗୋଳିଆ ପାଣି ବାହାରୁଛି। ତାହା ପିଇବା ପାଇଁ ଯୋଗ୍ୟ ନୁହେଁ। ଏହା ଦେଖିବାକୁ ମିଳିଛି ଆର.ଉଦୟଗିରି ବ୍ଲକ ଦୁର୍ଗମ ପଞ୍ଚାୟତର ଖଞ୍ଜାମେରାରେ। ଏ ନେଇ ବାରମ୍ବାର ସ୍ଥାନୀୟ ସରପଞ୍ଚ, ପିଇଓଠାରୁ ଆରମ୍ଭ କରି ବ୍ଲକର ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ


ଝରଣା ପାଣି ସଂଗ୍ରହ କରୁଛନ୍ତି ମହିଳା

କରାଯାଇଥିଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୁର୍ଗମ ଅଞ୍ଚଳର ଆଦିବାସୀ ଓ ଗୃହପାଳିତ ପ୍ରାଣୀ ଏକ ଛୋଟ ଝରଣାର ପାଣିକୁ ଭରସା କରିଛନ୍ତି। ଏହି ପାଣିକୁ ହିଁ ପାନୀୟଜଳ ରୂପେ ବ୍ୟବହାର କରି ନାନାଦି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅପରପକ୍ଷେ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଗ୍ରାମବାସୀ ପାଣି ଟୋପେ ପାଇବାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ଖଞ୍ଜାମେରା ଦୁର୍ଗମ ଅଞ୍ଚଳରେ ପାନୀୟ ଜଳର ସୁବ୍ୟବସ୍ଥା କରିବାକୁ ଦାବି ହୋଇଛି।

# ଜାନୁୟାରୀ ୧୨ରେ ବଡ଼ଚଣା ବନ୍ଦ ଡାକରା

## ଚଣ୍ଡିଖୋଳକୁ ଜିଲା ମାନ୍ୟତା ଦାବି

ଚଣ୍ଡିଖୋଳ,୧୦।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)

୩୦ ବର୍ଷ ପରେ ବି ଘୋଷଣା ହୋଇଥିବା ଉତ୍ତର କଟକ ଜିଲା ହୋଇ ପାରିଲାନାହିଁ। ଚଣ୍ଡିଖୋଳକୁ ଏହାର ମୁଖ୍ୟ ଦପ୍ତର ମଧ୍ୟ କରାଗଲାନାହିଁ। ଏହାକୁ ଉଜ୍ଜୀବିତ କରି ଚଣ୍ଡିଖୋଳକୁ ଜିଲା ମାନ୍ୟତା ଦାବି ଲଢ଼େଇକୁ ଏବେ ପୁଣି ତୀବ୍ରତର କରିବାକୁ ଆସନ୍ତା ଜାନୁୟାରୀ ୧୨ରେ ବଡ଼ଚଣା ବନ୍ଦ ଡାକରା ଦେଇଛନ୍ତି ବଡ଼ଚଣା କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର। ରବିବାର ଚଣ୍ଡିଖୋଳ ରାଜୀବ ମେମୋରିଆଲ କଲ୍ଚରାଲ କେନ୍ଦ୍ରଠାରେ ପ୍ରସ୍ତୁତି ବୈଠକ ମାଧ୍ୟମରେ ବଡ଼ଚଣାର ପ୍ରତିଟି ନାଗରିକଙ୍କୁ ଆନ୍ଦୋଳନ ସଫଳ କରିବାକୁ ସେ ନିବେଦନ କରିଛନ୍ତି। ବ୍ଲକ ଅନ୍ତର୍ଗତ ଛତିଆ, ବାଲିଚନ୍ଦ୍ରପୁର, ବାଲିକୁଦା ଓ ଚଣ୍ଡିଖୋଳଠାରେ ପ୍ରତିବାଦ କରାଯାଇ ବଡ଼ଚଣା ବନ୍ଦ କରାଯିବ ବୋଲି ବୈଠକରେ କୁହାଯାଇଛି।

୧୯୭୩ରେ ଜଷ୍ଟିସ ରାଜକିଶୋର ଦାସଙ୍କ ନେତୃତ୍ୱରେ ଉତ୍ତର କଟକ କିମ୍ବା ଚଣ୍ଡିଖୋଳକୁ ଜିଲା ମାନ୍ୟତା ପାଇଁ ରାଜ୍ୟ ସରକାରଙ୍କୁ ଏକ ରିପୋର୍ଟ ପ୍ରଦାନ କରାଯାଇଥିଲା। ତାହା କାର୍ଯ୍ୟକାରୀ ନ ହେବାରୁ ୧୯୯୩ ଏପ୍ରିଲ ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ କଂଗ୍ରେସ ନେତା ସୀତାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ହଜାରହଜାର ଲୋକ ଧାରଣା ଦେଇଥିଲେ। ସେହି ସମୟରେ ଏକ ସ୍ମାରକପତ୍ର ଦେବା ପାଇଁ ଆନ୍ଦୋଳନକାରୀ ବଡ଼ଚଣା ଥାନାକୁ ଯାଉଥିବାସମୟରେ ତତ୍କାଳୀନ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ଦେଶରାଜ ସିଂ ଏବଂ ତତ୍କାଳୀନ ଜିଲାପାଳ କାଶୀନାଥ ସାହୁଙ୍କ ନିର୍ଦ୍ଦେଶକ୍ରମେ ଆନ୍ଦୋଳନକାରୀଙ୍କ ଉପରେ ଲାଠି ଚାର୍ଜ କରାଯାଇଥିଲା। ପରବର୍ତ୍ତୀ ସମୟରେ ୩୦ ଏପିଲ ୧୯୯୩ରେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକ ଚଣ୍ଡିଖୋଳକୁ ସ୍ୱତନ୍ତ୍ର ମାନ୍ୟତା ପାଇଁ ସବଡିଭିଜନ ଘୋଷଣା କରିଥିଲେ, ଯାହାକି ୧୯୯୩ ଏପ୍ରିଲ ୩୧ରେ କାର୍ଯ୍ୟକାରୀ ହେବାକୁ ମଧ୍ୟ କହିଥିଲେ। ହେଲେ ଦୀର୍ଘଦିନ ବିତି ଯାଇଥିଲେ ମଧ୍ୟ ଏହାର ସୁଫଳ ବଡ଼ଚଣାବାସୀ ପାଇବାରୁ ବଞ୍ଚିତ ହୋଇଛନ୍ତି। ୧୧।୦୩।୨୦୦୫ରେ ତତ୍କାଳୀନ ବଡ଼ଚଣା ବିଧାୟକ ସୀତାକାନ୍ତ ମହାପାତ୍ର ବିଧାନସଭାରେ ତତ୍କାଳୀନ ନଗରଉନ୍ନୟନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଚଣ୍ଡିଖୋଳ ଛକ ଅଞ୍ଚଳକୁ ଏନ୍‌ଏସିରେ ପରିଣତ ପାଇଁ ପ୍ରଶ୍ନ କରିଥିଲେ। ସେ ଉତ୍ତରରେ ହଁ ମାରିଥିଲେ, ତଦନୁଯାୟୀ ତତ୍କାଳୀନ ଯାଜପୁର ଜିଲାପାଳ ସୁଗୁଡ଼ା, ବଡ଼ଚଣା, ଦର୍ପଣ ପଞ୍ଚାୟତ ଓ ଧର୍ମଶାଳା ବ୍ଲକ ନେଉଳପୁର ଓ କଣ୍ଟିଗଡ଼ିଆ ପଞ୍ଚାୟତର ସମସ୍ତ ରାଜସ୍ୱ ଗ୍ରାମକୁ ଚଣ୍ଡିଖୋଳ ଏନ୍‌ଏସି ଅଧୀନରେ ପରିସରଭୁକ୍ତ କରି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଯାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ପାରିନାହିଁ। ତେଣୁ ଚଣ୍ଡିଖୋଳକୁ କିପରି ଅଣଦେଖା କରାଯାଇଛି କହି ସୂଚନା ଦେଇଛନ୍ତି ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ସାହୁ। ଗତ ଏପ୍ରିଲ ୨୮ରେ ବଡ଼ଚଣା କଂଗ୍ରେସ ନେତା କ୍ୟାପଟେନ ମହାପାତ୍ର ଏକ ବିଶାଳ ଗଣଧାରଣା ଦେଇ ଚଣ୍ଡିଖୋଳକୁ ଜିଲା ମାନ୍ୟତା ଦାବି କରିଥିଲେ। ନିକଟରେ ବିଧାନସଭାର ଏକ ପ୍ରଶ୍ନ ଉତ୍ତରରେ ଚଣ୍ଡିଖୋଳକୁ ଜିଲା ମାନ୍ୟତା ଦାବି ପ୍ରସ୍ତାବ ଆସିଥିବା ବିଭାଗୀୟ ମନ୍ତ୍ରୀ ଉତ୍ତର ରଖିଛନ୍ତି ବୋଲି ବୈଠକରେ ସୂଚନା ଦିଆଯାଇଛି।

ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ କ୍ୟାପଟେନ ମହାପାତ୍ର ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ସ୍ନେହଲତା ମହାପାତ୍ର, ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା, ପ୍ରାକ୍ତନ ବ୍ଲକ କଂଗ୍ରେସ ଅଧ୍ୟକ୍ଷ ନିରଞ୍ଜନ ସାହୁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା ଶୁକମଣି ପୂର୍ତ୍ତୀ, ବରିଷ୍ଠ ନେତା କୁଳମଣି ସାଇଁ, ମାନଭଞ୍ଜନ ରାଉତରାୟ, ସମିତିସଭ୍ୟ କୁଳମଣି ବାରିକ, ବ୍ଲକ କଂଗ୍ରେସ ଉପସଭାପତି ଅଶୋକ ସାମଲ, କିଶୋର ଚନ୍ଦ୍ର ରାଉତ, ବରଦା ରାୟ, ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ସାମଲ, ଶ୍ରୀଚରଣ ମଳିକ, ବରିଷ୍ଠ ନେତା ମଦନମୋହନ ବଳ, ସଂଖ୍ୟାଲଘୁ ଜିଲା ଅଧ୍ୟକ୍ଷ ସୁଲତାନ ସଇଫୁଲା ଖାଁ, ବ୍ଲକ ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ଅକ୍ତର ଆଲାମ ଖାଁ, ଯୁବନେତା ଚର୍ଚ୍ଚିତ ମାହାଲା, ଜିଲା ଛାତ୍ର କଂଗ୍ରେସ ସଭାପତି ସଞ୍ଜୀବ କୁମାର ସାମଲ, ବ୍ଲକ ଯୁବ କଂଗ୍ରେସ ସଭାପତି ଜୟପ୍ରକାଶ ବିଶ୍ୱାଳ, ବ୍ଲକ ଛାତ୍ର କଂଗ୍ରେସ ସଭାପତି କମରୁଜ ଖାଁ ଓ ସନ୍ତୋଷ ଜେନାଙ୍କ ସମେତ ସମସ୍ତ ପଞ୍ଚାୟତର ସଭାପତି ଏବଂ ଛାମୁଆ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ କଂଗ୍ରେସ ନେତାମାନେ।

## ସଂକ୍ଷେପରେ

### କେନାଲରୁ ପଲ୍‌ସର ବାଇକ୍ ଜବତ

ଧର୍ମଶାଳା,୧୦।୧୨(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ଅନ୍ତର୍ଗତ ସାରିଇ ଛକ ନିକଟ ଏକ କେନାଲରୁ ପୋଲିସ ରବିବାର ଏକ ନମ୍ବର ବିହୀନ ପଲସର ବାଇକ୍ ଜବତ କରିଛି। କେନାଲରେ ସାରୋଇ ଗ୍ରାମର କେତେଜଣ ଯୁବକ ମାଛ ଧରିବା ଲାଗି ଜାଲ ପକାଉଥିବାବେଳେ ଜାଲରେ ଏକ ଓଜନିଆ ଜିନିଷ ଲାଗିଥିଲା। ଯୁବକମାନେ ଏହାକୁ ପାଣିରୁ ଉଠାଇବା ବେଳକୁ ଏହା ଏକ ବାଇକ ବୋଲି ଜଣାପଡିଥିଲା। ଏ ସମ୍ପର୍କରେ ସେମାନେ ଧର୍ମଶାଳା ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚି ବାଇକ୍‌କୁ ଜବତ କରିଥିଲା। କେହି ଦୁର୍ବୃତ୍ତ ଏହି ବାଇକ୍‌କୁ ଚୋରି କରି ଅଣି ନମ୍ବର ବାହାର କରି ପାଣିରେ ପକାଇ ଦେଇଥିବା ପୋଲିସ ଅନୁମାନ କରୁଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ବାଲିଚନ୍ଦ୍ରପୁର,୧୦।୧୨(ଗିରିଜା ପ୍ରସାଦ ସାହୁ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ନଳୀପୁର ପଞ୍ଚାୟତର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସିଦ୍ଦିକ ଉଦ୍ଦିନ୍ ଖାଁ(ପୁନି ସାର)ଙ୍କ ୭୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ରବିବାର ସକାଳୁ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁନି ସାର ଜଣେ ଆଦର୍ଶ ଶିକ୍ଷକ ଭାବେ ବନ୍ତଳା ଉଚ୍ଚ ବିଦ୍ୟାଳୟରୁ ଶିକ୍ଷକତା ଜୀବନ ଆରମ୍ଭ କରି ନେଳିଆ, ବାଟୋ, ପଣସୁଧା, ପାରିପଲେଇ ଆଦି ୟୁଜିଏମଇ ସ୍କୁଲରେ ଶିକ୍ଷକତା କରିଥିଲେ। ଚାରିନଙ୍ଗଳ ୟୁଜିଏମଇ ସ୍କୁଲର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ତାଙ୍କ ପରଲୋକ ଖବର ପାଇ ବଡ଼ଚଣା କଂଗ୍ରେସ ନେତା ଅଜୟ ସାମଲ, ନଳୀପୁର ସରପଞ୍ଚ ସେକ୍ ଅବଦୁଲ ଗନି, ସମିତି ସଭ୍ୟ ଧର୍ମଜିତ୍ ବଳ, ପ୍ରାକ୍ତନ ସରପଞ୍ଚ ବିଳାଶ ଚନ୍ଦ୍ର ବାରିକ, ସେକ୍ ରିଆସତ ଅଲ୍ଲି, ମନୋରଞ୍ଜନ ମଲ୍ଲିକ, ମନ୍ମଥ କେଶରୀ ସାହେବରାୟ, ଯୁବ ବିଜେଡି ନେତା ରଶ୍ମିରଞ୍ଜନ ବଳ ଓ ସରଦାର ସେକ୍ ହବିବ୍ ମହମ୍ମଦ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଚାରିନଙ୍ଗଳ ନୋଡାଲ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱଜିତ୍ କାନୁନ୍‌ଗୋ, ପୁନି ସାରଙ୍କ ସହକର୍ମୀ ରାଖାଲ ଚନ୍ଦ୍ର ରାଉତରାୟ, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ହାଇୱା ମୁହାଁମୁହିଁ, ଡ୍ରାଇଭର ଗୁରୁତର

ଧର୍ମଶାଳା,୧୦।୧୨ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ୧୬ ନମ୍ବର ଜାତୀୟ ରାଜପଥର ନେଉଳପୁର ନିକଟରେ ଦୁଇ ହାଇୱା ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଡ୍ରାଇଭର ଗୁରୁତର ହୋଇଛନ୍ତି। ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ପରିଚୟ ମିଳି ପାରିନାହିଁ। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ୨ଟିକୁ ଜବତ କରି ତଦନ୍ତ ଚଳାଇଛି। ଶନିବାର ରାତିରେ ନେଉଳପୁର ନିକଟରେ ଓଡି-୦୪-ଏନ-୪୦୨୭ ନଂ. ହାଇୱା ଓ ଏନ-ଏନ-୦୧-ଏଜି- ୭୧୫୪ ନଂ ହାଇୱା ମଧ୍ୟରେ ଧକ୍କା ହୋଇଥିଲା।

### ବନବିଭାଗର ଚଢ଼ାଉ, ମେଶିନ ଜବତ



ଧର୍ମଶାଳା,୧୦।୧୨(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ତହସିଲ ଅନ୍ତର୍ଗତ ଓଙ୍କାରୀ କଳାପଥର ଖାଦାନ ନିକଟ ଖୋଟମୁଣ୍ଡା ଖାଦନରୁ ବେଆଇନ ଭାବେ କଳାପଥର ଖନନ ହେଉଥିବାବେଳେ ବନବିଭାଗ ଚଢ଼ାଉ କରି ଏକ ହିଟାଚି ମେଶନକୁ ଜବତ କରିଛି। ଗଡ଼ମଧୁପୁର ବନବିଭଗ ଅଧୀନ ଏହି ଖାଦାନରେ ବେଆଇନଭାବେ ଖନନ ହେଉଥିବା ଫରେଷ୍ଟର ଖବର ପାଇ ରେଞ୍ଜ ଅଫିସରଙ୍କୁ ଜଣାଇଥିଲେ। ପରେ ଡାଳିଯୋଡ଼ା ରେଞ୍ଜର ହିମାଂଶୁ ଶେଖର ପୃଷ୍ଟି ଓ ଟମକା ରେଞ୍ଜର ଶଶିକାନ୍ତ ବେହେରାଙ୍କ ସମେତ ଗଡ଼ମଧୁପୁର ଫରେଷ୍ଟର ସାକିର ହୋସେନ, ଗାର୍ଡ ମାଣିକ ପଣ୍ଡା, ସେକ୍ ଜାବିର, ସସ୍ମିତ ରାଉତ, ରାକେଶ ମହାନ୍ତି ପ୍ରମୁଖ ଜେନାପୁର ପୋଲିସ ସହାୟତରେ ସେଠାରେ ଚଢ଼ାଉ କରିଥିଲେ। ଏକ ମାମଲା ରୁଜୁ କରାଯାଇ ଚଣ୍ଡିଖୋଳସ୍ଥିତ ବନବିଭାଗ କାର୍ଯ୍ୟାଳୟରେ ମେଶିନକୁ ରଖାଯାଇଛି ବୋଲି ଗଡ଼ମଧୁପୁର ଫରେଷ୍ଟର ହୋସେନ ସୂଚନା ଦେଇଛନ୍ତି।

# ବ୍ୟାସନଗର ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ଯାଜପୁରରୋଡ୍,୧୦।୧୨
(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ କୋରେଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ନୂତନ ଓଡ଼ିଶା ଗଠନ ସ୍ୱପ୍ନକୁ ସାକାର କରିବା ନିମନ୍ତେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ତେବେ କଲେଜରେ ୩୦୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ଏହି କାର୍ଯ୍ୟକ୍ରମରେ କମ୍ ସଂଖ୍ୟକ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଦେଖି ମୁଖ୍ୟଅତିଥି ବଳ ବିରକ୍ତି ପ୍ରକାଶ କରିଥିଲେ। ମୁଖ୍ୟବକ୍ତାଭାବେ ପ୍ରାକ୍ତନ ଅଧ୍ୟକ୍ଷ ଶିବଚରଣ ମାଝି, ସମ୍ମାନିତ ଅତିଥିଭାବେ ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ଅନ୍ୟତମ ଅତିଥି ଭାବେ ୮ନଂ. ୱାର୍ଡ କାଉନସିଲର ଅଶୋକ କୁମାର ଦାସ ପ୍ରମୁଖ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ନୂଆ-ଓ କାର୍ଯ୍ୟକ୍ରମ ଉପରେ ଦିଗଦର୍ଶନ ଦେବା ସହିତ ଆଗାମୀ ଦିନରେ କଲେଜର ଗରିମା ବଢ଼ାଇବା ନିମନ୍ତେ ସହଯୋଗ ପାଇଁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁକ୍ତ ୩ ନୋଡାଲ ଅଫିସର ଅମୂଲ୍ୟକୃଷ୍ଣ ପାଢ଼ୀ, ଯୁକ୍ତ ୨ ନୋଡାଲ ଅଫିସର ଅଜୟ କୁମାର ମହାକୁଡ଼, ପୁନପୁନ ଦାସ, ଅକ୍ଷୟ କୁମାର ମହାନ୍ତି, ଟିକା ଖାଁ, ଦୀପ୍ତିମୟୀ ଦାସ, ବିବେକ ଜେନା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଚିରସ୍ମିତା ମିଶ୍ର ଓ ପ୍ରୀତି ପଟ୍ଟନାୟକ ଯୋଗ ଦେଇଥିଲେ। ଅଧ୍ୟାପିକା ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ପ୍ରମୋଦିନୀ ତରାଇ, ଲିପ୍ସା ପ୍ରିୟଦର୍ଶନୀ ନାୟକ, ଛାତ୍ରୀ ସୁଲେହା, କର୍ଷା ମଟାଣିଆ ଓ ଝରଣା ଦାସ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅବ୍ୟବସ୍ଥା ନେଇ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି, ନିମନ୍ତ୍ରିତ ଅତିଥି ଏବଂ ଛାତ୍ରୀଛାତ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

# ମୂଳାପାଳ ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ପାଣିକୋଇଲି,୧୦।୧୨(ବିକାଶ ମଲ୍ଲିକ)

କୋରେଇ ବ୍ଲକ ମୂଳାପାଳ ସରସ୍ୱତୀ ଶିଶୁ ମନ୍ଦିରର ଦ୍ୱିଦିବସୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ାଶିକ୍ଷକ କାହ୍ନୁଚରଣ ନାୟକ, ମୁଖ୍ୟବକ୍ତା ବିଦ୍ୟାଳୟ ସଭାପତି ବୃନ୍ଦାବନ ସାହୁ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ସମ୍ପାଦକ ଦିଲୀପ କୁମାର ଧଳ, ସହସମ୍ପାଦକ ରାଜକିଶୋର ମଲ୍ଲିକ, ଉପସଭାପତି ଶଙ୍କର୍ଷଣ ପରିଡ଼ା, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ, ଲିଙ୍ଗେଶ୍ୱର ଉନ୍ନୟନ କମିଟିର କୋଷାଧ୍ୟକ୍ଷ ମଦନ ମୋହନ ମାଝି ପ୍ରମୁଖ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ କ୍ରୀଡା ଉପାଦେୟ ସମ୍ପର୍କରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୪୨ଟି ଖେଳରେ ୩୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃତୀତ୍ୱ ଅର୍ଜନ କରିଥିବା ୧୪୦ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ନକୁଳ ଚରଣ ସାହୁ ଓ ସାଗରିକା ମିଶ୍ର ଖେଳ ପରିଚାଳନା କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ଅପରାଜିତା ଗୁରୁମା, ଅଳକା ଗୁରୁମା, ମାଧବୀ ଗୁରୁମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଦେଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା

ଯାଜପୁର ସଦର,୧୦।୧୨
(ସମର ବିଜୟ ଶରଣ)

ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ କବୀରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗରେ ମୋଟ୍ ୬୬ ପ୍ରକାର ଖେଳ ଅନୁଷ୍ଠିତ ହୋଇଥିଲା। ୬୫୦ରୁ ଅଧିକ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରି ନିଜର ବହୁମୁଖୀ ପ୍ରତିଭାର ପରିଚୟ ପ୍ରଦାନ କରିଥିଲେ।

ପୁରସ୍କାର ବିତରଣ ସଭାରେ ବିଦ୍ୟାମନ୍ଦିର ସଭାପତି ରବିନ୍ଦ୍ର କର ସଭାପତିତ୍ୱ କରିଥିଲେ। ସ୍ଥାନୀୟ ସରପଞ୍ଚ ସୁଜିତ କୁମାର ରାୟ ମୁଖ୍ୟଅତିଥି ରୂପେ ଯୋଗଦେଇ ଅଭିଭାଷଣ ରଖିଥିଲେ। ଖବରଦାତା ଶରତ ଚନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ କ୍ରୀଡ଼ାର ଭୂମିକା ଉପରେ ଆଲୋକପାତ କରିବା ସହ ଶିଶୁମାନଙ୍କ ମାର୍ଗଦର୍ଶନ କରିଥିଲେ। ଉଦୟ ଶଙ୍କର ରାୟ, ଯୁଗ୍ମ ସମ୍ପାଦକ ଜନାର୍ଦ୍ଦନ ସାହୁ, ଲଣ୍ଡନରେ ଆଇଟି ଇଞ୍ଜିନିୟର ଭାବେ କାର୍ଯ୍ୟରତ ସସ୍ମିତ ରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପଦକ ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ତ୍ରିଲୋଚନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିରର ମୁଖ୍ୟ କ୍ରୀଡ଼ା ପରିଚାଳକ ପ୍ରୀତିକାନ୍ତ ଦାଶ ଓ ଶାରୀରିକ ପ୍ରମୁଖ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଉତ୍ସବ ପରିଚାଳିତ ହୋଇଥିଲା। ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।



କ୍ରୀଡ଼ା ଉତ୍ସବରେ ଉପସ୍ଥିତ ଅତିଥି।

# ବିଞ୍ଝାରପୁର କ୍ରିକେଟ କ୍ଲବ୍ ଚାମ୍ପିୟନ

ବିଞ୍ଝାରପୁର,୧୦।୧୨(ରାମକୃଷ୍ଣ ଦାସ)

## ମହେନ୍ଦ୍ର ସିଂ ମେମୋରିଆଲ କ୍ରିକେଟ୍

ବିଞ୍ଝାରପୁର ବ୍ଲକ ଯଜ୍ଞପଡ଼ିଆରେ ମହେନ୍ଦ୍ର ସିଂ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ୱାରିଅରସ କ୍ରିକେଟ କ୍ଲବ ଚନ୍ଦନପୁର ଓ ବିଞ୍ଝାରପୁର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଞ୍ଝାରପୁର କ୍ରିକେଟ କ୍ଲବ୍ ଚାମ୍ପିୟନ ହୋଇଛି। ପ୍ରଥମେ ୱାରିଅରସ କ୍ରିକେଟ କ୍ଲବ ଟସ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ବିଞ୍ଝାରପୁର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୫ ଓଭର ଖେଳି ୬ ଉଇକେଟ ହରାଇ ୨୨୨ରନ ସଂଗ୍ରହ କରିଥିଲା। ଜବାବରେ ୱାରିଅରସ କ୍ରିକେଟ କ୍ଲବ ୧୭ ଓଭର ଖେଳି ସମସ୍ତ ଉଇକେଟ ହରାଇ ୯୨ରନ ସଂଗ୍ରହ କରି ବିଞ୍ଝାରପୁର କ୍ରିକେଟ କ୍ଲବଠାରୁ ପରାସ୍ତ ହୋଇଥିଲା। ଫାଇନାଲ ମ୍ୟାଚ୍ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଭିନେତ୍ରୀ ପ୍ରିୟା ଚୌଧୁରୀ, ସମ୍ମାନିତ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଉପାଧ୍ୟକ୍ଷ ସେକ ଇର୍ସାଦ, ସମାଜିକର୍ମୀ କୈଳାସ ସେଠୀ, ମହେନ୍ଦ୍ର ସିଂ ମେମୋରିଆଲ ଟୁର୍ନାମେଣ୍ଟର ସମ୍ପାଦକ ସୁଖରଂଜନ ପରିଡ଼ା ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ବିଞ୍ଝାରପୁର କ୍ରିକେଟ କ୍ଲବର ସେକ୍ ଆଖାରୁଦ୍ଦିନଙ୍କୁ ମ୍ୟାନ୍ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରଯାଇଥିଲା।

# ରାସ୍ତା ମରାମତି କଲେ ସାମାଜିକ କର୍ମୀ

ପାଣିକୋଇଲି,୧୦।୧୨(ବିକାଶ ମଲ୍ଲିକ)

ପାଣିକୋଇଲି-ରଗଡ଼ି ରାସ୍ତାର ରବିବାର ମରାମତି କରାଯାଇଛି। ସାମାଜିକ କର୍ମୀ ଶରତ ଚନ୍ଦ୍ର ଦାଶ (ବାବୁଲା) ଏହାର ମରାମତି କରିଛନ୍ତି। ରାସ୍ତାର ପ୍ରବେଶ ପଥ ମରଣଯନ୍ତା ପାଲଟିଥିଲା। ରାସ୍ତା ଆରମ୍ଭରେ ଜାତୀୟ ରାଜପଥ ରହିଛି। ଡ୍ରେନ ପରଠାରୁ ଏହି ରାସ୍ତା ଆରମ୍ଭ ହୋଇଛି। ତେବେ ଡ୍ରେନ୍‌କଡରେ ବଡ଼ବଡ଼ ଖାଲ ହୋଇଥିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଥିଲା। ଅନେକ ସମୟରେ ବାଇକ ଓ ଛୋଟଗାଡି ଦୁର୍ଘଟଣା ଗ୍ରସ୍ତ ହେବା ଦେଖିବାକୁ ମିଳିଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ ରାଜପଥ କର୍ତ୍ତୃପକ୍ଷ କିମ୍ବା ପୂର୍ତ୍ତ ବିଭାଗ କେହି କର୍ଣ୍ଣପାତ କରି ନ ଥିଲେ। ଶେଷରେ ଯୁବ ସାମାଜିକ କର୍ମୀ ଦାଶ ଖବରଦାତା, ସାମାଜିକ କର୍ମୀ ଓ ପୋଲିସ ସହାୟତାରେ ନିଜସ୍ୱ ଉଦ୍ୟମରେ ଉକ୍ତ ରାସ୍ତାର ଖାଲକୁ ମରାମତି କରିଛନ୍ତି। ଦାଶଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରସଂଶା କରାଯାଇଛି।


ରାସ୍ତା ମରାମତି କରାଯାଉଛି।

# ସନ୍ ଡାଇଗ୍ନୋଷ୍ଟିକ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




ଯାଜପୁର ଟାଉନ,୧୦।୧୨
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ପୌରାଞ୍ଚଳରେ ଥିବା ସନ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ପୌରପାଳିକା ସମ୍ମିଳନୀ ଗୃହରେ ଆୟୋଜିତ ଶିବିରରେ ଯାଜପୁର ପ୍ରେସକ୍ଲବର ସମସ୍ତ ଗଣମାଧମ ପ୍ରତିନିଧିଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯିବା ସହ ରକ୍ତ ନମୁନା ସଂଗ୍ରହ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ପ୍ରେସକ୍ଲବ୍ ସଭାପତି ରାଜୀବ ମହାନ୍ତି ଉଦ୍‌ଘାଟନ କରିଥିଲେ। ବ୍ଲକରେ ଥିବା ସମସ୍ତ ସଦସ୍ୟ ପହଞ୍ଚି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଖବରଦାତା ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହୋଇଥିବା ବେଳେ ସେମାନେ ସମାଜ ପରିବର୍ତ୍ତନରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ତେଣୁ ସେମାନଙ୍କ ସ୍ୱାସ୍ଥ୍ୟ ସମାଜ ପାଇଁ ମୂଲ୍ୟବାନ ହୋଇଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଜରୁରୀ ବୋଲି ସେଣ୍ଟର ମୁଖ୍ୟ ଅମ୍ବରିଶ ସାହୁ କହିଥିଲେ। କାର୍ଯ୍ୟକ୍ରମରେ ପବିତ୍ର କୁମାର ରାଉତ, ରୀତାରାଣୀ ଜେନା, ସ୍ୱର୍ଣ୍ଣମୟୀ ସାହୁ, ଦମୟନ୍ତୀ ଖଟୁଆ ଓ ବିନ୍ଧ୍ୟବାସିନୀ ସାହୁ ପ୍ରମୁଖ ସାମିଲ ହୋଇ ଶିବିର ପରିଚାଳନା କରିଥିଲେ।

# ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାଲିଚନ୍ଦ୍ରପୁର,୧୦।୧୨(ଗିରିଜା ପ୍ରସାଦ ସାହୁ)

## ପଲ୍ଲିଶ୍ରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ବାଲିଚନ୍ଦ୍ରପୁର ପଲ୍ଲିଶ୍ରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ଗତ ମାସ ୨୮ରୁ ଆରମ୍ଭ ହୋଇ ଚଳିତ ମାସ ୯ ତାରିଖ ଶନିବାର ଉଦ୍‌ଯାପିତ ହୋଇଛି। ପ୍ରାକ୍ତନ ସରପଞ୍ଚ ଫନିନ୍ଦ୍ରନାଥ ପଣ୍ଡା ଓ ଚଳଚ୍ଚିତ୍ର ଅଭିନେତା ପ୍ରମୋଦ କୁମାର ଭୂୟାଁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟଅତିଥିଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଛାତ୍ରୀଙ୍କ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସରକାରଙ୍କ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ କଳା, ସଂସ୍କୃତି, ନୃତ୍ୟ, ଗୀତ, ସାକ୍ଷରତା ଅଭିଯାନ, ପରିମଳ ଅଭିଯାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷା ମାମି ବଳବନ୍ତରାୟଙ୍କ ଅଧ୍ୟକ୍ଷତା ଓ ଇଂଲିଶ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ଭାବଗ୍ରାହୀ ମହାରଣାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର କୁମାର ମାହାଲା ଯୋଗଦେଇ ଛାତ୍ରୀଙ୍କ ବିଭିନ୍ନ କ୍ଷେତ୍ରରେ ଦକ୍ଷତାପ୍ରତିପାଦିତ ହୋଇଥିବା ଦେଖି ଆନନ୍ଦିତ ହେବା ସହ ସେମାନଙ୍କୁ ଆଗକୁ ବଢ଼ିବା ଲାଗି ଏହି ସବୁ କାର୍ଯ୍ୟକ୍ରମମାନ ପ୍ରେରଣା ଯୋଗାଇବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଅଶୋକ ସାମଲ ଯୋଗଦେଇ ପ୍ରତିଯୋଗିତାରେ ଯେଉଁମାନେ ପରାଜୟ ବରଣ କରିଛନ୍ତି, ସେମାନେ ମନଦୁଣା ନ କରି ଭାବନ୍ତୁ ଯେ ମୁଁ ହରିଲି ବୋଲି ସେ ଜିତିଲେ। ସେଥିପାଇଁ ସେ ନିଜକୁ ଗର୍ବ ଅନୁଭବ କରନ୍ତୁ ଓ ହାରିବା ପରେ ଜିତିବା ଆସେ। ଏଥିପାଇଁ ଆଗକୁ ନିଜକୁ ପ୍ରସ୍ତୁତ କରି ଲକ୍ଷ୍ୟପଥରେ ଆଗେଇ ଯିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଅଲୋକ କୁମାର ବଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ଦିବସରେ ବହୁବିଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ଗୀତାଞ୍ଜଳି ସାହୁଙ୍କୁ ଚାମ୍ପିୟନ ଟ୍ରଫି ଓ ପ୍ରଶଂସାପତ୍ର ମୁଖ୍ୟଅତିଥି ମାହାଲା ପ୍ରଦାନ କରିଥିଲେ। ଅନ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା ଛାତ୍ରୀ ଅରୁନ୍ଧତୀ ଜେନା, ସନ୍ଧ୍ୟାରାଣୀ ବାରିକ, ମନସ୍ମିତା ଜେନା, ମୁସ୍କାନ୍ ପରୱିନ୍, ସୁକନ୍ୟା ସାହୁ, ଶୁଭଶ୍ରୀ ମହାରଣା ପ୍ରମୁଖଙ୍କୁ ଟ୍ରଫି ଓ ପ୍ରଶଂସାପତ୍ର ଅତିଥିମାନେ ପ୍ରଦାନ କରିଥିଲେ। ଅଧ୍ୟାପିକା ମାନସୀ ସାମଲ, ରୂପଶ୍ରୀ ସ୍ୱାଇଁ, ସ୍ନିଗ୍ଧାରାଣୀ ମହାନ୍ତି, ତମାଳ ମାଳ ସ୍ୱାଇଁ ଓ ପ୍ରେମାନନ୍ଦ ପରିଡ଼ା ପ୍ରମୁଖ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ।


କାର୍ଯ୍ୟକ୍ରମରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ସଂକ୍ଷେପରେ**

## ରାଜନଗର ଗୀତା ଭାଗବତ ଟୁଙ୍ଗିର ବାର୍ଷିକ ଉତ୍ସବ

ରାଜନଗର, ୧୦।୧୨(ଭାସ୍କର ରାଉତରାୟ) : ରାଜନଗରସ୍ଥିତ ଜଗଦ୍‌ଗୁରୁ ଠାକୁର ଶ୍ରୀ ଶ୍ରୀଅଭିରାମ ପରମହଂସ ଦେବଙ୍କ ସେବାଶ୍ରମରେ ଗୀତା ଭାଗବତ ଟୁଙ୍ଗିର ୪୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସପ୍ତାହେବ୍ୟାପୀ ଚାଲିଥିବା ଉତ୍ସବରେ ପ୍ରତ୍ୟେକ ଦିନ ଶ୍ରୀମଦ୍ ଭାଗବତ ପାରାୟଣ, ଭଜନ କୀର୍ତ୍ତନ ହେବା ସହ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ହେଉଥିଲା। ଉତ୍ସବରେ କରମଳା ଶାନ୍ତିଧାମର ପୂଜ୍ୟ ବାବାଜୀ ଶ୍ରୀନିବାସ ଦାସ, ବାବାଜୀ ଦୟାନିଧି ଦାସ, ବାବାଜୀ ଆନନ୍ଦ ଦାସ, ବାବାଜୀ ଜଗବନ୍ଧୁ ଦାସ, ବାବାଜୀ ଆତ୍ମାରାମ ଦାସ, କଳ୍ପତରୁ ଆଶ୍ରମର ବାବାଜୀ ସଚ୍ଚିଦାନନ୍ଦ ଦାସ, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ପଣ୍ଡିତ ପ୍ରଫୁଲ୍ଲ କଣ୍ଡୁ, ପଣ୍ଡିତ ହର କୁମାର ମିଶ୍ର, ସୂର୍ଯ୍ୟ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ହରିକଥା ଶୁଣାଇଥିଲେ। ଶେଷଦିନ ଶ୍ରୀ ଶ୍ରୀଠାକୁରଙ୍କ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସେବକ ଅଭୟ ଦାସ ପରିଚାଳନା କରିଥିବା ବେଳେ ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀର ଗୁରୁଭାଇ ଓ ଗୁରୁଭଉଣୀମାନେ ସହଯୋଗ କରିଥିଲେ। ଏଥିରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ପଟ୍ଟାମୁଣ୍ଡାଇରେ ଆମ୍ବେଦକର ତିରୋଧାନ ଦିବସ

ପଟ୍ଟାମୁଣ୍ଡାଇ, ୧୦।୧୨(କଳ୍ପତରୁ ନାୟକ):ପଟ୍ଟାମୁଣ୍ଡାଇ ଆମ୍ବେଦକର ସ୍ମୃତି ସଂସଦ ପକ୍ଷରୁ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବାଇପାସ୍ ଆମ୍ବେଦକର ଛକରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ସାଧାରଣ ସଭା କରାଯାଇଥିଲା। ଆମ୍ବେଦକର ସ୍ମୃତି ସଂସଦ ସଭାପତି ବାରେଣୀ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ କଲେଜ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦେବବ୍ରତ ପ୍ରଧାନ, ସ୍ମୃତି ସଂସଦ ସାଧାରଣ ସମ୍ପାଦକ ତଥା ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ବିକାଶ ପରିଷଦ ସମ୍ପାଦକ ଆଇନଜୀବୀ ଗୋପୀନାଥ ତ୍ରିପାଠୀ, ଦଳିତ ସଂଘ ସଭାପତି କଳ୍ପତରୁ ମଳିକ, ଉପସଭାପତି କାଉନସିଲର ସୁବାସ ମଳିକ, କୋଷାଧ୍ୟକ୍ଷ ମଳୟ ମଳିକ, ଜିଲା ଦଳିତ ସେଲ୍ ସଭାପତି ଦଶରଥ ମଳିକ, ନଗର ଯୁବ ବିଜେଡି ସଭାପତି ମନୋଜ ନାୟକ, ଖବରଦାତା ଅନିଲ ଚୌଧୁରୀ, ପ୍ରଭାତ ମଳିକ, ଦିଲୀପ ସେଠୀ, ବିଷ୍ଣୁ ମଳିକ, ପୀତାମ୍ବର ମଳିକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଦେଶର ସମ୍ବିଧାନ ପ୍ରଣେତା ଓ ଦଳିତଙ୍କ ପାଇଁ ସଂଗ୍ରାମ କରିବାରେ ଆମ୍ବେଦକରଙ୍କ ଭୂମିକା ଅବିସ୍ମରଣୀୟ ବୋଲି କହିବା ସହ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ସାହିତ୍ୟ ସମାଜର ପ୍ରତିବିମ୍ବ ଭାବେ କାର୍ଯ୍ୟ କରେ

କେନ୍ଦ୍ରାପଡ଼ା, ୧୦।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ବ୍ଲକ କୋରୋସ୍ଥିତ ଗଣକବି ଗୋପାଳ ଦାଶ ମଞ୍ଚ ପରିସରରେ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସତୀର୍ଥର ନବମ ବାର୍ଷିକ ସାରସ୍ୱତ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଅମର ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥିମାନେ ସାହିତ୍ୟ ସର୍ବଦା ସମାଜର ପ୍ରତିବିମ୍ବ ଭାବେ କାର୍ଯ୍ୟ କରୁଥିବା ମତ ରଖିଥିଲେ। ଡ. ବୈଷ୍ଣବ ଚରଣ ସାମଲ, ପ୍ରାଧ୍ୟାପକ ବବ୍ରୁବାହନ ମହାପାତ୍ର, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ପ୍ରାଧ୍ୟାପକ ନିର୍ମଳ ବିଶ୍ୱାଳ, ଶାଶ୍ୱତୀ ସୌମ୍ୟା ମିଶ୍ର ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ ଯେ, ସାହିତ୍ୟ କାଳଜୟୀ। ବେଦଠାରୁ ସାମ୍ପ୍ରତିକ ଆଧୁନିକ ସାହିତ୍ୟରେ ସମାଜର ବିଧି ବ୍ୟବସ୍ଥା ପର୍ଯ୍ୟନ୍ତ ଉଲ୍ଲେଖ ହୋଇଥାଏ। ସାହିତ୍ୟକୁ ଗଦ୍ୟ, ପଦ୍ୟରେ ସୀମିତ ନ ରଖି ଏହାର ବ୍ୟାପକତାକୁ ଅନୁଧ୍ୟାନ କରାଯାଏ। ଜନହିତରେ ସାହିତ୍ୟର ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ବାର୍ଷିକ ସଙ୍କଳନ ଉନ୍ମୋଚିତ ହୋଇଥିଲା। ଏଥିସହ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, କବି ଅପର୍ଣ୍ଣା ମହାନ୍ତି, ପ୍ରାଧ୍ୟାପକ ବବ୍ରୁବାହନ ମହାପାତ୍ରଙ୍କୁ ସତୀର୍ଥ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଉତ୍ସବର ପ୍ରଥମ ଅଧିବେଶନରେ ସମ୍ପାଦକ ମନ୍ମଥନାଥ ବରାଳ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ରାଜକିଶୋର ଜେନା, ପଣ୍ଡିତ ପ୍ରତାପ ପତି ଏହାକୁ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ କବି ଶୈଳଜା ଶଙ୍କର ସାମଲ, ଚାରୁଲତା ଭୂୟାଁ, ନିକୁଞ୍ଜ ପୃଷ୍ଟିଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଡ. ଶ୍ରୀଧର ସାମଲ, ହେମନ୍ତ ରାଉତ, ନିରୁପମା ବଳ, ସ୍ୱପ୍ନାଂଶୁ ଦାସ ଯୋଗ ଦେଇଥିଲେ। ଏଠାରେ ୭୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହେଶ୍ୱର ନାୟକ, ଭାଗବତ ଷଡ଼ଙ୍ଗୀ, ଚକ୍ରଧର ସେଠୀ, ଫଗୁ ସ୍ୱାଇଁ ଓ ଚୈତନ୍ୟ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ଯୁବବର୍ଗ ହିଁ ନବୀନ ଓଡ଼ିଶାକୁ ସମୃଦ୍ଧ କରିପାରିବେ



ଯୁବଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

କେନ୍ଦ୍ରାପଡ଼ା, ୧୦।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ କୋରୁଆସ୍ଥିତ ଲୋକନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବବର୍ଗ ହିଁ ନବୀନ ଓଡ଼ିଶାକୁ ସମୃଦ୍ଧ କରିପାରିବେ ବୋଲି ଅତିଥିମାନେ ମତ ଦେଇଛନ୍ତି। ଏଥିରେ ନୋଡାଲ ଅଧିକାରୀ ଡ. ଶଶିକାନ୍ତ ନାୟକ, ସଂଯୋଜକ ତୁଷାରକାନ୍ତ ପରିଡା, ବିଜୟ କୁମାର ନାୟକ, ଡ. ମମତା ପଣ୍ଡା, କ୍ଷୀରୋଦ ପ୍ରସାଦ ନାୟକ, ଡ. ପ୍ରଫୁଲ୍ଲ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ ଯେ ସମୃଦ୍ଧ ଓଡ଼ିଶା ପାଇଁ ଯୁବବର୍ଗଙ୍କ ମନରେ ଉତ୍ସାହ ଆସିବା ଆବଶ୍ୟକ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମନ୍ୱିତ ଯୁବ ବିକାଶ ଯୋଜନା ଏବେ ଲାଗୁ ହୋଇଛି। ପ୍ରାଥମିକସ୍ତରରେ ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାମାଜିକ ଆବଶ୍ୟକତାକୁ ଯୋଜନାରେ ଗୁରୁତ୍ୱ ଦିଆଯାଇଛି। କ୍ରିକେଟ, ଫୁଟ୍‌ବଲ, ହକି, କବାଡି, ଖୋ ଖୋ ଆଦି ଖେଳକୁ ଏଥିରେ ପ୍ରୋତ୍ସାହିତ କରାଯାଉଛି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତେ ଭାଗ ନେବା ପାଇଁ ଉତ୍ସାହିତ କରାଯାଉଛି। ଏଥିସହିତ ସାମାଜିକ ସମସ୍ୟା ଓ ଏହାର ସମାଧାନକୁ ପ୍ରତ୍ୟକ୍ଷ ନିରୀକ୍ଷଣ କରିପାରିଲେ ସ୍ଥାନୀୟ ଅଞ୍ଚଳଠାରୁ ରାଜ୍ୟ ପର୍ଯ୍ୟନ୍ତ ସମୃଦ୍ଧ ହୋଇପାରିବ। ଏହାଦ୍ୱାରା ନିଜର ଆର୍ଥିକ, ସାମାଜିକ ଓ ବୌଦ୍ଧିକ ବିକାଶ ହେବ ବୋଲି ସେମାନେ ସୂଚନା ଦେଇଥିଲେ। ଏହି ଅବସରରେ ଛାତ୍ରୀମାନେ ରଙ୍ଗୋଲି ଓ ଝୋଟି ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ପୁଷ୍ପଲତା ଶତପଥୀ, ଡ. ପଦ୍ମନାଭ ମହାନ୍ତି, ଐଶ୍ୱର୍ଯ୍ୟା ମିଶ୍ର, ମନୋରଞ୍ଜନ ଦାଶ, ସୁଶାନ୍ତ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

## ହାଇଦ୍ରାବାଦରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ରାଜନଗର, ୧୦।୧୨(ଭାସ୍କର ରାଉତରାୟ)

ରାଜନଗର ଥାନା ଗୁପ୍ତି ପଞ୍ଚାୟତ ଅନ୍ତର୍ଗତ ନଚ୍ଛିପଡା ଗାଁର ଉତ୍ତମ ଦାସଙ୍କ ପୁଅ ମୋହନ(୨୬)ଙ୍କ ହାଇଦ୍ରାବାଦରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଶନିବାର ସନ୍ଧ୍ୟାରେ ମୋହନଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ଭିତରେ ମଶାଣିରେ ସଂସ୍କାର କରାଯାଇଛି। ଖବରପାଇ ରାଜନଗର ବିଧାୟକ ଧ୍ରୁବ ସାହୁ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମୋହନ ପରିବାର ବଡ଼ପୁଅ ଥିଲେ। ଅଭାବ ଅସୁବିଧାରେ ଦିନ କାଟୁଥିବା ପରିବାରର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ। କାମ ସାରି ରାତିରେ ଖାଇ ପିଇ ଶୋଇଥିଲେ। ସକାଳୁ ସାଙ୍ଗମାନେ ମୋହନଙ୍କ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକଙ୍କୁ ଖବର ଦେଇଥିଲେ।

## ସାପ କାମୁଡ଼ାରେ ମୃତ ଚାଷୀ ପରିବାରକୁ ସହାୟତା

ରାଜନଗର, ୧୦।୧୨ (ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ କଣ୍ଡିରା ପଞ୍ଚାୟତ ବଳରାମପୁର ଗାଁର ଯୁବଚାଷୀ ପ୍ରମୋଦ କୁମାର ସ୍ୱାଇଁ (୩୯)ଙ୍କ ୮ତାରିଖରେ ବିଲରେ ଧାନ କାଟୁଥିବା ବେଳେ ଏକ ବିଷଧର ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା। ସାପ କାମୁଡିବା ପରେ ପ୍ରମୋଦ ଚିତ୍କାର କରିବାରୁ ପାଖ ବିଲରେ ଧାନ କାଟୁଥିବା ଚାଷୀମାନେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକେ ବିଧାୟକ ଧ୍ରୁବ ସାହୁଙ୍କୁ ଜଣାଇଥିଲେ। ବିଧାୟକ ଏ ନେଇ ଜିଲାପାଳଙ୍କୁ ଅବଗତ କରିଥିଲେ। ରବିବାର ବିଧାୟକ ସାହୁଙ୍କ ଉପସ୍ଥିତିରେ ଆର୍‌ଆଇ ସନ୍ଦୀପ କୁମାର ମାଡାଙ୍ଗୀ ମୃତ ପ୍ରମୋଦଙ୍କ ପରିବାର ଲୋକଙ୍କୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବିଧାୟକଙ୍କ ସହ କଣ୍ଡିରା ସମିତିସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ସୁବାସ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ମାନବାଧିକାର ଦିବସ



ତାଲୁକ ଆଇନ ସହାୟତା କମିଟି ବିଶ୍ୱ ମାନବାଧିକାର ଉତ୍ସବରେ ମଞ୍ଚାସୀନ ଅତିଥି।

ପଟ୍ଟାମୁଣ୍ଡାଇ, ୧୦।୧୨ (କଳ୍ପତରୁ ନାୟକ)

ମାନବ ଅଧିକାରର ସୁରକ୍ଷା ନିମନ୍ତେ ୧୯୪୮ ଡିସେମ୍ବର ୧୦ରେ ମିଳିତ ଜାତିସଂଘରେ ମାନବାଧିକାର ଘୋଷଣାନାମା ସ୍ୱୀକୃତି ପାଇଥିଲା। ବିଶ୍ୱର ବହୁଦେଶ ଏହି ଐତିହାସିକ ଦିବସଟିକୁ ବିଶ୍ୱ ମାନବାଧିକାର ଦିବସ ରୂପେ ପାଳନ କରି ଆସୁଛନ୍ତି। ରବିବାର ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସହାୟତା କମିଟି ପକ୍ଷରୁ କୋର୍ଟ କକ୍ଷରେ ୭୬ତମ ମାନବାଧିକାର ଦିବସ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜିଷ୍ଟ୍ରେଟ ମୋନାଲିସା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ଶିବିରରେ ମାନବୀୟ ମୂଲ୍ୟବୋଧ ଓ ବିଭିନ୍ନ ଦିଗ ଏବଂ ମାର୍ଗଦର୍ଶନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୃଥିବୀରେ ବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଏକ ମୌଳିକ ଅଧିକାର ଅଛି। ଏହି କର୍ମଶାଳାରେ ବାର୍ ଆସୋସିଏଶନ ସଭାପତି ତପନ ମିଶ୍ର, ବରିଷ୍ଠ ଆଇନଜୀବୀ ଭୀମସେନ ପ୍ରଧାନ, ଆଇନଜୀବୀ ଭବାନୀ ଶଙ୍କର ପଣ୍ଡା, ବିଦ୍ୟାଧର ଦାଶ, ବିଜ୍ଞାନ ଜେନା, ପିଏଲ୍‌ଭି ପ୍ରଫୁଲ୍ଲ ଦାଶ, ଧବଳେଶ୍ୱର ଖଣ୍ଡାଇ ପ୍ରମୁଖ ଯୋଗଦେଇଥିଲେ। ମାନବାଧିକାର ଓ ତା'ର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଆଇନ ସହାୟତା ରିଟେନର ଜିତେନ୍ଦ୍ର ନନ୍ଦି ଧନ୍ୟବାଦ ଦେଇଥିଲେ।

# ମଙ୍ଗରାଜପୁର ହରିଜନସାହିରୁ ଠାକୁରପାଟଣା ରାସ୍ତାର ଶିଳାନ୍ୟାସ


ମନ୍ତ୍ରୀ ପ୍ରତାପ ଦେବ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକ୍ରମର ଶିଳାନ୍ୟାସ କରୁଛନ୍ତି।

ଆଳି, ୧୦।୧୨ (ବନମାଳୀ ସେନାପତି )

ଗ୍ରାମାଞ୍ଚଳର ଲୋକମାନଙ୍କୁ ଗମନାଗମନର ସୁବିଧା ଯୋଗାଇ ଦେବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ବିପୁଳ ଅର୍ଥ ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ହୋଇଥିବା ଆଳି ବ୍ଲକ ସଂସିଧା ପଞ୍ଚାୟତର ମଙ୍ଗରାଜପୁର ହରିଜନସାହିରୁ ଠାକୁରପାଟଣା ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ରାସ୍ତାକୁ ରାଜ୍ୟ ସରକାରଙ୍କ ଶକ୍ତି, ଶିଳ୍ପ ଓ ଲଘୁ ଉଦ୍ୟୋଗ ମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ ଶିଳାନ୍ୟାସ କରିଛନ୍ତି। କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଜନ-୨ ଅଧୀନରେ ଥିବା ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୫ କିମି ରାସ୍ତା ପାଇଁ ୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି ବୋଲି ବିଭାଗୀୟ ଏସ୍‌ଡିଓ ସତ୍ୟବ୍ରତ ପଣ୍ଡା ସୂଚନା ଦେଇଛନ୍ତି। ଏହି ଅବସରରେ ବ୍ଲକ ବିଜେଡି ସଭାପତି ସନାତନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଦେବ ଯୋଗଦେଇ କହିଥିଲେ ଯେ, ରାଜ୍ୟ ସରକାର ରାଜ୍ୟବାସୀଙ୍କ ସୁଖ ଦୁଃଖରେ ସାମିଲ ହେଉଥିବା ବେଳେ ବିକାଶର ଫର୍ଦ୍ଦ ଯୋଡି ଚାଲିଛନ୍ତି। ଗ୍ରାମାଞ୍ଚଳର ମୌଳିକ ସୁବିଧା ମଧ୍ୟରେ ଗମନାଗମନ ଏକ ପ୍ରମୁଖ ସମସ୍ୟା ଥିବାରୁ ଏହା କିପରି ଦୂର ହୋଇପାରିବ ତାହା ହିଁ ସରକାରଙ୍କ ଏକମାତ୍ର ଲକ୍ଷ୍ୟ। ଏହି ଶିଳାନ୍ୟାସ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆଳି ପଞ୍ଚାୟତ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଆଳି ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି କେଦାରନାଥ ବେହେରା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ପର୍ଯ୍ୟବେକ୍ଷକ ସବିତା ମହାପାତ୍ର, ସଂସିଧା ସରପଞ୍ଚ ଦୀପକ ଭୂୟାଁ, ସମିତିସଭ୍ୟା ମମତାରାଣୀ ଭୂୟାଁ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା, ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ରାଉତ, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, ଜ୍ୟୋତିରଞ୍ଜନ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ, ୧୦।୧୨ (କଳ୍ପତରୁ ନାୟକ)



ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥିମାନେ।

ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ପ୍ରାଣୀ ଅଧିକାର ଦିବସ ଉପଲକ୍ଷେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ରାଜକନିକା କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ବରିଷ୍ଠ ପ୍ରାଧ୍ୟାପିକା ଡ. ମିଥିଳା ଦାସ ରିସୋର୍ସ ପର୍ସନ ଭାବେ ଯୋଗଦେଇ ପ୍ରାଣୀମାନଙ୍କ ଅଧିକାର ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ଆଇକ୍ୟୁଏସି ସଂଯୋଜକ ଡ. ସୁନୀଲ ପ୍ରଧାନ ପ୍ରାଣୀମାନଙ୍କ ଅଧିକାର ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧାପିକା ସରୋଜିନୀ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷା ବିଭାଗ ଅଧାପିକା ନିବେଦିତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ମାରୁ ଟିମ୍‌କୁ ହରାଇ କୁଜଙ୍ଗ ବିଜୟୀ

**ହରିଅଙ୍କରେ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଡେରାବିଶ, ୧୦।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ରବିବାର ଜୟଦୁର୍ଗା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୨୫ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଆଜିର ଉଦ୍‌ଘାଟନୀ ମ୍ୟାଚ୍‌କୁ ବିଜେଡି ନେତା ପ୍ରାଧ୍ୟାପକ ଅଜୟ କୁମାର ରାଉତ ଉଦ୍‌ଘାଟନ କରିଥିଲେ। କ୍ୱାର୍ଟର ଫାଇନାଲର ପ୍ରଥମ ମ୍ୟାଚ୍‌ରେ ରବିବାର କଟକ ଜିଲାର ମାରୁ ଫୁଟବଲ୍ ଟିମ୍ ଓ ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ଆଥ୍‌ଲେଟିକ ଆସୋସିଏଶନ ପରସ୍ପରକୁ ଭେଟିଥିଲେ। ଉଭୟ ଦଳ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିବା ବେଳେ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ୍ ଦେଇ ପାରି ନ ଥିଲେ। ପରେ ଟାଇବ୍ରେକର ମାଧ୍ୟମରେ କୁଜଙ୍ଗ ଟିମ୍ ବିଜୟ ଲାଭ କରିଥିଲା। ଉଦ୍‌ଘାଟନୀ ମ୍ୟାଚ୍ ଉପଲକ୍ଷେ ଆୟୋଜିତ ସଭାରେ ଆସୋସିଏଶନର ସଭାପତି ନୃସିଂହ ଚରଣ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟକ ସାମାଜିକ କର୍ମୀ ଅଜୟ କୁମାର ରାଉତ ଯୋଗ ଦେଇଥିଲେ। ଏହି ସଭାରେ ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ସୁଖଦାନନ୍ଦ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଗୋଲଖ ସ୍ୱାଇଁ, ସୁଜିତ ସାମନ୍ତରାୟ, ବାବୁଲି ସ୍ୱାଇଁ, ଯୁଗଳ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମ୍ୟାଚ୍‌ରେ ଅମ୍ପାୟର ଭାବେ ସୁଶାନ୍ତ ବିଶ୍ୱାଳ, ରିଆଜ୍ କାଦରି, ଅକ୍ଷୟ ହେମ୍ବ୍ରମ୍ ଓ ସୁଶାନ୍ତ ସାହୁ ଖେଳ ପରିଚାଳନା କରିଥିଲେ। ବିଶ୍ୱରଞ୍ଜନ ସାମଲ ମ୍ୟାଚର ଧାରା ବିବରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଆଥ୍‌ଲେଟିକ ଆସୋସିଏଶନ ସଦସ୍ୟ ଅଞ୍ଜନ ମହାନ୍ତି, ରାମଚନ୍ଦ୍ର ସେଠୀ, ଶରତ ବେହେରା, କୈଳାସ ଲେଙ୍କା, କାଳନ୍ଦୀ ଦାସ, ଅଲେଖ ବେଜ, ନଟବର ସେଠୀ, ଜଗବନ୍ଧୁ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।


ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।

# ଭଙ୍ଗା ନଡ଼ାଛପର ଘରେ ୫ ପ୍ରାଣୀ କୁଟୁମ୍ବଙ୍କ ଜୀବନ

ରାଜକନିକା, ୧୦।୧୨ (ସଞ୍ଜୟ କୁମାର ଦାଶ)

- ଆବାସ ଯୋଜନାରୁ ବଞ୍ଚିତ ସତ୍ୟବ୍ରତ
- ଘର ଛପର କରିବାକୁ ସମ୍ବଳ ନାହିଁ
- ବେଳାଏ ଖାଇଲେ ଆର ଓଳି ଉପବାସ
- ପିଲାଙ୍କ ପାଠପଢ଼ାରେ ବାଧକ ଦାରିଦ୍ର୍ୟ

ସାଧାରଣ ଗରିବ ଶ୍ରେଣୀର ଲୋକମାନଙ୍କୁ ଆବାସ ଯୋଗାଇଦେବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ଯୋଜନା କରିଛନ୍ତି। ହେଲେ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଧୀନ ସିହୋପଡ଼ା ଗାଁର ସତ୍ୟବ୍ରତ ଜେନା (୪୩) ଭଙ୍ଗା ନଡ଼ା ଛପର ଘରେ ୫ ପ୍ରାଣୀ କୁଟୁମ୍ବଙ୍କୁ ନେଇ କଳାତିପାତ କରୁଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ଲାଗି ବାରମ୍ବାର ଆବେଦନ କରିଥିଲେ ମଧ୍ୟ ତାହା ତାଙ୍କୁ ମିଳୁନାହିଁ। ପାଖରେ ସମ୍ବଳ ନ ଥିବାରୁ ଘର ଛପର କରିପାରୁ ନ ଥିବା ବେଳେ ବେଳାଏ ଖାଇଲେ ଆଉ ବେଳାକୁ ଉପବାସ ରହିବାକୁ ପଡୁଛି।

ଦିନ ଥିଲା, ସତ୍ୟବ୍ରତଙ୍କ ପରିବାର ବେଶ୍ ହସଖୁସିରେ ଚାଲିଥିଲା। ସତ୍ୟବ୍ରତ ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବେ କୋଲ୍‌କାତାର ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। ୭ବର୍ଷ ପୂର୍ବେ ଏକ ସଡ଼କ ଦୁର୍ଘଟଣା ବଦଳାଇ ଦେଲା ତାଙ୍କ ପରିବାରର ଭାଗ୍ୟ। ଦୁର୍ଘଟଣାରେ ଗୁରୁତର ହୋଇ କୋମାକୁ ଚାଲିଗଲେ ସତ୍ୟବ୍ରତ। ଯାହାକିଛି ଥିଲା ସବୁ ବିକିଭାଙ୍ଗି ପତ୍ନୀ ତାଙ୍କର ଚିକିତ୍ସା କରାଇଲେ। ଏବେ ସତ୍ୟବ୍ରତ ବିଛଣାରୁ


ଭଙ୍ଗା କୁଡିଆରେ ଜୀବନ ବିତାଉଥିବା ସତ୍ୟବ୍ରତ, ପତ୍ନୀ ଅନିତା।

କୌଣସି ପ୍ରକାର ଉଠୁଛନ୍ତି। ସେ ଦିବ୍ୟାଙ୍ଗ ହୋଇଯାଇଛନ୍ତି। ପରିବାର କହିଲେ ସ୍ତ୍ରୀ ଅନିତା, ଦୁଇ ବଡ଼ିଲା ଝିଅ ସହ ଓ ୧୦ ବର୍ଷର ପୁଅ। ରୋଜଗାର କହିଲେ ଶୂନ। ଦୁଇ ଝିଅ ଭଲ ପାଠ ପଢୁଥିଲେ ମଧ୍ୟ ବାଧକ ସାଜିଛି ଦାରିଦ୍ର୍ୟ। ଯାଠୁ ତା'ଠୁ ମାଗିଯାଚି ଦୁଇଝିଅଙ୍କୁ କଲେଜରେ ପାଠ ପଢ଼ାଉଛନ୍ତି। ସତ୍ୟବ୍ରତ ଭିନ୍ନକ୍ଷମ ହୋଇଯିବା ପରେ ଅନ୍ୟର ସାହାଯ୍ୟ ସହଯୋଗକୁ ଅପେକ୍ଷା କରିଛନ୍ତି ପୂରା ପରିବାର। କେବଳ ସତ୍ୟବ୍ରତ ଭିନ୍ନକ୍ଷମ ଭତ୍ତା ପାଉଛନ୍ତି। ଏହାବାଦ୍ ପରିବାରରେ ପାଞ୍ଚଜଣ କୁଟୁମ୍ବ ଥିଲେ ବି ଚାରିଜଣଙ୍କୁ ମିଳୁଛି ରାଶନ୍ ଚାଉଳ। ଅର୍ଥ ନ ଥିବାରୁ ବିଦ୍ୟାଳୟରୁ ପୁଅ ନାମ କାଟି ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏହି ରାଶନ ଗଣ୍ଡାକ ହିଁ ପରିବାର ପ୍ରତିପୋଷଣରେ ସାହାଭରସା ପାଲଟିଛି। ରହୁଥିବା ଘର ଅର୍ଥ ଅଭାବରୁ ଛପର ହୋଇପାରିନି। ଘର କାନ୍ଥ ଫାଟି ଆଁ କଲାଣି। ଏ ସମ୍ପର୍କରେ ବହୁବାର ପଞ୍ଚାୟତ, ବ୍ଲକ ପ୍ରଶାସନକୁ ଗୁହାରି କରିଥିଲେ ବି ଆଜିପର୍ଯ୍ୟନ୍ତ ସରକାରୀ ସ୍ତରରେ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିଲାନାହିଁ। ଥିଲାବାଲା ସରକାରୀ ଆବାସ ହାତେଇଥିବା ବେଳେ ସତ୍ୟବ୍ରତଙ୍କ ପାଇଁ ତାହା ସାତସପନ ହୋଇଥିବା ପତ୍ନୀ ଅନିତା କହିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସତ୍ୟବ୍ରତ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଜାନୁୟାରୀ ୧୨ରୁ ବୁଦ୍ଧଖୋଲ ମହୋତ୍ସବ

ବୁଗୁଡ଼ା,୧୦।୧୨(କାଳୀଚରଣ ଦାଶ)

ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ଆଗାମୀ ୨୦୨୪ ଜାନୁୟାରୀ ୧୨ରୁ ୧୪ ତାରିଖ ଯାଏ ୩ ଦିନ ବ୍ୟାପୀ ବୁଦ୍ଧଖୋଲରେ ହିଁ ଆୟୋଜିତ ହେବ ବୁଦ୍ଧଖୋଲ ମହୋତ୍ସବ। ଉକ୍ତ କାର୍ଯ୍ୟକ୍ରମ ଜନସମାବେଶ, ଟ୍ରାଫିକ ଓ ପାର୍କିଂ ସମସ୍ୟା କାରଣରୁ ଏଥର ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବା ନେଇ ପୂର୍ବରୁ ସ୍ଥିର ହୋଇଥିଲା। କିନ୍ତୁ ପରମ୍ପରାକୁ ଦୃଷ୍ଟି ଆଗରେ ରଖି ବୁଦ୍ଧଖୋଲ ଉନ୍ନୟନ ସମିତି ସଭାପତି ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ପୌରୋହିତ୍ୟରେ ସ୍ଥାନୀୟ ଡାକବଙ୍ଗଳାରେ ଶନିବାର ଅନୁଷ୍ଠିତ ଏକ ସାଧାରଣ ବୈଠକରେ ଶ୍ରୀ ଗଙ୍ଗାଧରେଶ୍ୱରଙ୍କ ପବିତ୍ର ଶୈବପୀଠ ବୁଦ୍ଧଖୋଲରେ ହିଁ ବୁଦ୍ଧଖୋଲ ମହୋତ୍ସବ ଆୟୋଜିତ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା। ଉକ୍ତ ବୈଠକରେ ବୁଗୁଡ଼ା ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନଙ୍କ ସମେତ ବୁଦ୍ଧଖୋଲ ଉନ୍ନୟନ ସମିତିର ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ସଦସ୍ୟଗଣ ଉପସ୍ଥିତ ଥିଲେ। ଶେଷରେ ସୁରେଶ ଚନ୍ଦ୍ର ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଯୁବ ଓଡ଼ିଶା ନବୀନ ଓଡ଼ିଶା ସାଂସ୍କୃତିକ କାର୍ଯ୍ୟକ୍ରମ

କୋଦଳା,୧୦।୧୨(ଅମିତ କୁମାର ପଟ୍ଟନାୟକ)

କୋଦଳା ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା (ନୂଆ-ଓ) କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଭାଗ ତରଫରୁ ସଙ୍ଗୀତ, ନୃତ୍ୟ, ନାଟକ, ଫ୍ୟାଶନ ଶୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଯୋଗୀ ଛାତ୍ରୀଛାତ୍ର ନିଜର ପ୍ରତିଭାକୁ ପ୍ରଦର୍ଶନ କରିଛନ୍ତି। ଯୁକ୍ତ୨ର ଅଧ୍ୟକ୍ଷ ଡ. ଦତାରାମ ବିଷୋୟୀ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ନାଟ୍ୟ ନିର୍ଦ୍ଦେଶକ ସୀମାଞ୍ଚଳ ଦୋରା, ସଂସ୍କୃତି କଳାକାର ରମେଶ ଚନ୍ଦ୍ର ସେଠୀ, ଅଧ୍ୟାପକ ସାଗର ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକୁ ତର୍ଜମା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ କାଳନ୍ଦୀ ଚରଣ ଦାଶ, ଅଧ୍ୟାପିକା ମୌସୁମୀ ମିଶ୍ର, ସାଗରିକା ମୁନି, ସରୋଜ କୁମାର ଆଚାର୍ଯ୍ୟ, ଆଦିତ୍ୟ ପ୍ରସନ୍ନ ମହାପାତ୍ର, ସ୍ୱେଚ୍ଛାସେବୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ଖଣ୍ଡପଡ଼ା,୧୦।୧୨(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ବାପୁଜୀନଗରସ୍ଥିତ ସ୍ୱର୍ଗତ ଶ୍ୟାମ ସୁନ୍ଦର ମିଶ୍ରଙ୍କ ପତ୍ନୀ ନିଶାମଣୀ (୮୫)ଙ୍କର ଶନିବାର ସକାଳେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ ଜନୀତ ରୋଗରେ ସେ ଦୀର୍ଘଦିନ ହେଲା ଶଯ୍ୟାଶାୟୀ ଥିଲେ। ସେ ଜଣେ ଧର୍ମ ପରାୟଣା, ମେଳାପୀ, ସରଳ ଓ ନିଷ୍କପଟକ ମହିଳା ଥିଲେ। ନିକଟସ୍ଥ ମହାନଦୀ କୂଳ ଶଙ୍ଖତୋଟା ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ଶ୍ରୀନିବାସ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସୂଚନା ଯୋଗ୍ୟ, ସ୍ୱର୍ଗତା ମିଶ୍ର ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ରଙ୍କ ଦେଢେଇ ଓ ଅଧ୍ୟାପକ ହୃଷୀକେଶ ମିଶ୍ରଙ୍କର ମା' ଅଟନ୍ତି।



# ସୋଲପଟାରେ ଚିଟ୍‌ଫଣ୍ଡ ଠକେଇ ଘଟଣା: ମା' ପୁଅ ଗିରଫ

ନୟାଗଡ଼,୧୦।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଶରଣକୁଳ ଥାନା ସୋଲପଟାରେ ଚିଟଫଣ୍ଡରେ ଠକେଇ ଘଟଣାରେ ମା' ଓ ପୁଅଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ସାନପୁଅ ବିଘ୍ନରାଜ ଷଡ଼ଙ୍ଗୀ(୨୬) ଓ ମା' ଆଶାଲତା ଷଡ଼ଙ୍ଗୀ(୫୫)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି।

ଅଭିଯୋଗ ଅନୁସାରେ, ସୋଲପଟା କାଳନ୍ଦିସାହିର ଭିକ୍ଷାକାରୀ ଷଡ଼ଙ୍ଗୀ ଚିଟ୍‌ଫଣ୍ଡ କରି ଭଲ ସୁଧ ଦେବାର ପ୍ରଲୋଭନ ଦେଖାଇଥିଲେ। ପରେ ସୋଲପଟା ଓ ଗୋଟିସାହିର ଲୋକଙ୍କଠାରୁ ଫଣ୍ଡ ବାବଦ ଟଙ୍କା ମାସକୁ ମାସ ଆଦାୟ କରିଥିଲେ। ଚିଟ୍‌ଫଣ୍ଡ କାର୍ଯ୍ୟରେ ଭିକ୍ଷାକାରୀଙ୍କୁ ପତ୍ନୀ ଆଶାଲତା, ବଡ଼ପୁଅ ବିନାୟକ ଓ ସାନପୁଅ ବିଘ୍ନରାଜ ସହଯୋଗ କରିବା ସହ ପ୍ରତି ମାସରେ କିସ୍ତି ଟଙ୍କା ଆଦାୟ କରୁଥିଲେ। ପ୍ରାୟ ୨୦ରୁ ୨୫ ବର୍ଷ ହେବ ଟଙ୍କା ଦେଣ ନେଣ ଠିକ୍‌ରେ ଚାଲିଥିଲା। ୧, ୨, ୫ ଓ ୮ ତାରିଖରେ ହୋଇଥିବା ଫଣ୍ଡର ଅବଧି ପୂରି ଯାଇଥିଲା। ଏହାର ସଭ୍ୟମାନେ ୧ କୋଟି ୨୦ ଲକ୍ଷ ୬୧ ହଜାର ୮୧୬ ଟଙ୍କା ପାଇବେ ବୋଲି ହିସାବ ହୋଇ ସାରିଥିଲା। ହେଲେ ସଭ୍ୟମାନେ ସେମାନଙ୍କ ଟଙ୍କା ମାଚିଉରିଟି ପରେ ନ ପାଇବାରୁ ବିବାଦ ବଢ଼ିଥିଲା। ଭିକ୍ଷାକାରୀ ଷଡ଼ଙ୍ଗୀ ଫଣ୍ଡ ଟଙ୍କା ଫେରାଇବାର ତାରିଖ ବାରମ୍ବାର ବଦଳାଇ ଚାଲିଥିଲେ। ନଭେମ୍ବର ୫ତାରିଖରେ ଟଙ୍କା ଫେରାଇବାର ପୁଣି ଚୁକ୍ତି ହୋଇଥିଲା। ତେବେ ଟଙ୍କା ନ ଫେରାଇବାରୁ ବଡ଼ପୁଅଙ୍କ ପରାମର୍ଶ ଅନୁସାରେ ନଭେମ୍ବର ୧୫ତାରିଖକୁ ଦିନ ଧାର୍ଯ୍ୟ ହୋଇଥିଲା। ତେବେ ନଭେମ୍ବର ୧୫ରେ ଭିକ୍ଷାକାରୀଙ୍କ ମୃତ୍ୟୁ ହେବା ପରେ ସଭ୍ୟମାନେ ପୁଣି ଶୁଦ୍ଧ ଘର ଯିବା ପରକୁ ଅପେକ୍ଷା କରି ରହିଥିଲେ। ନଭେମ୍ବର ୨୭ରେ ଫଣ୍ଡ ଟଙ୍କା ଫେରି ପାଇବା ସମ୍ପର୍କରେ ସଭ୍ୟମାନେ ବଡ଼ପୁଅଙ୍କ ସହ ଆଲୋଚନା କରିଥିଲେ। ବଡ଼ପୁଅ ଖରାପ ବ୍ୟବହାର ଦେଖାଇ କିଛି ଜାଣିନି କହି ସଭ୍ୟମାନଙ୍କୁ ତଡି ଦେଇଥିଲେ। ସେହିପରି ଡିସେମ୍ବର ୩ରେ କେତେଜଣ ସଭ୍ୟ ଘରକୁ ଯାଇ ଫଣ୍ଡ ଟଙ୍କା ଓ ଫଣ୍ଡର ଖାତା ମାଗିଥିଲେ। ପରେ ଦେବେ କହି ପରିବାରର ସଦସ୍ୟମାନେ ଡିସେମ୍ବର ୫ରେ ଘରର ଆସବାବପତ୍ର ନେଇ ଫେରାର ହୋଇ ଯାଉଥିଲେ। କେତେଜଣ ଜମାକାରୀ ଏହା ଜାଣିବା ପରେ ଘରର ଆସବାବପତ୍ର ଅଟକ ରଖିଥିଲେ। ଦୁଇପୁଅ ଓ ମା'ଫେରାର ହୋଇଯାଇଥିଲେ। ଅନ୍ୟପକ୍ଷେ ମା' ଆଶାଲତା ଷଡଙ୍ଗୀ ଫଣ୍ଡର ସଭ୍ୟଙ୍କ ନାଁରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣା ତଦନ୍ତ କରିଥିଲା। ଏପରିକି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତଦନ୍ତ ହୋଇଥିଲା। ସଭ୍ୟମାନଙ୍କର ଫଣ୍ଡ ଖାତା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଫେରାଗଲା। ତେବେ ଫଣ୍ଡ ଟଙ୍କା ନ ପାଇବାରୁ ସଭ୍ୟମାନେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରିଥିଲା। ଶରଣକୁଳ ଥାନା ଆଇଆଇସି ପୁଷ୍ପଲତା ବେହେରାଙ୍କୁ ପଚାରିବାରେ ଚିଟଫଣ୍ଡ ନେଇ ଅଭିଯୋଗ ହେବାରୁ ନଂ. ୨୧୧/୨୩ରେ ୪ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ବାପାଙ୍କ ମୃତ୍ୟୁ ହୋଇଥିବାବେଳେ ବଡ଼ପୁଅ ଫେରାର ରହିଛନ୍ତି। ପୋଲିସ ମା' ଓ ସାନପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାର ତଦନ୍ତ ଚାଲୁ ରହିଛି ବୋଲି ସେ କହିଛନ୍ତି।

## ବାଳିକା ହାଇସ୍କୁଲରେ ପ୍ରଧାନ ଶିକ୍ଷକଙ୍କ ସମ୍ମିଳନୀ




ସମ୍ମିଳନୀରେ ଯୋଗ ଦେଇଥିବା ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକମାନେ।

ଦଶପଲ୍ଲା, ୧୦।୧୨ (ପ୍ରକାଶ କୁମାର ପାଣି)

ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଦଶପଲ୍ଲାରେ ତୃତୀୟ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଦଶପଲ୍ଲାଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ଶଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜିବନୀ ସାମଲ ଯୋଗଦେଇଥିଲେ। ବୈଠକରେ ଗତ ବୈଠକର ବିବରଣୀ, ବିଦ୍ୟାଳୟ ଆକ୍ସନ ଟେକେନ ରିପୋର୍ଟ, ବିଦ୍ୟାଳୟ ହାଉସ୍ ସିଷ୍ଟମ୍, ଡିଜିଟାଲ୍ ଲାଇବ୍ରେରୀ ଓ ଏହାର ବ୍ୟବହାର, ଲାଇଟିନ୍‌ଂ ଆରେଷ୍ଟର ଇନଷ୍ଟାଲେସନ, ଦଶମ ଶ୍ରେଣୀ ଅର୍ଦ୍ଧ ବାର୍ଷିକ ପରୀକ୍ଷାରେ ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ତଥ୍ୟ, କାରଣ ଓ ନିରାକରଣ, ମୁକ୍ତ ବିଦ୍ୟାଳୟରେ ନାମଲେଖା ଓ ପିଲାମାନଙ୍କ ପାଠପଢ଼ା ବିଷୟରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିସହ ପ୍ରଧାନ ଶିକ୍ଷକମାନେ ୫-ଟି ବିଦ୍ୟାଳୟ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ମତ ଆଦାନ-ପ୍ରଦାନ କରିଥିଲେ। ସ୍କୁଲ୍ ଫିଡ ବ୍ୟାକ୍ ଗୁଗୁଲ ମାଧ୍ୟମରେ ପ୍ରଦାନ କରାଯାଇଥିଲା । ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# 'ବିଶୃଙ୍ଖଳିତ ସମାଜକୁ ପରିବର୍ତ୍ତନ କରିବା ଆବଶ୍ୟକ'

ଖଣ୍ଡପଡ଼ା,୧୦।୧୨ (ଅଜୟ କୁମାର ମହାରଣା)

ସମ୍ପ୍ରତି ସମାଜରୁ ଦୟା, କ୍ଷମା, ଭାଇଚାରା, କରୁଣା, ପରୋପକାର, ଦାନ ଆଦି କ୍ରମଶଃ ଲୋପ ପାଇବାକୁ ବସିଲାଣି। ଯାହା ଏକ ସୁସ୍ଥ ସମାଜ ପାଇଁ ଚିନ୍ତାଜନକ ଅଟେ। ଏ ସମସ୍ତ ବିଷୟ ସମ୍ପର୍କରେ ଜନଜାଗରଣ ନିମନ୍ତେ କଣ୍ଟିଲୋ ନିକଟସ୍ଥ ବଡ଼ବାଣପୁର ଅଞ୍ଚଳରେ ବାବା ବଳିଆ ଏକ ସତ୍‌ସଙ୍ଗ କାର୍ଯ୍ୟରେ ଯୋଗ ଦେଇ କହିଛନ୍ତି। ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବଡ଼ବାଣପୁର ପଞ୍ଚାୟତ ବଡସାହି ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିକଟରେ ବାବା ବଳିଆଙ୍କର ୨ ଦିନିଆ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଶୁକ୍ରବାରଠାରୁ ଆରମ୍ଭ ହୋଇ ଶନିବାର ଶେଷ ହୋଇଯାଇଛି। ପ୍ରତ୍ୟେହ ଶିତୁଆ ସନ୍ଧ୍ୟାରେ ହଜାର ହଜାର ମହିଳାପୁରୁଷ ସମାଗମ ହୋଇ ବାବା ବଳିଆଙ୍କ ଆଧ୍ୟାତ୍ମିକ ପ୍ରବଚନ ଶ୍ରବଣ କରିଥିଲେ। ବାବା ପ୍ରଭୁ ଶ୍ରୀନୀଳମାଧବ ଓ ଶ୍ରୀଜଗନ୍ନାଥ




ବାବା ବଳିଆ ପ୍ରବଚନ ଦେଉଛନ୍ତି।

ତତ୍ତ୍ୱ ତଥା ସଂସ୍କୃତି ଉପରେ ଆଲୋଚନା କରି ଆମ ସମାଜ ଓ ଆମ ପରିବେଶ ସମ୍ପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ପରିବାର, ପରିବେଶ, ସଂସ୍କୃତି, ସ୍ୱଧର୍ମ ଓ ଜୀବନ ସମ୍ପର୍କୀତ ତାତ୍ତ୍ୱିକ ଆଲୋଚନା କରି ଜନସଚେତନତା ସୃଷ୍ଟି କରିଥିଲେ। ସମ୍ପ୍ରତି ବିଶୃଙ୍ଖଳିତ ସମାଜକୁ ପରିବର୍ତ୍ତନ କରିବା ନିମନ୍ତେ ପ୍ରଭୁଙ୍କୁ ଆଶ୍ରୟ କରି ନିଜକୁ ବଦଳାଇବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ଏ ବାଟରେ ଚାଲିବା ପାଇଁ ପ୍ରେରଣା ଯୋଗାଇଲେ ଏ ସମାଜ ପରିବର୍ତ୍ତନ ହୋଇ ଏକ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ବୋଲି ବାବା ବଳିଆ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ନିରଞ୍ଜନ ବାଘ ସଂଯୋଜନା କରିଥିବା ବେଳେ ବିଶି କେଶନ ପ୍ରଧାନ ଓ ବାଣପୁର ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ।

### ଯୁବ ଓଡ଼ିଶାର ସାମାଜିକ ସଚେତନତା

ଟିକାବାଲି,୧୦।୧୨(ଗଗନ ବିହାରୀ ପଟ୍ଟନାୟକ)

ଟିକାବାଲି ଏଏମ୍‌ସିଏସ କଲେଜ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଯୁବ ଓଡ଼ିଶା, ନବୀନ ଓଡ଼ିଶାର କାର୍ଯ୍ୟକ୍ରମରେ ସାମିଲ ହୋଇ ବିରାଟ ରାଲିରେ ତେନ୍ତୁଳିଗଡ଼ ଗ୍ରାମ ପରିକ୍ରମା କରିଛନ୍ତି। କଲେଜ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ଏହାକୁ ଶୁଭାରମ୍ଭ କରିଥିଲେ। ସେମାନେ ପ୍ଲାଷ୍ଟିକ ବର୍ଜନ ଓ ସ୍ୱଚ୍ଛତା ଉପରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଯୁବବିକାଶର କୋଅର୍ଡିନେଟର ଅଧ୍ୟାପକ ରତନ ଦିଗାଲ, ଅଧ୍ୟାପକ ଜ୍ଞାନରଞ୍ଜନ ଭୋଇ ଏହାକୁ ପରିଚାଳନା କରିଥିଲେ।

### ଶିକ୍ଷକଙ୍କ ପରିବାରକୁ ସହାୟତା

ମୋହନା,୧୦।୧୨(ମନ୍ମଥ ମିଶ୍ର)

ମୋହନା ବ୍ଲକ ମାଣିକପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏକ୍ସ କେଡର ଶିକ୍ଷକ ରାଜେନ୍ଦ୍ର ବେହେରାଙ୍କ ଅକାଳ ବିୟୋଗ ଯୋଗୁ ରାଜ୍ୟ ସରକାରଙ୍କ ତତ୍କାଳୀନ ସହାୟତା ବାବଦକୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଗୋଷ୍ଠୀ ଶିକ୍ଷାଧିକରୀ ନରେନ୍ଦ୍ର କୁମାର ବେହେରା, ମୋହନା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଞ୍ଜୀବ ଶବର, ସିଆର୍‌ସିସି ଜୟମ୍ବର ନାୟକ, ସିଆର୍‌ସିସି ଭୈରବ ପ୍ରସାଦ ପ୍ରଧାନ, ବିଆରଟି ସୁମନ୍ତ ପ୍ରଧାନ ଏବଂ ଏକ୍ସ କେଡର ଶିକ୍ଷକ ସଭାପତି ଦିବାକର ନାୟକଙ୍କ ଉପସ୍ଥିତିରେ ତାଙ୍କ ପିତାଙ୍କୁ ଦିଆଯାଇଥିଲା। ଶିକ୍ଷକ ଓ ଗ୍ରାମବାସୀ ବୃନ୍ଦ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସାମାଜିକ ନ୍ୟାୟ ଆନ୍ଦୋଳନର ଅଗ୍ରଣୀ ସୂତ୍ରଧର ଥିଲେ ବାବା ସାହେବ



ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଖଣ୍ଡପଡ଼ା,୧୦।୧୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ଶ୍ରୀ ଶ୍ରୀଲଡୁକେଶ୍ୱର ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବାବା ସାହେବ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବାବା ସାହେବଙ୍କ ତିରୋଧାନ ଦିବସ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ଆୟୋଜିତ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଏ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମିତିସଭ୍ୟ ନରେନ୍ଦ୍ର ନାଥ ଦାଶ, ସ୍ୱତନ୍ତ୍ର ଅତିଥି ଭାବେ ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ମୁଖ୍ୟ ବକ୍ତା ଭାବେ ଡ. ପ୍ରଭାତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅଜୟ କୁମାର ସେଠୀ, ଭାରତ ମୁକ୍ତି ମୋର୍ଚ୍ଚାର ସମ୍ପାଦିକା କବିତା ସାହୁ, ପ୍ରଭାତ କୁମାର ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ବାବା ସାହେବ ଜଣେ ମହାନ ରାଷ୍ଟ୍ର ନୀତିଜ୍ଞ ଓ ସାମାଜିକ ନ୍ୟାୟ ଆନ୍ଦୋଳନ ଅଗ୍ରଣୀ ସୂତ୍ରଧାର ବୋଲି ଅଭିହିତ କରିଥିଲେ। ଏହାଛଡା ଏକ ସମତା ଭିତ୍ତିକ, ନ୍ୟାୟପୂର୍ଣ୍ଣ ଓ ପ୍ରଗତିଶୀଳ ସମାଜ ଗଠନରେ ସେ ଥିଲେ ପ୍ରବକ୍ତା ଓ ସମାଜର ତଳସ୍ତରରେ ଅବହେଳିତ ଓ ନିର୍ଯାତିତ ଲୋକମାନଙ୍କ ଉତଥାନ ପାଇଁ ତାଙ୍କ ସଂଗ୍ରାମ ଅବିସ୍ମରଣୀୟ ହୋଇରହିବ ବୋଲି ମତବ୍ୟକ୍ତ କରିଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ବିଜୟ କୁମାର ସେଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଟ୍ରଷ୍ଟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ପତ୍ର ବାବା ସାହେବଙ୍କ ଫଟୋଚିତ୍ର, ପୁସ୍ତକ ଆଦି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏ ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବାବା ସାହେବଙ୍କ ଜୀବନ ଦର୍ଶନ ଉପରେ ନୃତ୍ୟ, ଗୀତ ପରିବେଷଣ କରିଥିଲେ।

# ନିର୍ବାଚନ ପୂର୍ବରୁ ଦାବି ପୂରଣ ନ ହେଲେ ଆନ୍ଦୋଳନ

ନୟାଗଡ଼,୧୦।୧୨(ଲୋକନାଥ ମିଶ୍ର)

**ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ସାଧାରଣ ବୈଠକ**

ସ୍ଥାନୀୟ ପ୍ରତାପପ୍ରସାଦର ଭୈରବୀ ପୀଠରେ ନୟାଗଡ଼ ଜିଲାର ବିଭିନ୍ନ ପଞ୍ଚାୟତରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ନିୟୋଜିତ ହୋଇଥିବା ପିଅନ, ରାତ୍ରଜଗୁଆଳମାନଙ୍କୁ ନେଇ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ୮ଟି ବ୍ଲକ ୧୯୪ ପଞ୍ଚାୟତର ୧୬୧ ଜଣ ପିଅନ ଓ ୬୮ ଜଣ ରାତ୍ର ଜଗୁଆଳି କର୍ମଚାରୀ ସ୍ୱଳ୍ପ ଦରମାରେ ସକାଳ ୧୦ଟାରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ପଞ୍ଚାୟତରେ ଯାବତୀୟ କାମ କରି ଆସୁଛନ୍ତି। ମାତ୍ର ସରକାରୀ ଅନୁଦାନ ମିଳୁ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଛି। ସ୍ଥାୟୀ ନିଯୁକ୍ତି, ନିୟମିତ ଦରମା, ସମାନ କାମକୁ ସମାନ ଦରମା, ଶିକ୍ଷାଗତ୍ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି ଆଦି ୧୦ ଦଫା ଦାବି ପୂରଣ କରିବାକୁ ସରକାରଙ୍କ ଉପରେ ଚାପ ପକାଇବାକୁ ନିଷ୍ପତ୍ତି ହୋଇଛି। ଯଦି ସରକାର ୨୦୨୪ ନିର୍ବାଚନ ପୂର୍ବରୁ ୧୦ ଦଫା ଦାବି ପୂରଣ ନ କରନ୍ତି ତେବେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ବୈଠକରେ ଜିଲା ସଭାପତି ବିଜୟ କୁମାର ବରାଡ଼ଙ୍କ ସମେତ ଜିଲାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ଭୈରବୀ ପୀଠରେ ଅନୁଷ୍ଠିତ ବୈଠକରେ ୪ର୍ଥ ଶ୍ରେଣୀ କର୍ମଚାରୀ ଓ ରାତ୍ର ଜଗୁଆଳିମାନେ।

### ଠାକୁରାଣୀ ମନ୍ଦିର ନିର୍ମାଣ ପାଇ ଭୂମିପୂଜା

ଚିକିଟି,୧୦।୧୨(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଚାନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଦେଉଳିଆପଡା ଗ୍ରାମରେ ଦୀର୍ଘ ବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଆସୁଥିବା ମା'ଠାକୁରାଣୀ ମନ୍ଦିର ନବନିର୍ମାଣ ପାଇଁ ରବିବାର ଭୂମିପୂଜା କରାଯାଇଛି। ଅଞ୍ଚଳର ବିଶିଷ୍ଟ ପଣ୍ଡିତ ଶିବପ୍ରସାଦ ପଣ୍ଡା ଓ ଟୁକୁନା ପଣ୍ଡାଙ୍କ ପୌରୋହିତରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟକ ପାଣ୍ଡି ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ କରାଯାଇଥିବା ଚାନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବୁଲୁ କୁମାର ସାହୁ କହିଛନ୍ତି।

## ୨ ମାସ ପରେ ନିଖୋଜ ନାବାଳକଙ୍କ କଙ୍କାଳ ଜବତ

ଫୁଲବାଣୀ,୧୦।୧୨(ରାକେଶ କୁମାର ରାଉତ)

ଉର୍ମାଗଡ଼ ଜଳପ୍ରପାତକୁ ବୁଲିବାକୁ ଯାଇ ନିଖୋଜ ହୋଇଯାଇଥିବା ଜଣେ ନାବାଳକଙ୍କ କଙ୍କାଳକୁ ରବିବାର ପୋଲିସ ଏକ ପଥର ଖୋଲ ଭିତରୁ ଜବତ କରିଛି। ମୃତ ନାବାଳକ ହେଲେ କଟ୍ରିଙ୍ଗିଆ ପଞ୍ଚାୟତ କଟ୍ରିଙ୍ଗିଆ ଗ୍ରାମର ଲିଙ୍ଗା ବେହେରାଙ୍କ ପୁଅ ରାଖାଲ। ରାଖାଲ ଆଦର୍ଶ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିଲେ। ଗତ ଅକ୍ଟୋବର ୮ରେ ରାଖାଲ ସାଙ୍ଗମାନଙ୍କ ସହ ଉର୍ମାଗଡ଼ ଜଳପ୍ରପାତକୁ ବୁଲିବାକୁ ଯାଇଥିଲେ। ବୁଲାବୁଲି କରିବା ସମୟରେ ହଠାତ ଅସାବଧାନତା ଯୋଗୁ ରାଖାଲଙ୍କର ଗୋଡ଼ ଖସି ଯିବାରୁ ଜଳପ୍ରପାତରେ ବୁଡି ନିଖୋଜ ହୋଇଯାଇଥିଲେ। ଏ ନେଇ ମୃତକଙ୍କ ପରିବାର ପକ୍ଷରୁ ଗୋଛାପଡା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ, ଦମକଳ ବାହିନୀ ଓ ଓଡ୍ରାଫ ଟିମ ପହଞ୍ଚି ୧୧ ଦିନ ଖୋଜାଖୋଜି କରି ମଧ୍ୟ ନାବାଳକଙ୍କ ପତ୍ତା ପାଇ ନ ଥିଲା। ରବିବାର ଜଳପ୍ରପାତ ନିକଟ କାଣିବାଲି ଗାଁର ଲୋକେ ମାଛ ଧରିବା ବେଳେ ଏକ ପଥର ଖୋଲ ଭିତରେ କିଛି ହାଡ଼ ଓ ମୁଣ୍ଡର ଖପୁରି ପଡ଼ିଥିବା ଦେଖି ମୃତ ନାବାଳକଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ।

# ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ବୈଠକ




ବୈଠକରେ ଯୋଗ ଦେଇଥିବା ଶିକ୍ଷକମାନେ।

ଖଣ୍ଡପଡ଼ା,୧୦।୧୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶୁଭ ମଣ୍ଡପ ପରିସରରେ ରବିବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଇଓ କୈଳାସ ଚନ୍ଦ୍ର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏବିଇଓ କଳିଙ୍ଗ ଚନ୍ଦ୍ର ନାୟକ, ନାରାୟଣ ଦାଶ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ନୀତି ନିର୍ଦ୍ଧାରଣ କରାଯାଇଥିଲା। ବୈଠକର ପ୍ରାରମ୍ଭରେ ପରଲୋକଗତ ୨ଜଣ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଚଳିତବର୍ଷ ବିଭିନ୍ନ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ୨୧ ଜଣ ବରିଷ୍ଠ ଶିକ୍ଷକଙ୍କୁ ଶିକ୍ଷକ ସଂଘ ପକ୍ଷରୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ଏହି ଅବସରରେ ଖଣ୍ଡପଡ଼ା ବ୍ଲକ ଅଧୀନ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମଧ୍ୟ ଇଂରାଜି ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ନିକୁଞ୍ଜ ବିହାରୀ ରଥ, ଭୋଳାନାଥ ନାୟକ, ସଞ୍ଜୟ କୁମାର ବେହେରା ଓ ସଦ୍ଧାର୍ଥ କୁମାର ମହାପାତ୍ରଙ୍କ ସମେତ ଅନ୍ୟମାନେ ବୈଠକ ସୁପରିଚାଳନାରେ ସହଯୋଗ କରିଥିଲେ।

# ଦୁଇ ଦିନ ଗଲାନି, ଉଠିଗଲା ପିଚୁ

ପାରଳାଖେମୁଣ୍ଡି,୧୦।୧୨ (ଗିରିଧାରୀ ପରିଛା)

**ନିମ୍ନମାନର ରାସ୍ତାକାମ ଅଭିଯୋଗ**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ସୀତାସାଗର ହୁଡା ତଥା ଓଡିଶା-ଆନ୍ଧ୍ର ସୀମାନ୍ତ ରାସ୍ତା ନିର୍ମାଣ କାମ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣର ଦୁଇ ଦିନ ପରେ ପିଚୁ ଗୋଡ଼ି ଉଠିଯାଇଥିବା ଦେଖିବାକୁ ମିଳିଛି। ଏ ନେଇ ବିଭାଗୀୟ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠିଛି ।

ଏହି ସୀତାସାଗର ରାସ୍ତା ସୀମାନ୍ତ ଆନ୍ଧ୍ରକୁ ସଂଯୋଗ କରୁଥିବା ବେଳେ ଦୈନନ୍ଦିନ ଶତାଧିକ ଯାନବାହାନ ଯାତାୟତ କରିଥାଏ । ଆନ୍ଧ୍ରର ଶ୍ରୀକାକୁଲମ ଜିଲାର ପ୍ରାୟ ୧୦ରୁ ଉର୍ଦ୍ଧ ଗ୍ରାମାଞ୍ଚଳର ଜନସାଧାରଣ ମୁଖ୍ୟତଃ ପାରଳାଖେମୁଣ୍ଡି ସହର ଉପରେ ନିର୍ଭର



ରାସ୍ତାରୁ ପିଚୁ ଉଠିଯାଇଛି।

କରିଥାନ୍ତି। ସେହିପରି ପାରଳା ସହରର କେତେକ ଲୋକଙ୍କ ଚାଷ ଜମି ଉଭୟ ଆନ୍ଧ୍ର ଓ ଓଡିଶାରେ ଥିବା ଯୋଗୁଁ ଏହି ରାସ୍ତାରେ ଯାତାୟତ କରିଥାନ୍ତି। ଏହା ସହ ସହରବାସୀଙ୍କ ଶ୍ମଶାନ ଘାଟ, ମନ୍ଦିର ଆଦି ସୀମାନ୍ତ ଆନ୍ଧ୍ରରେ ରହିଛି। ତେଣୁ ଉଭୟ ଓଡିଶା ଓ ଆନ୍ଧ୍ରର ଲୋକେ ମୁଖ୍ୟତଃ ଗମନାଗମନ ପାଇଁ ଏହି ସୀତାସାଗର ହୁଡା ବା ରାସ୍ତା ଏକ ମାତ୍ର ଭରସା। ଏପରି ଗୁରୁତ୍ୱ ବହନ କରୁଥିବା ରାସ୍ତାର ଦୀର୍ଘ ବର୍ଷ ହେଲା ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡିଥିଲା। ଏହାକୁ ଦୃଷ୍ଟିରେ ରଖି ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ୨୦ଲକ୍ଷ ଟଙ୍କା ବ୍ୟୟ ବରାଦରେ କାମ ଆରମ୍ଭ କରିଛି। ଆନ୍ଧ୍ର ସୀମାନ୍ତରୁ ସହରର ଜଙ୍ଗମସାହି ପର୍ଯ୍ୟନ୍ତ ଏହି ରାସ୍ତା ମରାମତି ହେବ। ହେଲେ ନିର୍ମାଣ ଦୁଇ ଦିନ ଗଲାନି, ପ୍ରାୟ ତିନିଶହ ମିଟର ରାସ୍ତାର ପିଚୁଗୋଡି ଉଠିଯାଇଛି। ଗୋଡରେ ଆଡେଇ ଦେଲେ ଏହି ପିଚୁ ଉଠିଯାଉଛି। ଏହି ରାସ୍ତା ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହି କାମ ତଦାରଖ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅନୀତା ପାତ୍ରଙ୍କୁ ପଚାରିବାରୁ କହିଛନ୍ତି, ପିଚୁ ଗୋଡି ଉଠିଯାଇଥିବା ରାସ୍ତା ପୁନଃ ନିର୍ମାଣ ହେବ ଏବଂ ଅବଶିଷ୍ଟ କାମଗୁଡିକ ମଧ୍ୟ ସଠିକ ମାର୍ଗରେ ହେବ।

# ସର୍ବସାଧାରଣ ଗୋଷ୍ଠୀ ଶୌଚାଳୟ କାମରେ ଲାଗୁନି



ଇକୋ ଟଏଲେଟ୍ ବନ୍ଦ ହୋଇରହିଛି।



ପଟ୍ଟାମୁଣ୍ଡାଇରେ ଥିବା ସର୍ବସାଧାରଣ ଶୌଚାଳୟ ବାହାରେ ତାଲା ପଡ଼ି ବନ୍ଦ ରହିଛି।

**ପଟ୍ଟାମୁଣ୍ଡାଇ ପୌର ପରିଷଦ**

- ବାହାରେ ଝୁଲୁଛି ତାଲା, ଭିତରେ ଆବର୍ଜନା
- ଇକୋ ଟଏଲେଟ ନିର୍ମାଣ ପରେ ତାଲା ଖୋଲୁନି
- ସ୍ୱଚ୍ଛ ଭାରତ ମିଶନ ଫେଲ୍

ପଟ୍ଟାମୁଣ୍ଡାଇ,୧୦।୧୨(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌରପାଳିକାରେ ସ୍ୱଚ୍ଛ ଭାରତ ମିଶନ କିଭଳି ସଫଳ ହେବ ସେଥିପାଇଁ ସରକାରୀ ଅର୍ଥ ବ୍ୟୟବରାଦ କରାଯାଇ ସର୍ବସାଧାରଣ ଶୌଚାଳୟ, ଗୋଷ୍ଠୀ ଶୌଚାଳୟ, ଇକୋ ଶୌଚାଳୟ ଆଦି ବହୁ ପ୍ରକଳ୍ପ ହାତକୁ ନିଆଯାଇଛି। ସେଥିମଧ୍ୟରୁ ସର୍ବସାଧାରଣ ଶୌଚାଳୟ, ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟନ ହୋଇ କାର୍ଯ୍ୟକ୍ଷମ ନ ହୋଇ ପଡ଼ି ରହିଥିବା ବେଳେ ଇକୋ ଟଏଲେଟ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ପଟ୍ଟାମୁଣ୍ଡାଇ ପୌର ପାଳିକାରେ ସ୍ୱଚ୍ଛ ଭାରତ ମିଶନ ଫେଲ୍ ହୋଇଥିବା ନେଇ ସାଧାରଣରେ ମତପ୍ରକାଶ ପାଇଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ଅନନ୍ତ ଦାଶ କହିଛନ୍ତି, ପୌରପାଳିକା ପକ୍ଷରୁ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ସ୍ୱଚ୍ଛ ଭାରତ ଯୋଜନାରେ ୨୦ଟି ୱାର୍ଡରେ ୧୬ଟି ସର୍ବସାଧାରଣ ଶୌଚାଳୟ ଓ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି। ପ୍ରତ୍ୟେକ ଶୌଚାଳୟ ପାଇଁ ୧୨ରୁ ୧୬ ଲକ୍ଷ ଲେଖାଏ ପ୍ରାୟ ୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି ପୌର ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଗତ ସ୍ୱାୟତ୍ତ ଶାସନ ଦିବସରେ ସ୍ଥାନୀୟ ବିଧାୟକ, ପୌରାଧ୍ୟକ୍ଷଙ୍କ ସମେତ ଅନ୍ୟମାନେ ଏହି ଶୌଚାଳୟ ସବୁ ଉଦ୍‌ଘାଟନ କରିଥିଲେ। ମାତ୍ର ସେବେଠାରୁ ଶୌଚାଳୟ ଦିନଟିଏ ପାଇଁ ଲୋକଙ୍କ କାମରେ ଆସିପାରି ନ ଥିବା ବେଳେ ସ୍ଥାନୀୟ ଲୋକେ ବାଧ୍ୟ ହୋଇ ଖୋଲା ସ୍ଥାନକୁ ଶୌଚ ଯିବାକୁ ବାଧ୍ୟ ହେଉଛନ୍ତି। ଶୌଚାଳୟ ଉଦ୍‌ଘାଟନ ହେବା ଦିନରୁ କାର୍ଯ୍ୟକ୍ଷମ ହୋଇ ନ ପାରି ତାଲାପକା ଯାଇଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଭଳିସ୍ଥିତିରେ ଶୌଚାଳୟ କିଭଳି ତୁରନ୍ତ କାର୍ଯ୍ୟକ୍ଷମ ହୋଇପାରିବ ସେ ଦିଗରେ ପୌର ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହୋଇଛି। ବୁଦ୍ଧିଜୀବୀ ରବି ନାରାୟଣ ଭଞ୍ଜ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ଦ୍ୱିତୀୟ ବୃହତମ ସହର ହେଉଛି ପଟ୍ଟାମୁଣ୍ଡାଇ। ପ୍ରତିଦିନ ଏହି ସହରକୁ ବେପାର ବଣିଜ ପାଇଁ ଆଖପାଖ ୫ଟି ବ୍ଲକର ଲୋକେ ନିର୍ଭର କରିଥାନ୍ତି। ଏଠାରେ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ସହ ମା' ଓ ଶିଶୁ ଶୌଧ, କୋର୍ଟ, କଚେରି ଥିବାରୁ ପ୍ରତ୍ୟେକ ଦିନ ଶତାଧିକ ଲୋକ ଜରୁରୀ କାମରେ ଏଠାକୁ ଆସିଥାନ୍ତି। ଜନସାଧାରଣଙ୍କ ସୁବିଧା ଓ ସହରର ସ୍ୱଚ୍ଛତା ନିମନ୍ତେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ବିଭିନ୍ନ ସ୍ଥାନରେ ୧ କୋଟି ୫୧ ଲକ୍ଷ ୨୦ ହଜାର ଟଙ୍କା ମଞ୍ଜୁର କରାଯାଇ ଇକୋ-ଟଏଲେଟ ନିର୍ମାଣ କରାଯାଇଛି। ଏତେ ଟଙ୍କା ଖର୍ଚ୍ଚରେ ନିର୍ମିତ ଶୌଚାଳୟ କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ମହିଳାପୁରୁଷ, ଛୋଟପିଲା ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶିକ୍ଷାବିତ୍ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ଶୌଚାଳୟ କାର୍ଯ୍ୟକ୍ଷମ କରିବା ପାଇଁ ଅନେକ ଦିନରୁ ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଖୋଲାହୋଇ ପାରିଲାନାହିଁ। ଫଳରେ ସ୍ଥାନୀୟ ଲୋକଙ୍କୁ କୌଣସି ସୁଫଳ ମିଳିପାରୁନାହିଁ। ଏଥିପାଇଁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକାରୀ ହୋଇପାରୁନାହିଁ ଏବଂ ଲୋକମାନେ ଶୌଚାଳୟ ବଦଳରେ ମୁକ୍ତ ଆକାଶ ତଳେ ଶୌଚ କରିବାକୁ ଯାଉଛନ୍ତି। ଏଥିପ୍ରତି ପୌର କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟବାସୀ ଏବଂ ବ୍ୟବସାୟୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ପ୍ରସାଦ ଗିରିଙ୍କୁ ପଚାରିବାରୁ କମ୍‌ଦିନ ଭିତରେ ସର୍ବସାଧାରଣ ଓ ଗୋଷ୍ଠୀ ଶୌଚାଳୟ, କାର୍ଯ୍ୟକ୍ଷମ ହୋଇଯିବ ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦିଲୀପ



@ ସଞ୍ଜୟ



@ ସୌମ୍ୟରଞ୍ଜନ



@ ସଞ୍ଜୟକୁମାର



@ ପିନାକୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶାଗୁଣା ଘାଇ ନଦୀପଠାର ଫାଟ ବୃଦ୍ଧି ପାଉଛି

ଡେରାବିଶ, ୧୦।୧୨(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ ବିରୂପା ନଦୀର ତ୍ରିପୁରାରିପୁର (ଘଣ୍ଟପଦା)ଠାରେ ଥିବା ଶାଗୁଣା ଘାଇ ନିକଟରେ ଗତ ୩ ତାରିଖରେ ନଦୀପଠାରେ ୧୦୦ ଫୁଟ ଲମ୍ବ, ୧୫ ଫୁଟ ଗଭୀରର ଏକ ଫାଟ ସୃଷ୍ଟି ହୋଇଥିଲା। ଖବରପାଇ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗର କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ଯାଇ ତଦାରଖ କରିଥିଲେ। ଗତ ୪ ତାରିଖଠାରୁ ଏହି ଫାଟ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଥିଲା। ୫ ତାରିଖରେ ଘଟଣାସ୍ଥଳକୁ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ରୋହିତ କୁମାର ସେଠୀ, ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ ଘଟଣାସ୍ଥଳକୁ ଯାଇ ତଦାରଖ କରିବା ସହ ନଦୀପଠାର ଫାଟ ବନ୍ଦ କରିବା ପାଇଁ ତୁରନ୍ତ ଏଷ୍ଟିମେଟ୍ କରି ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ମୁଖ୍ୟଯନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏବେ ମଧ୍ୟ ନଦୀପଠାରେ ଫାଟ ବୃଦ୍ଧି ପାଇବାରେ ଲାଗିଛି। ରବିବାର ଅପରାହ୍ନରେ ଏହି ଫାଟର ଲମ୍ବ ୨୦୦ ଫୁଟରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ୩୦ ଫୁଟ ଓସାର ଓ ୨୫ ଫୁଟର ଗଭୀର ହୋଇ ପଠାରୁ ଅତଡ଼ା ଖସିବାରେ ଲାଗିଥିବା ଘଣ୍ଟପଦା ଗ୍ରାମର ପ୍ରଫୁଲ୍ଲ କୁମାର ସିଂ କହିଛନ୍ତି। ଏହି ଫାଟ ନଦୀବନ୍ଧଠାରୁ ୫୦ ଫୁଟ ଦୂରରେ ରହିଛି। ଫାଟଟି କ୍ରମଶଃ ବନ୍ଧର ନିକଟତର ହେଉଥିବା ବେଳେ ସାଧାରଣରେ ଆତଙ୍କ ଖେଳିଯାଇଛି। ରବିବାର ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏହି ଫାଟସ୍ଥଳ ପରିଦର୍ଶନ କରି ଜିଲା ପ୍ରଶାସନ ସହ ଆଲୋଚନା କରିଛନ୍ତି। ଫାଟ ବୃଦ୍ଧି ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ରାୟଙ୍କୁ ପଚାରିବାରେ ନଦୀରେ ଫାଟ ସୃଷ୍ଟି ହେଉଥିବା ସ୍ଥାନରେ ୧୧ଟି ସ୍ପର୍ ନିର୍ମାଣ କରାଯାଇଛି। ଅଧିକ ସ୍ପର୍ ନିର୍ମାଣ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏଷ୍ଟିମେଟ୍ ପଠାଯାଇଛି।



ବିରୂପା ନଦୀର ଶାଗୁଣା ଘାଇ ପାଖରେ ପଠାରେ ଫାଟ ବଢ଼ିଚାଲିଛି।

**ବିରୂପା ନଦୀକୂଳବାସୀ ଆତଙ୍କିତ**

## ଅସହାୟ ବୃଦ୍ଧ ଉଦ୍ଧାର

ପାଣିକୋଇଲି,୧୦।୧୨(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ୧୬ ନଂ. ଜାତୀୟ ରାଜପଥର ପୁରୁଣା ଟୋଲ ଗେଟ ନିକଟରୁ ଜଣେ ଅସହାୟ ବୃଦ୍ଧଙ୍କୁ ଉଦ୍ଧାର କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶୀତରେ ଥରୁଥିବା ଏହି ବୃଦ୍ଧଙ୍କୁ ଦେଖି ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଭାପତି ଅଶୋକ ଦାସ ସେଠାରେ ପହଞ୍ଚିଥିଲେ। ତାଙ୍କୁ ଶୀତବସ୍ତ୍ର ଦେବା ସହ ଖାଦ୍ୟର ବନ୍ଦୋବସ୍ତ କରିଥିଲେ। ତାଙ୍କ ନିକଟରୁ ତାଙ୍କ ପରିଚୟ ମିଳିଥିଲା। ସେ ଧନେଶ୍ୱର ବେହେରା। ତାଙ୍କ ଘର ବଡ଼ଚଣା ଥାନା ଅନ୍ତର୍ଗତ ବେଇଦେଇପୁର ଗ୍ରାମରେ ବୋଲି ଜଣାପଡିଥିଲା। ପାରିବାରିକ କଳହରୁ ଘରୁ ରାଗି ପଳାଇ ଆସିଥିବା ସେ ସୂଚନା ଦେଇଥିଲେ। ବୃଦ୍ଧଙ୍କୁ ଦାସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

## ଥଣ୍ଡା ପବନ, ବଢ଼ିବ ଶୀତ

ଭୁବନେଶ୍ୱର, ୧୦।୧୨(ଅନୁରାଧା ମହାରଣା)

ରାଜ୍ୟରେ ଆସନ୍ତା ସପ୍ତାହ ପାଗ ଶୁଖିଲା ସହ ଆକାଶ ମେଘମୁକ୍ତ ରହିବ। ଉତ୍ତର-ପଶ୍ଚିମ ପଟୁ ଥଣ୍ଡା ପବନ ବହିବା ପ୍ରଭାବରେ ରାତି ତାପମାତ୍ରା ହ୍ରାସ ପାଇବ। ଫଳରେ ଶୀତ ବଢ଼ିବ। ଉପକୂଳରେ ତାପମାତ୍ରା ସ୍ୱାଭାବିକ ରହିବା ସହ ପାହାଡ଼ ଓ ସମତଳ ଅଞ୍ଚଳରେ ୧୦ ଡିଗ୍ରୀ ତଳକୁ ଆସିବ। ପରବର୍ତ୍ତୀ ୫ ଦିନ ମଧ୍ୟରେ କୋରାପୁଟ, ସୁନ୍ଦରଗଡ଼, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର, ବରଗଡ଼, ସୋନପୁର, ବଲାଙ୍ଗୀର, ବୌଦ୍ଧ, ଅନୁଗୋଳ ଆଦି ଜିଲାରେ ରାତି ତାପମାତ୍ରା ୧୦ରୁ ୧୨ ଡିଗ୍ରୀ ମଧ୍ୟରେ କିମ୍ବା ୧୦ ଡିଗ୍ରୀଠାରୁ କମ୍ ରହିବ। ୧୧ ତାରିଖ ସୁଦ୍ଧା ରାତି ତାପମାତ୍ରା ୧୦ ଡିଗ୍ରୀ ତଳକୁ ରହିବ। ୧୨ ତାରିଖ ବେଳକୁ ଅଧିକାଂଶ ସ୍ଥାନରେ ତାପମାତ୍ରା ୧୧ରୁ ୧୨ ଡିଗ୍ରୀ ଏବଂ ୧୪ ତାରିଖ ବେଳକୁ ଉତ୍ତର ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ଆଭ୍ୟନ୍ତରୀଣ ଜିଲାରେ ପାରଦ ୧୦ ଡିଗ୍ରୀଠାରୁ କମ୍ ରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ଉତ୍ତରା ପବନ ସକ୍ରିୟ ରହିଥିଲା। ଏହା ବ୍ୟତୀତ ସୁନ୍ଦରଗଡ଼ କିରେଇରେ ପାରଦ ୧୧ ଡିଗ୍ରୀ, କୋରାପୁଟରେ ୧୧.୩, କେନ୍ଦୁଝର ୧୧.୫, କନ୍ଧମାଳ ଜି ଉଦୟଗିରି ୧୧.୬, ଦାରିଙ୍ଗବାଡ଼ି ୧୨.୫, ଝାରସୁଗୁଡ଼ା ୧୩.୨, ସୁନ୍ଦରଗଡ଼ ରାଉରକେଲାରେ ୧୩.୩, କନ୍ଧମାଳର ଫୁଲବାଣୀରେ ୧୪ ଓ ସୁନ୍ଦରଗଡ଼ ରାତି ତାପମାତ୍ରା ୧୫ ଡିଗ୍ରୀ ରହିଥିଲା। ତେବେ ରାଉରକେଲା ଓ କୋରାପୁଟ ଜିଲାରେ କୁହୁଡ଼ି ନଜରକୁ ଆସିଥିଲା।

# ୩ ବର୍ଷ ହେଲା ହୃଷୀକେଶ ଘରେ ବନ୍ଦୀ

କେନ୍ଦ୍ରାପଡ଼ା,୧୦।୧୨(ଜଗନ୍ନାଥ ଧଳ)

ନିଜ ଘରେ ୩ ବର୍ଷ ହେବ ବନ୍ଦୀ ଭାବେ ଜୀବନ ଜିଇଁବା, ସ୍ତ୍ରୀ ଓ ସନ୍ତାନଙ୍କ ଦ୍ୱାରା ଉପେକ୍ଷିତ ହେବା ଘଟଣା ବୃଦ୍ଧ ମା'ବାପାଙ୍କ ଦେହରେ ଯାଉନାହିଁ। ଘରେ ବନ୍ଦୀ ହୋଇ ରହିଥିବା ପୁଅକୁ ମୁକୁଳାଇବା ପାଇଁ ବାଧ୍ୟ ହୋଇ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତ ନାଗପୁର ଗ୍ରାମର ଅଧିକାରୀ ରାଉତ(୮୫) ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଅଧିକାରୀ ସଦର ଥାନାରେ ଜଣାଇବା ପରେ ଏବେ ଜିଲାପାଳ ଓ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରି ପୁଅକୁ ଉଦ୍ଧାର ପାଇଁ ଆବେଦନପତ୍ର ଦେଇଛନ୍ତି। ସେ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ତାଙ୍କର ୨ ପୁଅ ଥିଲେ। ବଡ଼ପୁଅ ହୃଷୀକେଶ(୫୯) ଓ ସାନପୁଅ ଶରତ। ଶରତଙ୍କ ୨୦୦୮ରେ ମୃତ୍ୟୁ ହୋଇଛି।

ହୃଷୀକେଶଙ୍କ ସାମାନ୍ୟ ମାନସିକ ବିକୃତି ଥିଲେ ମଧ୍ୟ କାହା ସହିତ କଳିଗୋଳ ଅଥବା ଅସାମାଜିକ କାର୍ଯ୍ୟ କରିନାହାନ୍ତି। ତେବେ ଦୀର୍ଘ ୩ ବର୍ଷ ଧରି ସେ ଘରେ ବନ୍ଦୀହୋଇ ରହିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର ହୋଇଛି। ହୃଷୀକେଶଙ୍କ ମାନସିକ ବିକୃତି ଥିବା ଦର୍ଶାଇ ତାଙ୍କ ସ୍ତ୍ରୀ ଓ ପୁଅ ଘରେ ବନ୍ଦୀକରି ରଖିଛନ୍ତି। ସେହି ଘରେ ଶୌଚ ବ୍ୟବସ୍ଥା ନ ଥିଲେ ମଧ୍ୟ ତାଙ୍କୁ ରଖାଯାଇଛି। ଅପରପକ୍ଷେ ଶରତଙ୍କ ମୃତ୍ୟୁ ପରେ ତାଙ୍କ ମା' ବାପା ଘରୁ ବାହାରି ଆସି ଗ୍ରାମର ପାଠାଗାରରେ ଆଶ୍ରୟ ନେଇଛନ୍ତି। ପରିଣତ ବୟସରେ ନିଜ ପୁଅର ଦୁଃଖ ସହିପାରୁ ନ ଥିବାରୁ ସେ ଏହି ଆବେଦନପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ ପଚାରିବାରେ ଏହି ଘଟଣାର ତଦନ୍ତ କରାଯାଇ ଆବଶ୍ୟକତା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**ପୁଅକୁ ମୁକୁଳାଇବାକୁ ବାପାଙ୍କ ଆବେଦନ**

**ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର**



ଘରେ ବନ୍ଦୀ ହୋଇ ରହିଥିବା ହୃଷୀକେଶ ରାଉତ।

# 'ସାହିତ୍ୟ ଜିଇଁବାର କଳା ଶିଖାଇଥାଏ'

ଧର୍ମଶାଳା,୧୦।୧୨(ବଟକୃଷ୍ଣ ପରିଡ଼ା)

ରାଜ୍ୟର ଏକ ପ୍ରମୁଖ ସାହିତ୍ୟାନୁଷ୍ଠାନ ଗୋକର୍ଣ୍ଣିକା ସାହିତ୍ୟ ସମାଜ ୫୦ ବର୍ଷରେ ପଦାର୍ପଣ କରିଛି। ଏଥିପାଇଁ ଅନୁଷ୍ଠାନ ଡିସେମ୍ବର ୯ରୁ ଏକବର୍ଷ ଯାଏ ବିଭିନ୍ନ ସର୍ଜନାତ୍ମକ କାର୍ଯ୍ୟକ୍ରମ ଆୟୋଜନ କରିବ। ପ୍ରାଥମିକ ଭାବେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଏହାର ଉଦ୍‌ଘାଟନ ଉତ୍ସବ ଶ୍ରୀକ୍ଷେତ୍ର ପୁରୀର ୟୁଥ୍ ହଷ୍ଟେଲଠାରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ସାହିତ୍ୟ ହିଁ ସାଧାରଣ ମଣିଷ ଭିତରେ ଥିବା ଦେବତ୍ୱର ସନ୍ଧାନ ଦେବା ସହ ଜୀବନ ଜିଇଁବାର ଅସଲ କଳାକୁ ଶିଖାଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ପୁରୀ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସାହିତ୍ୟ ଓ ସାମ୍ବାଦିକତା ସମ୍ବନ୍ଧରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଆଲୋଚକ ଭାବେ ପ୍ରଫେସର ବିଜୟ କୁମାର ଶତପଥୀ, ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ଡ. ସନ୍ତୋଷ କୁମାର ମହାପାତ୍ର ଓ ଡ. ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ସାହିତ୍ୟ ଓ ସାହିତ୍ୟିକାର, ଆମ ଭାଷା, ଆମ ପ୍ରଦେଶ, ବ୍ୟକ୍ତି ଓ ରାଷ୍ଟ୍ର ନିର୍ମାଣରେ ସାହିତ୍ୟ ଅନୁଷ୍ଠାନର ଭୂମିକା ଏବଂ ଜୀବନ ଜିଇଁବା କଳା ଆହରଣରେ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଗୋକର୍ଣ୍ଣିକାର ଇତିହାସ ବିଷୟରେ କହିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ମହେଶ୍ୱର ପାଢ଼ୀ ସମ୍ପାଦକୀୟ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ପୁରୀ ସହରର ୧୫ ସାହିତ୍ୟ, ସଂସ୍କୃତି ଅନୁଷ୍ଠାନର କର୍ମକର୍ତ୍ତା ଓ ୫ଟି ସାହିତ୍ୟ ପତ୍ରିକାର ସମ୍ପାଦକଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବର ଦ୍ୱିତୀୟାର୍ଦ୍ଧରେ କବି ଭଗବାନ ଜୟସିଂହଙ୍କ ଅଧ୍ୟକ୍ଷତାରେ କବିତାପାଠ ଅନୁଷ୍ଠିତ ହୋଇଥିଲା।

କବି ସନ୍ନ୍ୟାସୀ ନାୟକ ଓ ଲୋପାମୁଦ୍ରା ଜେନାଙ୍କ ସଂଯୋଜନାରେ ଡ. ଗୌତମ ଜେନା, ଶ୍ୟାମପ୍ରକାଶ ସେନାପତି, ଅକ୍ଷୟ କୁମାର ଦାଶ, ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ଡ. ରବୀନ୍ଦ୍ର ବିହାରୀ, ଡ. ସସ୍ମିତା ଦାଶ, ଗୋଲକ ପଲେଇ, ସୁଜାତା ସିହ୍ନା, ଡ. ରବୀନ୍ଦ୍ର ପଟ୍ଟନାୟକ, ପ୍ରତାପରୁଦ୍ର ପଣ୍ଡା, ଉମାକାନ୍ତ ମହାପାତ୍ର, ବିଜୟଲକ୍ଷ୍ମୀ ଦାସ, ପୌର୍ଣ୍ଣମାସୀ ଦେବୀ, ମିନତି ପଟ୍ଟନାୟକ, ସୁଚିଲଗ୍ନା ସାହୁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଅଜୟ କୁମାର ବାରିକ, ସୁଲେଖା ସମ୍ପାଦକ ସଦାଶିବ ମିଶ୍ର, ସଂଗଠନ ସମ୍ପାଦକ ପ୍ରତାପରୁଦ୍ର ପଣ୍ଡା ଓ ଲୋପାମୁଦ୍ରା ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବତନ ସମ୍ପାଦକ ହୃଷୀକେଶ ସାମଲ ଧନ୍ୟବାଦ ଦେଇଥିଲେ।





ଗୋକର୍ଣ୍ଣିକା ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ଗୋକର୍ଣ୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣଜୟନ୍ତୀ**

# ଡିଜେ ସାଉଣ୍ଡ, ଲାଇଟ୍ ଚିନ୍ତାର କାରଣ

■ପରମିଶନ ନ ନେଇ ଅବାଧରେ ବଜାଉଛନ୍ତି
■ବନ୍ଦ ସତ୍ତ୍ୱେ ଲଗାମ ଦେଇପାରୁନି ପ୍ରଶାସନ
■ପୋଲିସ କାର୍ଯ୍ୟାନୁଷ୍ଠାନ ଶୀତଳଭଣ୍ଡାରରେ
■ସ୍ୱାସ୍ଥ୍ୟକେନ୍ଦ୍ର, ଥାନା ସମ୍ମୁଖରେ ବାଜୁଛି ଡିଜେ

ନୟାଗଡ଼,୧୦।୧୨(ଲୋକନାଥ ମିଶ୍ର)


ଏକ ବିବାହ ଶୋଭାଯାତ୍ରାରେ ସହର ମଧ୍ୟରେ ଡିଜେକୁ ବଜାଇ, ଲାଇଟ ଜଳାଯାଉଛି।

ଡିଜେ ସାଉଣ୍ଡ ଓ ଲାଇଟ୍ ଚିନ୍ତାର କାରଣ ପାଲଟିଛି। ଡିଜେ ସାଉଣ୍ଡରେ ଛାତି ଓ ଘରଦ୍ୱାର ଥରୁଥିବାବେଳେ ଏହା ଉପରେ ପ୍ରଶାସନ ଲଗାମ ଲଗାଇ ପାରୁନି। ଡିଜେ ବଜାଇବା ବାରଣ ରହିଥିବାବେଳେ ଚଡ଼ାଉ ଓ ଧରପଗଡ଼ ନ ଥିବାରୁ ଏହା ଅବାଧରେ ଚାଲୁଥିବା ଅଭିଯୋଗ ହୋଇଆସୁଛି। ପୁଣି ଏହାର ଲାଇଟ୍ ମଧ୍ୟ ଶରୀର ପାଇଁ କ୍ଷତିକାରକ। ସମସ୍ତେ ଏ ନେଇ ଅବଗତ ଥିଲେ ବି ପ୍ରତିବାଦର ସ୍ୱର ନରମି ଯାଉଛି। ଏପରିକି ଥାନା ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଡିଜେ ବାଜୁଥିଲେ ମଧ୍ୟ ଏହାକୁ ବିରୋଧ ନାହିଁ। ଡିଜେ ବାଜିବାକୁ ନେଇ ସୁପ୍ରିମକୋର୍ଟ ଓ ହାଇକୋର୍ଟର ବାରଣ ରହିଥିବାବେଳେ ପ୍ରଶାସନର ଅଣଦେଖା ସାଧାରଣ ଲୋକଙ୍କର ନିଦ ହଜାଇ ଦେଇଛି।

ଏ ସମ୍ପର୍କରେ ନୟାଗଡ଼ର ଆଇନଜୀବୀ ଅମୀୟ ପଟ୍ଟନାୟକ କହିଛନ୍ତି, ଡିଜେ ସାଉଣ୍ଡ ଓ ଲାଇଟ୍‌କୁ ବିରୋଧ କରାଯିବା ଦରକାର। ଲୋକମାନେ ଏହା ବାଜିବା ସମୟରେ ପ୍ରତିବାଦ କରିବେ ବୋଲି ମନସ୍ଥ କରୁଛନ୍ତି। ତେବେ ପରବର୍ତ୍ତୀ ସମୟରେ ଭୁଲି ଯାଉଛନ୍ତି। ପୋଲିସ ଏହାକୁ ବିରୋଧ କରୁନାହିଁ। ଏଣୁ ମାନସିକ ସ୍ତରରେ ସମସ୍ତେ କଷ୍ଟ ପାଉଛନ୍ତି। ରୋଗୀ ବେଶୀ ହଇରାଣ ହେଉଛନ୍ତି। ଏଣୁ ଏହାର ପ୍ରତିକାର ମାସେ ଭିତରେ ପୋଲିସ ଓ ପ୍ରଶାସନ ନ କଲେ ବାଧ୍ୟ ହୋଇ ହାଇକୋର୍ଟରେ ରିଟ୍ କରିବି ବୋଲି କହିଛନ୍ତି। ନୟାଗଡ଼ ଏନ୍‌ଏସିର ପୂର୍ବତନ ଚେୟାରମ୍ୟାନ ଭବାନୀ ଶଙ୍କର ଦାଶ କହିଛନ୍ତି ମନ୍ଦିର, ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର, ଥାନା, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡିଜେ ବାଜୁଛି। ଡିଜେର ସାଉଣ୍ଡରେ ଘରେ ବସି ହେଉନି। ଏହା ଉପରେ ଲଗାମ ଲଗାଇବା ଦରକାର। ରୋଗୀ, ବୟସ୍କ ବ୍ୟକ୍ତି, ଛୋଟ ପିଲା ଏହାର ସାଉଣ୍ଡରେ ବେଶୀ କଷ୍ଟ ପାଉଛନ୍ତି। କୃଷକ ନେତା ରଣଜିତ ଦଳବେହେରା କହିଛନ୍ତି, ଡିଜେ ବଜାଇବା ଫେସନ ହୋଇଗଲାଣି। ଏହାର ସାଉଣ୍ଡ ଓ ଲାଇଟ୍ କ୍ଷତିକାରକ ହୋଇଥିବା ସମସ୍ତେ ଅବଗତ ଥିଲେ ବି ଏହାକୁ ବଜାଇବାର ସୁଯୋଗ ହାତଛଡ଼ା କରୁନାହାନ୍ତି। ଏବେ ବିବାହ ଋତୁ ଚାଲିଥିବାବେଳେ ଗାଁ ଗହଳିରେ ଓ ସହରରେ ଡିଜେ ସାଉଣ୍ଡ ନିଦ ହଜାଇ ସାରିଲାଣି। ଏହାକୁ ବ୍ୟାନ କରିବା ଦରକାର। ସାମାଜିକ କର୍ମୀ ସନ୍ତୋଷ ପ୍ରଧାନ କହିଛନ୍ତି, ଆଧୁନିକ ଯୁଗରେ ଡିଜେର ଚାହିଦା ବଢ଼ିଛି। ଏହା ବଜାଇବାରେ କଟକଣା ରହିଛି। ତେବେ କଟକଣାକୁ ଅଣଦେଖା କରି ଅତ୍ୟଧିକ ସାଉଣ୍ଡ ଦେଇ ବଜାଉଥିବାରୁ ସବୁଆଡେ ଏବେ ପ୍ରତିବାଦରସ୍ୱର ଉଠିଲାଣି। ଜିଲା ଓ ପୋଲିସ ପ୍ରଶାସନ ଏ ଉପରେ ଲଗାମ ଲଗାଇବା ଦରକାର। ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁ କହିଛନ୍ତି, ଡିଜେ ଶବ୍ଦ ପ୍ରଦୂଷଣ କରୁଛି। ଏହା ମନୁଷ୍ୟ ସମେତ ପଶୁପକ୍ଷୀଙ୍କୁ କ୍ଷତି ପହଞ୍ଚାଉଛନ୍ତି। ଗର୍ଭବତୀ ମହିଳା, ହାର୍ଟ ରୋଗୀ, ରୋଗୀଙ୍କୁ ବହୁ ମୂଲ୍ୟ ଦେବାକୁ ପଡୁଛି। ଡିଜେକୁ ପ୍ରତିବାଦ କଲେ ଗାଁ ଗହଳିରେ ଓ ସହରରେ ସମାଲୋଚନା ହେବାକୁ ପଡ଼େ। ଆଧୁନିକତାରେ ତାଳ ଦେଇ ଚାଲିବାକୁ ଆମକୁ ପରାମର୍ଶ ମିଳେ। କୋର୍ଟଙ୍କ ଅର୍ଡରକୁ ମଧ୍ୟ ଲୋକ ନମାନି ଡିଜେ ବଜାଉଛନ୍ତି। ଓଡଗାଁର ସାମାଜିକ କର୍ମୀ ଦିଲୀପ କୁମାର ବିଶୋଇ କହିଛନ୍ତି, ପ୍ରଶାସନ ଓ ପୋଲିସଠାରୁ ଅନୁମତି ନ ନେଇ ଡିଜେ ବଜାଯାଉଛି। ଡିଜେ ନ ବାଜିଲେ ବାହାଘର ମଜା ବାହାରୁନି। ଆବାସିକ ଅଞ୍ଚଳରେ ଦିନବେଳା ୫୫ ଡେସିବିଲ୍ ଓ ରାତିରେ ୪୫ ଡେସିବିଲରେ ଡିଜେ ବାଜିବାକୁ ନିୟମ ରହିଛି। ହେଲେ ନିୟମକୁ ଫୁ କରି ମନଇଚ୍ଛା ସାଉଣ୍ଡ ଦେଇ ଯୁବ ପିଢ଼ି ମଜା ନେଉଛନ୍ତି। ଯୁବ ପିଢ଼ିଙ୍କ ସହ ମା' ବାପା, ବନ୍ଧୁବାନ୍ଧବ, ପଡୋଶୀ, ସ୍ଥାନୀୟ ଲୋକ ସମର୍ଥନ କରୁଛନ୍ତି। ଯାହାର କୁପ୍ରଭାବରେ ସମସ୍ତେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହା ଉପରେ ଲଗାମ ଲଗାଇବା ଦରକାର।

### ଡିଜେ ବଜାଇଲେ କାର୍ଯ୍ୟାନୁଷ୍ଠାନ

ଡିଜେ ବଜାଇଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୟାଗଡ଼ ଏସ୍‌ପି ରାହୁଲ ଜୈନ କହିଛନ୍ତି। ଏସ୍‌ପିଙ୍କ ସୂଚନା ଅନୁସାରେ, ପୂଜା ପାର୍ବଣରେ ଡିଜେ ବଜାଇବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ଏଥିରେ ସଫଳତା ମିଳିଛି। ଏବେ ବିବାହ ଋତୁ ଯୋଗୁ ପୁଣି ଡିଜେ ବଜାଇବା କାର୍ଯ୍ୟ ଆରମ୍ଭ ହୋଇଛି। ନଜରକୁ ଆସିବା ପରେ ଡିଜେକୁ ବାରଣ ନେଇ ସବୁ ଥାନାକୁ ଅବଗତ କରାଯିବ। ଏପରି କି ଡିଜେ ବଜାଇବାର ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ନେଇ ଖବର ମିଳିଲେ ପୋଲିସ ପକ୍ଷରୁ ଚଢ଼ାଉ କରାଯିବ ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦିଲିପ


@ ସଞ୍ଜୟ


@ ସୌମ୍ୟରଞ୍ଜନ


@ ସଞ୍ଜୟକୁମାର


@ ପିନାକୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତଦନ୍ତ କଲା ଡଗ୍ ସ୍କ୍ୱାଡ୍, ସାଇଣ୍ଟିଫିକ୍ ଟିମ


ବିଡାପାଜୁ ଗାଁରେ ଏଏସ୍‌ପି, ଏସ୍‌ଡିପିଓ ପହଞ୍ଚି ତଦନ୍ତ କରୁଛନ୍ତି।

ନୟାଗଡ/ ଦଶପଲ୍ଲା,୧୦।୧୨ (ଲୋକନାଥ ମିଶ୍ର/ ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନାରେ ପତ୍ନୀ ଧରିତ୍ରୀ ବାଗ୍‌ଙ୍କ କଟାମୁଣ୍ଡ ଧରି ଶନିବାର ସନ୍ଧ୍ୟାରେ ଆତ୍ମ ସମର୍ପଣ କରିଥିବା ସ୍ୱାମୀ ବିଡାପାଜୁ ଗାଁର ଅର୍ଜୁନ ବାଗ୍ ପୋଲିସ ହେପାଜତରେ ଥାନାରେ ଅଛନ୍ତି। ସୋମବାର କୋର୍ଟଚାଲାଣ ହେବାର ରହିଛି। ରବିବାର ମୃତଦେହକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଛି। ଅନ୍ୟପକ୍ଷେ ଡଗ୍ ସ୍କ୍ୱାର୍ଡ ଓ ସାଇଣ୍ଟିଫିକ୍ ଟିମ ତଦନ୍ତ କରି ଫେରିଛନ୍ତି। ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା ଓ ଏସ୍‌ଡିପିଓ ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ମୃତା ଧରିତ୍ରୀଙ୍କ ବାପା ଧରଣୀଧରଙ୍କ ଅଭିଯୋଗ ପରେ ପୋଲିସ ନଂ.୧୧୫/୨୩ରେ ମାମଲା ରୁଜୁ କରିଛି। ପଡୋଶୀ ମହିଳା ପାର୍ବତୀ ବାଗ୍ କହିଛନ୍ତି, ଅର୍ଜୁନ ବାଗ୍ ଟେନସନରେ ଥିଲେ। ଶନିବାର ସକାଳେ

### ପତ୍ନୀଙ୍କ କଟାମୁଣ୍ଡ ଧରି ସ୍ୱାମୀଙ୍କ ଥାନାରେ ଆତ୍ମ ସମର୍ପଣ ଘଟଣା

କାନ୍ଦି କାନ୍ଦି କହୁଥିଲେ ପତ୍ନୀ ଆଉ ଶ୍ୱଶୁର ମୋତେ ଆଉ ବଞ୍ଚାଇ ଦେବେନି। ଶ୍ୱଶୁର ଓ ପତ୍ନୀ କ'ଣ ପାଳି କରି ଖାଇବାକୁ ଦେଉଛନ୍ତି। ମୋ ଯନ୍ତ୍ରଣା ବଢ଼ୁଛି। ମୋ ମା' ମରିଗଲା ମୋତେ ନେଲା ନାହିଁ। ବୁଝାଶୁଝା ପରେ ଘରକୁ ଯାଇଥିଲେ। ପରେ ଶୁଣିଲୁ ପତ୍ନୀଙ୍କୁ ହତ୍ୟା କରି ଥାନାକୁ ଯାଇ ଆତ୍ମ ସମର୍ପଣ କରିଛି । ହତ୍ୟାକାଣ୍ଡର କାରଣ ଜାଣି ହେଉନି। ହରିଶ୍ଚନ୍ଦ୍ର ବାଗ୍ କହିଛନ୍ତି, ମୋ ବୋହୂ ସ୍ଥାନରେ ପୁଅ ଅର୍ଜୁନ ମରି ଯାଇଥିଲେ ବରଂ ଭଲ ହୋଇଥାନ୍ତା। ମୋ ଛେଳି ହଜିଥିଲା। ଖୋଜିବାକୁ ଯାଇଥିଲି ଛେଳି ପାଇଲିନି। ଏଣେ ବୋହୂର ମୃତ୍ୟୁ ହୋଇଛି। ଘରେ ନାତି ନାତୁଣୀ କିପରି ଚଳିବେ। ପୁଣି ମୁଁ କିପରି ରହିବି ବୋଲି କହି କାନ୍ଦି ପକାଇଥିଲେ। ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା କୁହନ୍ତି ବିଡାପାଜୁ ଧରିତ୍ରି ବାଗ୍ ହତ୍ୟା ଘଟଣାର ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ କରୁଛି । ହତ୍ୟାର କାରଣ କଣ ଅନୁଧ୍ୟାନ ଚାଲିଛି ।

# ୬ ପ୍ରତିଯୋଗୀ ପରବର୍ତ୍ତୀ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ


ଅଡିଶନରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ନୟାଗଡ଼,୧୦।୧୨(ଲୋକନାଥ ମିଶ୍ର)

ଭଏସ୍ ଅଫ ପ୍ରଥମ ଅଡିଶନ ନୟାଗଡ଼ ଏନ୍‌ଏସି ହାଇସ୍କୁଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବ୍ଲକର ବିଭିନ୍ନ କଲେଜ ଓ ସ୍କୁଲର ଛାତ୍ରୀଛାତ୍ରମାନେ ଏହି ଅଡିଶନ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ଅଡିଶନରେ ଜଜ୍ ଭାବେ ସୁର ଗନ୍ଧର୍ବ ନବକିଶୋର ମିଶ୍ର, ବରିଷ୍ଠ ସଙ୍ଗୀତଜ୍ଞ ପ୍ରଦୀପ୍ତ ପଟ୍ଟନାୟକ ଓ ଜଗଦୀଶ ରଥ ଉପସ୍ଥିତ ଥିଲେ। ଅଡିଶନରୁ ୬ ଜଣ ପ୍ରତିଯୋଗୀ ନୟନିକା ପଟ୍ଟନାୟକ, ପ୍ରୀତିପ୍ରଜ୍ଞା ସାହୁ, ମିଳନ କୁମାର ସ୍ୱାଇଁ, ଇପ୍ସିତା ପ୍ରିୟଦର୍ଶିନୀ, ବର୍ଷାରାଣୀ ନାୟକ ଏବଂ ସ୍ୱୟଂଶ୍ରୀ ମିଶ୍ର ପ୍ରମୁଖ ପରବର୍ତ୍ତୀ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ନୟାଗଡ଼ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି

### ଭଏସ୍ ଅଫ ନୟାଗଡ଼ର ପ୍ରଥମ ଅଡିଶନ

କାର୍ଯ୍ୟକ୍ରମରେ ସଂଯୋଜକ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ମିହିର ରଞ୍ଜନ ନାୟକ, ସହ ସମ୍ପାଦକ ଅବିନାଶ ସାହୁ, ସଭ୍ୟ ସନ୍ତୋଷ ନାୟକ ଓ ଖବରଦାତା ରାମକୃଷ୍ଣ ରଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କ୍ଲବର ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ସୁଶାନ୍ତ ପାଇକରାୟ, ପ୍ରଦୀପ୍ତ ବରାଡ଼, କାଜଲ ଡାକୁଆ ଓ ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ ଏହି ଅଡିଶନ ପରିଚାଳନାରେ ସହାୟତା କରିଥିଲେ।

# ଆଶ୍ରୟର ସ୍ୱେଚ୍ଛାସେବୀ ସମ୍ମିଳନୀ




ଶରଣକୁଳ,୧୦।୧୨ (ଦୀପକ କର)

ଶରଣକୁଳ ନିକଟ ବାଉଁଶିଆଠାରେ ଗଢ଼ି ଉଠିଥିବା ଆଶ୍ରୟ ଆନୁକୂଲ୍ୟରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନଙ୍କୁ ନେଇ 'ସ୍ୱେଚ୍ଛାସେବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରବିବାର ଶରଣକୁଳ ନିକଟସ୍ଥ ବରସାହି କଇଁତେଇ ଠାକୁରାଣୀ ପୀଠରେ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଆଶ୍ରୟର ସଫେଇ କାର୍ଯ୍ୟକ୍ରମ, ସ୍ୱେଚ୍ଛାସେବୀ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ସ୍ୱେଚ୍ଛାସେବୀମାନେ କଇଁତେଇ ଠାକୁରାଣୀ ପୀଠର ପରିସରରେ ପଡ଼ିଥିବା ପ୍ଲାଷ୍ଟିକ ଆବର୍ଜନା ସବୁକୁ ସଫେଇ କରିଥିଲେ। କାର୍ଯ୍ୟକ୍ରମକୁ ଆଶ୍ରୟର ପ୍ରତିଷ୍ଠାତା ନିର୍ଦ୍ଦେଶକ ଲୋକନାଥ ଦାଶ ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ୧୨ ଫୁଟ ଲମ୍ବର ଅହିରାଜ ଉଦ୍ଧାର

ନୟାଗଡ଼,୧୦।୧୨(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ନବଘନପୁର ପ୍ରସନ୍ନ ବାରିକଙ୍କ ଘରୁ ଏକ ୧୨ ଫୁଟିଆ ଅହିରାଜ ସାପ ଉଦ୍ଧାର ହୋଇଛି। ଘରେ ସାପ ଦେଖିବା ପରେ ପରିବାରର ସଦସ୍ୟ ନୟାଗଡ଼ ହେଲପ ଲାଇନର କମଳାକାନ୍ତ ନାୟକଙ୍କ ସହ ଯୋଗାଯୋଗ କରିଥିଲେ। ପରେ କଇଥଗାଡ଼ିଆର ଅଧିକାରୀ ବେହେରା ଓ ବବୁଲ ପାତ୍ର ଯାଇ ଅହିରାଜକୁ ଧରି ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିଥିଲେ।


ଘରୁ ଧରାପଡିଥିବା ଅହିରାଜ ସାପ।

# ଅନ୍ଧାରରେ ତ୍ରିନାଥ ଛକଠାରୁ ବଢ଼େଇ ସାହି

ନୟାଗଡ଼,୧୦।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଖଣ୍ଡପଡ଼ା ସହରର ମୁଖ୍ୟ ରାସ୍ତା ତ୍ରିନାଥ ଛକଠାରୁ ବଢ଼େଇ ସାହି ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ ଜଳୁନାହିଁ। ମଝିରେ ରାସ୍ତା ବଙ୍କା ଥିବାରୁ ଦୁର୍ଘଟଣା ଘଟିବାର ବହୁତ ସମ୍ଭାବନା ଅଛି। ପୁଣି ଅସାମାଜିକ କାର୍ଯ୍ୟକଳାପ ବଢୁଛି। ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ଦରକାର। ଟେଣ୍ଡର ନେଇଥିବା ସଂସ୍ଥା ମଧ୍ୟ ଆଲୋକ ଜଳୁ ନ ଥିବା ଅଞ୍ଚଳରେ ତୁରନ୍ତ ଲାଇଟ ଜଳିବା ପାଇଁ ପଦକ୍ଷେପ ନେବା ଦରକାର।

# ମାନବିକ ଅଧିକାର ଦିବସ

ନୟାଗଡ଼,୧୦।୧୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଏବଂ ଦୌରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ଅନୁମତିକ୍ରମେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟସ୍ଥ ମାଲତି ଚୌଧୁରୀ ଛାତ୍ରୀ ନିବାସ ଅନ୍ତେବାସୀମାନଙ୍କ ଗହଣରେ ରବିବାର ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ୱାର୍ଡେନ କବିତା ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ ସହ ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ବର୍ଗ ବିଚାରପତି ତଥା ସଚିବ, ଜିଲା ଆଇନ ସେବା ପ୍ରାଧିକରଣ ବିଶେଷ କୁମାର ସାହୁ, ମାନବିକ ଅଧିକାର ଦିବସର ତତ୍ପର୍ଯ୍ୟ, ୭୫ ବର୍ଷ ପାଳନ ଉପଲକ୍ଷେ ସମସ୍ତଙ୍କ ପାଇଁ ସ୍ୱାଧୀନତା, ସମାନତା ଓ ନ୍ୟାୟ ଉପରେ ବାଖ୍ୟା କରିଥିଲେ। ଭାରତୀୟ ସମ୍ବିଧାନରେ ମାନବିକ ଏବଂ ମୌଳିକ ଅଧିକାର ଉପରେ କହିଥିଲେ। ପ୍ରାଧିକରଣ ସଦସ୍ୟ ମହମ୍ମଦ ଓମାର ମଲ୍ଲିକ ଯୁକ୍ତ ଜୀବନ, ଏକ ଶାନ୍ତି ପରିବେଶ ସହ ଉନ୍ନତ ସମାଜ ଏବଂ ସଭ୍ୟତା ଗଠନ କରିବାରେ ସହାୟକ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀମାନେ ସଚିବ ସାହୁଙ୍କଠାରୁ ବିଭିନ୍ନ ତଥ୍ୟ ଉପରେ ଅବଗତ ହୋଇଥିଲେ। ପ୍ରାଧିକରଣ କର୍ମଚାରୀ ରାଜେଶ କୁମାର ବାରିକ, ପବନ କୁମାର ବେହେରା, ତତ୍ତ୍ୱାବଧାରକ ଦିଲୀପ କୁମାର ମହାପାତ୍ର ଏବଂ ଅବନ୍ତ କୁମାର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଛାତ୍ରୀ ନିବାସ ତତ୍ତ୍ୱାବଧାରିକା ରଶ୍ମି ରଞ୍ଜିତା ମହାପାତ୍ର ଦିବସର ଉପଯୋଗିତା ଦର୍ଶାଇବା ସହ ଧନ୍ୟବାଦ ଦେଇଥିଲେ।



ମାନବିକ ଅଧିକାର ଦିବସରେ ଉପସ୍ଥିତ ଅତିଥିମାନେ।

# ଏଆଣ୍ଡଏସ୍ ଏକାଡେମୀ କୋଲକତା ଚାମ୍ପିୟନ

### ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ଭାପୁର, ୧୦।୧୨
(ଭରତ କୁମାର ବେହେରା )

ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ଼ ନାଲିସାଗର ଖେଳପଡ଼ିଆରେ ଚତୁର୍ଦ୍ଦଶ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଏମଏମସିସି ସମ୍ବଲପୁର ସହ ଏଆଣ୍ଡଏସ୍ ଏକାଡେମୀ କୋଲକତା ମଧ୍ୟରେ ଖେଳା ଯାଇଥିଲା। ଏଆଣ୍ଡଏସ୍ ଏକାଡେମୀ କୋଲକତା ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ଏଆଣ୍ଡଏସ୍ ଏକାଡେମୀ କୋଲକତା ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରୀତ ୨୦ ଓଭରରେ ୬ ଉଇକେଟ୍ ହରାଇ ୨୪୧ରନ କରିଥିଲା। ଦଳ ପକ୍ଷରୁ ଦୀପକ ପୁନିଆ ୩୫ ବଲରେ ୬୭ ରନ ଓ ପ୍ରମୋଦ ଚାଣ୍ଡେଲା ୪୯ବଲରେ ୯୨ରନ କରିଥିଲେ। ଜବାବରେ ଏମ୍‌ଏମସିସି ସମ୍ବଲପୁର ୨୦ ଓଭରରେ ୯ଉଇକେଟ୍ ହରାଇ ୨୧୮ରନ କରି ରନର୍ସଅପ୍ ହୋଇଥିଲା। ସମ୍ବଲପୁର ଦଳ ପକ୍ଷରୁ ଭୀଷ୍ମ ପ୍ରତାପ ୩୯ବଲରେ ୬୮ରନ କରିଥିଲେ। କୋଲକତା ଦଳ ୨୩ ରନରେ ଚଳିତବର୍ଷର ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳର ତ୍ରିପୁରେଶ ସିଂ ମ୍ୟାନ ଅଫ୍ ସିରିଜ ଓ ପ୍ରମୋଦ ଚାଣ୍ଡେଲା ମ୍ୟାନ ଅଫ୍ ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ପରିଚାଳନା ଓସିଏ ଅମ୍ପାୟାର ଦୁର୍ଗା ପ୍ରସାଦ ପଟ୍ଟନାୟକ ଏବଂ ଆଶୁତୋଷ ପାଣି କରିଥିଲେ। ଏଥିସହ ସ୍କୋରର ଦାୟିତ୍ୱ ପବିତ୍ର କୁମାର, ସଞ୍ଜୟ କୁମାର ବେହେରା ତୁଲାଇଥିଲ। ଡିଜିଟାଲ ସ୍କୋର କିରଣ ମନୋହର ମହାନ୍ତି କରିଥିଲେ। ମ୍ୟାଚ ରେଫରି ଭାବେ ସୁଧୀ ରଞ୍ଜନ ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ଧାରାବିବରଣୀ ବୁବୁ ସିହ୍ନା ଓ ସରୋଜ କୁମାର ମହାପାତ୍ର ପ୍ରଦାନ କରିଥିଲେ। ମ୍ୟାଚରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ ଆୟୋଜକ ମୁଖ୍ୟ ବେଣୁଧର ପ୍ରଧାନଙ୍କୁ ଖୁବ୍ ପ୍ରଶଂସା କରିବା ସହ ଜିଲା ପାଇଁ ସେ ଗର୍ବ ଗୌରବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିନେ ତାରକା ଅରିନ୍ଦମ ଦାସ, ଦଶପଲ୍ଲା ବିଧାୟକ ରମେଶ ବେହେରା, ଆୟୋଜକ ମୁଖ୍ୟ ବେଣୁଧର ପ୍ରଧାନ, ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ସଙ୍ଗୀତ ନିର୍ଦ୍ଦେଶକ ସଞ୍ଜୟ ନାୟକ, ପୂର୍ବତନ ଜିଲା ପରିଷଦ ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।



ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍ସର ବହୁ ପ୍ରତୀକ୍ଷିତ ହୀରା ଅଳଙ୍କାର ପ୍ରଦର୍ଶନୀ 'ମାଇନ୍ ଡାଇମଣ୍ଡ ଫେଷ୍ଟିଭାଲ'କୁ ନିକଟରେ ସର୍ବଭାରତୀୟସ୍ତରରେ ଉନ୍ମୋଚନ କରାଯାଇଛି। ଏହି ପ୍ରଦର୍ଶନୀ ୨୦୨୪ ଜାନୁୟାରୀ ୧୪ ପର୍ଯ୍ୟନ୍ତ ଦେଶର ସମସ୍ତ ମାଲାବାର ଆଉଟଲେଟରେ ଜାରି ରହିବ। ଏହି ପରିପ୍ରେକ୍ଷୀରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍ସର ଭୁବନେଶ୍ୱର ସ୍ଥିତ ଚନ୍ଦ୍ରଶେଖରପୁର ଷ୍ଟୋର ପରିସରରେ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚନ୍ଦ୍ରଶେଖରପୁର ଷ୍ଟୋରର ବରିଷ୍ଠ ଅଧିକାରୀ, ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଏଏମ୍ଏଫ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୧୦।୧୨

ଆକ୍ସିସ୍ ମ୍ୟୁଚୁଆଲ୍ ଫଣ୍ଡର ନୂତନ ଉତ୍ପାଦ 'ଆକ୍ସିସ ୟୁଏସ୍ ଟ୍ରେଜେରି ଡାଇନାମିକ୍ ବଣ୍ଡ ଇଟିଏଫ୍ ଫଣ୍ଡ ଅଫ୍ ଫଣ୍ଡ'କୁ ନିକଟରେ ଉନ୍ମୋଚନ କରାଯାଇଛି। ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ଏବଂ ସିଇଓ ବି. ଗୋପ କୁମାର କହିଛନ୍ତି,ବିଶ୍ୱ ଅର୍ଥନୈତିକ ଦୃଶ୍ୟପଟ ଦ୍ରୁତଗତିରେ ବଦଳୁଛି। ଏହି ପରିପ୍ରେକ୍ଷୀରେ ଆମେରିକୀୟ ଟ୍ରେଜେରି ଏକ ଆକର୍ଷଣୀୟ ପୁଞ୍ଜିନିବେଶ ପଥ ଉପସ୍ଥାପନ କରିଛି। ଏପରିକି ୟୁଏସ୍ ଫେଡ୍ ବାଲାନ୍ସ ସିଟ୍‌ର ଉଲ୍ଲେଖନୀୟ ସମ୍ପ୍ରସାରଣ ଏବଂ ଗତ ଅଢ଼େଇବର୍ଷ ଧରି ସହଜ ମୁଦ୍ରାନୀତି ଆଭିମୁଖ୍ୟ ଯୋଗୁ ସେମାନେ ଐତିହାସିକ ଶୀର୍ଷରେ ରହିଛନ୍ତି। ଏହାବ୍ୟତୀତ, ବର୍ତ୍ତମାନର ବଜାର ସର୍ତ୍ତାବଳୀ ଅବଧି ସମ୍ପତ୍ତି ପାଇଁ ଆବଣ୍ଟନ ଆବଶ୍ୟକ କରୁଛି। ଏହି ଫଣ୍ଡର ଏନ୍ଏଫ୍‌ଓ ଚଳିତ ବର୍ଷ ଡିସେମ୍ବର ୧୨ ରେ ଖୋଲିବ ଏବଂ ୨୦୨୩ ଡିସେମ୍ବର୧୯ରେ ବନ୍ଦ ହେବ।

## ଆଦିତ୍ୟ ଗ୍ରୁପର ନୂଆ ଲୋଗୋ ଉନ୍ମୋଚିତ




ଭୁବନେଶ୍ୱର,୧୦।୧୨

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଦିତ୍ୟ ଗ୍ରୁପର ବହୁ ପ୍ରତୀକ୍ଷିତ ଏବଂ ସଂସ୍ଥାର ନୂତନ ପରିଚୟ 'ଲୋଗୋ' ବା 'ଆଦିତ୍ୟ ଗ୍ରୁପ- ଇନ୍‌ସ୍ପାଏରିଂ ପସିବିଲିଟିଜ'ର ଆନୁଷ୍ଠାନିକ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି କମ୍ପାନୀର ୨୦ତମ ପ୍ରତିଷ୍ଠା ଦିବସ 'ଅଥ୍ୟୁଲାମ' ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ରାଣ୍ଡର ନୂଆ ଲୋଗୋକୁ ଉନ୍ମୋଚନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗ୍ରୁପର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ପଦ୍ମଚରଣ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରୁପର ନିର୍ଦ୍ଦେଶିକା ସତ୍ୟଭାମା ପାତ୍ର, ଏମ୍‌ଡି ଆଦିତ୍ୟ ପାତ୍ର, ନିର୍ଦ୍ଦେଶିକା ପ୍ରିୟମ୍ବଦା ପାତ୍ରଙ୍କ ସମେତ ହାଇୱେ ହୋଣ୍ଡାର ଉପସଭାପତି ରାଜୀବ ପଣ୍ଡା, ଆଦିତ୍ୟ ମୋଟର୍ସର ମନୋଜ କୁମାର ରଥ ଏବଂ ଆଦିତ୍ୟ ହ୍ୟୁଣ୍ଡାଇର ଅଜିତ କୁମାର ଆଚାର୍ଯ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଆଦିତ୍ୟ ଗ୍ରୁପର ଅଗ୍ରଣୀ ସଂସ୍ଥା ଯଥା ହାଇୱେ ହୋଣ୍ଡା, ଆଦିତ୍ୟ ମୋଟର୍ସ , ଆଦିତ୍ୟ ହ୍ୟୁଣ୍ଡାଇ, ହାଇୱେ ରିଫିଲ, ୟୁଜୁଜୁ କାର ପୋର୍ଟାଲ ଏବଂ ଆଦିତ୍ୟ କାର ସ୍ପା ଭଳି ୟୁନିଟ କାର୍ଯ୍ୟକ୍ଷମ ରହିଛି।

## ବଜାରରେ ଟର୍କୁ ଫାର୍ମାର ନୂତନ ଉତ୍ପାଦ

ଭୁବନେଶ୍ୱର,୧୦।୧୨




ଦେଶର ଅଗ୍ରଣୀ ଫାର୍ମାସ୍ୟୁଟିକାଲ କମ୍ପାନୀ 'ଟର୍କୁ' ବା ଟର୍କୁ ଫାର୍ମାସ୍ୟୁଟିକାଲ୍‌ସର ନୂତନ ଉତ୍ପାଦ 'ହେୟାର ରିମୋଭାଲ କ୍ରିମ୍'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି କମ୍ପାନୀ ତା'ର ପର୍ସନାଲ କେୟାର ବ୍ରାଣ୍ଡରେ ଏଭଳି ଉତ୍ପାଦକୁ ସାମିଲ କରାଇ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିଛି। ଏପରିକି ଉକ୍ତ ଉତ୍ପାଦ ୩ଟି ଆକର୍ଷଣୀୟ ଭାରିଆଣ୍ଟ ଯଥା ଷ୍ଟ୍ରବେରି, ଆଲୋଭେରା ଏବଂ ଗୋଲାପ (ରୋଜ୍) ବର୍ଗରେ ଉପଲବ୍ଧ। ଏ ସମ୍ପର୍କରେ ଟର୍କୁ ଫାର୍ମାସ୍ୟୁଟିକାଲ୍‌ସର ନିର୍ଦ୍ଦେଶକ ଅଭୟ ଇକ୍‌ବାଲ ସିଂହ ବେଦୀ କହିଛନ୍ତି, ଆମେ ଗ୍ରାହକଙ୍କ ଚାହିଦା ଓ ଆବଶ୍ୟକତାକୁ ନଜରରେ ରଖି ଏଭଳି ଏକ ଉତ୍ପାଦକୁ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି କମ୍ପାନୀର ପର୍ସନାଲ କେୟାର ବ୍ରାଣ୍ଡ ବର୍ଗରେ ଉକ୍ତ ଉତ୍ପାଦଗୁଡ଼ିକୁ ଉନ୍ମୋଚିତ କରାଯାଇଛି। ସେହିଭଳି ଗୁଣାତ୍ମକମାନ ସହିତ ସୁଲଭ ମୂଲ୍ୟରେ ଉକ୍ତ ଉତ୍ପାଦଗୁଡ଼ିକ ଦେଶର ସମସ୍ତ ଔଷଧ ଦୋକାନ ଓ ମେଡିସିନରେ ଉପଲବ୍ଧ।

## ଜେଏସ୍‌ପିକୁ ସିଏସ୍‌ଆର୍ ଜର୍ନାଲ ସିଏସ୍‌ଆର୍ ଏକ୍ସଲେନ୍ସ ଆୱାର୍ଡ

ଭୁବନେଶ୍ୱର,୧୦।୧୨ (ଅଭୟ ଦାଶ)



ଦେଶର ଅଗ୍ରଣୀ ଇସ୍ପାତ ନିର୍ମାତା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)କୁ ନିକଟରେ ଆଉ ଏକ ଜାତୀୟସ୍ତରୀୟ ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ଭାରତର ଗ୍ରାମାଞ୍ଚଳ ତଥା ଆଦିବାସୀ ଅଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ କମ୍ପାନୀର ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜେଏସ୍‌ପିକୁ ସିଏସ୍‌ଆର୍ ଜର୍ନାଲ ଦ୍ୱାରା ସିଏସ୍‌ଆର୍ ଏକ୍ସଲେନ୍ସ ଆୱାର୍ଡ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ମୁମ୍ବାଇର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜଠାରେ ଆୟୋଜିତ ଏକ ସମ୍ମାନ ସମାରୋହରେ ଜେଏସ୍‌ପିକୁ ଉପରୋକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଜେଏସ୍‌ପିର ପ୍ରେସିଡେଣ୍ଟ ତଥା ଗ୍ରୁପ ହେଡ୍ (ସିଏସ୍‌ଆର୍) ପ୍ରଶାନ୍ତ କୁମାର ହୋତାଙ୍କୁ ସିଏସଆର୍ ଏକ୍ସଲେନ୍ସ ଆୱାର୍ଡ ପ୍ରଦାନ କରିଥିଲେ। ଏହି ଅବସରରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ସମେତ ଅଭିନେତା ଆମୀର ଖାନ୍, କବି ଡ. କୁମାର ବିଶ୍ୱାସ ଏବଂ ବହୁ ବରିଷ୍ଠ କର୍ପୋରେଟ କାର୍ଯ୍ୟନିର୍ବାହୀମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଜେଏସ୍‌ପି ଫାଉଣ୍ଡେଶନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ କହିଛନ୍ତି, ଦେଶ ପାଇଁ ଗୌରବ ଆଣିବା ସହିତ ୨୫,୦୦୦ କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଏକ ଅନ୍ତର୍ଭୁକ୍ତ କ୍ରୀଡ଼ା ଇକୋ ସିଷ୍ଟମ ଗଠନ କରୁଛୁ। ବିଶେଷ କରି ଆମର ଖେଳ ପ୍ରତିଭା ବର୍ତ୍ତମାନ ଜାତୀୟ ତଥା ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଚାମ୍ପିୟନ୍ ହୋଇଥିବାରୁ ଏହା ଆମ ପାଇଁ ବେଶ୍ ସନ୍ତୋଷଜନକ ହୋଇଛି।

ସେହିଭଳି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱ ଭାରତର ଗ୍ରାମାଞ୍ଚଳ ତଥା ଆଦିବାସୀ ଅଞ୍ଚଳରେ କ୍ରୀଡାର ଉତ୍ଥାନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ କରୁଛି। ବିଶେଷକରି କମ୍ପାନୀର ସାମାଜିକ ସଂସ୍ଥା ଜେଏସ୍‌ପି ଫାଉଣ୍ଡେଶନ ମାଧ୍ୟମରେ ୨୫,୦୦୦ରୁ ଅଧିକ କ୍ରୀଡା ପ୍ରତିଭାଙ୍କ ବିକାଶରେ କମ୍ପାନୀ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହା ମଧ୍ୟରେ ଓଡ଼ିଶାର ସୁନ୍ଦରଗଡ଼ ଜିଲାରେ ପ୍ରାୟ ୫୦୦୦ ଯୁବ ହକି ପ୍ରତିଭାଙ୍କ ପ୍ରୋତ୍ସାହନ ଅନ୍ତର୍ଭୁକ୍ତ ରହିଛି।

## ଆଇସିଆଇସିଆଇ ବ୍ୟାଙ୍କର ନୂତନ ଶାଖା

ଭୁବନେଶ୍ୱର,୧୦।୧୨

ଆଇସିଆଇସିଆଇ ବ୍ୟାଙ୍କର ନୂତନ ଶାଖା ନିକଟରେ ଭୁବନେଶ୍ୱରର ଲିଙ୍ଗିପୁର ଇନ୍ଦିରା ହାଉସିଂ କଲୋନିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୋଲିସ କମିଶନର ଏସ୍.କେ. ପ୍ରିୟଦର୍ଶୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଇସିଆଇସିଆଇ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ଲିଙ୍ଗିପୁର ଶାଖାର ଶାଖା ପରିଚାଳକ ଏବଂ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ଲିଙ୍ଗିପୁର ଶାଖାରେ ସଞ୍ଚୟ ଓ ଚଳନ୍ତି ଖାତା, ଟ୍ରେଡ୍ ଓ ବିଦେଶୀ ମୁଦ୍ରା ବିନିମୟ କାରବାର ସେବା, ଫିକ୍ସଡ୍ ଓ ରିକଭରିଂ ଜମା, ବ୍ୟବସାୟ ଋଣ, ଗୃହ ଋଣ, ବ୍ୟକ୍ତିଗତ ଋଣ, ଗାଡ଼ି ଋଣ ଏବଂ ସୁନା ଋଣ ସମେତ ରେମିଟାନ୍ସ ଓ କାର୍ଡ ସେବା ଆଦି ଗ୍ରାହକଙ୍କୁ ପ୍ରଦାନ କରିବ। ଏପରିକି ଉକ୍ତ ଶାଖାରେ ପ୍ରବାସୀ ଭାରତୀୟ (ଏନ୍ଆର୍ଆଇ) ଗ୍ରାହକମାନଙ୍କୁ ମଧ୍ୟ ଆବଶ୍ୟକ ବ୍ୟାଙ୍କିଂ ସେବା ସହିତ ଲକର ସୁବିଧା ମଧ୍ୟ ପ୍ରଦାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ସହରରେ ବ୍ୟାଙ୍କର ଏହା ୩୦ତମ ଶାଖା ହୋଇଥିବାବେଳେ ଓଡ଼ିଶାରେ ବ୍ୟାଙ୍କର ମୋଟ ୧୮୦ ଶାଖା ଏବଂ ୩୬୦ ଏଟିଏମ୍ ଓ କ୍ୟାଶ ରିସାଇକ୍ଲିଂ ମେଶିନ (ସିଆର୍‌ଏମ୍)ର ଏକ ବୃହତ ନେଟୱର୍କ ରହିଛି। ଏପରିକି ଲିଙ୍ଗିପୁର ଶାଖାରେ ମଧ୍ୟ ଏକ ଏଟିଏମ୍ ତଥା କ୍ୟାଶ ରିସାଇକ୍ଲିଂର ମେଶିନ (ସିଆର୍‌ଏମ୍) ରହିଛି, ଯାହା ଗ୍ରାହକମାନଙ୍କୁ ନଗଦ ରାଶି ଜମା ଓ ଉଠାଣ ସେବା ପ୍ରଦାନ କରିବ।

ଫୁର୍‌ସତ୍

# ପର୍ବତ ଦ୍ୱାରା ଜୈବ ବିବିଧତାର ସୁରକ୍ଷା



### ଅନ୍ତର୍ଜାତୀୟ ପର୍ବତ ଦିବସ

ପର୍ବତ ବହୁ ସଭ୍ୟତାର ମୂକ ସାକ୍ଷୀ ହୋଇ ରହିଛି। ଏହା ସଭ୍ୟତାର କାହାଣୀ ବଖାଣି ଥାଏ। ସାଂସ୍କୃତିକ, ଐତିହ୍ୟ, ପରମ୍ପରା ଏବଂ ରୀତିନୀତିର ପ୍ରାସଙ୍ଗିକତା ବିଷୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଏହାର ମୂକସାକ୍ଷୀ ପାଲଟିଥିବା ପର୍ବତ ପାଇଁ ଦିନଟିଏ ଉତ୍ସର୍ଗ କରାଯାଇଛି। ଏହାକୁ ଅନ୍ତର୍ଜାତୀୟ ପର୍ବତ ଦିବସ ଭାବେ ପ୍ରତିବର୍ଷ ଡିସେମ୍ବର ୧୧ରେ ପାଳନ କରାଯାଇଥାଏ। ୨୦୦୩ ଡିସେମ୍ବର ୧୧ରେ ପ୍ରତିବର୍ଷ ଏହି ଦିବସ ପାଳନ ଲାଗି ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ପରେ ୨୦୧୪ ମେ'ରେ ଗ୍ଲେସିଅରର ସଂରକ୍ଷଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହାପରେ ବିଧିବଦ୍ଧ ଭାବେ ୨୦୧୬ଠାରୁ ଅନ୍ତର୍ଜାତୀୟ ପର୍ବତ ଦିବସ ପାଳନକୁ ସ୍ୱୀକୃତି ମିଳିଥିଲା। ମାନବ ସଭ୍ୟତାର ଇତିହାସକୁ ଜୀବିତ ରଖିଥିବା ପର୍ବତର ସଂରକ୍ଷଣ ପାଇଁ କିଭଳି ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରାଯିବ ତାହା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ।

ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରଥମେ ପର୍ବତ ଦିବସ ପାଳନ କରାଯିବା ଆରମ୍ଭ ହୋଇଥିଲା। ୧୮୩୮ ମସିହାରେ ମାଉଣ୍ଟ ହୋଲିଓକ କଲେଜର ବିଦ୍ୟାର୍ଥୀମାନେ ହୋଲିଓକ ପର୍ବତ ଉପରେ ପ୍ରଥମ ପର୍ବତ ଦିବସ ପାଳନ କରିଥିଲେ। ତାହା ପରେ ଆମେରିକାର ବିଭିନ୍ନ ଅଞ୍ଚଳରେ ପର୍ବତ ଦିବସ ପାଳନ କରାଯିବା ଆରମ୍ଭ ହୋଇଥିଲା। ଭାରତ ପାହାଡ଼ ପର୍ବତରେ ପରିପୂର୍ଣ୍ଣ। ଆମ ଦେଶର ପୂର୍ବ ଓ ପଶ୍ଚିମ ପାର୍ଶ୍ୱରେ ଥିବା ପୂର୍ବ ଓ ପଶ୍ଚିମଘାଟ ପର୍ବତମାଳା ତଥା ଉତ୍ତରରେ ଥିବା ହିମାଳୟ ପର୍ବତ ଆମ ଦେଶ ସଭ୍ୟତା ଏବଂ ଐତିହ୍ୟ ସମ୍ପର୍କରେ ବହୁକଥା କହିଥାଏ। ଜେବ ବିବିଧତା ଦୃଷ୍ଟିରୁ ପାହାଡ ପର୍ବତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ଜନଜାତିର ପ୍ରାୟ ୭୨୦ ନିୟୁତ ଲୋକ ଏହି ପାହାଡିଆ ଅଞ୍ଚଳରେ ବସବାସ କରନ୍ତି। ପ୍ରତିବର୍ଷ ଏହି ଦିବସ ଏକ ସ୍ୱତନ୍ତ୍ର ବାର୍ତ୍ତା ବହନ କରିଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ହେଉଛି ପର୍ବତ କରେ ଜୈବ ବିବିଧତାର ପୁନଃଉଦ୍ଧାର।

# ଶୁକ୍ର ଗ୍ରହ: ପଶ୍ଚିମରେ ଉଦୟ ହୁଅନ୍ତି ସୂର୍ଯ୍ୟ



ଆମେ ପୃଥିବୀରେ ବାସ କରୁଥିବାରୁ ଏହି ଗ୍ରହ ସହିତ ଜଡ଼ିତ ଅନେକ କଥା ଜାଣିଛୁ। ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହେବା କଥା ଆମେ ପିଲାଦିନୁ ଜାଣି ଆସିଛୁ। ପୃଥିବୀରେ ୨୪ ଘଣ୍ଟାରେ ଥରେ ସୂର୍ଯ୍ୟ ଉଦୟ ଏବଂ ଅସ୍ତ ହୁଅନ୍ତି। ଏହି ପ୍ରକ୍ରିୟା ଚାଲିଥାଏ ଏବଂ ପିଲାଦିନରୁ ଏହାକୁ ଦେଖୁଥିବାରୁ ଆମ ପାଇଁ କିଛି ନୂଆ ଲାଗେ ନାହିଁ। କିନ୍ତୁ ଆପଣ ଜାଣନ୍ତି କି ଏପରି ଏକ ସ୍ଥାନ ଅଛି ଯେଉଁଠାରେ ବର୍ଷକୁ ଦୁଇଥର ସୂର୍ଯ୍ୟ ଉଦୟ ହୁଅନ୍ତି ଏବଂ ଏଠାରେ ଗୋଟିଏ ଦିନର ଲମ୍ବ ଏକ ବର୍ଷରୁ ଅଧିକ ହୋଇଥାଏ। ପୃଥିବୀର ନିକଟତମ ଏବଂ ସୂର୍ଯ୍ୟଠାରୁ ଦୂରତାରେ ଦ୍ୱିତୀୟ ସ୍ଥାନରେ ଥିବା ଶୁକ୍ର ଗ୍ରହରେ ସୂର୍ଯ୍ୟ ଉଦୟ ପଶ୍ଚିମ ଦିଗରେ ହୋଇଥାନ୍ତି। ଶୁକ୍ର ଉପରେ ସୂର୍ଯ୍ୟୋଦୟ ୧୧୭ ଦିନରେ ଥରେ ହୁଏ। ଏହି ଗ୍ରହରେ ଗୋଟିଏ ବର୍ଷ ୨୨୫ ଦିନ ହୋଇଥିବାରୁ ଏଠାରେ ବର୍ଷକୁ ଦୁଇଥର ସୂର୍ଯ୍ୟ ଉଦୟ ହୁଅନ୍ତି। କୌତୂହଳର ବିଷୟ ହେଉଛି ଯେହେତୁ ଶୁକ୍ର ପଛକୁ ଘୂର୍ଣ୍ଣନ କରନ୍ତି, ସୂର୍ଯ୍ୟ ପଶ୍ଚିମରେ ଉଦୟ ହୋଇ ପୂର୍ବରେ ଅସ୍ତ ହୁଅନ୍ତି।

ଶୁକ୍ରକୁ ଅଧିକ ଆକର୍ଷଣୀୟ ହେବାର କାରଣ ଏଠାରେ ଦିନର ଲମ୍ବ ୨୪ ଘଣ୍ଟା ନୁହେଁ। ଶୁକ୍ରର ଗତି ଏପରି ଯେ, ପୃଥିବୀର ସମୟ ଅନୁଯାୟୀ ଏହାର ଅକ୍ଷରେ ଘୂର୍ଣ୍ଣନ କରିବାକୁ ୨୪୩ ଦିନ ଲାଗେ। ଯେତେବେଳେ ଶୁକ୍ର ଗ୍ରହ ସୂର୍ଯ୍ୟ ଚାରିପଟେ ଘୂରି ବୁଲିବାକୁ ୨୨୫ ଦିନ ନେଇଥାଏ। ସେଠାରେ ଗୋଟିଏ ଦିନର ଲମ୍ବ ଏକ ବର୍ଷରୁ ଅଧିକ ହୋଇଥିବାରୁ ସବୁବେଳେ ଉଜ୍ଜ୍ୱଳ ଦୃଶ୍ୟ ହୋଇଥାଏ।



## ରାଜନୀତି କରିବେ ପରିଣୀତି

ମୁମ୍ବାଇ

ବଲିଉଡ ଅଭିନେତ୍ରୀ ପରିଣିତି ଚୋପ୍ରା ଗତ ସେପ୍ଟେମ୍ବରରେ ଆମ ଆଦମୀ ପାର୍ଟି (ଏଏପି) ନେତା ରାଘବ ଚଢ଼ାଙ୍କୁ ବିବାହ କରିଥିଲେ। ନିକଟରେ ଏକ ବାର୍ତ୍ତାଳାପ ସମୟରେ ଯେତେବେଳେ ଅଭିନେତ୍ରୀଙ୍କୁ ବିବାହ ପରେ ରାଜନୀତିରେ ଯୋଗଦେବାର ସମ୍ଭାବନା ବିଷୟରେ ପଚରା ଯାଇଥିଲା, ସେତେବେଳେ ସେ ଏକ ମଜାଦାର ଉତ୍ତର ଦେଇଥିଲେ। ସେ ବିବାହିତ ଜୀବନକୁଉତ୍କୃଷ୍ଟବୋଲିବର୍ଣ୍ଣନାକରିଥିଲେ।

ପରିଣିତି ଚୋପ୍ରା ରାଘବ ଚଢାଙ୍କ ସହ ବିବାହ ପରେ ରାଜନୀତିରେ ଯୋଗଦେବା ବିଷୟରେ ଖୋଲାଖୋଲି ଭାବେ କଥା ହୋଇଥିଲେ। ସ୍ୱାମୀଙ୍କ ରାଜନୈତିକ ସମ୍ପୃକ୍ତିକୁ ଦୃଷ୍ଟିରେ ରଖି ସେ ରାଜନୀତିରେ ପ୍ରବେଶ କରିବା ବିଷୟରେ ଚିନ୍ତା କରୁଛନ୍ତି କି ବୋଲି ପଚରାଯାଇଥିଲା। ଏହାର ଉତ୍ତରରେ ଅଭିନେତ୍ରୀ କହିଛନ୍ତି, ରାଘବ ବଲିଉଡ ବିଷୟରେ କିଛି ଜାଣନ୍ତି ନାହିଁ ଏବଂ ମୁଁ ରାଜନୀତି ବିଷୟରେ ମଧ୍ୟ ବିନ୍ଦୁ ବିସର୍ଗ ଜାଣେ ନାହିଁ। ତେଣୁ ମୁଁ ଭାବୁନାହିଁ ଯେ ଆପଣ ମୋତେ ରାଜନୀତିରେ ଯୋଗଦେବାର ଦେଖିବେ। ବିବାହିତ ଜୀବନ ଉପରେ ନିଜର ଦୃଷ୍ଟିକୋଣ ବାଣ୍ଟି ଅଭିନେତ୍ରୀ କହିଛନ୍ତି, ଆମର କୌଣସି ଧାରଣା ନଥିଲା ଯେ ଆମେ ସମଗ୍ର ଦେଶରୁ ଏତେ ଭଲପାଇବା ପାଇବୁ। ମୁଁ ଭାବୁଛି ଯଦି ଆପଣ ସଠିକ ବ୍ୟକ୍ତିଙ୍କ ସହିତ ଅଛନ୍ତି ତେବେ ବିବାହିତ ଜୀବନ ସର୍ବୋତ୍ତମ। ପ୍ରକାଶ ଯେ, ଗତ ମାସରେ ରାଘବଙ୍କୁ ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇବାବେଳେ ଅଭିନେତ୍ରୀ କହିଥିଲେ, ତୁମେ ଭଗବାନଙ୍କ ଦ୍ୱାରା ଦିଆଯାଇଥିବା ମୋର ସର୍ବୋତ୍ତମ ଉପହାର, ମେରି ସଗାଇ! ତୁମର ଶାନ୍ତି ମୋର ଔଷଧ। ଆଜି ମୋର ପ୍ରିୟ ଦିନ କାରଣ ମୋ ପାଇଁ ତୁମେ ଆଜି ଜନ୍ମ ହୋଇଛ । ଜନ୍ମଦିନର ଶୁଭେଚ୍ଛା ସ୍ୱାମୀ! ମୋତେ ପୁନର୍ବାର ବାଛିବା ପାଇଁ ଧନ୍ୟବାଦ'। ଅଭିନେତ୍ରୀ ତାଙ୍କ ବିଗ୍ ଡେ'ରେ ମନୀଷ ମାଲହୋତ୍ରାଙ୍କ ଏକ ବେଜ୍ ରଙ୍ଗର ଲେହେଙ୍ଗା ପିନ୍ଧି ବହୁତ ସୁନ୍ଦର ଦେଖାଯାଉଥିଲେ ଏବଂ ତାଙ୍କ ପୋଷାକ ସହିତ ମେଳ ଖାଉଥିବା ସୁନ୍ଦର ଅଳଙ୍କାର କ୍ୟାରି କରିଥିଲେ।

## ଭାଗ୍ୟ ବଦଳାଇଲା ପୁରୁଣା ଆଲମାରି



କୁହାଯାଏ, ଯେତେବେଳେ ଭଗବାନ କାହାକୁ କିଛି ଦିଅନ୍ତି ଛପର ଫାଡି କି ଦିଅନ୍ତି। ଆଉ ଯଦି କାହାର ଭାଗ୍ୟ ଖରାପ ପଡ଼ିଥାଏ ତେବେ ଜଣେ ଧନୀ ବ୍ୟକ୍ତି ମଧ୍ୟ କ୍ଷଣିକ ମଧ୍ୟରେ ଗରିବ ହୋଇଯାଏ। ଅନେକ ଥର ଲୋକମାନେ ଭାଗ୍ୟ ବଦଳାଇବା ପାଇଁ ଲଟେରି କିଣନ୍ତି। କଳଙ୍କି ଲାଗିଯାଇଥିବା ଏକ ଆଲମାରି ଟେକ୍ସାସର ଜଣେ ବ୍ୟକ୍ତିଙ୍କ ଭାଗ୍ୟ ବଦଳାଇଦେଇଛି। ଏମିଲ ନାମକ ଏହି ବ୍ୟକ୍ତି ୧୨୫ ବର୍ଷ ପୁରୁଣା ଆଲମାରି କିଣିଥିଲେ। ସେ କଦାପି କଳ୍ପନା କରି ନ ଥିଲେ ଯେ, ୮ ହଜାର ଟଙ୍କାର ଆଲମାରୀରୁ ସେ ଏତେ ଧନ ପାଇବେ, ଯାହା ତାଙ୍କ ଜୀବନରେ ପରିବର୍ତ୍ତନ ଆଣିବ। ତେବେ ଏହି ଧନ ପାଇବା ପରେ ଏମିଲ ଯାହା କରିଥିଲେ ତାହା ସମସ୍ତଙ୍କ ହୃଦୟ ଜିତିଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ଶେୟାର କରାଯାଇଛି। ଆଲମାରିକୁ ଏମିଲ୍ ଘରକୁ ଆଣି ଖୋଲିଲେ। ବହୁତ ସମୟ ପରେ ସେ ଦେଖିଲେ ଯେ ଭିତରେ ଏକ ଗୁପ୍ତ ଡ୍ରୟାର ଅଛି। ଏହା ଭିତରେ ବହୁ ମୂଲ୍ୟବାନ ପଥର, ହାର, ସୁନା ଏବଂ ଅଳଙ୍କାର ରଖାଯାଇଥିଲା। ନିୟମ ଅନୁଯାୟୀ ଏହି ଧନ ଏମିଲଙ୍କର। କିନ୍ତୁ ସେ ଏହାକୁ ଚୋରି ବୋଲି ଭାବି ତୁରନ୍ତ ଆଲମାରିର ମୂଳ ମାଲିକଙ୍କ ସହ ଯୋଗାଯୋଗ କରି ଧନ ଫେରସ୍ତ କରିଦେଇଛନ୍ତି।

DIRECTORATE OF AGRICULTURE & FOOD PRODUCTION, ODISHA

No.L-178

**REQUEST FOR PROPOSAL**

**ENGAGEMENT OF DEA EMPANELLED TRANSACTION ADVISOR FOR PROVIDING ADVISORY SERVICES FOR IMPLEMENTATION OF FARMER SKILL & AGRI-INCUBATION CENTER PROJECTAT VARIOUS LOCATIONS OF ODISHA THROUGH PPP MODE IN THE STATE OF ODISHA**

**RFP No. 48844 Dated 07.12.2023 :** The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites proposal through e-procurement mode from the DEA empanelled consultant for engagement of transaction advisor for providing advisory services for implementation of Farmer Skill & Agri-Incubation Center Project at various locations of Odisha through PPP in the State of Odisha.

The RFP document is available and can be downloaded from the e-procurement portal; tenderodisha.gov.in/ and from website agrisnetodisha.ori.nic.in / agriodisha.nic.in. The bidder must possess matching compatible Digital Signature Certificate **(DSC)** to participate in the online Bidding.

The proposal complete in all respect must reach the undersigned by Speed Post / Registered Post to **The Director of Agriculture & Food Production, Krushi Bhawan, Gopabandhu Marg Bhubaneswar, Odisha PIN-751001 latest by 24.01.2024 by 4:30 PM.**

The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.

Sd/-
**Director of Agriculture & Food Production, Odisha**

OIPR-01510/11/0006/2324

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜଙ୍ଗଲରୁ ମିଳିଲା ୨୫ ବସ୍ତା ପିଡିଏସ୍ ଚାଉଳ

ଉଦଳା,୧୦।୧୨ (ସନ୍ତୋଷ କୁମାର ବାଚ୍ଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ବହୁବନ୍ଧ ପଟାସ ଜଙ୍ଗଲରେ ଲୁଚାଇ ରଖାଯାଇଥିବା ୨୫ ବସ୍ତା ପିଡିଏସ୍ ଚାଉଳ ମିଳିଛି। ଏହି ଘଟଣାରେ ପୋଲିସ ଜଣେ ସିକ୍ୟୁରିଟି ଗାର୍ଡଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ରବିବାର ସକାଳେ ଜଙ୍ଗଲରେ ଚାଉଳ ବସ୍ତାଗୁଡ଼ିକ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏହି ଚାଉଳ ବସ୍ତା ପାଖରେ ୨ ଯୁବକ ଠିଆ ହୋଇଥିବା ବେଳେ ଅନ୍ୟ ଜଣେ ଚାଉଳ ବସ୍ତା ଏକ ବାଇକ୍‌ରେ ଲଦିଥିବା ଦେଖିବାକୁ ମିଳିଥିଲା। ଲୋକେ ସନ୍ଦେହରେ ୨ ଯୁବକଙ୍କୁ ଅଟକାଇଥିଲେ। ଜବତ ଚାଉଳ ବସ୍ତାରେ ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗର ମାର୍କ ରହିଥିବାରୁ ଏହା ପିଡିଏସ୍ ଚାଉଳ ବୋଲି ସ୍ପଷ୍ଟ ହୋଇଥିଲା। ତେବେ ୨ ଯୁବକ ନିକଟସ୍ଥ ରାଇସ୍ ମିଲରୁ ଚାଉଳ


ଜଙ୍ଗଲରେ ଲୁଚାଇ ରଖାଯାଇଥିବା ଚାଉଳ ବସ୍ତା।

ଚୋରି କରି ନେଉଥିବା ଲୋକେ ଅନୁମାନ କରିଥିଲେ। ଅଟକ ୨ ଯୁବକଙ୍କ ମଧ୍ୟରେ ଜଣେ ରାଇସ୍ ମିଲର ସିକ୍ୟୁରିଟି ଗାର୍ଡ ଲକ୍ଷ୍ମୀଧର ପାତ୍ର ଏବଂ ବାଲିଯୋଡ଼ା ଗ୍ରାମର ପଦ୍ମଲୋଚନ ପାତ୍ରଙ୍କୁ ଲୋକେ ପୋଲିସ ଜିମା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୩୯୬/୨୩) ରୁଜୁ କରି ଉଭୟଙ୍କୁ ଗିରଫ କରିଛି।

ଅନ୍ୟପକ୍ଷରେ ଘଟଣା ବାବଦରେ ସିକ୍ୟୁରିଟି ଗାର୍ଡ ଲକ୍ଷ୍ମୀଧରଙ୍କୁ ପଚାରିବାରୁ ସେ ଗଣମାଧ୍ୟମ ସାମ୍ନାରେ ଭିନ୍ନ କଥା କହିଥିଲେ। ଶନିବାର ରାତିରେ ସେ ଡ୍ୟୁଟିରେ ଥିବା ସମୟରେ ୪ ଜଣ ବ୍ୟକ୍ତି ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଆସି ତାଙ୍କୁ ଛୁରି ଦେଖାଇ ଧମକାଇ ଚାଉଳ ବସ୍ତା ଲୁଟି ନେଇ ଜଙ୍ଗଲରେ ପକାଇ ଦେଇ ଚାଲିଯାଇଥିବା ସେ କହିଥିଲେ। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ସିକ୍ୟୁରିଟି ଗାର୍ଡ ଲକ୍ଷ୍ମୀଧର ଉକ୍ତ ମିଲରୁ ଯୋଜନାବଦ୍ଧ ଭାବେ ଚାଉଳ ବସ୍ତା ଚୋରି କରି ଜଙ୍ଗଲ ଭିତରେ ଲୁଚାଇ ରଖିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ଜଙ୍ଗଲରୁ ମିଳିଥିବା ଚାଉଳ ବସ୍ତାଗୁଡ଼ିକ ଲୋକେ ଗାଁକୁ ନେଇଯାଇଥିବା ବେଳେ ମିଲ୍ ମାଲିକଙ୍କ ସହିତ ଆଲୋଚନା ପରେ ଫେରାଇବେ ବୋଲି କହିଛନ୍ତି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ମହୁମାଛି ଆକ୍ରମଣରେ ଜଣେ ମୃତ

ଡାବୁଗାଁ,୧୦।୧୨(ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଚାଟିଗୁଡ଼ା ଗ୍ରାମର ବରିମୁଣ୍ଡା ଛକ ନିକଟରେ ରବିବାର ମହୁମାଛି ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବକଡ଼ାବେଡ଼ା ଗ୍ରାମର ରତନ କଲାର (୫୫)। ରତନ ବାଇକ୍ ଯୋଗେ ରବିବାର ସକାଳେ ଡାବୁଗାଁ ଅଭିମୁଖେ ଆସୁଥିଲେ। ଏହି ସମୟରେ ଧୋଡ୍ରାପଟୁ ସିମେଣ୍ଟ ଖୁଣ୍ଟ ବୋଝେଇ ହୋଇଥିବା ଏକ ଟ୍ରାକ୍ଟର ଆଗରେ ଯାଉଥିଲା। ଏହି ସମୟରେ ହଠାତ୍ ବହୁସଂଖ୍ୟାରେ ମହୁମାଛି ଆସି ରତନଙ୍କୁ ଆକ୍ରମଣ କରିଥିଲେ। ରତନ ବାଇକ୍‌କୁ ସ୍ପିଡରେ ନେଇଯାଇଥିଲେ ମଧ୍ୟ ମହୁମାଛି ତାଙ୍କ ପିଛା ଛାଡ଼ି ନ ଥିଲେ। ଚାଟିଗୁଡ଼ାର ବରିମୁଣ୍ଡା ଛକ ନିକଟରେ ରତନ ଗାଡ଼ି ରଖି ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡକାଇ ରତନଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ପୋଲିସ କନଷ୍ଟେବଲଙ୍କ ଅସ୍ୱାଭାବିକ ଆଚରଣ

### ବିଜେଡି ପ୍ରଶିକ୍ଷଣ ଶିବିରରେ ପାଟିତୁଣ୍ଡ

ରେଢ଼ାଖୋଲ,୧୦।୧୨ (ଅଚ୍ୟୁତାନନ୍ଦ ପୁରୋହିତ)

ଜନସାଧାରଣଙ୍କ ସୁରକ୍ଷା ଦାୟିତ୍ୱରେ ଥିବା କେତେଜଣ ପୋଲିସ କର୍ମଚାରୀଙ୍କ ଅସ୍ୱାଭାବିକ ଆଚରଣ ଯୋଗୁ ପୋଲିସ ବିଭାଗ ସମାଲୋଚନାର ପାତ୍ର ହେଉଛି। ଏକ ପ୍ରଶିକ୍ଷଣ ଶିବିରରେ ସମ୍ବଲପୁର ଜିଲା ଚାରମାଳ ଥାନାରେ କାର୍ଯ୍ୟରତ ଜଣେ କନଷ୍ଟେବଲଙ୍କ ବିନା କାରଣରେ ପାଟିତୁଣ୍ଡ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ ରବିବାର ଚାରମାଳରେ ବିଜେଡିର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଭୁବନେଶ୍ୱରରୁ ଆସିଥିବା ବିଜେଡିର ବରିଷ୍ଠ ନେତା ତଥା ପ୍ରଶିକ୍ଷକ ଅବିନାଶ ଠାକୁର, ବିଶ୍ୱପ୍ରତାପ ସାହୁ, ପାର୍ଥସାରଥି ମହାପାତ୍ର ପ୍ରମୁଖଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ କର୍ମକର୍ତ୍ତା ଯୋଗଦେଇଥିଲେ। ଶିବିର ଚାଲିଥିବା ବେଳେ ସମ୍ପୃକ୍ତ କନଷ୍ଟେବଲ ସାଧା ପୋଷାକରେ ଶିବିର ସ୍ଥଳକୁ ଆସି ବିଧାୟକଙ୍କୁ ଦେଖା କରିବାକୁ କହିଥିଲେ। ସେତେବେଳେ ସେ କୁଆଡ଼େ ମଦ୍ୟପାନ କରିଥିବା କୁହାଯାଉଛି। ଶିବିର ଚାଲିଥିବାରୁ ପରେ ଦେଖା କରିବାକୁ କର୍ମକର୍ତ୍ତାମାନେ କହିଥିଲେ। ଏଥିରେ କନଷ୍ଟେବଲ ଜଣକ ଉତ୍କ୍ଷିପ୍ତ ହୋଇ ପାଟିତୁଣ୍ଡ କରିଥିଲେ। ପାଟି ଶୁଣି ବିଧାୟକ ସେଠାରେ ପହଞ୍ଚିବାରୁ ପୋଲିସ କର୍ମଚାରୀ ଜଣକ ତାଙ୍କ ସହ ଯୁକ୍ତିତର୍କ କରିଥିଲେ। ସାଧା ପୋଷାକରେ ଥିବାରୁ କର୍ମକର୍ତ୍ତାମାନେ ପ୍ରଥମେ ପୋଲିସ କର୍ମଚାରୀ ବୋଲି ଜାଣିପାରି ନ ଥିଲେ। ପରେ ଜାଣିବା ପରେ କର୍ମକର୍ତ୍ତାମାନେ ଘଟଣା ସମ୍ପର୍କରେ ଚାରମାଳ ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ଓ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେରଙ୍କୁ ଏ ନେଇ ଅଭିଯୋଗ କରିଥିଲେ। ଏସ୍‌ଡିପିଓ ମେହେରଙ୍କୁ ପଚାରିବାରେ ଅଭିଯୋଗ ମିଳିଛି, ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଦ୍ୱିତୀୟ ବିବାହ ପାଇଁ ହଟହଟା

## ସ୍ତ୍ରୀ, ଝିଅଙ୍କଠାରୁ ମାଡ଼ ଖାଇଲେ

ବାଲକାଟୀ,୧୦।୧୨(ମନୋଜ ମଣ୍ଡଳ)

ରାଜଧାନୀ ଉପକଣ୍ଠ ବାଲକାଟୀ ଫାଣ୍ଡି ଅନ୍ତର୍ଗତ ଦୁଲ୍ଲାଦେବୀ ମନ୍ଦିରରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଦ୍ୱିତୀୟ ବିବାହ କରିବା ଜଣେ ବ୍ୟକ୍ତିଙ୍କ ପାଇଁ ମହଙ୍ଗା ପଡ଼ିଛି। ବାହାଘର ହେଉଥିବା ଖବରପାଇ ତାଙ୍କ ପ୍ରଥମ ସ୍ତ୍ରୀ ଓ ଝିଅ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ବେଦି ଉପରେ ମାଡ଼ ମାରିଛନ୍ତି। ଏହା ଦେଖି କନ୍ୟାଜଣଙ୍କ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଖସି ପଳାଉଥିବା ବେଳେ ବାଲକାଟୀ ଫାଣ୍ଡି ପିସିଆର ପହଞ୍ଚି ତାଙ୍କୁ ଅଟକ ରଖିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ମୁତାବକ, ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଚନ୍ଦ୍ରମାପାଟପୁର ଗ୍ରାମର ସୁରେଶ ହାତୀ ୨୦୧୦ ମସିହାରେ ଜଗତ୍‌ସିଂହପୁର ଜିଲା ଏରସମା ଥାନା ଗଣେଶ୍ୱରପୁର ଗ୍ରାମର ଅହଲ୍ୟାଙ୍କୁ ବିବାହ କରିଥିଲେ। ଦୀର୍ଘଦିନ ଧରି ପାରିବାରିକ ସମ୍ପର୍କ ଭଲରେ ଚାଲିଥିଲା। ଉଭୟଙ୍କ ଦୁଇଟି ଝିଅ ମଧ୍ୟ ରହିଛନ୍ତି। ବଡ଼ ଝିଅକୁ ୧୨ ବର୍ଷ ହୋଇଥିବା ବେଳେ ସାନ ଝିଅକୁ ଅଢ଼େଇ ବର୍ଷ। ତେବେ ବର୍ଷେ ହେବ ସୁରେଶଙ୍କର ପୁରୀ ଜିଲା ନିମାପଡ଼ା ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ହେବାରୁ ପରିବାରରେ ଫାଟ ସୃଷ୍ଟି ହୋଇଥିଲା। ଏପରିକି ଗତ ୬ ମାସ ହେବ ସୁରେଶ ଆଉ ଘରକୁ ଯାଉ ନ ଥିଲେ। ରବିବାର ସୁରେଶ ବାଲକାଟୀ ଦୁଲ୍ଲାଦେବୀ ମନ୍ଦିରରେ ଦ୍ୱିତୀୟ ବିବାହ କରୁଥିବା ନେଇ ଅହଲ୍ୟା ଖବର ପାଇଥିଲେ। ଦୁଇ ଝିଅଙ୍କ ସହ ଅହଲ୍ୟା ଓ



ସମ୍ପର୍କୀୟମାନେ ବାଲକାଟୀ ଫାଣ୍ଡିରେ ପହଞ୍ଚି ଘଟଣା ସମ୍ପର୍କରେ କହିବା ସହ ଅଭିଯୋଗ କରିଥିଲେ। ଏହା ପରେ ଫାଣ୍ଡି ଅଧିକାରୀ ନିରଞ୍ଜନ ବେହେରା ସହକର୍ମୀଙ୍କୁ ଧରି ମନ୍ଦିର ଅଭିମୁଖେ ଯାଉଥିଲେ ମଧ୍ୟ ଘଟଣାସ୍ଥଳକୁ ଯାଇ ନ ଥିଲେ। ସୁରେଶଙ୍କ ଘର ଜଙ୍କିଆ ଥାନା ଅଞ୍ଚଳରେ ହୋଇଥିବାରୁ ସେଠାରେ ପ୍ରଥମେ ଅଭିଯୋଗ କର କହି ପୋଲିସ ପଳାଇ ଆସିଥିଲା। ନିରାଶ ହୋଇ ଅହଲ୍ୟା ଦୁଇ ଝିଅ ଓ ସମ୍ପର୍କୀୟମାନଙ୍କ ସହ ମନ୍ଦିରରେ ପହଞ୍ଚିଥିଲେ। ବେଦିରେ ସୁରେଶ ବିବାହ କରୁଥିବା ଦେଖିବାକୁ ପାଇଥିଲେ। ଅହଲ୍ୟା ଓ ତାଙ୍କ ଝିଅ ସୁରେଶଙ୍କୁ ପଚାରିବା ସହ ମାଡ଼ ମାରିଥିଲେ। ଏହା ଦେଖି ବିବାହ କରୁଥିବା ଯୁବତୀଜଣଙ୍କ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏଥିସହ ସୁରେଶ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ଲୋକଙ୍କ ଭିଡ଼ ଜମିଯାଇଥିଲା। ରାସ୍ତାରୁ ଗହଳି ହଟାଇବାକୁ ଲୋକେ ପିସିଆରକୁ ଫୋନ କରିଥିଲେ। ଖବରପାଇ ବାଲକାଟୀ ଫାଣ୍ଡି ପିସିଆର ପହଞ୍ଚି ସୁରେଶଙ୍କୁ ଫାଣ୍ଡିକୁ ଆଣି ଅଟକ ରଖିଛି। ଏନେଇ ଫାଣ୍ଡି ଅଧିକାରୀ ନିରଞ୍ଜନ ବେହେରା କହିଛନ୍ତି, ସୁରେଶଙ୍କ ଘର ଜଙ୍କିଆ ଥାନା ଅଞ୍ଚଳରେ ହୋଇଥିବାରୁ ଅହଲ୍ୟାଙ୍କୁ ଜଙ୍କିଆ ଥାନାରେ ଅଭିଯୋଗ କରିବାକୁ କହିଛୁ। ଅନ୍ୟପଟେ ଅହଲ୍ୟାଙ୍କ ଅଭିଯୋଗକ୍ରମେ ଜଙ୍କିଆ ଥାନା ପୋଲିସ ଏକ ମାମଲା (ନଂ.୪୪୯/୨୩) ରୁଜୁକରି ତଦନ୍ତ ଚଳାଇଛି।

## ବରକୁ ଉଠାଇନେଲା ପୋଲିସ

### ମିଛ କହି ବିବାହ ସ୍ଥିର କରିଥିଲେ

ଦଶମନ୍ତପୁର, ୧୦।୧୨(ଅରବିନ୍ଦ ନାୟକ)

ପ୍ରଥମ ସ୍ତ୍ରୀ ଥାଇ ମିଛ କହି ଦ୍ୱିତୀୟ ବିବାହ କରିବାକୁ ଯାଉଥିବା ଜଣେ ଯୁବକଙ୍କ ପାଇଁ ଏହା ମହଙ୍ଗା ପଡ଼ିଛି। ବିବାହ ଲାଗି ବାହାବେଦିକୁ ଯିବା ପୂର୍ବରୁ ତାଙ୍କୁ ପୋଲିସ ଉଠାଇ ନେଇଛି। ସେ ହେଲେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ନଙ୍ଗଳଅଟାଳ ଗ୍ରାମର ଭକ୍ତ ବିଶୋୟୀଙ୍କ ପୁଅ ଚୈତନ୍ୟ। ଏନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ଖବରରୁ ଜଣାପଡ଼ିଛି, ଚୈତନ୍ୟ ନନ୍ଦାହାଣ୍ଡି ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ମାଲିଗୁଡ଼ା ଗ୍ରାମର ସଦା ସାହୁଙ୍କ ଝିଅ ସସ୍ମିତାଙ୍କୁ ୨୦୧୫ରେ ବିବାହ କରିଥିଲେ। ସସ୍ମିତା ଜଣେ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟ କରନ୍ତି। ତାଙ୍କର ୫ ବର୍ଷର ଝିଅଟିଏ ଅଛି। ଚୈତନ୍ୟ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମ୍ମା ପଞ୍ଚାୟତ ରହିଆମ୍ବ ବିଶୋୟୀ ସାହିର କୈଳାସ ବିଶୋୟୀଙ୍କ ଝିଅଙ୍କୁ ଦ୍ୱିତୀୟ ବିବାହ କରିବାକୁ ସ୍ଥିର କରିଥିଲେ। ମୋର ଛାଡ଼ପତ୍ର ପାଇଁ ଆବେଦନ କରିଛି। ଆମର ଛାଡ଼ପତ୍ର ହୋଇଯିବ ବୋଲି ସେ କୈଳାସଙ୍କୁ ବୁଝାଇ ବିବାହ ତାରିଖ ସ୍ଥିର କରିଥିଲେ। ରବିବାର ଚୈତନ୍ୟ ଭୋର୍ ୩ଟାରୁ ନିଜ ଗ୍ରାମ ନଙ୍ଗଳଅଟାଳରୁ ସଜବାଜ ହୋଇ ରହିଆମ୍ବ ଗ୍ରାମକୁ ଆସି ବାହାବେଦିକୁ ଯିବାକୁ ପ୍ରସ୍ତୁତ ହେଉଥିଲେ। ମାତ୍ର ନିଜ ସ୍ୱାମୀ ପୁଣି ଦ୍ୱିତୀୟ ବିବାହ କରୁଥିବା ସୂଚନା ପାଇ ଚୈତନ୍ୟଙ୍କ ପ୍ରଥମ ସ୍ତ୍ରୀ ସସ୍ମିତା ନବରଙ୍ଗ ପୁର ଜିଲା ଖାତିଗୁଡ଼ା ଥାନାର ଦ୍ୱାରସ୍ଥ ହୋଇ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଖାତିଗୁଡ଼ା


ଚୈତନ୍ୟ

ଏସ୍‌ଆଇ ଏସ୍.ସି. ଗୋଲୋରି ଘଟଣା ସମ୍ପର୍କରେ ଦଶମନ୍ତପୁର ପୋଲିସକୁ ସୂଚନା ଦେଇଥିଲେ। ସଙ୍ଗେସଙ୍ଗେ ଦଶମନ୍ତପୁର ଥାନା ଅଧିକାରୀଙ୍କ ନେତୃତ୍ୱରେ ସେକେଣ୍ଡ ଅଫିସର ନିର୍ମଳା ଲିମା ଓ ଏଏସ୍‌ଆଇ ଏଲ୍.କେ. ପଣ୍ଡା, ମୁରାନ ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକା ଏବଂ ସସ୍ମିତାଙ୍କ ଭାଇ ଦିଗାମ୍ବର ସାହୁ ଘଟଣାସ୍ଥଳରେ ପହଞ୍ଚି ବର ବେଶରେ ସଜ୍ଜିତ ହୋଇ ବସିଥିବା ଚୈତନ୍ୟଙ୍କୁ ଉଠାଇ ନେଇ ଆସିଥିଲେ। ତାଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରିଥିଲେ। ପରେ ଦଶମନ୍ତପୁର ପୋଲିସ ଚୈତନ୍ୟଙ୍କୁ ଖାତିଗୁଡ଼ା ପୋଲିସ ଜିମା ଦେଇଛି। ଏନେଇ ଖାତିଗୁଡ଼ା ଥାନାରେ କେସ୍ ନଂ.୧୧୮/୨୩ରେ ଏକ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ଗୋଲୋରି କହିଛନ୍ତି।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Admission Open
JOIN AFTER +2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE : Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE : Ph : 9937440788
RMTI, Palasuni, Bhubaneswar-25

SC/ST ଛାତ୍ରୀ ମାନଙ୍କ ପାଇଁ Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
ANM
Duration 2 yrs, Qualification +2 (Any Stream)
Practical at DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# Classified Everyday 0674-2580101, 2549949


REAL ESTATE

**SALE**

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987.** D-75272

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

**Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - 8249310759.** D-75276

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନଖରା- SC/ General-sqft.-300/-, 9348232008. D-75279

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୫୦-୮୫୦ରେ ଜାଗା ବିକ୍ରିହେଉଛି। 06743180297. D-75176

ଭୁବନେଶ୍ୱର Sum Hospitalରୁ 6 Km. ମଧ୍ୟରେ ପଜେସନ୍ ଫ୍ଲଟ୍ Sqft. 1499/- , 799/- ମିଳୁଛି - 9124839028, 7008771424. D-75277

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75073

**Newly healthcare benefited SPA experience therapist in Bhubaneswar. Contact- 9938843929.** D-75177



**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**AFFIDAVIT**

I, G Rama Mohana Rao M45, S/o Adinarayana Guruvili, Residing at Retang Colony, PO/ PS-Jatni, Dist.-Khordha, Odisha, PIN-752050, declared by this affidavit No. 3306/dt 20.11.2023 before Notary that, My daughter Guruvili Kavya's Marks Statement Cum Certificate of Secondary School Examination mentioned my name is G. Ram Mohan A Rao as father instead of G Ram Mohana Rao, that G Ram Mohan A Rao, G Ram Mohana Rao & Guruvilli Ram Mohana Rao is one & same person. D-1993


**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


## ମନେ ପଡ଼ନ୍ତି

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ପ୍ରଫୁଲ୍ଲ କୁମାର ନାୟକ**
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ୧୦।୦୫।୧୯୭୬
ତିରୋଧାନ: ୧୧।୧୨।୨୦୧୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଝିଅ: ବବ୍‌ଲି, ବନ୍ଧୁ ଓ ପରିବାରବର୍ଗ।
ଧ-୧୯୯୨

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**କବିରାଜ ବିଭୂତି ଭୂଷଣ ଦାଶ**
ମଇନ୍ଦିପୁର, ବିରିଡ଼ି, ଜଗତ୍‌ସିଂହପୁର
ଜନ୍ମ: ୨୮।୦୭।୧୯୫୫
ମୃତ୍ୟୁ: ୩୦।୧୧।୨୦୨୩
ମାର୍ଗଶିର ମାସ କୃଷ୍ଣପକ୍ଷ ତୃତୀୟା ତିଥି
ଆପଣଙ୍କ ଅମର ଆତ୍ମା ଶାନ୍ତି, ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ହତଭାଗ୍ୟ ଜ୍ଞାନ (ସାନଭାଇ), କାହ୍ନୁ, ବନ୍ଟୁ, ସନ୍ଟୁ, ଲିପୁ, ମୁନୁ (ପୁତ୍ର), ମାମୁନି (କନ୍ୟା), କୌସ୍ତୁଭ, କୌଶିକ (ନାତି), ଭିଣୋଇ, ଭଉଣୀ, ବୋହୂ ତଥା ବନ୍ଧୁ ଓ ପରିବାରବର୍ଗ।
ଧ-୭୫୦୭୬


ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

ଧରିତ୍ରୀ 50 Years
ଭୁବନେଶ୍ୱର, ସୋମବାର, ୧୧ ଡିସେମ୍ବର, ୨୦୨୩



# ଅତ୍ୟଧିକ ମିଠା ଓ ସ୍ମରଣଶକ୍ତି



ମନଲୋଭା ଖାଦ୍ୟ ମଧ୍ୟରୁ ମିଠା ଅନ୍ୟତମ। ଅନେକେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ପରିମାଣରେ ମିଠା ଖାଇଥାଆନ୍ତି। ହେଲେ ଏହାର ପରିମାଣ ଅଧିକ ହେଲେ ତାହା ଆମ ସ୍ମରଣ ଶକ୍ତିକୁ ପ୍ରଭାବିତ କରିଥାଏ। ଅତ୍ୟଧିକ ମିଠା ଓ ସ୍ମରଣ ଶକ୍ତି ବିଷୟକୁ ନେଇ ହୋଇଥିବା ଗବେଷଣାରୁ କାଲିଫର୍ନିଆ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ଏକଥା ଜାଣିପାରିଛନ୍ତି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରିଥିଲେ। ସେମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରି ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଭାବରେ ମିଠା ଖାଇବାକୁ ଏବଂ ଅନ୍ୟ ଗ୍ରୁପ୍ ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ମନଇଚ୍ଛା ମିଠା ଖାଇବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ସ୍ମରଣ ଶକ୍ତି ଉପରେ ପଡୁଛି ତାହାକୁ ଅନୁଧ୍ୟାନ ମଧ୍ୟ କରିଥିଲେ। ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିଲେ, ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କ ସ୍ମରଣଶକ୍ତିରେ ତାରତମ୍ୟତା ଦେଖିବାକୁ ମିଳିଥିଲା।

## ଜାଣିରଖନ୍ତୁ



ଆମ ଶରୀରର ଏକ ମୁଖ୍ୟ ଓ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ। ଶରୀରରେ ପ୍ରବାହିତ ହେଉଥିବା ରକ୍ତକୁ ଏହା ବିଶୋଧନ କରି, ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ। କିଡ୍‌ନୀ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ହାତଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ୍ୟ। ନିଃଶ୍ୱାସପ୍ରଶ୍ୱାସ ନେବାରେ ମଧ୍ୟ ବାଧା ଉପୁଜେ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। କିଡ୍‌ନୀଜନିତ ରୋଗ ଦେଖାଗଲେ ଶରୀରରେ ୟୁରିଆ ତତ୍ତ୍ୱ (ୟୁରିକ୍ ଏସିଡ୍) ବଢ଼ିଯାଏ। ସେଥିପାଇଁ ଆପଣ ଏହାକୁ ସନ୍ତୁଳିତ ରଖିବା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। କ୍ଷୀର, ମାଛ, ମାଂସ, ପନିର, ସୋୟାବିନ୍ ଆଦି ପ୍ରତିଦିନ ଖାଦ୍ୟ ତାଲିକାରେ ସାମିଲ୍ କରନ୍ତୁ। ଯଦି ଆପଣ କିଡ୍‌ନୀଜନିତ ରୋଗର ଶିକାର ହୁଅନ୍ତି, ତେବେ ବିଳମ୍ବ ନ କରି ଅଭିଜ୍ଞ କିଡ୍‌ନୀ ଡାକ୍ତର (ନେଫ୍ରୋଲୋଜିଷ୍ଟ)ଙ୍କ ସହ ପରାମର୍ଶ କରନ୍ତୁ।

# ସୁଡ଼ଙ୍ଗ ଉଦ୍ଧାର ଅଭିଯାନରେ ଟେକ୍ନୋଲୋଜିର ପ୍ରୟୋଗ



ନିକୁଞ୍ଜ ବିହାରୀ ସାହୁ

''ଏହି କଠିନ କାର୍ଯ୍ୟକୁ ବାସ୍ତବତାରେ ରୂପାୟନ କରିବା ପାଇଁ ଏକ 'ଅଗର' ମେଶିନ୍‌କୁ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ମାଟିକୁ ସମ୍ପୂର୍ଣ୍ଣ ନ କାଢ଼ି ଟ୍ରେଞ୍ଚ୍‌ବିହୀନ ଭାବରେ ସିଧା ସିଧା ଭୂସମାନ୍ତର ଭାବେ ଖୋଳି ତା' ମଧ୍ୟରେ ପାଇପ୍ ଭର୍ତ୍ତି କରିବା ପାଇଁ ଏହି ମେଶିନ ସାଧାରଣତଃ କାର୍ଯ୍ୟକ୍ଷେତ୍ରରେ ବ୍ୟବହାର କରାଯାଇଥାଏ। ଏହାର ଡ୍ରିଲ୍ ବିଟ୍ ସଦୃଶ ଏକ ଶକ୍ତ ଖୋଦନ ଅଗ୍ର ଥାଏ, ଯାହାକୁ 'ଅଗର' କହନ୍ତି। ଏଥିରେ ମଧ୍ୟ ଥାଏ ପେଚ କିମ୍ବା ସ୍କ୍ରୁ ଭଳି ଏକ କୁଣ୍ଡଳାକାର ବ୍ଲେଡ୍ ବ୍ୟବସ୍ଥା ଏବଂ ଖୋଳା ଗର୍ତ୍ତ ମଧ୍ୟରେ ପାଇପ୍‌କୁ ପୂରାଇ ଆଗକୁ ଠେଲିବା ପାଇଁ ହାଇଡ୍ରଲିକ ବ୍ୟବସ୍ଥା।''



ଇତିମଧ୍ୟରେ ଉତ୍ତରକାଶୀର ସିଲ୍‌କ୍ୟାରା ସୁଡ଼ଙ୍ଗରେ ଅଟକି ରହିଥିବା ସମୁଦାୟ ୪୧ ଜଣ ନିର୍ମାଣ ଶ୍ରମିକଙ୍କୁ ସଫଳତାର ସହ ଉଦ୍ଧାର କରାଯାଇ ପାରିଛି। ଏହି ସଫଳତାର କାହାଣୀ ପଛରେ ଅନେକ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ଅବଦାନ ରହିଥିଲାବେଳେ ଏଥିରେ ମଧ୍ୟ ପ୍ରୟୋଗ କରାଯାଇଥିବା କିଛି ଅତ୍ୟାଧୁନିକ ଟେକ୍ନୋଲୋଜି ବା ପ୍ରଯୁକ୍ତିବିଦ୍ୟାର ପ୍ରମୁଖ ଭୂମିକା ରହିଛି, ଯାହା ସମ୍ପର୍କରେ ନିମ୍ନରେ ସୂଚନା ଦିଆଗଲା।

**ଅଗର ଡ୍ରିଲିଂ ମେଶିନ :** ସୁଡ଼ଙ୍ଗ ମଧ୍ୟରେ ଅଟକି ରହିଥିବା ଶ୍ରମିକମାନଙ୍କୁ ଉଦ୍ଧାର କରିବା ନିମନ୍ତେ ଶ୍ରମିକମାନଙ୍କ ପର୍ଯ୍ୟନ୍ତ ମାଟି ଖୋଳି ଏକ ୮୦୦ ମି.ମି. ବ୍ୟାସର ଷ୍ଟିଲ୍ ପାଇପ୍ ବିଛାଇବା ନିମନ୍ତେ ଉଦ୍ଧାରକାରୀ ଦଳ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହି କଠିନ କାର୍ଯ୍ୟକୁ ବାସ୍ତବତାରେ ରୂପାୟନ କରିବା ପାଇଁ ଏକ 'ଅଗର' ମେଶିନକୁ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ମାଟିକୁ ସମ୍ପୂର୍ଣ୍ଣ ନ କାଢ଼ି ଟ୍ରେଞ୍ଚ୍‌ବିହୀନ ଭାବରେ ସିଧା ସିଧା ଭୂସମାନ୍ତର ଭାବେ ଖୋଳି ତା' ମଧ୍ୟରେ ପାଇପ୍ ଭର୍ତ୍ତି କରିବା ପାଇଁ ଏହି ମେଶିନ ସାଧାରଣତଃ କାର୍ଯ୍ୟକ୍ଷେତ୍ରରେ ବ୍ୟବହାର କରାଯାଇଥାଏ। ଏହାର ଡ୍ରିଲ୍ ବିଟ ସଦୃଶ ଏକ ଶକ୍ତ ଖୋଦନ ଅଗ୍ର ଥାଏ, ଯାହାକୁ 'ଅଗର' କହନ୍ତି। ଏଥିରେ ମଧ୍ୟ ଥାଏ ପେଚ କିମ୍ବା ସ୍କ୍ରୁ ଭଳି ଏକ କୁଣ୍ଡଳାକାର ବ୍ଲେଡ୍ ବ୍ୟବସ୍ଥା ଏବଂ ଖୋଳା ଗର୍ତ୍ତ ମଧ୍ୟରେ ପାଇପ୍‌କୁ ପୂରାଇ ଆଗକୁ ଠେଲିବା ପାଇଁ ହାଇଡ୍ରଲିକ ବ୍ୟବସ୍ଥା। ପ୍ରଥମେ ଶକ୍ତିଶାଳୀ ମୋଟର ଦ୍ୱାରା ଅଗରକୁ ଘୂରାଇ ଘୂରାଇ ମାଟି କିମ୍ବା ପଥର ଚଟାଣରେ କଣା କରାଯାଏ। ତା'ପରେ ଘୂର୍ଣ୍ଣାୟମାନ କୁଣ୍ଡଳାକାର ବ୍ଲେଡ୍ ଦ୍ୱାରା ଏହି ଗର୍ତ୍ତକୁ ଆବଶ୍ୟକତା ମାପ ଅନୁଯାୟୀ ଚଉଡ଼ା କରାଯାଏ। ଗର୍ତ୍ତ ଖୋଳିବା ଦ୍ୱାରା ନିର୍ଗତ ମାଟିକୁ ଘୂରାଇ ଘୂରାଇ ପଦାକୁ ବାହାର କରାଯାଏ। ପରିଶେଷରେ, ଖୋଳା ଯାଇଥିବା ଗାତ ମଧ୍ୟରେ ପାଇପ୍‌କୁ ଠେଲି ଭର୍ତ୍ତି କରାଯାଏ। ଗୋଟିଏ ପାଇପ୍ ଗର୍ତ୍ତରେ ଭର୍ତ୍ତି ହେଲା ପରେ ପୁଣି ଅନ୍ୟ ଏକ ପାଇପ୍‌କୁ ଭର୍ତ୍ତି କରାଯାଏ। ଏଭଳି ଅଗର୍ ମେଶିନକୁ ସାଧାରଣତଃ ଖଣି ଖାଦାନ କାର୍ଯ୍ୟରେ କିମ୍ବା ମାଟି ତଳେ ଟେଲିଫୋନ କେବୁଲ ବିଛାଇବା କାର୍ଯ୍ୟରେ ବ୍ୟବହୃତ କରାଯାଇଥାଏ।

ଉତ୍ତରକାଶୀଠାରେ ପ୍ରଥମେ ୯ ଟନ ଓଜନର ଏକ ୩୫ ଅଶ୍ୱକ୍ଷମତା ବିଶିଷ୍ଟ ଦେଶୀ ଅଗର ମେଶିନ ବ୍ୟବହାର କରାଯାଇଥିଲା। ମାତ୍ର ପରେ ଜଣାପଡ଼ିଲା ଯେ, ଏହାର କାର୍ଯ୍ୟ ସମ୍ପାଦନ ପ୍ରକ୍ରିୟା ଅତିଶୟ ମନ୍ଥର ଏବଂ ଏହା ଘଣ୍ଟାକୁ ମାତ୍ର ୧ ମିଟର ଗଭୀରତାର ଗର୍ତ୍ତ ଖୋଳିପାରୁଛି। ତେଣୁ ଖୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଶ୍ରମିକମାନଙ୍କୁ ଜଲ୍‌ଦି ଉଦ୍ଧାର କରିବା ନିମନ୍ତେ ଅନ୍ୟ ଏକ ୨୫ ଟନ୍ ଓଜନର ୧୭୫ ଅଶ୍ୱକ୍ଷମତା ବିଶିଷ୍ଟ ଭାରି ଆମେରିକୀୟ ଅଗର ମେଶିନକୁ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଏହି ମେଶିନ ଏତେ ବିଶାଳକାୟ ଥିଲା ଯେ ଏହାକୁ ଏକକାଳୀନ କାର୍ଯ୍ୟକ୍ଷେତ୍ରକୁ ସ୍ଥାନାନ୍ତର କରିବା ସମ୍ଭବପର ନଥିଲା। ସୁତରାଂ ଏହାକୁ ତିନି ଖଣ୍ଡରେ ବିଭକ୍ତ କରି ବାୟୁସେନାର ସ୍ୱତନ୍ତ୍ର ପରିବହନ ବିମାନ ଜରିଆରେ ଇନ୍ଦୋରରୁ ନୂଆଦିଲ୍ଲୀ ଦେଇ ଡେରାଡୁନ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା, ଯେଉଁଠାରୁ ସ୍ଥଳପଥରେ ଟ୍ରକ ଦ୍ୱାରା ବୋହି ସୁଡ଼ଙ୍ଗ ନିକଟକୁ ଅଣାଯାଇଥିଲା ଏବଂ ଅଭିଜ୍ଞ କାରିଗରଙ୍କ ଦ୍ୱାରା ପୁଣି ଯୋଡ଼ି ଦିଆଯାଇଥିଲା।

ଏହି ମେଶିନ୍ ଘଣ୍ଟାକୁ ୫ ମିଟର ଲମ୍ବର ଗାତ ଖୋଳି ତା' ମଧ୍ୟରେ ପାଇପ୍ ଭର୍ତ୍ତି କରିବାରେ ସକ୍ଷମ ଥିଲା। ସାଧାରଣ ଅଗର ମେଶିନ ଖୋଦନ କିମ୍ବା ମୃତ୍ତିକା ନିଷ୍କାସନ ପ୍ରକ୍ରିୟା ନିମନ୍ତେ ପାଣି ବ୍ୟବହାର କରୁଥିଲାବେଳେ ଏହି ଆମେରିକୀୟ ଅଗର୍ ମେଶିନ କିନ୍ତୁ ବିନା ପାଣିରେ ଶୁଷ୍କ ପ୍ରକ୍ରିୟାରେ ନିଜର କାର୍ଯ୍ୟ ସମ୍ପାଦନ କରିଥାଏ। ପରିସ୍ଥିତି ଅନୁକୂଳ ରହିଲେ ଏହା ଆବଶ୍ୟକ ୬୦ ମିଟର ଲମ୍ବ ଗର୍ତ୍ତକୁ ମାତ୍ର ୧୨ ଘଣ୍ଟାରେ ଖୋଳିପାରିବ ବୋଲି ଆଶା କରାଯାଉଥିଲା। ମାତ୍ର ବାସ୍ତବ କ୍ଷେତ୍ରରେ ଖୋଳାପଥରେ ଟାଣ ପଥର ଓ ଲୁହାରଡ଼ ପଡ଼ିଯିବାରୁ ଏହାର ଖୋଦନ ସମୟ ଯଥେଷ୍ଟ ବିଳମ୍ବ ହୋଇଥିଲା। ଏହି ଶକ୍ତିଶାଳୀ ମେଶିନ ନିର୍ଦ୍ଧାରିତ ୬୦ ମିଟର ଲମ୍ବରୁ ୪୬.୪ ମିଟର ଗାତ ଖୋଳି ଦ୍ରୁତଗତିରେ ଆଗେଇ ଯାଉଥିଲାବେଳେ ଟାଣ ପଥର, କଂକ୍ରିଟ ଚଟାଣ ଓ ଲୁହାରଡ଼ ପଡ଼ିବାରୁ ଏହାର ବ୍ଲେଡ୍ ଗୁରୁତର କ୍ଷତିଗ୍ରସ୍ତ ହୋଇ ମାଟି ମଧ୍ୟରେ ଅଟକି ଯାଇଥିଲା। ଫଳରେ ଏହି ମେଶିନକୁ ପରିତ୍ୟାଗ କରି ଅବଶିଷ୍ଟ ପ୍ରାୟ ୧୩ ମିଟର ଖୋଦନ କାର୍ଯ୍ୟକୁ ହାତ ଦ୍ୱାରା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସୁତରାଂ ଏହି ଅଗର୍ ମେଶିନ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରି ନ ପାରିଥିଲେ ସୁଦ୍ଧା ଏହା ସମୁଦାୟ ଖୋଳାପଥର ତିନି-ଚତୁର୍ଥାଂଶ ମାର୍ଗ ଖୋଳି ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟକୁ ଯେ ଯଥେଷ୍ଟ ସୁଗମ କରି ଦେଇଥିଲା ଏଥିରେ ସନ୍ଦେହ ନାହିଁ।

**ଦକ୍ଷ ଯୋଗାଯୋଗ ବ୍ୟବସ୍ଥା ସ୍ଥାପନ**

ସୁଡ଼ଙ୍ଗ ମଧ୍ୟରେ ଅଟକି ରହିଥିବା ଶ୍ରମିକମାନଙ୍କ ସହିତ ଏକ ଦକ୍ଷ ଯୋଗାଯୋଗ ବ୍ୟବସ୍ଥା ସ୍ଥାପନ କରିବା ଥିଲା ଉଦ୍ଧାର କାର୍ଯ୍ୟ ଦିଗରେ ଏକ ବିରାଟ ଆହ୍ୱାନ; କାରଣ ମାଟି ମଧ୍ୟରେ ରେଡିଓ ତରଙ୍ଗର ଗତି ଅତି କମ୍ ଥିବାରୁ ପ୍ରଚଳିତ ୱାକି-ଟକି ସଂଚାର ବ୍ୟବସ୍ଥା ସଠିକ୍ କାର୍ଯ୍ୟ କରୁ ନଥିଲା ଏବଂ ସୁଡ଼ଙ୍ଗ ମୁହଁରେ ପ୍ରାପ୍ତ ସିଗ୍‌ନାଲ ଅତିଶୟ କ୍ଷୀଣ ଥିଲା। ଏହି ସମସ୍ୟାକୁ ସୁଧାରିବା ପାଇଁ ଏକ 'ଜଳ ତଳ ଯୋଗାଯୋଗ ବ୍ୟବସ୍ଥା' ପ୍ରୟୋଗ କରାଯାଇଥିଲା। ଏହି ବ୍ୟବସ୍ଥାକୁ ସାଧାରଣତଃ ସମୁଦ୍ର କିମ୍ବା ନଦୀରେ ଜଳର ତଳଭାଗରେ ବୁଡ଼ାଳିମାନଙ୍କ ଦ୍ୱାରା ବାର୍ତ୍ତା ବିନିମୟ କରିବା କ୍ଷେତ୍ରରେ ପ୍ରୟୋଗ କରାଯାଏ। ଏହି ବ୍ୟବସ୍ଥାରେ କଥା କହିବା ପାଇଁ ଏକ ବିଶେଷ ପ୍ରକାରର ମାଇକ୍ରୋଫୋନ ବ୍ୟବହାର କରାଯାଏ, ଯାହାର ନାମ ହାଇଡ୍ରୋଫୋନ। ଏହା ଏକ 'ପିଜୋ' ବ୍ୟବସ୍ଥା ମାଧ୍ୟମରେ ବକ୍ତାର ଧ୍ୱନି ତରଙ୍ଗକୁ ବିଦ୍ୟୁତ ତରଙ୍ଗରେ ରୂପାନ୍ତରିତ କରେ; ଯାହା ୬୦, ୧୨୦ କିମ୍ବା ୧୫୦ ମିଟର ଲମ୍ବର ତାର ଦେଇ ଅନ୍ୟ ବୁଡାଳିଙ୍କ ପାଖରେ କିମ୍ବା ଜଳପୃଷ୍ଠ ଉପରେ ଥିବା କଣ୍ଟ୍ରୋଲ ରୁମରେ ପହଞ୍ଚେ। ଉତ୍ତରକାଶୀଠାରେ ରାଜ୍ୟ ଆପଦା ପ୍ରଶମନ ବଳ (ଏସ୍.ଡି.ଆର୍.ଏଫ୍.)ର ବୈଜ୍ଞାନିକମାନେ ଏହି ବ୍ୟବସ୍ଥାରେ ସାମାନ୍ୟ ପରିବର୍ତ୍ତନ କରି ପ୍ରଥମଥର ପାଇଁ ଏହାକୁ ବାୟୁ ମାଧ୍ୟମରେ ଏକ ସୁଡ଼ଙ୍ଗ ପରିସ୍ଥିତିରେ ସଫଳତାର ସହ ପ୍ରୟୋଗ କରିଥିଲେ। ଫଳରେ ସୁଡ଼ଙ୍ଗ ମଧ୍ୟରେ ଅଟକି ରହିଥିବା ଶ୍ରମିକମାନଙ୍କ ସହିତ ଏକ ଦକ୍ଷ ଯୋଗାଯୋଗ ବ୍ୟବସ୍ଥା ସ୍ଥାପନ କରାଯାଇ ପାରିଥିଲା। (କ୍ରମଶଃ..)

-ଏଜୁକେଶନ ଅଫିସର୍, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

# ସକାରାତ୍ମକ ମାନସିକତା ଅନ୍ତରାଳେ...



ଆଜିକାଲିର ଧାଁଧପଡ଼ ଜୀବନରେ ନିଜର ମାନସିକତାକୁ ସକାରାତ୍ମକ ରଖିବା ସହଜ କଥା ନୁହେଁ। ହେଲେ ମନ ପସନ୍ଦର ବହି ପଢ଼ିବା ଦ୍ୱାରା ମାନସିକତା ଅନେକାଂଶରେ ସକାରାତ୍ମକ ରହିଥାଏ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ଏଭଳି ବିଷୟକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଅଧିକାଂଶ ସମୟ ନକାରାତ୍ମକ ମାନସିକତାରେ ରହୁଥିବା କିଛି ବ୍ୟକ୍ତିଙ୍କୁ ସେମାନଙ୍କର ମନ ପସନ୍ଦର ବହି ପଢ଼ିବାକୁ ପରାମର୍ଶ ଦିଆଯାଇଥିଲା। ଏହାଦ୍ୱାରା ସେମାନଙ୍କର ମାନସିକତାରେ କି ପରିବର୍ତ୍ତନ ଘଟୁଛି ତାହାକୁ ତନ୍ନ ତନ୍ନ କରି ଲକ୍ଷ୍ୟ କରାଯାଇଥିଲା। ନିଜର ମନ ପସନ୍ଦର ବହି ପଢ଼ିବା ଦ୍ୱାରା ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କର ମାନସିକତାର ପରିବର୍ତ୍ତନ ଘଟିବାର ପରିଶେଷରେ ଜଣାପଡ଼ିଥିଲା। କେବଳ ସେତିକି ନୁହେଁ, ଏହାଦ୍ୱାରା କାର୍ଯ୍ୟଦକ୍ଷତାରେ ବୃଦ୍ଧି ମଧ୍ୟ ଘଟିଥାଏ ବୋଲି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି।

# ସୁସ୍ଥ ରହିବାକୁ ଚାହୁଁଥିଲେ...

ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ। ଏହାଦ୍ୱାରା ଆମେ ଅଯଥାରେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ବିକଳ୍ପ ଭାବରେ ଆପଣେଇ ପାରିଲେ ଆମେ ନିଜକୁ ଅନେକାଂଶରେ ସୁସ୍ଥ ରଖିପାରିବା। ନିୟମିତ ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ। ତା'ସହ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଏହାଫଳରେ ଡାଇବେଟିସ୍, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, କ୍ୟାନ୍‌ସର ଭଳି ରୋଗ ଆଶଙ୍କା କେତେକାଂଶରେ କମ୍ ଥାଏ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁଁ ଶୋଇ ପାରନ୍ତି ନାହିଁ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ତେଣୁ ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ।



# ଉପକାରୀ ଶଜନା ଶାଗ



ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହେଉଛି ଶଜନା ଶାଗ। ଏଥିରେ କ୍ୟାଲ୍‌ସିୟମ୍, ପଟାସିୟମ୍, ଆଇରନ୍ ସମେତ ଭିଟାମିନ୍-ଏ, ସି ଏବଂ ଇ ଭରି ରହିଛି। ଭିଟାମିନ୍-ଏ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଦୃଷ୍ଟି ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ସେହିପରି ଭିଟାମିନ୍-ସି ବାହ୍ୟ ଜୀବାଣୁ କବଳରୁ ରକ୍ଷା କରୁଥିବାବେଳେ ଭିଟାମିନ୍-ଇରେ ଭରି ରହିଛି ଆଣ୍ଟି-ଅକ୍ସିଡାଣ୍ଟ ଗୁଣ। ଶଜନା ଶାଗ ରକ୍ତରେ ଗ୍ଲୁକୋଜ୍ ଏବଂ ୟୁରିନ୍‌ରେ ଶର୍କରାର ଆଉ ପ୍ରୋଟିନ୍‌ର ପରିମାଣକୁ ସନ୍ତୁଳିତ ରଖେ। ଯକ୍ଷ୍ମା ରୋଗୀ ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ଏହା ଲିଭର୍ ସେଲ୍‌କୁ ନଷ୍ଟ ହେବାକୁ ଦେଇ ନ ଥାଏ। ଏଥିରେ ଫସ୍‌ଫରସ୍ ଓ କ୍ୟାଲ୍‌ସିୟମ୍ ଅଧିକ ପରିମାଣରେ ଥିବାରୁ ହାଡ଼କୁ ମଜଭୁତ ରଖିବାରେ ସାହାଯ୍ୟ କରେ। ଆଣ୍ଠୁଗଣ୍ଠି ବାତ ହେବାକୁ ମଧ୍ୟ ଏହା ଦେଇ ନଥାଏ। ଏହା ଶରୀରର ଚର୍ବି ଅଂଶକୁ ଏହା ଅନେକାଂଶରେ କମାଇଥାଏ। ଭିଟାମିନ୍‌ସ ଓ ମିନେରାଲ୍ସ ଏଥିରେ ଥିବାରୁ ଏହା ଖାଦ୍ୟ ହଜମ ହେବାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ଏଥିସହ ଦୃଷ୍ଟି ଶକ୍ତି ମଧ୍ୟ ବଢ଼ାଇଥାଏ। ଆଜ୍‌ମା ରୋଗୀଙ୍କ ପାଇଁ ଏହା ମହୌଷଧି ସଦୃଶ।

## ସ୍ୱାସ୍ଥ୍ୟ ସୂଚନା

- ସୂର୍ଯ୍ୟକିରଣ ହେଉଛି ଭିଟାମିନ୍ 'ଡି'ର ଅନ୍ୟତମ ଉତ୍ସ। ତେଣୁ ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ ତାହା ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ।



- ପ୍ରତିଦିନ କିଛି ତଟକା ଫଳମୂଳ ଖାଆନ୍ତୁ। ବିଶେଷଭାବରେ ଏହାକୁ ବ୍ରେକଫାଷ୍ଟରେ ସାମିଲ କରନ୍ତୁ।
- ଯଦି ଆପଣ କୌଣସି ଦୀର୍ଘକାଳୀନ ରୋଗରେ ପୀଡ଼ିତ, ତେବେ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।
- ଯଦି ଆପଣ ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହୁଛନ୍ତି, ତେବେ ଅଭିଜ୍ଞ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।
- ପ୍ରତିଦିନ ରାତିରେ ଠିକ୍ ସମୟରେ ଶୁଅନ୍ତୁ। ବିଳମ୍ବିତ ରାତ୍ରିରେ ଶୋଇବା ଅଭ୍ୟାସରେ ପରିଣତ ହୋଇଗଲେ ତାହା କେତେକ ରୋଗକୁ ଡାକି ଆଣିଥାଏ।
- ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।
- ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ସବୁବେଳେ ସକାରାତ୍ମକ ଚିନ୍ତନ କରି ଖୁସି ରହିବା ଦ୍ୱାରା ଆମର ମାନସିକତା ସକାରାତ୍ମକ ରହିପାରିବ।

# ନିଃଶବ୍ଦ ଘାତକ: ଉଚ୍ଚ ରକ୍ତଚାପ

(ଶେଷ ଭାଗ)

**କିପରି କରାଯାଏ ରୋଗ ନିର୍ଣ୍ଣୟ**

ଉଚ୍ଚ ରକ୍ତଚାପକୁ ନିର୍ଣ୍ଣୟ କରିବା ସବୁଠାରୁ ସହଜ। କାରଣ ରକ୍ତଚାପ ମାପିଦେଲେ ରୋଗ ଧରାପଡ଼ିଯାଏ। ତେବେ ଭିନ୍ନ ଭିନ୍ନ ସମୟରେ ବିଶ୍ରାମ କାଳରେ ରକ୍ତଚାପ ମାପି ଅନ୍ତତଃ ଦୁଇ ଥର ଚାପ ବଢ଼ିଥିବାର ଜଣାପଡ଼ିଲେ ଉଚ୍ଚ ରକ୍ତଚାପ ବୋଲି ନିର୍ଣ୍ଣୟ କରାଯାଏ। ରୋଗୀକୁ ଧୀରସ୍ଥିର ଭାବରେ ଅନ୍ତତଃ ପାଞ୍ଚ ମିନିଟ୍ ବସେଇ ସାରି ରକ୍ତଚାପ ମାପିବା ଉଚିତ। ମାପିବା ସମୟରେ ହାତ ହୃତ୍‌ପିଣ୍ଡର ସମାନ ଉଚ୍ଚତାରେ ରହିବା ଦରକାର। ରକ୍ତଚାପ ବଢ଼ିଥିଲେ ପରିସ୍ରା ପରୀକ୍ଷା, ରକ୍ତରେ ଗ୍ଲୁକୋଜ, ୟୁରିଆ କ୍ରିଏଟିନିନ୍, ଲିପିଡ ପ୍ରୋଫାଇଲ୍, ସୋଡିୟମ୍, ପୋଟାସିୟମ୍ ଆଦି ପରୀକ୍ଷା କରାଇନେବା ଦରକାର।

**ଚିକିତ୍ସା :** ରକ୍ତଚାପର କାରଣ ଜଣାଥିଲେ କାରଣକୁ ଚାହିଁ ଚିକିତ୍ସା କରାଯାଏ। ମୂଳ ରୋଗକୁ ଆରୋଗ୍ୟ କରିଦେଲେ ବଢ଼ିଥିବା ରକ୍ତଚାପ ତାହାର ସାଧାରଣ ସ୍ତରକୁ ଫେରିଆସେ। କିନ୍ତୁ ଅଧିକାଂଶ କ୍ଷେତ୍ରରେ ରକ୍ତଚାପ ବଢ଼ିଥିବାର କାରଣ ଜଣାପଡ଼େନି। ଅଧିକାଂଶ ରୋଗୀ ଏହି ଶେଷୋକ୍ତ ଗୋଷ୍ଠୀର। ତେବେ ରୋଗୀ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଚିକିତ୍ସିତ ହେବା ହିଁ ନିରାପଦ। ଚିକିତ୍ସା ପାଇଁ ନାନା ପ୍ରକାର ଔଷଧ ଓ କେଉଁ ଔଷଧ ଦେଇ ଚିକିତ୍ସା କରାଯିବ ତାହା ଡାକ୍ତର ହିଁ ସ୍ଥିର କରିଥାଆନ୍ତି।

ମାତ୍ର ମନେରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ, ସାଧାରଣ ଭାବରେ ଉଚ୍ଚ ରକ୍ତଚାପ ରୋଗୀ ଜୀବନସାରା ଔଷଧ ଚିକିତ୍ସାରେ ରହିବା ପାଇଁ ବାଧ୍ୟ। କାରଣ ଉଚ୍ଚ ରକ୍ତଚାପର କୌଣସି ସ୍ଥାୟୀ ଆରୋଗ୍ୟ ନାହିଁ। ତେବେ ରୋଗୀ ତା' ଔଷଧର ମାତ୍ରା ମନକୁ ମନ ଏପଟ ସେପଟ କରିବା ନିଷେଧ। ବହୁବର୍ଷ ଧରି ରକ୍ତଚାପ ନିୟନ୍ତ୍ରିତ ହୋଇ ରହିଥିଲେ ସେପରି କ୍ଷେତ୍ରରେ ଚିକିତ୍ସା କରୁଥିବା ଡାକ୍ତର ହିଁ କେବଳ ଔଷଧ ବନ୍ଦ କରିଦେବାକୁ ପରାମର୍ଶ ଦେଇପାରନ୍ତି। ଔଷଧ ଖାଇ ରକ୍ତଚାପ ସ୍ୱାଭାବିକ ସ୍ତର ପ୍ରାପ୍ତ ହେବାର ଅର୍ଥ ଉଚ୍ଚ ରକ୍ତଚାପରୁ ଆରୋଗ୍ୟ ନୁହେଁ। ତେଣୁ ରକ୍ତଚାପ ସ୍ୱାଭାବିକ ହୋଇଗଲେ ଔଷଧ ଖାଇବା ବନ୍ଦ କରିଦେବା ମସ୍ତବଡ଼ ଭୁଲ। ରୋଗୀର ରକ୍ତଚାପ ସ୍ୱାଭାବିକ ହୋଇଯାଇଥିଲେ ଔଷଧ ବନ୍ଦ କରିଦେଲେ ରକ୍ତଚାପ ପୁଣି ବଢ଼ିଯାଏ। କାରଣ ରକ୍ତଚାପ ହ୍ରାସ ଔଷଧ ପ୍ରଭାବ ଯୋଗୁ ହୋଇଥାଏ, ହେଲେ ରୋଗର ଆରୋଗ୍ୟ ନୁହେଁ।

ତେବେ ଔଷଧ ସାଙ୍ଗରେ ଖାଇବା ପାଇଁ ପଡ଼ିବ କମ୍ ଲୁଣ। ଦିନକ ଭିତରେ ୧୫୦୦ ମିଲିଗ୍ରାମରୁ କମ୍ ଖାଇଲେ ଭଲ। ଲୁଣି ବିସ୍କୁଟ ଏବଂ ଲୁଣିଆ ଖାଦ୍ୟଠାରୁ ଦୂରେଇ ରହିବା ଉଚିତ। ପନିପରିବା, ଶାଗ, ଫଳ, ଭାତ, ରୁଟି, ଡାଲି, କୁକୁଡା ମାଂସ ମନାନାହିଁ। ପ୍ରତିଦିନ ନିୟମିତ ଭାବରେ ବ୍ୟାୟାମ କରିବାକୁ ପଡ଼ିବ। କେବଳ ବ୍ୟାୟାମ ହିଁ ରକ୍ତଚାପକୁ କିଛି ମାତ୍ରାରେ ହ୍ରାସ କରିଦିଏ। ଧୂମପାନ ସମ୍ପୂର୍ଣ୍ଣ ବର୍ଜନୀୟ। ମଦ୍ୟପାନ ନ କରିବା ଭଲ। ଧ୍ୟାନ, ପ୍ରାର୍ଥନା, ଯୋଗ ଓ ପ୍ରାଣାୟାମ ସୁଫଳ ପ୍ରଦାନ କରିଥାଏ। ୭-୮ ଘଣ୍ଟାର ସୁନିଦ୍ରା ଉପକାରୀ। ତା' ସହ ମଝିରେ ମଝିରେ ରକ୍ତଚାପ ମପେଇ ନେବା ଜରୁରୀ।

**ଖାଦ୍ୟପେୟ :** ରକ୍ତଚାପ ଥିଲେ ମୁଢ଼ି, ଚୂଡ଼ା, ଭାତ, ଚୋକଡ଼ମିଶା ରୁଟି, ମାଣ୍ଡିଆ ରୁଟି ଖାଆନ୍ତୁ। ମୁଗ, ହରଡ଼, ବୁଟଡାଲି, ସବୁପ୍ରକାର ଶାଗ, ଆଳୁ, କନ୍ଦମୂଳ, ବାଇଗଣ, ଭେଣ୍ଡି, ଟମାଟୋ, କଲରା, ପୋଟଳ, ଗାଜର, ବିମ୍ବ, ବନ୍ଧାକୋବି, ଫୁଲକୋବି, ଲାଉ, କଖାରୁ, ମୂଳା ଆଦି ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।



କଦଳୀ, ଅଙ୍ଗୁର, ଆକପଲ, ନାସ୍‌ପାତି, ପିଜୁଳି, ଆମ୍ବ, ସପୁରି, ତରଭୁଜ, ଅମୃତଭଣ୍ଡା ଆଦି ଫଳ ଖାଆନ୍ତୁ। ସରକଢ଼ା କ୍ଷୀର, ସରକଢ଼ା କ୍ଷୀରରୁ ପ୍ରସ୍ତୁତ ଦହି ଓ ଛେନା ଖାଆନ୍ତୁ। ମାଛ, ଚର୍ବି କି ଚମ ଲାଗି ନ ଥିବା କୁକୁଡ଼ା ମାଂସ, ଅଣ୍ଡାର କେବଳ ଧଳା ଅଂଶ, ଚିନାବାଦାମ, ଅଖରୋଟ, ପେସ୍ତା, କାଜୁ, କଖାରୁ ମଞ୍ଜି ଖାଇପାରନ୍ତି। ଫାଷ୍ଟଫୁଡଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ।

**ମନେରଖନ୍ତୁ:** ସବୁବେଳେ ଶରୀର ଓଜନକୁ ନିୟନ୍ତ୍ରିତ ରଖନ୍ତୁ। ବଡି ମାସ୍ ଇଣ୍ଡେକ୍ସ ବା 'ବିଏମ୍‌ଆଇ' ୨୦-୨୫ ମଧ୍ୟରେ ରହିବା ଦରକାର। ଓଜନକୁ କିଲୋଗ୍ରାମରେ ମାପି ଓ ଉଚ୍ଚତାକୁ ମିଟରରେ ମାପି ସାରି ଓଜନକୁ ଉଚ୍ଚତାର ବର୍ଗଦ୍ୱାରା ଭାଗ କଲେ ବିଏମ୍‌ଆଇ ମିଳିଯିବ। ଦୈନିକ ଲୁଣ ଖାଇବାର ପରିମାଣ ୫ ଗ୍ରାମରୁ କମ୍। ଏଥିରେ ଡାଲି, ତରକାରି, ଭଜା, ସନ୍ତୁଳା ଇତ୍ୟାଦିରେ ପଡ଼ିଥିବା ଲୁଣ ଅନ୍ତର୍ଭୁକ୍ତ। କୌଣସି ଲୁଣିଆ ଖାଦ୍ୟ କମ୍ ଖାଇବା ଦରକାର। ପ୍ରତିଦିନ ବ୍ୟାୟାମ କରନ୍ତୁ। ଦିନକୁ ୩୦ ମିନିଟରୁ ଅଧିକ ସମୟ ଚାଲନ୍ତୁ କିମ୍ବା ସାଇକେଲ ଚଲାନ୍ତୁ। ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖନ୍ତୁ। ମାନସିକ ଚାପ ହ୍ରାସ ହେବା ନିହାତି ଦରକାର। ନିୟମିତ ସମୟ ଅନ୍ତରାଳରେ ରକ୍ତଚାପ ମାପିନିଅନ୍ତୁ। ସବୁବେଳେ ସକାରାତ୍ମକ ମନୋଭାବ ରଖନ୍ତୁ। ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

- **ଡା. ନିତ୍ୟାନନ୍ଦ ସ୍ୱାଇଁ,** ଅଭୀପ୍‌ସା, ସେକ୍ଟର-୬, ପ୍ଲଟ ନଂ-୧୧୩, ଅଭିନବ ବିଡ଼ାନାସୀ, କଟକ-୧୪

# କବୀର, ଅଭୀପ୍ସାଙ୍କୁ ଦ୍ୱିମୁକୁଟ

**ଭୁବନେଶ୍ୱର,୧୦।୧୨(ସରୋଜ ଜେନା)**

୨୨ତମ ରାଜ୍ୟସ୍ତରୀୟ ନାଲ୍‌କୋ ଓପନ ରବିବାର ଉଦ୍‌ଯାପିତ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏହି ଟୁର୍ନାମେଣ୍ଟର ସିଙ୍ଗଲ୍ସ ଇଭେଣ୍ଟର ପୁରୁଷ ଓ ମହିଳା ବର୍ଗରେ ଯଥାକ୍ରମେ କବୀର ହଂସ ଓ ଅଭୀପ୍ସା ଦେହୁରୀ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ଉଦ୍‌ଯାପନୀ ଦିବସରେ ନାଲ୍‌କୋର ଚେୟାରମ୍ୟାନ୍ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଟାଟା ଷ୍ଟିଲ୍‌ର ରେସିଡେଣ୍ଟ ହେଡ୍ ଅଶ୍ୱିନ୍ ପ୍ରସାଦ ମହାନ୍ତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜିଲା

**ନାଲ୍‌କୋ ଓପନ ଟେନିସ୍**

ଟେନିସ୍ ଆସୋସିଏଶନ (ବିଡିଟିଏ)ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିବା ସୁରେଶ ଚନ୍ଦ୍ର ମହାପାତ୍ର, ବିଡିଟିଏ ସମ୍ପାଦକ ଶାଶ୍ୱତ ମିଶ୍ର, ଜଙ୍ଗଲ ବିଭାଗ ଅଧିକାରୀ ଦେବୀଦତ୍ତ ବିଶ୍ୱାଳ, ଏମ୍ସ ପ୍ରଫେସର ସରୋଜ କୁମାର ଦାସ ମଜୁମ୍‌ଦାର ଓ ବିଡିଟିଏ ଯୁଗ୍ମ ସମ୍ପାଦକ ଆର. ବିଶ୍ୱନାଥ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ସମସ୍ତ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ପୁରୁଷ ସିଙ୍ଗଲ୍ସ ବର୍ଗରେ କବୀର ହଂସ ୬-୨ ଓ ୬-୦ ଗୋଲରେ ପ୍ରତ୍ୟୁଷ ମହାନ୍ତିଙ୍କୁ ପରାସ୍ତ କରିଥିଲେ। ମହିଳା ସିଙ୍ଗଲ୍ସ ଫାଇନାଲରେ ଅଭୀପ୍ସା ଦେହୁରୀ ୬-୨ ଓ ୬-୨ରେ କ୍ରିଷ୍ଟାରାଜଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ଡବଲ୍ସ ଫାଇନାଲରେ କବୀର ହଂସ ଓ ଦେବାଶିଷ ସାହୁଙ୍କ ଯୋଡ଼ି ୬-୨, ୬-୨ ସେଟ୍‌ରେ ପ୍ରତ୍ୟୁଷ ମହାନ୍ତି ଓ ଅନୁରାଗ ଶରଣଙ୍କୁ ପରାସ୍ତ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଆଦିତ୍ୟ ବିକ୍ରମ୍ ଆଚାର୍ଯ୍ୟ ୬-୧, ୬-୭(୫), ୬-୪ରେ ଆହାନ୍ ମିଶ୍ରଙ୍କୁ ପରାସ୍ତ କରି ଟାଇଟଲ ହାତେଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ଅଭୀପ୍ସା ଦେହୁରୀ ଚମତ୍କାର ପ୍ରଦର୍ଶନ କରି ୬-୨, ୬-୦ରେ ସାନ୍‌ଭି ମହାନ୍ତିଙ୍କୁ ହରାଇଥିଲେ। ୧୮ ବର୍ଷରୁ କମ୍ ବାଳକ ବର୍ଗରେ ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ ୬-୨, ୬-୧ ସେଟ୍‌ରେ ଅଂଶୁମାନ ଆଚାର୍ଯ୍ୟଙ୍କୁ ପରାସ୍ତ କରିଥିଲେ। ୪୦+ ବୟସ ବର୍ଗରେ ସତୀର୍ଥ ପଟ୍ଟନାୟକ ଓ ଅରୁଣ କୁମାର ନାୟକଙ୍କ ଯୋଡ଼ି ଦୟାଲ ଗଙ୍ଗୱାର ଓ ଶାଶ୍ୱତ ଜେନା ଯୋଡ଼ିକୁ ୮-୬ରେ ପରାସ୍ତ କରିଛି। ୫୦+ ବୟସ ବର୍ଗରେ ଶାଶ୍ୱତ ଜେନା ଓ ଦୟାଲ ଗଙ୍ଗୱାର ଟାଇଟଲ ହାସଲ କରିଥିଲେ। ୬୦+ ବୟସ ବର୍ଗରେ ଅଜୟ ମହାପାତ୍ର ଓ ଏସ୍.ଏସ୍. ରଥ ଟାଇଟଲ ହାସଲ କରିଥିଲେ।

# ଇଷ୍ଟବେଙ୍ଗଲ ନିକଟରୁ ହାରିଲା ସ୍ପୋର୍ଟ୍ସ ଓଡ଼ିଶା

**ଭୁବନେଶ୍ୱର,୧୦।୧୨(ସରୋଜ ଜେନା)**

**ଇଣ୍ଡିଆନ୍ ଓମେନ୍ସ ଲିଗ୍**

କ୍ୟାପିଟାଲ ଫୁଟ୍‌ବଲ ଆରେନାରେ ଖେଳା ଯାଇଥିବା ଇଣ୍ଡିଆନ୍ ଓମେନ୍ସ ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଛି ସ୍ପୋର୍ଟ୍ସ ଓଡ଼ିଶା। ଦଳ ଇଷ୍ଟବେଙ୍ଗଲ ନିକଟରୁ ୨-୦ ଗୋଲରେ ପରାଜିତ ହୋଇଥିଲା। ଇଷ୍ଟବେଙ୍ଗଲ ପକ୍ଷରୁ ଶ୍ରୀବାନୀ ଦେବୀ ଓ ଏମ୍. ଦେବୀ କ୍ଷେତ୍ରୀମାୟୁଇ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

ମ୍ୟାଚ୍ ଆରମ୍ଭରୁ ଇଷ୍ଟବେଙ୍ଗଲ ଆକ୍ରମଣାତ୍ମକ ପ୍ରଦର୍ଶନ କରିବା ସହିତ ଓଡ଼ିଶାକୁ ଚାପରେ ରଖିଥିଲା। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ଓଡ଼ିଶା ଡିଫେଣ୍ଡରଙ୍କ ଦୁର୍ବଳତାରୁ ଫାଇଦା ଉଠାଇ ଇଷ୍ଟବେଙ୍ଗଲ ପ୍ରଥମ ଗୋଲ ସ୍କୋର କରିଥିଲା। ଶ୍ରିବାନୀ ଦେବୀ ଏହି ଗୋଲ୍‌ଟି କରି ଦଳକୁ ୧-୦ରେ ଆଗୁଆ କରିଥିଲେ। ଓଡ଼ିଶା ପ୍ରତି ଆକ୍ରମଣ କରିଥିଲେ ମଧ୍ୟ ଗୋଲ କରିବାରେ ସମର୍ଥ ହୋଇ ନ ଥିଲା। ଓଡ଼ିଶାର ଦୁଇଟି ଶଟ୍ ଟାର୍ଗେଟରେ ରହିଥିବା ବେଳେ ଗୋଟିଏ ବି ଗୋଲ ହୋଇ ନ ଥିଲା। ଓଡ଼ିଶା ଗୋଲ୍ କିପର ପ୍ରଥମ ହାଫ୍‌ରେ ଏକାଧିକ ଗୋଲ ବଞ୍ଚାଇଥିଲେ। ପ୍ରଥମାର୍ଦ୍ଧରେ ପଛୁଆ ରହିବା ପରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ ପାଇଁ ପ୍ରୟାସ କରିଥିଲା। ତେବେ ଇଷ୍ଟବେଙ୍ଗଲ ପକ୍ଷରୁ ଏମ୍. ଦେବୀ କ୍ଷେତ୍ରୀମାୟୁଇ ଦ୍ୱିତୀୟ ଗୋଲ୍ ସ୍କୋର କରିଥିଲେ। ଗୋଲ କିପର ସାମାନ୍ୟ ଆଗକୁ ଆସିଥିବା ବେଳେ ବକ୍ସ ବାହାରୁ ଶଟ୍ ମାରି ଏହାକୁ ଗୋଲରେ ପରିଣତ କରିଥିଲେ ଏମ୍. ଦେବୀ କ୍ଷେତ୍ରୀମାୟୁଇ। କଳିଙ୍ଗ ଷ୍ଟାଡିୟମରେ ସ୍ପୋର୍ଟ୍ସ ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ୍ ଓଡ଼ିଶା ଏଫ୍‌ସି ବିପକ୍ଷରେ ଖେଳିବ।

# ଭାରତକୁ ହରାଇଲା ପାକିସ୍ତାନ

**ଦୁବାଇ, ୧୦।୧୨ (ପି.ଟି.):** ଆଜାନ ଏୱାଇସ୍‌ଙ୍କ ଶତକ ସହାୟତାରେ ପାକିସ୍ତାନ ଏଠାରେ ଚାଲିଥିବା ୧୯ବର୍ଷରୁ କମ୍ ଏସିଆ କପ୍‌ରେ ଭାରତକୁ ୮ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଭାରତ ୫୦ ଓଭରରେ ୯ ଉଇକେଟ ବିନିମୟରେ ୨୫୯ ରନ କରିଥିଲା। ମ୍ୟାଚରେ ଭାରତର ସଚିନ ଧାସ୍ ୫୮ ଓ ଅଧିନାୟକ ଉଦୟ ଶରଣ ୬୦ ଏବଂ ଓପନର ଆଦର୍ଶ ସିଂ ୬୨ରନ୍ କରିଥିଲେ। ମହମ୍ମଦ ଜିଶାନ ୪୬ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଆଜାନ ୧୩୦ ବଲ୍‌ରେ ୧୦ ଚୌକା ସହ ଧୈର୍ଯ୍ୟପୂର୍ଣ୍ଣ ୧୦୫ ରନ କରି ଅପରାଜିତ ରହିଥିଲେ। ସେ ଦ୍ୱିତୀୟ ଉଇକେଟରେ ଓପନର ଶାର୍ଜେବ ଖାନ୍ (୮୮ବଲ୍‌ରୁ ୬୩) ଏବଂ ଅନ୍ୟ ୧୨୫ରନର ପାର୍ଟନରଶିପ୍ (୧୯.୧ ଓଭରରେ) ସାଦ୍ ବେଗ୍ ସହ କରିଥିଲେ। ବେଗ୍ ୫୧ ବଲ୍‌ରେ ୬୮ ରନ କରି ଅପରାଜିତ ରହିଥିଲେ। ସେ ୮ ଚୌକା ଓ ଗୋଟିଏ ଛକା ମାରିଥିଲେ। ଭାରତୀୟ ଅଧିନାୟକ ସହରନ ୭ଜଣ ବୋଲରଙ୍କୁ ନିୟୋଜିତ କରିଥିଲେ।

# ସାଇରୂପୀ, ସୁୟଶ ଚାମ୍ପିୟନ

**ଭୁବନେଶ୍ୱର, ୧୦।୧୨ (ବିଜୟ ରଣା)**

ମିଶନ ଅଲିମ୍ପିକ ସ୍ପୋର୍ଟ୍ସ ଫାଉଣ୍ଡେଶନ (ଏମ୍‌ଓଏସ୍‌ଏଫ୍)ଆନୁକୂଲ୍ୟରେ କେଟି ଗ୍ଲୋବାଲ ସ୍କୁଲ-ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀଠାରେ ଅଲଇଣ୍ଡିଆ ଟେନିସ ଆସୋସିଏଶନ (ଆଇଟା), ଓଡ଼ିଶା ଟେନିସ ଆସୋସିଏଶନ (ଓଟା) ଓ କେଟି ଗ୍ରାସ୍‌ରୁଟ୍ ଚାମ୍ପିୟନଶିପ୍ ସିରିଜ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଳିକା ସିଙ୍ଗଲ୍ସବିଭାଗରେ ଦ୍ୱିତୀୟ ସିଡ୍ ତଥା ଓଡ଼ିଶାର ସାଇରୂପୀ ସୌର୍ଯ୍ୟା ମହାନ୍ତି ଏବଂ ବାଳକ ସିଙ୍ଗଲ୍ସ ଟପ୍ ସିଡ୍ ଓଡ଼ିଶାର ସୁୟଶ ପଟ୍ଟନାୟକ ଚାମ୍ପିୟନ ହୋଇଛନ୍ତି। ସାଇରୂପୀ ଟପ୍ ସିଡ୍ ଓଡ଼ିଶାର ଶ୍ରେୟା ମହାପାତ୍ରଙ୍କୁ ୬-୪, ୩-୬, ୬-୪ରେ ହରାଇ ଦେଇଛନ୍ତି। ସେହିପରି ବାଳକ ସିଙ୍ଗଲ୍ସ ପ୍ରତିଯୋଗିତାରେ ଟପ୍ ସିଡ୍ ସୁୟଶ ଦ୍ୱିତୀୟ ସିଡ୍ ଓଡ଼ିଶାର ଗୁରୁବଂଶ ସିଂଙ୍କୁ ୬-୨, ୬-୧ ସେଟ୍‌ରେ ହରାଇ ଟାଇଟଲ ବିଜୟୀ ହୋଇଛନ୍ତି। ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ ଏବଂ କେଟି ଗ୍ଲୋବାଲ ସ୍କୁଲ ମିଳିତ ଭାବେ ନିୟମିତ ଆଇଟା ଟୁର୍ନାମେଣ୍ଟମାନ ଆୟୋଜନ କରି ଆସୁଛନ୍ତି। ଜାତୀୟ ସ୍ତରରେ ସେମାନଙ୍କ ଦକ୍ଷତା ପ୍ରତିପାଦନ କରିବା ଲାଗି ରାଜ୍ୟର ଉଦୀୟମାନ ସ୍ୱଳ୍ପ ବୟସ୍କ ଖେଳାଳିମାନଙ୍କ ଲାଗି ଏକ ଉପଯୁକ୍ତ ପ୍ଲାଟଫର୍ମ।



ବାଳକ ଓ ବାଳିକା ବିଭାଗର ଚାମ୍ପିୟନ ଏବଂ ରନରଅପ୍ ଖେଳାଳି।

# ୱେଷ୍ଟଇଣ୍ଡିଜ ୨-୧ରେ ସିରିଜ ବିଜୟୀ

**ବ୍ରିଜଟାଉନ୍, ୧୦।୧୨ (ଏପି):** କେସି କାର୍ଟିଙ୍କ ଅର୍ଦ୍ଧଶତକ ଏବଂ ରୋମାରିଓ ଶେଫର୍ଡଙ୍କ ୪୧ ରନ ସହାୟତାରେ ୱେଷ୍ଟଇଣ୍ଡିଜ ଏଠାରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ୧୪ ବଲ୍ ବାକିଥାଇ ୪ ଉଇକେଟରେ ଜିତିନେଇଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ୨-୧ରେ ବିଜୟ ହାସଲ କରିଛି। ସିମ୍ ବୋଲର ମାଥ୍ୟୁ ଫୋର୍ଡେଙ୍କ ତାଙ୍କ ପଦାର୍ପଣ ମ୍ୟାଚରେ ସେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇପାରିଛନ୍ତି। ସେ ୨୯ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିବା ବେଳେ ୧୩ ରନ କରି ଅପରାଜିତ ରହିଥିଲେ। ବର୍ଷାରେ ପ୍ରଭାବିତ ଏହି ମ୍ୟାଚର ଓଭର ସଂଖ୍ୟା ୪୦କୁ ହ୍ରାସ କରାଯାଇଥିଲା। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୯ ଉଇକେଟ ବିନିମୟରେ ୨୦୬ ରନ କରିଥିଲା। ପରେ ପୁଣି ବର୍ଷା ହେବାରୁ ଡିଏଲ୍‌ଏସ ପଦ୍ଧତି ଅନୁସାରେ ୱେଷ୍ଟଇଣ୍ଡିଜ ପାଇଁ ୩୪ ଓଭରରେ ୧୮୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଘରୋଇ ଦଳ ୩୧.୪ ଓଭରରେ ୬ ଉଇକେଟ ହରାଇ ୧୯୧ ରନ କରି ମ୍ୟାଚ ଜିତି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ଇନିଂସ : ୪୦ ଓଭରରେ ୨୦୬/୯ (ବେନ୍ ଡକେଟ-୭୧, ଲିଆମ ଲିଭିଙ୍ଗ ଷ୍ଟୋନ୍-୪୫; ମାଥ୍ୟୁ ଫୋର୍ଡ-୩/୨୯, ଅଲଜାରି ଜୋଶେଫ-୩/୬୧, ରୋମାରିଓ ଶେଫର୍ଡ-୨/୫୦)। ୱେଷ୍ଟଇଣ୍ଡିଜ: ୩୧.୪ ଓଭରରେ ୧୯୧/୬ (କେସି କାର୍ଟି-୫୦, ଆଲିକ୍ ଆଥାଞ୍ଜେ-୪୫, ରୋମାରିଓ ଶେଫର୍ଡ-୪୧*; ୱିଲ ଜ୍ୟାକ୍ସ-୩/୨୨, ଗସ୍ ଅଟିକିନ୍‌ସନ-୨/୫୮)।

# ଫାୟାର ଆର୍ମ ଟ୍ରେନିଂ ସାର୍ଟିଫିକେଟ ଶିବିର


ପ୍ରମାଣପତ୍ର ସହ ଅତିଥିଙ୍କ ଗହଣରେ ପ୍ରଶିକ୍ଷାର୍ଥୀ।

**ଭୁବନେଶ୍ୱର, ୧୦।୧୨ (ବିଜୟ ରଣା)**

ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ ଫାୟାର ଆର୍ମ ଟ୍ରେନିଂ ସାର୍ଟିଫିକେଟ ଶିବିର କଳିଙ୍ଗ ଷ୍ଟାଡିୟମର ୫୦ମିଟର ଫାୟାର ଆର୍ମ ଶୁଟିଂ ରେଞ୍ଜରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ରାଇଫଲ ଆସୋସିଏଶନର ଯୁଗ୍ମ ସମ୍ପାଦକ ତଥା ଆଇଏସ୍‌ଏସ୍‌ଏଫ୍ କୋଚ୍ ଆଶିଷ ନାୟକ ଓ କୋଷାଧ୍ୟକ୍ଷ ବଳଭଦ୍ର ଦାସ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୩ ଦିନ ଧରି ଅନୁଷ୍ଠିତ ଏହି ଶିବିରରେ ପ୍ରଶିକ୍ଷାର୍ଥୀମାନଙ୍କୁ ରାଇଫଲ, ପିସ୍ତଲ ଓ ଶଟ୍‌ଗନ ସମ୍ବନ୍ଧୀୟ ବ୍ୟବହାର ବିଧି, ସୁରକ୍ଷା ନିୟମ, ବନ୍ଧୁକ ଚାଳନା ଓ ଯତ୍ନ ଇତ୍ୟାଦି ପ୍ରଶିକ୍ଷଣ ଦିଆଯାଇଥିଲା। ୧୨ତମ ବ୍ୟାଚରେ ୧୫ଜଣ ଶିକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କୁ ଓଡ଼ିଶା ରାଇଫଲ ସଂଘ ସଭାପତି ଡ. ଗୌରି ମହାନ୍ତି ପ୍ରମାଣପତ୍ର ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ରାଜ୍ୟ ରାଇଫଲ ସଂଘ ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ଓ ଜାତୀୟ ରାଇଫଲ ସଂଘର ବରିଷ୍ଠ ଉପ ସଭାପତି କଳିକେଶ ନାରାୟଣ ସିଂଦେଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ବର୍ଷା ଯୋଗୁ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ବାତିଲ

**ଡର୍ବାନ, ୧୦।୧୨(ପି.ଟି.)**

ଲଗାଣ ବର୍ଷା ଯୋଗୁ ଏଠାରେ ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁଥିବା ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ୍‌କୁ ବାତିଲ କରିଦିଆଯାଇଛି। ଏପରିକି ମ୍ୟାଚ୍ ପାଇଁ ଟସ୍ ମଧ୍ୟ ପଡ଼ି ନ ଥିଲା। ଆସନ୍ତାବର୍ଷ ୱେଷ୍ଟଇଣ୍ଡିଜ ଓ ୟୁଏସ୍‌ଏରେ ହେବାକୁଥିବା ଟି୨୦ ବିଶ୍ୱକପ୍ ପୂର୍ବରୁ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷ ଅବଶିଷ୍ଟ ଦୁଇଟି ଟି୨୦ ଏବଂ ଜାନୁୟାରୀରେ ଆଫଗାନିସ୍ତାନ ବିପକ୍ଷରେ ୩ଟି ଗେମ୍ ଖେଳିବ। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ତୃତୀୟ ଟି୨୦ ମଙ୍ଗଳବାର ଖେଳାଯିବ।

# କିଶୋର କ୍ଲବ ଚାମ୍ପିୟନ

**ଭୁବନେଶ୍ୱର, ୧୦।୧୨ (ତପନ ସ୍ୱାଇଁ)**

**ଭୁବନେଶ୍ୱର 'ଏ' ଡିଭିଜନ ଫୁଟବଲ ଲିଗ୍**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା 'ଗତିକୃଷ୍ଣ ପଣ୍ଡା ମେମୋରିଆଲ' ଭୁବନେଶ୍ୱର 'ଏ' ଡିଭିଜନ ଫୁଟବଲ ଲିଗ୍‌ରେ କିଶୋର କ୍ଲବ ଚାମ୍ପିୟନ ହୋଇଛି। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ରବିବାର ଅନୁଷ୍ଠିତ ଫାଇନାଲରେ କିଶୋର କ୍ଲବ ୫-୦ ଗୋଲରେ କ୍ଲବ-୭୩କୁ ପରାସ୍ତ କରିଛି। କିଶୋର କ୍ଲବ ପକ୍ଷରୁ ପପୁ ମାଝୀ ୨୭ ଓ ୬୫ତମ ମିନିଟରେ ୨ଟି ଏବଂ ବେଞ୍ଜାମିନ୍ ମୁର୍ମୁ ୨୦, ସୌରଭ ଚୌଧୁରୀ ୪୦, ଭବାନୀ ବେନାଲ ୫୮ ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମହିଳା ଆଥଲେଟ୍ ପ୍ରଣତି ମିଶ୍ର ଅତିଥିଭାବେ ଯୋଗଦେଇ ପପୁ ମାଝିଙ୍କୁ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଗତିକୃଷ୍ଣ ପଣ୍ଡାଙ୍କ ପୁତ୍ର ବିଷ୍ଣୁ ପ୍ରସାଦ ପଣ୍ଡା ଏବଂ ଆସୋସିଏଶନ କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି। ରେଫରି ଶିବ ଶଙ୍କର ପଣ୍ଡା ଫାଇନାଲ ମ୍ୟାଚ ପରିଚାଳନା କରିଥିଲେ। ତାଙ୍କୁ ସହାୟତା କରିଥିଲେ ସୁଜିତ ପାତ୍ର ଓ ଶିବ ସାମନ୍ତରାୟ। ସୁଜିତ ପାତ୍ର ଚତୁର୍ଥ ରେଫରି ଏବଂ ସୁଦୀପ୍ତା ଦାଶ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।


ଟ୍ରଫି ସହ ଚାମ୍ପିୟନ କିଶୋର କ୍ଲବ୍‌ର ଖେଳାଳି।

# ୟୁଏସ୍‌ଏକୁ ହରାଇ ଭାରତ ୯ମ

**ସାଣ୍ଟିଆଗୋ (ଚିଲି),୧୦।୧୨(ପି.ଟି.)**

ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍‌ଏ)କୁ ୩-୨ ସଡନଡେଥ୍ ଗୋଲ୍‌ରେ ହରାଇ ଭାରତ ଏଠାରେ ଚାଲିଥିବା ଜୁନିୟର ମହିଳା ହକି ବିଶ୍ୱକପ୍‌ରେ ୯ମ ସ୍ଥାନ ଅଧିକାର କରିପାରିଛି। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଏହି କ୍ଲାସିଫିକେଶନ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଖେଳ ୨-୨ ଗୋଲ୍‌ରେ ଅମୀମାଂସିତ ଭାବେ ଶେଷ ହୋଇଥିଲା। ସଡନଡେଥ୍‌ରେ ଭାରତୀୟ ଗୋଲ୍‌କିପର ମାଧୁରୀ କିଣ୍ଡୋ ଚମତ୍କାର ପ୍ରଦର୍ଶନ କରି ବିପକ୍ଷ ଦଳର ପ୍ରଚେଷ୍ଟାକୁ ଅକାମୀ କରିଦେଇଥିଲେ। ରତୁଜା ଡାଡାସୋ ପିସାଲ ତାଙ୍କ ଶଟ୍‌କୁ ଗୋଲ୍‌ରେ ପରିଣତ କରିବାରେ ସଫଳ ରହିବାରୁ ଭାରତ ବିଜୟ ହାସଲ କରିଥିଲା। ନିର୍ଦ୍ଧାରିତ ୬୦ ମିନିଟ୍ ଖେଳରେ ଭାରତର ମଞ୍ଜୁ ଚୋରସିୟା (୧୧ତମ) ଓ ସୁନେଲିତା ଟପ୍ପୋ (୫୭ତମ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିବା ବେଳେ ୟୁଏସ୍‌ଏ ତରଫରୁ କିର୍ଷ୍ଟେନ ଥୋମାସି (୨୭ ଓ ୫୩ତମ) ଦୁଇଟି ଗୋଲ ଦେଇଥିଲେ। ପେନାଲ୍‌ଟି ଶୁଟ୍‌ଆଉଟ୍‌ରେ ଭାରତ ପକ୍ଷରୁ ମମ୍‌ତାଜ ଖାନ୍ ଓ ରତୁଜା ଡାଡାସୋ ପିସାଲ ଗୋଲ ଦେବାରେ ସଫଳ ହୋଇଥିଲେ। ଅନ୍ୟପକ୍ଷରେ ୟୁଏସ୍‌ଏ ତରଫରୁ କେଟି ଡକ୍ସନ ଏବଂ ଓଲିଭିଆ ବେଣ୍ଟ-କୋଲ୍ ଗୋଲ ଦେବାରୁ ମ୍ୟାଚ୍ ପେନାଲ୍ଟି ଶୁଟ୍‌ଆଉଟକୁ ଯାଇଥିଲା।

# କିସ୍ ବାଳିକା ଓ ବାଳକ ବର୍ଗରେ ଚାମ୍ପିୟନ

**ଖୁଣ୍ଟା,୧୦।୧୨(ଦେବରଞ୍ଜନ ବେହେରା)**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ଭୋଲାଗଡ଼ିଆ ପଞ୍ଚାୟତସ୍ଥିତ ମିନି ଷ୍ଟାଡିୟମଠାରେ ଓଡ଼ିଶା ସରକାର ଏବଂ ଓଡ଼ିଶା ରଗବୀ ଆସୋସିଏଶନ ପକ୍ଷରୁ ମୟୂରଭଞ୍ଜ ଜିଲା ରଗବୀ ଫୁଟବଲ ଆସୋସିଏଶନ ଆନୁକୁଲ୍ୟରେ ୮ମ ବାର୍ଷିକ ରାଜ୍ୟସ୍ତରୀୟ ସବ୍ ଜୁନିୟର ରଗବୀ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ

**ରାଜ୍ୟସ୍ତରୀୟ ସବ୍ ଜୁନିୟର ରଗବୀ**

କନ୍ଧମାଳ, କୋରାପୁଟ, ମୟୂରଭଞ୍ଜ, ବାଲେଶ୍ୱର,ଯାଜପୁର, ଗଞ୍ଜାମ, କେନ୍ଦୁଝର, କିସ ଭୁବନେଶ୍ୱର ଓ ସମ୍ବଲପୁର ଆଦି ମୋଟ ୨୪ ବାଳିକା, ବାଳକ ଟିମ୍ ଅଂଶ ଗ୍ରହଣ କରିଥିଲେ। ୧୪ ବର୍ଷରୁ କମ୍ ବାଳିକା ବର୍ଗ ଫାଇନାଲ ମ୍ୟାଚ କିସ୍ ଓ ମୟୂରଭଞ୍ଜ ରଗବୀ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କିସ୍ ଟିମ୍ ୨୦-୦ ପଏଣ୍ଟରେ ଚାମ୍ପିୟନ ହୋଇଥିଲା। ସେହିପରି ୧୪ ବର୍ଷରୁ କମ୍ ବାଳକ ବର୍ଗରେ କିସ୍ ଓ ଯାଜପୁର ରଗବୀ ଫୁଟବଲ ଟିମ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଲା। ଏଥିରେ କିସ୍ ଟିମ୍ ୧୫-୦ ପଏଣ୍ଟରେ ଚାମ୍ପିୟନ ହୋଇଥିଲା।

ଉଦ୍‌ଯାପାନୀ ଉତ୍ସବରେ ଅତିଥି ଭାବେ ଜିଲା ରଗବୀ ଟିମ୍‌ର ଆମ୍ଭାସଡର ତଥା ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ଖୁଣ୍ଟା ବ୍ଲକ ଅଧକ୍ଷା ସୁଧନ୍ୟା ନାଏକ, ଜିଲା କ୍ରୀଡ଼ା ଅଧିକାରୀ ଅବନୀ ମହାନ୍ତି, ଓଡ଼ିଶା ରଗବୀ ଫୁଟବଲ ଏସୋସିଏସନର ଜେନରାଲ ସେକ୍ରେଟାରୀ ଉପେନ୍ଦ୍ର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ସୁଶାନ୍ତ ସାହୁ, ଭାରତୀୟ ରଗବୀ ଫୁଟବଲର ଆସିଷ୍ଟାଣ୍ଟ କୋଚ ମାନସ କୁମାର ଜେନା, ଜିଲା ରଗବୀ ଫୁଟବଲ ଆସୋସିଏସନର ସଭାପତି ସୁନାରାମ କିସ୍କୁ ଓ ସମ୍ପାଦକ ଜେ. ସୁଶିଲ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଭିତରକନିକା ଇକୋ ରିଟ୍ରିଟ୍**

# ପର୍ଯ୍ୟଟକଙ୍କ ଆକର୍ଷଣ ସାଜିଛି ଜୈବ ବିବିଧତା

କେନ୍ଦ୍ରାପଡ଼ା, ୧୦।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜନଗର ପେଣ୍ଠ ବେଳାଭୂମିରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭିତରକନିକା ଇକୋ ରିଟ୍ରିଟ୍ ଚଳିତମାସ ୧ ତାରିଖରୁ ଆରମ୍ଭ ହୋଇଛି। ଏଥିସହ ଶୀତଋତୁର ଆରମ୍ଭରୁ ବିଦେଶାଗତ ପକ୍ଷୀଙ୍କ ସମାହାର ପାଇଁ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଜୈବ ବିବିଧତାରେ ପରିପୂର୍ଣ୍ଣ ୬୭୨ବର୍ଗକିମି ଅଞ୍ଚଳ ଲୁଣା ଓ ମଧୁର ଜଳର ସମ୍ମିଶ୍ରଣରେ ସୃଷ୍ଟି ହୋଇଥିବା ହେନ୍ତାଳବଣ ବହିରାଗତ ଲୋକଙ୍କ ଆକର୍ଷଣ ସାଜିଛି। ଲୁଣା କୁମ୍ଭୀର, ବଗଗହଣ, ବିରଳ ପ୍ରଜାତିର ଅଲିଭ୍‌ରିଡ୍‌ଲେ, ଦାଗଯୁକ୍ତ ହରିଣ, ଶମ୍ବର, ବାର୍‌ହା, ଶିଆଳ, ଜଙ୍ଗଲୀ ବିଲେଇ, ଚିତା ବିଲେଇ, ହାଇନା, ନେଉଳ, ଓଧଠାରୁ ଆରମ୍ଭ କରି ଦେଶୀ ବିଦେଶୀ ପକ୍ଷୀଙ୍କ ସମାହାର, ସରୀସୃପ ଦିବାଲୋକରେ ମନମୋହୁଛି। ଏବେ ଦୈନିକ ୫ ଶହରୁ



ଊର୍ଦ୍ଧ୍ୱ ପର୍ଯ୍ୟଟକ ଭିତରକନିକା ବୁଲିବାକୁ ଆସୁଛନ୍ତି । ଭିତରକନିକା ଇକୋ ରିଟ୍ରିଟ୍ ସମ୍ପର୍କରେ କୋଲକାତାରୁ ଆସିଥିବା ପର୍ଯ୍ୟଟକ ରାମନାଥ ମଣ୍ଡଳ କହିଛନ୍ତି, ଏହି ଅଞ୍ଚଳ ପ୍ରାକୃତିକ ପରିବେଶର ଗନ୍ତାଘର। ପେଣ୍ଠ, ସାତଭାୟା, ବରୁଣେଇ ବେଳାଭୂମିରେ ପଡୁଥିବା ଚିକ୍‌ମିକ୍ ବାଲି, ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷରାଜି ସହିତ ହେନ୍ତାଳ ବଣ, ବହିରାଗତ ପକ୍ଷୀଙ୍କ ସମାବେଶ, ନଦୀର ଦୁଇ ପଠା ଅଞ୍ଚଳରେ ଲୁଣା କୁମ୍ଭୀର, ନାଲି କଙ୍କଡ଼ା, ବିଭିନ୍ନ ପ୍ରକାର ମାଛ ଆଦି ଦେଖିବା ପରେ ମନ ଉତ୍‌ଫୁଲ୍ଲିତ ହୋଇଛି। ଏହାର ଫଟୋ ଉଠାଇ ମଜା ନେଇଛି। ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ଏହି ଅଞ୍ଚଳ କନିକା ରାଜାଙ୍କ ଅଧୀନରେ ଥାଇ ବନ୍ୟଜନ୍ତୁ ଶିକାର ସ୍ଥଳ ଭାବେ ପରିଚିତ ଥିଲା। ୧୯୫୨ ଜମିଦାରି ଉଚ୍ଛେଦ ପରେ ଏହି ଅଞ୍ଚଳକୁ ରାଜ୍ୟ ବନ ବିଭାଗକୁ ହସ୍ତାନ୍ତର ହୋଇଥିଲା। ୧୯୭୫ରେ ବନ୍ୟଜନ୍ତୁ ସଂରକ୍ଷିତ ଅଞ୍ଚଳ ଭାବେ ଘୋଷଣା ହୋଇଥିଲା। ୟୁଏନ୍‌ଡିପିର ମୁଖ୍ୟ ପରାମର୍ଶଦାତା ଡ. ବଷ୍ଟାର୍ଡ ଭିତରକନିକାରେ ପ୍ରସିଦ୍ଧ ଲୁଣା କୁମ୍ଭୀର ସଂରକ୍ଷଣ ପ୍ରକଳ୍ପ ଆରମ୍ଭ କରିଥିଲେ। ପ୍ରକଳ୍ପ ସମୟରେ ବିରଳ ପ୍ରଜାତିର ଅଲିଭ୍‌ରିଡ୍‌ଲେ ଗହୀରମଥାର ସାମୁଦ୍ରିକ ଅଞ୍ଚଳରେ ପ୍ରଜନନ ପାଇଁ ଆସୁଥିବା ଅନୁଧ୍ୟାନ କରିଥିଲେ। ତାଙ୍କ ପ୍ରସ୍ତାବକ୍ରମେ ୧୯୯୭ରେ ବଙ୍ଗୋପସାଗରର ଏହି ୧୪୫ ବର୍ଗ କିଲୋମିଟର ଅଞ୍ଚଳକୁ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ଘୋଷଣା ହେଲା। ୧୯୯୮ ସେପ୍ଟେମ୍ବର ୧୬ରେ ଭିତରକନିକାକୁ ଜାତୀୟଉଦ୍ୟାନର ମାନ୍ୟତା ମିଳିଛି। ପ୍ରାକୃତିକ ପରିବେଶ ସହ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଡଲ୍‌ଫିନ ଆଦି ସାମୁଦ୍ରିକ ପ୍ରାଣୀ ଦେଖିବାକୁ ମିଳୁଛି। ଇକୋ ରିଟ୍ରିଟ୍ ସମ୍ପର୍କରେ ସ୍ଥାନୀୟ ବିଧାୟକ ଧ୍ରୁବ ସାହୁ କହିଛନ୍ତି, ରାଜ୍ୟ ସରକାରଙ୍କ ଏହି ଅଭିନବ ପ୍ରୟାସ ଭିତରକନିକାକୁ ଜାଣିବା ପାଇଁ ବିଶ୍ୱବାସୀଙ୍କୁ ଆହ୍ୱାନ ଦେଇଛି। ଏହାଦ୍ୱାରା ଭିତରକନିକାର ପ୍ରଚାର ହେବା ସହ ସ୍ଥାନୀୟ ଅର୍ଥନୈତିକ ବିକାଶ ହେବ। ରହଣି ଓ ଭ୍ରମଣ ପାଇଁ ବିଳାସପୂର୍ଣ୍ଣ କଟେଜରେ ୩ ତାରକା ହୋଟେଲର ସମସ୍ତ ବ୍ୟବସ୍ଥା ଥିବାରୁ ପର୍ଯ୍ୟଟକଙ୍କ ଅସୁବିଧା ହେବନାହିଁ। ଦିନରେ ଭିତରକନିକାର ନୈସର୍ଗିକ ଶୋଭା ପର୍ଯ୍ୟଟକ ପାଇପାରୁଛନ୍ତି। ସେହିପରି ଇକୋ ରିଟ୍ରିଟ୍ ସ୍ଥଳରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ବ୍ୟବସାୟୀଙ୍କ ଦ୍ୱାରା ପରିଚାଳିତ ଷ୍ଟଲ୍‌ରେ ବ୍ୟବସାୟ ଚାଲିଛି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଜାତୀୟଉଦ୍ୟାନ ଭିତରକନିକାର ଅନ୍ତର୍ଜାତୀୟସ୍ତରରେ ସୁନାମ ଅଛି। ଏହାର ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ବେଳେ ବର୍ଷସାରା ଭିଡ଼ ହୋଇଥାଏ। ଇକୋ ରିଟ୍ରିଟ୍ ସ୍ଥଳ ବ୍ୟତୀତ ପର୍ଯ୍ୟଟନ ବିଭାଗ ପକ୍ଷରୁ ୭ଟି ସ୍ଥାନରେ ପାନ୍ଥଶାଳା ଓ ଯାତ୍ରୀନିବାସ ଅଛି। ଇକୋ ରିଟ୍ରିଟ୍ ଦେଶବିଦେଶର ପର୍ଯ୍ୟଟକଙ୍କୁ ଭିତରକନିକା ପ୍ରତି ଆକର୍ଷିତ କରୁଛି ବୋଲି ସେ କହିଛନ୍ତି।

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ସୁନୀଲ କୁମାର ସାହୁ (ପ୍ରୋପ୍ରାଇଟର)
ମୋ-୯୭୭୭୮୩୭୯୮୪
ମା'ମହାଲକ୍ଷ୍ମୀ ଷ୍ଟୋନ କ୍ରସର
ପୋଟିଲିମା, ବୁଗୁଡାପାଲି, ଫୋନ ନଂ-୮୧୧୭୯୩୦୩୦୩

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ନବୀନ ଓଡ଼ିଶା ଗଠନରେ ଯୋଗ ଦିଅନ୍ତୁ । ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ମନୋଜ କୁମାର ପଲେଇ
ବିଜେଡି ଉପସଭାପତି, ଗଞ୍ଜାମ ଜିଲ୍ଲା (ହିଞ୍ଜିଳିକାଟୁ)

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ସାରୁ ଗ୍ରାମ ପଞ୍ଚାୟତର ଉନ୍ନତି ନିମନ୍ତେ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନିବେଦନ । ଶ୍ରୀଜଗନ୍ନାଥ, ମା' ତାରାତାରିଣୀ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ନୀଳାଂଚଳ ସାହୁ
ସରପଞ୍ଚ, ସାରୁ ଗ୍ରାମପଞ୍ଚାୟତ ହିଞ୍ଜିଳିକାଟୁ ବ୍ଲକ

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଆମ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ପ୍ରିୟ । ଆମ୍ଭର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ନେତୃତ୍ୱରେ ଏକ ସମୃଦ୍ଧିଶାଳୀ ରାଜ୍ୟ ଗଠନ ପାଇଁ ନବୀନ ଓଡ଼ିଶାକୁ ସହଯୋଗ କରନ୍ତୁ । ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ଦେବାନନ୍ଦ ମହାପାତ୍ର
ସାଧାରଣ ସମ୍ପାଦକ, ଓଡ଼ିଶା ବିଜେଡି

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଶ୍ରୀଜଗନ୍ନାଥ, ମା' ତାରାତାରିଣୀ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ନୀଳମଣି ପଟ୍ଟନାୟକ
ଆସିକା ସାଂସଦଙ୍କ ରାଜନୈତିକ ସହାୟକ ସମ୍ପାଦକ, ଓଡ଼ିଶା ମୋ ପରିବାର

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ନବୀନ ଓଡ଼ିଶା ଗଠନରେ ସମସ୍ତେ ସହାୟ ହୁଅନ୍ତୁ । ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରାନ୍ତୁ ।
ସଞ୍ଜୟ କୁମାର ପଣ୍ଡା
ସଭାପତି,ଯୁବ ବିଜେଡି ହିଞ୍ଜିଳିକାଟୁ ପୌରାଞ୍ଚଳ ।

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
Contact for Booking: Marriage, Thread Ceremony & all type of functions (9438521315/9938883728)
SS ROYAL PALACE A/C
Hinjilicut

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ନବୀନ ଓଡ଼ିଶା ଗଠନରେ ସମସ୍ତେ ଯୋଗ ଦିଅନ୍ତୁ । ଶ୍ରୀଜଗନ୍ନାଥ, ମା' ତାରାତାରିଣୀ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ବି ରବୀନ୍ଦ୍ର
ବିଜେଡି ଯୁବନେତା ତଥା ପୂର୍ବତନ ସରପଞ୍ଚ ପୋଟିଲିମା ଗ୍ରାମପଞ୍ଚାୟତ, ହିଞ୍ଜିଳିକାଟୁ ବ୍ଲକ

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ରାଳବ ଗ୍ରାମପଞ୍ଚାୟତର ଉନ୍ନତି ନିମନ୍ତେ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନିବେଦନ । ଶ୍ରୀଜଗନ୍ନାଥ, ମା' ତାରାତାରିଣୀ ସମସ୍ତଙ୍କୁ ସୁଖ,ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ରଶ୍ମିତା ପ୍ରଧାନ — ସରପଞ୍ଚ, ରାଳବ ଗ୍ରା.ପ.(ହିଞ୍ଜିଳିକାଟୁ ବ୍ଲକ)
ରୀନା ପଲେଇ — ସମିତିସଭ୍ୟା, ରାଳବ ଗ୍ରା.ପ.(ହିଞ୍ଜିଳିକାଟୁ ବ୍ଲକ)

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ନନ୍ଦିକ ଗ୍ରାମପଞ୍ଚାୟତର ଉନ୍ନତି ନିମନ୍ତେ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନିବେଦନ । ଶ୍ରୀଜଗନ୍ନାଥ, ମା ତାରାତାରିଣୀ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
କୃଷ୍ଣଚନ୍ଦ୍ର ଭଉଳ
ସରପଞ୍ଚ, ନନ୍ଦିକ ଗ୍ରାମପଞ୍ଚାୟତ ହିଞ୍ଜିଳିକାଟୁ ବ୍ଲକ

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ହିଞ୍ଜିଳିକାଟୁ ମ୍ୟୁନିସିପାଲିଟିକୁ ରାଜ୍ୟର ଶ୍ରେଷ୍ଠ ସହରାଞ୍ଚଳ ଭାବେ ଗଠନ ନିମନ୍ତେ ସହରବାସୀ ସହଯୋଗ କରନ୍ତୁ । ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରାନ୍ତୁ ।
ସୁଚିତ୍ରା ପଣ୍ଡା
ଉପାଧକ୍ଷା, ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ନବୀନ ଓଡ଼ିଶା ଗଠନରେ ସମସ୍ତେ ଯୋଗ ଦିଅନ୍ତୁ । ଶ୍ରୀଜଗନ୍ନାଥ, ମା' ତାରାତାରିଣୀ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ଅଜୟ କୁମାର ମହାରଣା
ସଭାପତି, ଗଞ୍ଜାମ ଜିଲ୍ଲା ବିଶ୍ୱକର୍ମା ସମାଜ ସାଧାରଣ ସମ୍ପାଦକ, ବିଜେଡି ଗଞ୍ଜାମ ଜିଲ୍ଲା ତଥା ବିଜେଡି ପର୍ଯ୍ୟବେକ୍ଷକ ବାଲିଗୁଡ଼ା ବିଧାନସଭା

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଆମ୍ଭର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ନେତୃତ୍ୱରେ ହିଞ୍ଜିଳିକାଟୁ ସହରାଞ୍ଚଳର ୧୨ ନଂ. ୱାର୍ଡର ସାମଗ୍ରିକ ବିକାଶ ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରୁଛି । ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ରୁକ୍ମିଣୀ ବିଷୋୟୀ
୧୨ ନଂ. ୱାର୍ଡ ସଭ୍ୟା, ହିଞ୍ଜିଳିକାଟୁ ପୌରପରିଷଦ

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ସଞ୍ଜୟ କୁମାର ସ୍ୱାଇଁ — ବିଜେଡି ଯୁବନେତା, ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି
ସୁଜତା ସ୍ୱାଇଁ — ୱାର୍ଡ ସଭ୍ୟା ନଂ-୨୧, ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ନବୀନ ଓଡ଼ିଶା ଗଠନରେ ସମସ୍ତେ ଯୋଗ ଦିଅନ୍ତୁ । ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ଡି. ବିଶ୍ୱନାଥ
ଅଧ୍ୟକ୍ଷ, ଓଡ଼ିଶା ଗ୍ରାମ୍ୟ ଗୃହନିର୍ମାଣ ଓ ଉନ୍ନୟନ ନିଗମ ଲିଃ ଉପସଭାପତି, ବିଜେଡି ଗଞ୍ଜାମ ଜିଲ୍ଲା

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଶ୍ରେଷ୍ଠ ଭାରତ ଗଠନ ସଂକଳ୍ପ ନିମନ୍ତେ ହିଞ୍ଜିଳି ବିଧାନସଭାର ସମସ୍ତ ଜନସାଧାରଣଙ୍କୁ ନିବେଦନ । ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ଶିଶିର ମିଶ୍ର
ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଶ୍ରୀଜଗନ୍ନାଥ ଓ ମା' ତାରାତାରିଣୀ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ରଞ୍ଜନ କୁମାର ପ୍ରଧାନ
ହିଞ୍ଜିଳିକାଟୁ (ଗଞ୍ଜାମ)

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଶ୍ରୀଜଗନ୍ନାଥ ଓ ମା' ମହୁରୀ କାଳୁଆ ସମସ୍ତଙ୍କୁ ସୁଖ,ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ପିଙ୍କୁ ନାହାକ
ହିଞ୍ଜିଳିକାଟୁ, ଗଞ୍ଜାମ

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ନବୀନ ଓଡ଼ିଶା ଗଠନରେ ଯୋଗ ଦିଅନ୍ତୁ । ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ସୁରେନ୍ଦ୍ର ପ୍ରଧାନ
ପରାମର୍ଶଦାତା, ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡ ସଭାପତି, ବିଜେଡି ହିଞ୍ଜିଳିକାଟୁ ବ୍ଲକ

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଆମ୍ଭର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ନେତୃତ୍ୱରେ ଏକ ସମୃଦ୍ଧିଶାଳୀ ରାଜ୍ୟ ଗଠନ ପାଇଁ ନବୀନ ଓଡ଼ିଶାକୁ ସହଯୋଗ କରନ୍ତୁ । ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରାନ୍ତୁ ।
ସନ୍ତୋଷ କୁମାର ପଟ୍ଟନାୟକ (ପିଣ୍ଟୁ)
ଅଲାରିଗଡ଼,ସଭାପତି ଯୁବ ବିଜେଡି ଶେରଗଡ଼ ବ୍ଲକ

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ସେଲ୍: 9338090916, 9861450627, 7978956976
ନ୍ୟୁ କାଶୀନାଥ ମେଡ଼ିକାଲ୍ ଷ୍ଟୋର୍
ବିଜୁ ପଟ୍ଟନାୟକ ଛକ, ହିଞ୍ଜିଳିକାଟୁ, ଗଞ୍ଜାମ
ଡାକ୍ତରୀ ପରାମର୍ଶ ସହ ସମସ୍ତ ପ୍ରକାର ଔଷଧ ବିକ୍ରୟ କରାଯାଏ

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଓଡ଼ିଶାବାସୀଙ୍କ ଆଶା, ନବୀନ ଓଡ଼ିଶା ।
ପବିତ୍ର ମୋହନ ପାଣିଗ୍ରାହୀ — ଅଧ୍ୟକ୍ଷ, ଗଞ୍ଜାମ ଆଞ୍ଚଳିକ ଉନ୍ନୟନ ସଂସ୍ଥା (ଗ୍ରାଟ) ତଥା ସାଧାରଣ ସମ୍ପାଦକ ବିଜେଡି ଗଞ୍ଜାମ ଜିଲ୍ଲା
ଗୌରୀ ପାଣିଗ୍ରାହୀ — ପୂର୍ବତନ ଅଧ୍ୟକ୍ଷା ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି

ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
କୃଷ୍ଣ ନାୟକ
ପ୍ରୋପାଇଟର୍
9437006333
9437305653
9861584785
ବିନାୟକ ଜୁଏଲର୍ସ
91.6 KDM, 22ct ଏବଂ 23ct ସୁନା ଓ ରୂପା ଅଳଙ୍କାର ବିକ୍ରି କରାଯାଏ
ମେଇନ୍ ରୋଡ଼, ହିଞ୍ଜିଳିକାଟୁ (ଗଞ୍ଜାମ)

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ହିଞ୍ଜିଳିକାଟୁ ମ୍ୟୁନିସିପାଲିଟିକୁ ରାଜ୍ୟର ଶ୍ରେଷ୍ଠ ସହରାଂଚଳ ଭାବେ ଗଠନ ନିମନ୍ତେ ସହରବାସୀ ସହଯୋଗ କରନ୍ତୁ । ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ସୁବାସ ଚନ୍ଦ୍ର ପଲେଇ
ଅଧ୍ୟକ୍ଷ, ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି

# ଅନ୍ତିମ ଟି୨୦ ଜିତିଲା ଭାରତ

ମୁମ୍ବାଇ,୧୦।୧୨

ଇଂଲଣ୍ଡ ବିପକ୍ଷ ଅନ୍ତିମ ଟି ୨୦ ମ୍ୟାଚକୁ ୫ ଉଇକେଟରେ ଜିତିନେଇଛି ଭାରତ। ପୂର୍ବରୁ ଇଂଲଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଜିତି ସାରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୨୬ ରନ୍‌ରେ ଅଲଆଉଟ୍ ହୋଇଥିଲା। ସାଇକା ଇଶାକ୍ ଓ ଶ୍ରେୟଙ୍କା ପାଟିଲ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତ ୧୯ ଓଭରରେ ୫ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଇଂଲଣ୍ଡକୁ ୨୬ ରନ୍‌ରେ ୩ ଉଇକେଟ ହରାଇଥିଲା। ଆମି ଜୋନ୍ସ(୨୫) ଓ ହିଥର୍ ନାଇଟ ତୃତୀୟ ଉଇକେଟରେ ୪୧ ରନ୍ ଯୋଡିଥିଲେ। ହିଥର ନାଇଟ୍ ନିମ୍ନକ୍ରମ ବ୍ୟାଟରଙ୍କ ସହ ମିଶି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ୪୨ ବଲ୍ ଖେଳି ସେ ୩ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ସାଇକା ଇଶାକ୍ ଓ ଶ୍ରେୟାଙ୍କା ପାଟିଲ ୩ଟି ଲେଖାଏ ଉଇକେଟ ନେଇଥିବା ବେଳେ ଅମନଜୋତ କୌର ଓ ରେଣୁକା ସିଂ ୨ଟି ଲେଖାଏ ଉଇକେଟ ନେଇଥିଲେ।

୧୨୭ ରନ୍ ଜବାବରେ ଶେଫାଳି ବର୍ମା ୬ ରନ୍ କରି ଆଉଟ ହୋଇଥିଲେ। ତେବେ ସ୍ମୃତି ମାନ୍ଧନା(୪୮) ଓ ଜେମିମା ରୋଡ୍ରିଗୁଏଜ(୨୯) ଦ୍ୱିତୀୟ ଉଇକେଟରେ ୫୭ ରନ୍ ଯୋଡିଥିଲେ। ଦୀପ୍ତି ଶର୍ମା(୧୨) ଓ ମନ୍ଧାନାଙ୍କ ମଧ୍ୟରେ ୨୬ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ୪୮ ବଲ୍ ଖେଳି ମନ୍ଧାନା ବଲ୍ ପିଛା ରନ୍ କରିଥିବା ବେଳେ ଏହି ଇନିଂସରେ ୫ ଚୌକା ଓ ୨ ଛକା ସାମିଲ ଥିଲା। ଅନ୍ତିମ ଓଭର ଆଡକୁ ଉଇକେଟ ହରାଇ ସଙ୍କଟରେ ପଡିଥିଲେ ହେଁ ଅମନଜୋତ କୌର ଜିତାଇଥିଲେ। ଇଂଲଣ୍ଡ ପକ୍ଷରୁ ଫ୍ରେୟା କେମ୍ପ ଓ ସୋଫି ଏକେଲଷ୍ଟୋନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଚାର୍ଲୋଟ୍ ଡିନ୍ ଅନ୍ୟ ଉଇକେଟଟି ନେଇଥିଲେ।


ସାଇକା ଇଶାକ୍


ଶ୍ରେୟଙ୍କା ପାଟିଲ

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୨୦ ଓଭରରେ ୧୨୬/୧୦ (ହିଥର ନାଇଟ୍-୫୨, ଏମି ଜୋନ୍ସ-୨୫, ଶ୍ରେୟଙ୍କା ପାଟିଲ-୩/୧୯, ସାଇକା ଇଶାକ୍-୩/୨୨, ରେଣୁକା ସିଂ-୨/୨୨, ଅମନଜୋତ୍ କୌର-୨/୨୫। ଭାରତ ୧୯ ଓଭରରେ ୧୨୭/୫ (ସ୍ମୃତି ମାନ୍ଧନା-୪୮, ଜେମିମା ରୋଡ୍ରିଗୁଏଜ-୨୯, ଫ୍ରେୟା କେମ୍ପ-୨/୨୪, ସୋଫି ଏକେଲଷ୍ଟୋନ-୨/୪୦, ଚାର୍ଲୋଟ୍ ଡିନ୍-୧/୧୮)।

**ରାଜ୍ୟସ୍ତରୀୟ ମହିଳା ଭଲିବଲ**

# ପୂର୍ବତଟ ରେଳପଥ ଚାମ୍ପିୟନ

ବୌଦ୍ଧ, ୧୦।୧୨ (ଅଜିତ୍ କୁମାର ବାରିକ)

ବୌଦ୍ଧ ଜିଲା ଷ୍ଟାଡିୟମରେ ଚାଲିଥିବା ୭୦ତମ ରାଜ୍ୟସ୍ତରୀୟ ସିନିୟର ମହିଳା ଭଲିବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୂର୍ବତଟ ରେଳପଥ ଚାମ୍ପିୟନ ହୋଇଛି। ରାଜ୍ୟ ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଓ ଜିଲା କ୍ରୀଡ଼ା ସଂଘ ସହଯୋଗରେ ଏହି ପ୍ରତିଯୋଗିତା ହୋଇଥିଲା। ଏଥିରେ କିଟ୍ ଭୁବନେଶ୍ୱର, ପାରାଦୀପ ପୋର୍ଟ ଟ୍ରଷ୍ଟ, କେନ୍ଦ୍ରାପଡ଼ା, କନ୍ଧମାଳ, ବଲାଙ୍ଗୀର, ସୁନ୍ଦରଗଡ଼, ଢେଙ୍କାନାଳ, ଭୁବନେଶ୍ୱର, ପୂର୍ବତଟ ରେଳପଥ ଓ ଜଗତ୍‌ସିଂହପୁର ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ କିଟ୍ ଭୁବନେଶ୍ୱର ଓ ପୂର୍ବତଟ ରେଳପଥ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୂର୍ବତଟ ରେଳପଥ ୨୫-୨୧ ଓ ୨୫-୧୪ରେ କିଟ୍ ଭୁବନେଶ୍ୱରକୁ ହରାଇ ପ୍ରତିଯୋଗିତାର ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀରେ ମୁଖ୍ୟ ଅତିଥିଭାବେ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ, ସମ୍ମାନିତ ଅତିଥିଭାବେ କଣ୍ଟାମାଳ ବିଧାୟକ ମହୀଧର ରଣା, ପୂର୍ବତନ ଜିଲାପାଳ ଲଲାଟେନ୍ଦୁ ମିଶ୍ର, କ୍ରୀଡ଼ା ପ୍ରତିଯୋଗିତାର ସଂଯୋଜକ ତଥା ବୌଦ୍ଧ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପାତ୍ର, ଉପଜିଲାପାଳ ରବୀନ୍ଦ୍ରନାଥ କହଁର, ରାଜ୍ୟ ଭଲିବଲ ସଂଘର ସାଧାରଣ ସମ୍ପାଦକ ଡ. ଗଗନେନ୍ଦୁ ଦାସ, କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି ତାରେଣୀ ମହାପାତ୍ର, ଜିଲା କ୍ରୀଡ଼ା ସଂଘର ଉପସଭାପତି ଧୂରୀଣ କୁମାର ଦେହୁରୀ, ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦ ହଜାର ଓ ରନରଅପ୍ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଏବଂ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଥିବା ଜଗତ୍‌ସିଂହପୁର ଦଳକୁ ୧୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ସମସ୍ତ ଖେଳକୁ ରେଫରି ଭାବେ ଶୁଭସ୍ମିତା ପରିଡ଼ା, ଭି. ଶ୍ୱାତିଲତା ରେଡ୍ଡୀ, ସୁଜାତା ବିଶ୍ୱାଳ, ସଞ୍ଜୀବ କୁମାର ପଣ୍ଡା, ରଞ୍ଜନ କୁମାର ସାହୁ ଓ ଦିଲୀପ ପଟେଲ ପ୍ରମୁଖ ପରିଚାଳନା କରିଥିଲେ।



ଭଲିବଲ ପ୍ରତିଯୋଗିତାରେ ଚାମ୍ପିୟନ ଦଳର ଖେଳାଳି ଓ ଅତିଥି।




# ଶ୍ରେୟାଂଶଙ୍କ ଶତକ, ଓଡ଼ିଶା ୧୮୯/୪

ବରଗଡ଼,୧୦।୧୨(ପ୍ରେମାନନ୍ଦ ଖମାରୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟ ଏବଂ ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ସହଯୋଗରେ ସ୍ଥାନୀୟ କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଚାଲିଥିବା ୧୯ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି ମ୍ୟାଚ୍‌ରେ ରବିବାର ହାଇଦ୍ରାବାଦ ୫୦୩/୭ରେ ଇନିଂସ ଘୋଷଣା କରିଛି। ଜବାବରେ ଓଡ଼ିଶା ଦଳ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୪ଉଇକେଟ୍ ହରାଇ ୧୮୯ ରନ କରିଛି। ଶ୍ରେୟାଂଶ ଭରଦ୍ୱାଜ ୧୩୩ରନ କରି ଅପରାଜିତ ରହିଛନ୍ତି। ସେ ୫ ଛକା ଏବଂ ୧୬ ଚୌକା ଲଗାଇଛନ୍ତି। ଓଡ଼ିଶାର ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ଶ୍ରେୟାଂଶୁ ପଟ୍ଟନାୟକ ଏବଂ ଡି. ଡି ପଟ୍ଟନାୟକ ଖାତା ଖୋଲି ପାରି ନ ଥିଲେ। ସ୍ୱୟଂ ଶ୍ରୀବାସ୍ତବ ମଧ୍ୟ କୌଣସି ରନ କରି ନ ପାରି ଆଉଟ୍ ହୋଇଥିଲେ। ତେବେ ୩ ଉଇକେଟ୍ ହରାଇ ଦଳ କୌଣସି ରନ୍ ସଂଗ୍ରହ କରି ନ ଥିବାବେଳେ ଦଳର ଅଧିନାୟକ ଆଶୀର୍ବାଦ ସ୍ୱାଇଁ ଓ ଶ୍ରେୟାଂଶ ଭରଦ୍ୱାଜ ସ୍ଥିତି ସମ୍ଭାଳିଥିଲେ। ହାଇଦ୍ରାବାଦ ପକ୍ଷରୁ ଏସ୍, ନିଶାନ୍ତ ୨ ଏବଂ ଦୀନେଶ ରାଠୋର ଓ ଭି.ଏମ ଧନୁଷ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ବିସିସିଆଇର ଅମ୍ପାୟର ପ୍ରେମଦୀପ ଚାଟାର୍ଜୀ, ରବି ଶଙ୍କର ମ୍ୟାଚ୍ ପରିଚାଳନା କରିଥିଲେ।

# ଆଜି ବସୁନ୍ଧରାକୁ ଭେଟିବ ଓଏଫ୍‌ସି

ଭୁବନେଶ୍ୱର,୧୦।୧୨(ସରୋଜ ଜେନା)

ଏଏଫ୍‌ସି କପ୍ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ବସୁନ୍ଧରା କିଙ୍ଗ୍ସକୁ ଭେଟିବ ଓଡ଼ିଶା ଏଫ୍‌ସି (ଓଏଫ୍‌ସି)। ଏଏଫ୍‌ସି କପ୍‌ର ଅନ୍ତିମ ମ୍ୟାଚ୍‌ରେ ଦଳ ମୋହନବାଗାନକୁ ୫-୨ରେ ପରାସ୍ତ କରିଥିଲା। ଫଳରେ ଦଳ ଆତ୍ମବିଶ୍ୱାସର ସହ ପଡିଆକୁ ଓହ୍ଲାଇବ। ଗ୍ରୁପ୍ ଡିର ପ୍ରଥମ ସ୍ଥାନରେ ରହିଥିବା ବସୁନ୍ଧରା ପୂର୍ବରୁ ଓଏଫ୍‌ସିକୁ ୨-୩ରେ ହରାଇଥିବା ବେଳେ ଦଳ ଏହାର ପ୍ରତିଶୋଧ ନେବାକୁ ଚେଷ୍ଟା କରିବ। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଦଳ ବିଜୟୀ ହେବାକୁ ଚେଷ୍ଟା କରିବ। ୫ ମ୍ୟାଚ୍ ଖେଳି ସାରିଥିବା ଓଏଫ୍‌ସି ୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଅନ୍ତିମ ମ୍ୟାଚ୍ ବିଜୟୀ ହେଲେ ଏହା ପରବର୍ତ୍ତୀ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହେବ। ତେବେ ଏହି ମ୍ୟାଚ୍ ଡ୍ର ରଖିଲେ ବସୁନ୍ଧରା ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବ। ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ ଓଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ଅଧିନାୟକ ଅମରିନ୍ଦର ସିଂ। ଏହି ମ୍ୟାଚ୍ ପୂର୍ବର ମାହୋଲ ବେଶ ସକରାତ୍ମକ ରହିଛି ବୋଲି କହିଛନ୍ତି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। ଏହି ମ୍ୟାଚ୍‌ଟି ବେଶ ସଂଘର୍ଷପୂର୍ଣ୍ଣ ହେବା ନେଇ ସେ ଆଶା କରିଛନ୍ତି। ବସୁନ୍ଧରା ବର୍ତ୍ତମାନ ଭଲ ସ୍ଥିତିରେ ରହିଛି ତେବେ ଓଏଫ୍‌ସି ଏହି ମ୍ୟାଚ୍‌ରେ କଡା ଟକ୍କର ଦେବ ବୋଲି ସେ ଆଶା କରିଛନ୍ତି। ଦଳର ସମସ୍ତ ଖେଳାଳିଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ତେଣୁ ସମସ୍ତ ଖେଳାଳି ଶତ ପ୍ରତିଶତ ପ୍ରୟାସ କରିବେ ବୋଲି ଲୋବେରା କହିଛନ୍ତି। କୌଣସି ଖେଳାଳିଙ୍କ ଉପରେ ଚାପ ନାହିଁ। ଦର୍ଶକଙ୍କ ସମର୍ଥନରେ ଆମେ ଏହି ମ୍ୟାଚକୁ ଉପଭୋଗ କରିବୁ ବୋଲି କହିଛନ୍ତି ଲୋବେରା।


ଖବରଦାତା ସମ୍ମିଳନୀରେ ସର୍ଗିଓ ଲୋବେରା ଓ ଅମରିନ୍ଦର ସିଂ। (ଫଟୋ: ବିକାଶ ନାୟକ)

**ଏଏଫ୍‌ସି କପ୍**

# ଜନ୍ମଦିନ ବିଶେଷାଙ୍କ ଧରିତ୍ରୀ 50

ଧରିତ୍ରୀର ୫୦ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ। ଏଥିରେ ଧରିତ୍ରୀର ୫୦ ବର୍ଷର ଯାତ୍ରାପଥରେ ବିଭିନ୍ନ ଉଲ୍ଲେଖନୀୟ ଘଟଣାର ଫଟୋଚିତ୍ର ସମେତ ଦାରୁଦିଅଁଙ୍କ ୫୦ ନୀତି, ୫୦ ମିଠାପିଠା, ଅନୁସରଣୀୟ ୫୦ ବ୍ୟକ୍ତିତ୍ୱ, ଓଡ଼ିଶାର ୫୦ ଜନଜାତି, ପର୍ଯ୍ୟଟନର ୫୦ ଆକର୍ଷଣ, ଓଡ଼ିଆ ସାହିତ୍ୟରେ ଛାପ ଛାଡ଼ିଥିବା ୫୦ ବହି, ୫୦ ଆମ ଖେଳ ଓ ଖେଳାଳି, ୫୦ ଲୋକପ୍ରିୟ ଓଡ଼ିଆ ସିନେମା ଗୀତ ସହ ୧୯୭୪ରୁ ୨୦୨୩ ମସିହା ମଧ୍ୟରେ ଧରିତ୍ରୀର ପୃଷ୍ଠା ମଣ୍ଡନ କରିଥିବା ବହୁ ପ୍ରବୀଣ ଲେଖକଙ୍କ ଗୃହୀତ ଗଳ୍ପ, କବିତା ଓ ପ୍ରବନ୍ଧକୁ ନେଇ ଏହି ସଂଖ୍ୟା ସମୃଦ୍ଧ। ଏଥିସହ ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର କଳାକୃତିରେ ପୁଷ୍ଟ ଏହି ବିଶେଷାଙ୍କର ପ୍ରଚ୍ଛଦ।

**ମୂଲ୍ୟ:୧୦୦**

**ଯୋଗାଯୋଗ- ଭୁବନେଶ୍ୱର:** ସମୀର ରଞ୍ଜନ ପରିଡ଼ା- ୯୮୫୩୯୮୯୮୫୬
**(କଟକ ସହର,ଖୋର୍ଦ୍ଧା,ପୁରୀ):** ଅରବିନ୍ଦ ପାଠୀ -୭୦୦୮୯୫୦୪୨୫
**କଟକ ସଦର:** ପ୍ରମୋଦ ନାୟକ - ୮୨୪୯୨୯୦୩୭୨
**ବାଲେଶ୍ୱର:** ଆଲୋକ କାନୁନ୍‌ଗୋ-୮୨୪୯୫୮୪୦୧୦
**ସମ୍ବଲପୁର:** ନରୋତ୍ତମ ଜେନା- ୯୩୪୮୨୦୯୫୩୪
**ଅନୁଗୋଳ:** ସୌରଭ ତ୍ରିପାଠୀ-୮୮୪୭୮୬୨୦୯୨
**ରାୟଗଡ଼ା:** ବିଶ୍ୱଜିତ୍ ପାଲଟାସିଂ-୭୯୭୮୦୩୮୨୦୩
**ବ୍ରହ୍ମପୁର:** ମଳୟ କୁମାର ସାହୁ-୯୪୩୯୬୮୩୯୯୯




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ।

ଦୂରଭାଷ: ୦୬୭୪-୨୫୮୦୧୦୧, ୨୫୪୯୩୦୨

# ଅଶ୍ୱିନୀ-ତନିଶା ଯୋଡ଼ି ଚାମ୍ପିୟନ

ଗୁଆହାଟୀ, ୧୦।୧୨(ପି.ଟି.)

ଭାରତୀୟ ମହିଳା ଡବଲ୍ସ ଯୋଡ଼ି ତନିଶା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା ଏଠାରେ ଚାଲିଥିବା ଗୁଆହାଟୀ ମାଷ୍ଟର୍ସ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟାଇଟଲ ହାସଲ କରିଛନ୍ତି। ରବିବାର ୪୦ ମିନିଟ୍ ଧରି ଅନୁଷ୍ଠିତ ଫାଇନାଲରେ ସେମାନେ ଚାଇନିଜ୍ ତାଇପେର ବିଶ୍ୱର ୮୧ ନମ୍ବର ମାନ୍ୟତାପ୍ରାପ୍ତ ସଙ୍ଗ୍ ଶୁଓ ୟୁନ୍ ଏବଂ ୟୁ ଚିନ୍ ହୁଇଙ୍କୁ ୨୧-୧୩, ୨୧-୧୯ରେ ହରାଇ ଦେଇଛନ୍ତି।

# ଭାରତୀୟ ଗେଟ୍‌ବଲ ଦଳକୁ ସମ୍ବର୍ଦ୍ଧନା


ବିମାନବନ୍ଦରରେ ଭାରତୀୟ ଗେଟ୍‌ବଲ୍ ଦଳକୁ ସମ୍ବର୍ଦ୍ଧନା।

ଭୁବନେଶ୍ୱର,୧୦।୧୨ (ସରୋଜ ଜେନା)

ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତି ପ୍ରତ୍ୟାବର୍ତ୍ତନ କରିଥିବା ଭାରତୀୟ ଗେଟ ବଲ ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗେଟବଲ୍ ସଂଘ ତରଫରୁ ହଂକଂ ଓ ମକାଉ ଯାଇଥିବା ଦୁଇଟି ଦଳର ସଦସ୍ୟ ମାନେ ଶନିବାର ରାତିରେ ଆସି ଭୁବନେଶର ବିମାନ ବନ୍ଦରରେ ପହଞ୍ଚିଥିଲେ। ଭାରତ (ଏ) ଦଳ ହଂକଂଠାରେ ଫାଇନାଲରେ ଚାଇନାଠାରୁ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା। ତେବେ ମକାଉଠାରେ ସମାନ ଚାଇନାକୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସମସ୍ତ ଖେଳାଳିଙ୍କୁ ସ୍ୱାଗତ କରିବାକୁ ବିମାନବନ୍ଦର ଠାରେ ଭାରତୀୟ ଗେଟ ବଲ ସଙ୍ଘର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଓଡ଼ିଆ ଖେଳାଳି ମାନଙ୍କୁ ନେଇ ଗଠିତ ଭାରତୀୟ ଦଳର ଏହି ଅନ୍ତର୍ଜାତୀୟ ସଫଳତା ରାଜ୍ୟ ପାଇଁ ଗର୍ବର ବିଷୟ। ଭାରତୀୟ ଗେଟ ବଲ ସଙ୍ଘର ସଭାପତି ଦ୍ୱୈପାୟନ ପଟ୍ଟନାୟକ, ସମ୍ପାଦକ ଦିଲ୍ଲୀପ ଦାସ, ସଞ୍ଜୟ ପଟ୍ଟନାୟକ, ଦିଲ୍ଲୀପ ଷଡ଼ଙ୍ଗୀ, ବିଷ୍ଣୁପ୍ରିୟା ବେହେରା ଆଦି ଖେଳାଳିଙ୍କୁ ସମ୍ମାନିତ କରିଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ